# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୫/୨୦୨୪ (୧୪ ପୃଷ୍ଠା) | Bhubaneswar, Monday, April 15/2024 | Page 14 | ₹ 7.00

୫୦ଶ ଭାଗ ୧୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 141 | ମୂଲ୍ୟ ₹୭/-




**ଫିଲ୍ ସଲ୍ଟ ପ୍ଲେୟର ଅଫ୍ ଦି ମ୍ୟାଚ**

ଲକ୍ଷ୍ନୌ ସୁପର ଜାଏଣ୍ଟ ବିପକ୍ଷ ଆଇପିଏଲ୍ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି କୋଲକାତା ନାଇଟ ରାଇଡର୍ସ ବ୍ୟାଟର ଫିଲ୍ ସଲ୍ଟ।

୧୪

୦୪

**ପ୍ରଥମ ପ୍ରେମରେ ଧୋକା ଖାଇଥିଲେ ବିଦ୍ୟା**

ଅଭିନେତ୍ରୀ ବିଦ୍ୟା ବାଲାନ ନିଜ ପ୍ରଥମ ପ୍ରେମରେ ଧୋକା ଖାଇଥିବା ଫିଲ୍ମ 'ଦୋ ଔର ଦୋ ପ୍ୟାର'ର ପ୍ରମୋଶନ ସମୟରେ କହିଛନ୍ତି।



# ଘନେଇଲା ଯୁଦ୍ଧ ସଙ୍କଟ

## ଇରାନର ୯୯% ମିଶାଇଲକୁ ଖସାଇଲା ଇସ୍ରାଏଲ

ତେଲ୍ ଆଭିଭ୍/ ତେହରାନ୍/ ୱାଶିଂଟନ୍,୧୪।୪

୨୦୨୨ ଫେବୃଆରୀ ୨୪ରୁ ରୁଷିଆ-ୟୁକ୍ରେନ୍ ଏବଂ ୨୦୨୩ ଅକ୍ଟୋବର ୭ରୁ ଇସ୍ରାଏଲ୍-ହମାସ୍ ଯୁଦ୍ଧ ଲାଗି ରହିଥିବାବେଳେ ସାରା ବିଶ୍ୱର ମୁଣ୍ଡବ୍ୟଥା ବଢ଼ାଇବା ଭଳି ଆଉ ଏକ ବଡ଼ ସଂଘର୍ଷର ସୂତ୍ରପାତ ହୋଇଛି। ଡାମସ୍କସ୍‌ରେ ଥିବା ନିଜ ଦୂତାବାସ ଉପରେ ଇସ୍ରାଏଲୀ ସେନା ପକ୍ଷରୁ କରାଯାଇଥିବା ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ଇରାନ୍ ଶନିବାର ଇସ୍ରାଏଲ୍ ଉପରେ ରାତିଅଧିଆ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଡ଼ କରିଛି। ତେବେ ଏଥିରୁ ୯୯% କ୍ଷେପଣାସ୍ତ୍ରକୁ ଇସ୍ରାଏଲ୍ ଖସାଇଦେଇଛି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଇରାନ୍ ଉପରେ ବଡ଼ ଆକ୍ରମଣର ପ୍ରସ୍ତୁତି ଚଳାଇଥିବା ସୂଚନା ଦେଇଛନ୍ତି। ଏହି ଆକ୍ରମଣ ପରେ ମଧ୍ୟପ୍ରାଚ୍ୟ, ଆରବ ଜଗତ ଓ ଆମେରିକା ସମେତ ୟୁରୋପରେ ଉତ୍ତେଜନା ବୃଦ୍ଧି ପାଇଛି। ପୂର୍ବରୁ ୨ଟି ଯୁଦ୍ଧ ଯୋଗୁ ଯୋଗାଣ ଶୃଙ୍ଖଳ ପ୍ରଭାବିତ ହୋଇଥିବାରୁ ପେଟ୍ରୋଲ, ଡିଜେଲ, ଗହମ ଓ ଅନ୍ୟ

### ବଢ଼ିବ ଅତ୍ୟାବଶ୍ୟକ ସାମଗ୍ରୀ ଦରଦାମ୍



ଦକ୍ଷିଣ ଇସ୍ରାଏଲ୍‌ରେ ଶନିବାର ରାତିରେ ଇରାନ୍ ପକ୍ଷରୁ ଛଡ଼ାଯାଇଥିବା କ୍ଷେପଣାସ୍ତ୍ରକୁ ଆଇଡିଏଫ୍‌ର ଏୟାର ଡିଫେନ୍ସ ସିଷ୍ଟମ୍ ଇଣ୍ଟରସେପ୍ଟର ପ୍ରତିହତ କରିଛି।

ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ମୂଲ୍ୟ ବୃଦ୍ଧି ଘଟିଥିବାବେଳେ ଆଉ ଏକ ଯୁଦ୍ଧର ବାଦଲ ଘନେଇବା ପରେ ଅନ୍ତର୍ଜାତୀୟ ବଜାରରେ ଦରଦାମ୍ ଆକାଶଛୁଆଁ ହେବା ଅନୁମାନ କରାଯାଉଛି। ଏପରି ହେଲେ ପରିବହନ ଖର୍ଚ୍ଚ ବଢ଼ିବ ଏବଂ ଭାରତରେ ମଧ୍ୟ ଅନେକ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିପାରେ।

ଇସ୍ରାଏଲ୍ ଏବଂ ଗାଜାର ସଶସ୍ତ୍ର ଶାସକ ହମାସ୍ ମଧ୍ୟରେ ଯୁଦ୍ଧ ଯୋଗୁ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗିରହିଛି। ଇହୁଦୀବହୁଳ ଇସ୍ରାଏଲକୁ ଆମେରିକା ସମେତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସମର୍ଥନ କରୁଥିବାବେଳେ ପାଲେଷ୍ଟିନୀୟଙ୍କ ସୁରକ୍ଷାକୁ ନେଇ ଚିନ୍ତିତ ମୁସଲିମ୍ ରାଷ୍ଟ୍ରଗୁଡ଼ିକ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ହମାସ୍‌କୁ ସହାୟତା ଯୋଗାଇ ଆସୁଛନ୍ତି। ଏହି କାରଣରୁ ଇସ୍ରାଏଲ୍ ଅଦ୍ୟାବଧି ହମାସ୍‌କୁ ସମ୍ପୂର୍ଣ୍ଣ ରୂପେ ନିରସ୍ତ୍ର କରିପାରିନାହିଁ। ଇସ୍ରାଏଲ୍‌ର ଏହି ଆକ୍ରମଣକୁ ଇରାନ୍ ମୂଳରୁ ବିରୋଧ କରିଆସୁଥିବାବେଳେ ଏପ୍ରିଲ ୧ରେ ସିରିଆର ଦମାସ୍କସ୍ଥିତ ଇରାନୀୟ ଦୂତାବାସକୁ ଇସ୍ରାଏଲ୍ ଟାର୍ଗେଟ କରିଥିଲା। ଏହି ଏୟାର ଷ୍ଟ୍ରାଇକ୍‌ରେ ଇରାନ୍‌ର ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି)ର ୫ ସଦସ୍ୟ ଓ ୨ ବରିଷ୍ଠ ଜେନେରାଲଙ୍କ ସମେତ ୧୬ ଜଣ ନିହତ ହୋଇଥିଲେ। ଏହାର ପ୍ରତିଶୋଧ ନେବା ପାଇଁ ପ୍ରତିଜ୍ଞାବଦ୍ଧ ଇରାନ୍ ଶନିବାର ୨୧ ଭାରତୀୟ ଥିବା ଇସ୍ରାଏଲ୍‌ର ଏକ କଣ୍ଟେନର ଜାହାଜକୁ କବ୍‌ଜା କରିଥିଲା। ଏହାର ୨୪ ଘଣ୍ଟା ନ ବିତୁଣୁ ଇରାନ୍ ପ୍ରାୟ ୧୮୦୦ କି.ମି. ଦୂରରେ ଅବସ୍ଥିତ ଇସ୍ରାଏଲ୍ ଉପରେ ଅଭୂତପୂର୍ବ ଏୟାର ଷ୍ଟ୍ରାଇକ୍ କରିଛି। ୩୦୦ରୁ ଊର୍ଦ୍ଧ୍ୱ କ୍ରୁଜ୍ ମିଶାଇଲ ଏବଂ ଡ୍ରୋନ୍ ଛାଡ଼ିଛି। ☞ପୃଷ୍ଠା-୪



ଓଡ଼ିଶା ଅଗ୍ନିଶମ ଓ ଜରୁରିକାଳୀନ ସେବା ସଂସ୍ଥା ପକ୍ଷରୁ ୮୦ତମ ଅଗ୍ନିଶମ ସେବା ସପ୍ତାହ ଓ ଶହୀଦ ଦିବସ ସମାରୋହ ଅବସରରେ ରବିବାର ବରମୁଣ୍ଡାସ୍ଥିତ ଓଡ଼ିଶା ଅଗ୍ନିଶମ ଏବଂ ବିପତ୍ତି ନିସ୍ତାର ପ୍ରତିଷ୍ଠାନଠାରେ ଆୟୋଜିତ ଡେୟାର ଡେଭିଲ୍ ଶୋ'। **(ଫଟୋ-ବିକାଶ ନାୟକ)**

## ଡିଭାଇଡର୍‌ରେ ପିଟିହେଲା କାର୍: ବାପ-ଝିଅଙ୍କ ମୃତ୍ୟୁ

ଭଦ୍ରକ (ସନାତନ ରାଉତ)/ ଭଣ୍ଡାରିପୋଖରୀ (ରବିନାରାୟଣ ଖିଲାର), ୧୪।୪

ଡିଭାଇଡର୍‌ରେ ପିଟିହେଲା କାର୍। ଚାଲିଗଲା ବାପ-ଝିଅଙ୍କ ଜୀବନ। ଏଥିସହ ପରିବାରର ୩ଜଣ ଗୁରୁତର ହୋଇଛନ୍ତି। ୧୬ ନଂ. ଜାତୀୟ ରାଜପଥର ଭଣ୍ଡାରିପୋଖରୀ ଥାନା ଅଧୀନ ଯଶୋଟିକିରି ନିକଟରେ ରବିବାର ମଧ୍ୟାହ୍ନରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ମୃତକଦ୍ୱୟ ହେଲେ ଖଡ଼ଗପୁର ଅଞ୍ଚଳର ଶୁଭାଶିଷ ଗାଙ୍ଗୁଲି(୫୦) ଓ ତାଙ୍କ ଝିଅ ପାୟଲ ଗାଙ୍ଗୁଲି(୫)। ସୂଚନା ଅନୁଯାୟୀ, ଶୁଭାଶିଷଙ୍କ ସମେତ ପରିବାରର ୫ଜଣ ଏକ କାର୍‌ରେ ପୁରୀରୁ ଫେରୁଥିଲେ। ଯଶୋଟିକିରି ନିକଟରେ କାର୍ ଭାରସାମ୍ୟ ହରାଇ ଡିଭାଇଡର୍ ଉପରକୁ ଚଢ଼ିଯାଇଥିଲା। ଏଥିରେ ଗୁରୁତର ହୋଇଥିବା ସମସ୍ତଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ କାର୍ ଚାଳକ ଶୁଭାଶିଷ ଓ ତାଙ୍କ ଝିଅ ପାୟଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶୁଭାଶିଷଙ୍କ ସ୍ତ୍ରୀ, ବାପା ଓ ମା' ଗୁରୁତର ଥିବାବେଳେ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଭଣ୍ଡାରିପୋଖରୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି।

## ମା'ର ଗୋଇଠା ମାଡ଼ରେ ପୁଅର ଜୀବନ ଗଲା

କାଳିମେଳା, ୧୪।୪(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ଥାନା ଅନ୍ତର୍ଗତ ତୁମ୍ବାଗୁଡ଼ା ଗ୍ରାମରେ ଶନିବାର ରାତି ପ୍ରାୟ ୧୧ ଟାରେ ମା'ର ଗୋଇଠା ମାଡ଼ରେ ୮ ବର୍ଷ ପୁଅର ଜୀବନ ଯାଇଛି। ମୃତ ନାବାଳକ ହେଲେ ରୋହିତ ପଡିଆମୀ। କାଳିମେଳା ପୋଲିସ ମା'ଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମା' ରାଗିଯାଇ ପୁଅକୁ ଗୋଇଠା ମାରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ସୂଚନା ଦେଇଛନ୍ତି। ଏ ନେଇ କାଳିମେଳା ଥାନାରେ ନଂ.୧୧୬/୨୪ ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ପ୍ରକାଶ ଯେ, ରୋହିତ ଘରେ ନ ରହି ସବୁବେଳେ ବାହାରେ ବୁଲା ବୁଲି କରନ୍ତି। ଘରୁ ପଇସା ଚୋରିକରି ନେଇ ଖର୍ଚ୍ଚ କରିଦିଅନ୍ତି। ଏହି କାରଣକୁ ନେଇ ମା' ଓ ପୁଅଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡ଼ା ହୋଇଥାଏ। ଶନିବାର ରାତିରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ମା' ୱାଗି ରାଗିଯାଇ ରୋହିତଙ୍କ ଛାତିକୁ ଏକ ଗୋଇଠା ମାରିବାରୁ ସେ ତଳେ ପଡ଼ିଯାଇଥିଲେ। ରାତି ହୋଇଥିବାରୁ ସେ ଶୋଇଯାଇଥିବା ଭାବି ପରିବାର ଲୋକେ ତାଙ୍କୁ ଡାକି ନ ଥିଲେ। ସକାଳେ ନ ଉଠିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ଘଟଣା ପ୍ରଚାରିତ ହେବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ସାଇଣ୍ଟିଫିକ ଟିମ୍ ପହଞ୍ଚିଲା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବା ସହ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ କହିଛନ୍ତି।

**ଆଜିର ସମ୍ପାଦକୀୟ**

ଯୁଦ୍ଧାଭିମୁଖୀ

**ଆଜିର ମନ୍ତବ୍ୟ**

"ଭାଜପାର ନିର୍ବାଚନୀ ଇସ୍ତାହାର ଏକ ଜୁମ୍‌ଲା ପତ୍ର, ଯାହା ମିଛର ବିଶ୍ୱ ରେକର୍ଡ ଭାଙ୍ଗିଛି। ଗୈରିକ ଦଳର ଇସ୍ତାହାର ଉପରେ ଲୋକଙ୍କ ବିଶ୍ୱାସ ନାହିଁ।

**-ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ**

## ୨୧ ଗ୍ରାମର ଲୋକେ ୨ ରାଜ୍ୟର ଭୋଟର

### କୋଟିଆ ସୀମାନ୍ତରେ ଭୋଟ କରାଉଛି ଆନ୍ଧ୍ର

ପଟ୍ଟାଙ୍ଗି,୧୪।୪(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ କୋଟିଆ ପଞ୍ଚାୟତରେ ଲୋକମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଆନ୍ଧ୍ର ନେଉଛି ଭୋଟ। ଫଳରେ କୋଟିଆ ଅନ୍ତର୍ଗତ ୨୧ଟି ଗ୍ରାମର ଲୋକମାନେ ଉଭୟ ଓଡ଼ିଶା ଏବଂ ଆନ୍ଧ୍ରକୁ ଭୋଟ ଦେଉଛନ୍ତି। ୨୦୨୧ରେ ଆନ୍ଧ୍ରର ପଞ୍ଚାୟତ ନିର୍ବାଚନ ସମୟରେ ଓଡ଼ିଶାର ରାଜନୈତିକ ଦଳଗୁଡ଼ିକ ଯେଉଁଭଳି ବିରୋଧ କରୁଥିଲେ, ସେହି ବିରୋଧ ଏବେ ନୀରବି ଯାଇଥିବାରୁ ଆନ୍ଧ୍ର ଏଠାରେ ନିର୍ବାଚନ କରାଇ ତା'ର ଉପସ୍ଥିତି ଦର୍ଶାଉଛି।

କୋଟିଆ ପଞ୍ଚାୟତ ଅଧୀନରେ ଥିବା ତଳ ଗଞ୍ଜେଇ ପଦର, ଫଗୁଣସିନେରୀ ଏବଂ ଫାଟୁସିନେରୀ ଆଦି ତିନୋଟି ଗ୍ରାମକୁ ପଡ଼ୋଶୀ ଆନ୍ଧ୍ର ନିଜ ପଞ୍ଚାୟତ ଭାବେ ଦର୍ଶାଇ ୨୦୨୧ ଫେବୃଆରୀ ୨ତାରିଖରେ ପଞ୍ଚାୟତ ନିର୍ବାଚନ କରିଥିଲା। ଏପରି କି ସେହି ବର୍ଷ ମାର୍ଚ୍ଚ ୮ ତାରିଖରେ ଜିଲା ପରିଷଦ ନିର୍ବାଚନ କରିଥିଲା। ସେତେବେଳେ କୋରାପୁଟ ଜିଲା ପ୍ରଶାସନଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଏବଂ ୩ ପ୍ରମୁଖ ଦଳ କଂଗ୍ରେସ, ବିଜେଡି ଏବଂ ଭାଜପାର ନେତା ଏବଂ କର୍ମୀମାନେ ବିରୋଧ କରିଥିଲେ। ଜିଲାରୁ ଆରମ୍ଭ କରି ରାଜ୍ୟସ୍ତରରେ ଏହି ବିରୋଧ ଚହଳ ପକାଇଥିଲା। ହେଲେ କୋଟିଆର ସୀମାନ୍ତ ୨୧ଖଣ୍ଡ ଗ୍ରାମବାସୀ ଆନ୍ଧ୍ର ସପକ୍ଷରେ ନିଜର ମତଦାନ ସାବ୍ୟସ୍ତ କରିଥିଲେ। ଏବେ ସେହି ସୀମାନ୍ତ ଗ୍ରାମଗୁଡ଼ିକରେ ଆନ୍ଧ୍ର ପକ୍ଷରୁ ପୁଣି ଥରେ ଲୋକ ସଭା ଓ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ହେଲେ ଏହାକୁ ରୋକିବାକୁ କୋରାପୁଟ ଜିଲା ପ୍ରଶାସନ କିମ୍ବା ରାଜନୈତିକ ଦଳଗୁଡ଼ିକ ପକ୍ଷରୁ କୌଣସି ବିରୋଧ ଦେଖିବାକୁ ମିଳୁନାହିଁ। ଫଳରେ ୨୧ଖଣ୍ଡ ସୀମାନ୍ତ ଗ୍ରାମର ପ୍ରାୟ ୨,୫୦୦ ଭୋଟର ଉଭୟ ରାଜ୍ୟକୁ ଭୋଟ ଦେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ସେମାନଙ୍କ ପାଖରେ ଉଭୟ ରାଜ୍ୟର ଭୋଟ ପରିଚୟ ପତ୍ର, ରାଶନ କାର୍ଡ ଏବଂ ପେନ୍‌ଶନ କାର୍ଡ ମଧ୍ୟ ରହିଛି। ଆନ୍ଧ୍ରର ଆରକୁ ଲୋକ ସଭା ସଂସଦୀୟ କ୍ଷେତ୍ର ଏବଂ ସାଲୁର ବିଧାନସଭା ନିର୍ବାଚନମଣ୍ଡଳୀରେ କୋଟିଆ ପଞ୍ଚାୟତର ୨୧ଟି ସୀମାନ୍ତ ଗ୍ରାମର ଭୋଟର ତାଲିକା ରହିଛି। ଏଠାରେ ଆସନ୍ତା ମେ ୧୩ ତାରିଖରେ ଉଭୟ ଆନ୍ଧ୍ର ଏବଂ ଓଡ଼ିଶାର ନିର୍ବାଚନ ଅନୁଷ୍ଠିତ ହେବ। ଉକ୍ତ ଗ୍ରାମବାସୀଙ୍କ କହିବା ହେଲା ପଡ଼ୋଶୀ ଆନ୍ଧ୍ର ସରକାର ସେମାନଙ୍କ ☞ପୃଷ୍ଠା-୪

## ଦ୍ୱିତୀୟ ପର୍ଯ୍ୟାୟରେ କଂଗ୍ରେସର ୭୫ ପ୍ରାର୍ଥୀ

### ଆନନ୍ଦପୁରରୁ ଜୟଦେବ, ଭଣ୍ଡାରିପୋଖରୀରୁ ଲଢ଼ିବେ ନିରଞ୍ଜନ

ଭୁବନେଶ୍ୱର, ୧୪।୪(ସୁନିତ୍ ମିଶ୍ର)

ଓଡ଼ିଶା ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ରବିବାର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଏଥିରେ ୭୫ଟି ଆସନ ଲାଗି ଦଳର ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇଛି। ଏଥିମଧ୍ୟରେ ୩ଟି ଆସନରେ ପୂର୍ବରୁ ଦଳ ଯେଉଁମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ପ୍ରାର୍ଥୀ କରିଥିଲା ସେମାନଙ୍କୁ ବଦଳାଇଛି। ସେହି ଆସନଗୁଡ଼ିକ ହେଉଛି, ସୁନ୍ଦରଗଡ଼ ଜିଲାର ତଳସରା, କନ୍ଧମାଳ ଜିଲାର ବାଲିଗୁଡ଼ା ଓ ଗଞ୍ଜାମ ଜିଲାର କବିସୂର୍ଯ୍ୟନଗର। ତଳସରାରେ ପୂର୍ବତନ ହକି ଖେଳାଳି ପ୍ରବୋଧ ତିର୍କୀଙ୍କୁ ପ୍ରଥମ ପର୍ଯ୍ୟାୟରେ ପ୍ରାର୍ଥୀ କରାଯାଇଥିବା ବେଳେ ତାଙ୍କୁ ବଦଳାଇ ସେହି ସ୍ଥାନରେ ଦେବେନ୍ଦ୍ର ଭିତରିଆଙ୍କୁ ଦଳ ଚୟନ କରିଛି। ସେହିପରି ବାଲିଗୁଡ଼ାରେ ସୁରଦ ପ୍ରଧାନଙ୍କ ସ୍ଥାନରେ ଉପେନ୍ଦ୍ର ପ୍ରଧାନ ଏବଂ କବିସୂର୍ଯ୍ୟନଗରରେ ଚିରଞ୍ଜୀବ ବିଶୋଇଙ୍କ ସ୍ଥାନରେ ବିପିନ ବିହାରୀ ସ୍ୱାଇଁଙ୍କୁ ଦଳ ପ୍ରାର୍ଥୀ କରିଛି। ତେବେ କଂଗ୍ରେସର ଦ୍ୱିତୀୟ ପର୍ଯ୍ୟାୟରେ କେତେଜଣ ଭେଟେରାନଙ୍କୁ ପୁଣିଥରେ ଦଳ ସୁଯୋଗ ଦେଇଛି। ସେମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଭଦ୍ରକ ଜିଲାର ଭଣ୍ଡାରିପୋଖରୀ ଏବଂ କେନ୍ଦୁଝର ଜିଲା ଆନନ୍ଦପୁର ଆସନରେ ଜୟଦେବ ଜେନାଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି ନିକଟରେ ବିଜେଡି ଛାଡ଼ି କଂଗ୍ରେସରେ ସାମିଲ ହୋଇଥିବା ଅସିତ ପଟ୍ଟନାୟକଙ୍କୁ ଭଦ୍ରକ ଆସନରେ ପ୍ରାର୍ଥୀ କରାଯାଇଥିବା ବେଳେ ଦେବାଶିଷ ପଟ୍ଟନାୟକଙ୍କୁ ବାଙ୍କୀ, ସୁଦର୍ଶନ ଜେନାଙ୍କୁ ରେମୁଣା ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପୁଅ ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କୁ ବେଗୁନିଆ ଆସନ ପାଇଁ ଚୟନ କରାଯାଇଛି। ସେହିପରି କେନ୍ଦ୍ରାପଡ଼ା ଜିଲାର ଆଳି ନିର୍ବାଚନମଣ୍ଡଳୀ ପାଇଁ ☞ପୃଷ୍ଠା-୪

## ସଲ୍‌ମାନଙ୍କ ଘରକୁ ଗୁଳି





ସଲ୍‌ମାନ ଖାନ୍‌ଙ୍କ ଘର ଉପରକୁ ଗୁଳି କରିବା ନେଇ ସୋସିଆଲ ମିଡିଆରେ ଦାବି କରିଥିବା ଅନ୍‌ମୋଲ ବିଷ୍ଣୋଇ।

### ଲରେନ୍ସ ବିଷ୍ଣୋଇ ଭାଇ ନିଜକୁ ଦାୟୀ କଲେ

ମୁମ୍ବାଇ,୧୪।୪

ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍‌ଙ୍କ ମୁମ୍ବାଇର ବାନ୍ଦ୍ରା ଅଞ୍ଚଳରେ ଥିବା ଗାଲାକ୍ସି ଆପାର୍ଟମେଣ୍ଟ ବାହାରେ ରବିବାର ଭୋର ସମୟରେ ଗୁଳିକାଣ୍ଡ ହୋଇଛି। ଦୁଇଜଣ ଦୁର୍ବୃତ୍ତ ବାଇକରେ ଆସି ୪ ରାଉଣ୍ଡ ଗୁଳି ଫୁଟାଇ ଫେରାର ହୋଇଯାଇଥିଲେ। ପୋଲିସ ସଲ୍‌ମାନଙ୍କ ଘର ନିକଟରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇବା ସହ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତଲାସି ଚଳାଇଛି। ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ସେଠାରେ ଥିବା ସିସିଟିଭି ଫୁଟେଜ୍‌କୁ ସଂଗ୍ରହ କରାଯାଇଛି। ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ସମେତ ଫୋରେନ୍‌ସିକ୍ ବିଶେଷଜ୍ଞ ଏବଂ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ପହଞ୍ଚି ତଥ୍ୟ ପ୍ରମାଣ ସଂଗ୍ରହ କରୁଛନ୍ତି। ତେବେ ଗୁଳିକାଣ୍ଡ ବେଳେ ସଲ୍‌ମାନ ଘରେ ଥିଲେ କି ନାହିଁ ଜଣାପଡ଼ି ନାହିଁ। ☞ପୃଷ୍ଠା-୪




# ଇସ୍ରାଏଲ୍‌ର ୫ ସୁରକ୍ଷା କବଚ


ଇରାନ୍ ପକ୍ଷରୁ ଦକ୍ଷିଣ ଇସ୍ରାଏଲ୍‌ରେ ଛଡ଼ାଯାଇଥିବା ଏକ ରକେଟ୍ ବୁଷ୍ଟର୍‌ର ଅବଶେଷ। ଏହି ଅସ୍ତ୍ର ମାଡ଼ ପରେ ସମ୍ପୃକ୍ତ ଅଞ୍ଚଳର ଜଣେ ୭ ବର୍ଷୀୟା ଝିଅ ଆହତ ହୋଇଥିବା ଇସ୍ରାଏଲ୍ ପକ୍ଷରୁ କୁହାଯାଇଛି।




**ଜେରୁଜେଲମ୍, ୧୪।୪**

୬ ମାସ ଧରି ଲାଗି ରହିଥିବା ହମାସ୍ ବିରୋଧୀ ଯୁଦ୍ଧ ବେଳେ ଇସ୍ରାଏଲ୍‌ର ଏୟାର ଡିଫେନ୍ସ ସିଷ୍ଟମ୍ ରକେଟ, ଡ୍ରୋନ୍ ଓ ମିଶାଇଲ୍ ଆକ୍ରମଣକୁ ପ୍ରତିହତ କରିବା ପାଇଁ କାର୍ଯ୍ୟରତ ଥିବାବେଳେ ୩୦୦ରୁ ଊର୍ଦ୍ଧ୍ୱ ଇରାନୀୟ ଡ୍ରୋନ୍ ଓ ଦୂରଗାମୀ କ୍ଷେପଣାସ୍ତ୍ର ଏହା ଆଗରେ ସବୁଠୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଥିଲା। ତେବେ ଆମେରିକା ଓ ବ୍ରିଟେନ୍ ସହାୟତାରେ ଇସ୍ରାଏଲ୍ ଡିଫେନ୍ସ ସିଷ୍ଟମ୍ ଏକ ବଡ଼ ଧରଣର ଜୀବନହାନି ଓ କ୍ଷୟକ୍ଷତିକୁ ଏଡ଼ାଇବାରେ ସକ୍ଷମ ଦେଇଛି। ଏଥିସହ ଇସ୍ରାଏଲ୍‌କୁ ବହୁସ୍ତରୀୟ ସୁରକ୍ଷା ପ୍ରଦାନକାରୀ ପ୍ରତିରକ୍ଷା ବ୍ୟବସ୍ଥା ପୁଣି ଥରେ ନିଜ ସାମର୍ଥ୍ୟର ପ୍ରମାଣ ଦେଇଛି।

**ଏରୋ:** ଦୂରଗାମୀ କ୍ଷେପଣାସ୍ତ୍ରକୁ ଖସାଇବାରେ ସକ୍ଷମ ଏହି ସିଷ୍ଟମ୍ ଆମେରିକା ଦ୍ୱାରା ବିକଶିତ। ଇରାନ୍ ପକ୍ଷରୁ ଶନିବାର ରାତିରେ ଛଡ଼ାଯାଇଥିବା ମିଶାଇଲଗୁଡ଼ିକୁ ଏରୋ ସିଷ୍ଟମ୍ ଅନେକ ପରିମାଣରେ ଆୟତ୍ତ କରିପାରିଥିଲା। ବାୟୁମଣ୍ଡଳ ବାହାରେ କାର୍ଯ୍ୟ କରୁଥିବା ଏରୋକୁ ଯୁଦ୍ଧ ବେଳେ ୟେମେନ୍‌ରେ ହୁଥି ବିଦ୍ରୋହୀଙ୍କ ପକ୍ଷରୁ ଲଞ୍ଚ୍ କରାଯାଇଥିବା ଦୂରଗାମୀ କ୍ଷେପଣାସ୍ତ୍ରଗୁଡ଼ିକୁ ଇଣ୍ଟରସେପ୍ଟ ପାଇଁ ନିୟୋଜିତ କରାଯାଇଥିଲା।

**ଡାଭିଡ୍ ସ୍ଲିଙ୍ଗ୍:** ଏହି କ୍ଷେପଣାସ୍ତ୍ର ନିରୋଧୀ ବ୍ୟବସ୍ଥା ମଧ୍ୟ ଆମେରିକା ଦ୍ୱାରା ବିକଶିତ। ଲେବାନନ୍‌ରେ ହେଜ୍‌ବୋଲ୍ଲା ବ୍ୟବହାର କରୁଥିବା ମଧ୍ୟମ ଧରଣର ମିଶାଇଲ୍‌ଗୁଡ଼ିକୁ ଏହା ଆୟତ୍ତ କରିବାରେ ସଫଳ ହୋଇଥିବାରୁ ଏହାକୁ ଇରାନ୍‌ର କ୍ଷେପଣାସ୍ତ୍ରଗୁଡ଼ିକୁ ଖସାଇବାରେ ନିୟୋଜିତ କରାଯାଇଥିଲା।

**ପାଟ୍ରିଅଟ୍:** ଆମେରିକାରେ ନିର୍ମିତ ଏହି ସିଷ୍ଟମ୍ ହେଉଛି ଇସ୍ରାଏଲ୍‌ର ମିଶାଇଲ୍ ଡିଫେନ୍ସ ସିଷ୍ଟମ୍‌ର ସବୁଠୁ ପୁରୁଣା ବ୍ୟବସ୍ଥା। ୧୯୯୧ରେ ପ୍ରଥମ ଉପସାଗରୀୟ ଯୁଦ୍ଧ ବେଳେ ତତ୍କାଳୀନ ଇରାକ ରାଷ୍ଟ୍ରପତି ସଦ୍ଦାମ୍ ହୁସେନ୍‌ଙ୍କ ପକ୍ଷରୁ ଛଡ଼ାଯାଇଥିବା ସ୍କଡ୍ ମିଶାଇଲ୍‌କୁ ଏହି ବ୍ୟବସ୍ଥା ଅକାମୀ କରିଦେଇଥିଲା। ପାଟ୍ରିଅଟ୍ ଏବେ ଏୟାରକ୍ରାଫ୍ଟ ଏବଂ ଡ୍ରୋନ୍ ଖସାଇବା କାର୍ଯ୍ୟରେ ନିୟୋଜିତ ରହିଛି।

**ଆଇରନ୍ ଡୋମ୍:** ଆମେରିକା ସହାୟତାରେ ଇସ୍ରାଏଲ୍ ପକ୍ଷରୁ ବିକଶିତ ଆଇରନ୍ ଡୋମ୍ ସିଷ୍ଟମ୍ ଶର୍ଟ-ରେଞ୍ଜ ରକେଟ୍‌ଗୁଡ଼ିକୁ ଖସାଇବାରେ ସକ୍ଷମ। ଗତ ଦଶନ୍ଧିରୁ ଅଦ୍ୟାବଧି ଏହି ସିଷ୍ଟମ୍ ଅନେକ ହଜାର ରକେଟ୍‌କୁ ଇଣ୍ଟରସେପ୍ଟ କରିସାରିଲାଣି। ହମାସ୍ ଓ ହେଜ୍‌ବୋଲ୍ଲା ବିରୋଧୀ ଯୁଦ୍ଧବେଳେ ମଧ୍ୟ ଏହାକୁ ନିୟୋଜିତ କରାଯାଇଛି। ଏହାର ସଫଳତା ହାର୍ ୯୦%ରୁ ଅଧିକ ବୋଲି ଇସ୍ରାଏଲ୍ ପକ୍ଷରୁ କୁହାଯାଇଛି।

**ଆଇରନ୍ ବିମ୍:** ବାହ୍ୟ ବିପଦକୁ ଏଡ଼ାଇବା ପାଇଁ ଇସ୍ରାଏଲ୍ ଲେଜର ଟେକ୍ନୋଲୋଜି ଜରିଆରେ ଏକ ନୂଆ ସିଷ୍ଟମ୍ ବିକଶିତ କରୁଛି। ବର୍ତ୍ତମାନର ଅନ୍ୟ ପ୍ରତିରକ୍ଷା ବ୍ୟବସ୍ଥାଗୁଡ଼ିକ ତୁଳନାରେ ଏହି ସିଷ୍ଟମ୍‌ର ପରିଚାଳନା ଶସ୍ତା ହୋଇଥିବାରୁ ଇସ୍ରାଏଲ ପାଇଁ ଏହା ଗେମ୍ ଚେଞ୍ଜର ହୋଇପାରେ।


ହ୍ୱାଇଟ୍ ହାଉସ୍‌ର ସିଚ୍ୟୁଏଶନ୍ ରୁମ୍‌ରେ ଶନିବାର ରାତିରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ନିଜ ଜାତୀୟ ସୁରକ୍ଷା ପରାମର୍ଶଦାତା ଟିମ୍ ସହ ଆଲୋଚନାରତ।


ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତ୍ୟାନ୍ୟାହୁ


ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମ୍‌ନେଇ

## ସଂକ୍ଷେପରେ

### ଇଣ୍ଡୋନେସିଆରେ ଭୂସ୍ଖଳନ: ୧୪ ମୃତ

**ଟାନା ଟୋରାଜା, ୧୪।୪**

ଇଣ୍ଡୋନେସିଆର ସୁଲାୱେସି ଦ୍ୱୀପରେ ଲଗାଣ ବର୍ଷା ଯୋଗୁ ଭୂସ୍ଖଳନ ଘଟି ୧୪ ଜଣଙ୍କ ମୃତ୍ୟୁ ହେବା ସହ ୩ ଜଣ ନିଖୋଜ ହୋଇଯାଇଛନ୍ତି। ଶନିବାର ମଧ୍ୟରାତ୍ରରେ ପାର୍ଶ୍ୱବର୍ତ୍ତୀ ପାହାଡ଼ଗୁଡ଼ିକରୁ ମାଟି ଅତଡ଼ା ଖସି ସୁଲାୱେସି ପ୍ରଦେଶ ଟାନା ଟୋରାଜା ଜିଲାର ୪ଟି ଘର ପୋତିହୋଇପଡ଼ିଥିଲା। ବହୁସଂଖ୍ୟାରେ ସୈନ୍ୟ, ପୋଲିସ ଓ ସ୍ୱେଚ୍ଛାସେବୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ରବିବାର ସକାଳେ ସେମାନେ ଜଣେ ୮ ବର୍ଷୀୟ ବାଳିକା ସମେତ ୨ ଜଣଙ୍କୁ ମାଟିତଳୁ ବାହାର କରିଥିଲେ। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅପରାହ୍ନ ସୁଦ୍ଧା ୧୪ ମୃତଦେହକୁ ବାହାର କରାଯାଇଥିବାବେଳେ ଜଣେ ୩ ବର୍ଷର ବାଳିକା ସମେତ ୩ ଜଣ ଏବେ ବି ନିଖୋଜ ଥିବା ସ୍ଥାନୀୟ ପୋଲିସ କହିଛି।

### ବୋର୍‌ୱେଲ୍‌ରେ ଖସିଥିବା ୬ ବର୍ଷର ଶିଶୁ ମୃତ

**ରେୱା, ୧୪।୪**

ମଧ୍ୟପ୍ରଦେଶର ରେୱା ଜିଲାରେ ୨ ଦିନ ପୂର୍ବରୁ ଏକ ବୋର୍‌ୱେଲ୍‌ରେ ଖସିପଡ଼ିଥିବା ୬ ବର୍ଷର ଶିଶୁ ରବିବାର ପ୍ରାଣ ହରାଇଛନ୍ତି। ଉତ୍ତରପ୍ରଦେଶ ସୀମାରେ ଥିବା ମନିକା ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଶିଶୁଟି ଖେଳୁଥିବାବେଳେ ଏକ ୭୦ ଫୁଟ୍ ଗଭୀର ବୋର୍‌ୱେଲ୍‌ରେ ଖସିପଡ଼ିଥିଲେ। ତାଙ୍କୁ ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍, ସ୍ଥାନୀୟ କର୍ତ୍ତୃପକ୍ଷ ନିୟୋଜିତ ଥିଲେ। ତେବେ ୨ ଦିନର ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ସେମାନେ ଶିଶୁଟିକୁ ବଞ୍ଚାଇ ପାରି ନାହାନ୍ତି। ଶିଶୁ ପାଖକୁ ଅକ୍ସିଜେନ୍ ଛଡ଼ାଯିବା ସହ ତାଙ୍କ ପାଖରେ ପହଞ୍ଚିବା ପାଇଁ ଆଉ ଏକ ଗର୍ତ୍ତ ଖୋଳାଯାଇଥିଲା।

### ଟ୍ୟାଙ୍କବିଧ୍ୱଂସୀ ମିଶାଇଲ ସିଷ୍ଟମ୍‌ର ସଫଳ ପରୀକ୍ଷା

**ନୂଆଦିଲ୍ଲୀ, ୧୪।୪**

ଭାରତୀୟ ସେନା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଟ୍ୟାଙ୍କବିଧ୍ୱଂସୀ ଗାଇଡେଡ୍ ମିଶାଇଲ୍ ସିଷ୍ଟମ୍‌ର ସଫଳ ପରୀକ୍ଷା କରିଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରତିଷ୍ଠାନ (ଡିଆର୍‌ଡିଓ) ଦ୍ୱାରା ଡିଜାଇନ ଓ ବିକଶିତ ହୋଇଥିବା ଏହି ୱିପନ୍ ସିଷ୍ଟମକୁ ଜଣେ ବ୍ୟକ୍ତି ବହନ କରିପାରିବେ। ଏଥିରେ ଏମ୍‌ପିଏଟିଜିଏମ୍, ଲଞ୍ଚର, ଟାର୍ଗେଟ ଆକୁଇଜିଶନ ଡିଭାଇସ୍ ଏବଂ ଫାୟାର କଣ୍ଟ୍ରୋଲ ୟୁନିଟ୍ ରହିଛି। ଶନିବାର ପୋଖରାନ୍‌ର ଫିଲ୍ଡ ଫାୟାରିଂ ରେଞ୍ଜଠାରେ ଏହାର ସଫଳ ପରୀକ୍ଷା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆର୍‌ଡିଓ ଏବଂ ଭାରତୀୟ ସେନାକୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିରକ୍ଷା ଉତ୍ପାଦନରେ ଆତ୍ମନିର୍ଭରତା ହାସଲ କରିବା ସହ ଅତ୍ୟାଧୁନିକ ପ୍ରଯୁକ୍ତି ଆଧାରିତ ଡିଫେନ୍ସ ସିଷ୍ଟମ ବିକାଶରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି।

### ଆମେରିକାରେ ଗୁଳିକାଣ୍ଡ: ଜଣେ ଶିଶୁ ମୃତ, ୭ ଆହତ

**ଶିକାଗୋ, ୧୪।୪**

ଆମେରିକାର ଶିକାଗୋରେ ରବିବାର ଏକ ପାରିବାରିକ ଉତ୍ସବ ଚାଲିଥିବାବେଳେ ଭୟଙ୍କର ଗୁଳିକାଣ୍ଡ ଘଟିଛି। ଉତ୍ସବରେ ଯୋଗଦେଇଥିବା ୮ ଜଣଙ୍କୁ ଆତତାୟୀ ଗୁଳି କରିଛନ୍ତି, ଯେଉଁମାନଙ୍କ ମଧ୍ୟରେ ୫ ଜଣ ବୟସ୍କ ଓ ୩ ଜଣ ଛୋଟ ପିଲା ରହିଛନ୍ତି। ଜଣେ ୭ ବର୍ଷୀୟା ଝିଅଙ୍କ ମୁଣ୍ଡରେ ଗୁଳି ବାଜିଥିବାରୁ, ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେହିପରି ୭ ଜଣ ଆହତଙ୍କ ମଧ୍ୟରୁ ୨ ଜଣ ଶିଶୁ ରହିଥିବା ଶିକୋଗୋ ପୋଲିସର ଡେପୁଟି ଚିଫ୍ ଡାନ୍ ଜେରୋମ ସୂଚନା ଦେଇଛନ୍ତି। ସମସ୍ତ ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସେ କହିଛନ୍ତି। ତେବେ ଏହି ଗୁଳିକାଣ୍ଡ ଗ୍ୟାଙ୍ଗୱାର ସହ ଜଡ଼ିତ ରହିଥିବା ନେଇ ପୋଲିସ ସନ୍ଦେହ କରିବା ସହ ଘଟଣାର ତଦନ୍ତ ଚଳାଇଛି।

## ଇଲେକ୍ଟୋରାଲ ବଣ୍ଡ ଯୋଜନା ବୈଧତା ଉପରେ ରାୟ ୧୮ରେ

**ନୂଆଦିଲ୍ଲୀ, ୧୪।୪**

ଇଲେକ୍ଟୋରାଲ ବଣ୍ଡ ଯୋଜନାର ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଏର ଏକାଧିକ ପିଟିଶନ୍‌ର ରାୟ ଆସନ୍ତା ୧୮ ତାରିଖରେ ପ୍ରକାଶ ପାଇବ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଏହି ମାମଲାର ରାୟକୁ ଗତବର୍ଷ ନଭେମ୍ବର ୨ରେ ସଂରକ୍ଷିତ ରଖିଥିଲେ। ରାଜନୈତିକ ପାଣ୍ଠିରେ ସ୍ୱଚ୍ଛତା ଆଣିବା ପାଇଁ ରାଜନୈତିକ ଦଳଗୁଡ଼ିକ ନଗଦ ଅର୍ଥର ବିକଳ୍ପ ଭାବେ ଇଲେକ୍ଟୋରାଲ ବଣ୍ଡ ଯୋଗେ ଚାନ୍ଦା ଦେବା ପାଇଁ ୨୦୧୮ ଜାନୁଆରୀ ୨ରେ କେନ୍ଦ୍ର ସରକାର ବିଜ୍ଞପ୍ତି ଜାରି କରିଥିଲେ। ଯୋଜନାର ବ୍ୟବସ୍ଥା ଅନୁଯାୟୀ, ଦେଶର ଯେକୌଣସି ନାଗରିକ କିମ୍ବା ସଂସ୍ଥା ଇଲେକ୍ଟୋରାଲ ବଣ୍ଡ କିଣିପାରିବେ। ବ୍ୟକ୍ତିବିଶେଷ ଏକାକୀ କିମ୍ବା ଅନ୍ୟ ସହ ମିଳିତ ଭାବେ ମଧ୍ୟ ବଣ୍ଡ କିଣିବା ବ୍ୟବସ୍ଥା ରହିଛି। ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୨୯ଏ ଅଧୀନରେ ପଞ୍ଜୀକୃତ ହୋଇଥିବା ରାଜନୈତିକ ଦଳ ଏବଂ ପୂର୍ବ ଲୋକ ସଭା କିମ୍ବା ରାଜ୍ୟ ବିଧାନସଭା ନିର୍ବାଚନରେ ୧ ପ୍ରତିଶତରୁ କମ୍ ଭୋଟ ପାଇ ନ ଥିବା ଦଳ ଇଲେକ୍ଟୋରାଲ ବଣ୍ଡ ଗ୍ରହଣ କରିବାକୁ ଯୋଗ୍ୟ। ଉକ୍ତ ଦଳ ଇଲେକ୍ଟୋରାଲ ବଣ୍ଡକୁ ଅଧିକୃତ ବ୍ୟାଙ୍କ ଜରିଆରେ ଏନ୍‌କ୍ୟାସ୍ କରିପାରିବେ। ସାମ୍ବିଧାନିକ ପୀଠରେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ବି.ଆର୍. ଗଭାଇ, ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରା ରହିଛନ୍ତି। କଂଗ୍ରେସ ନେତ୍ରୀ ଜୟା ଠାକୁର, ସିପିଆଇ(ଏମ୍) ଏବଂ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ପକ୍ଷରୁ ଇଲେକ୍ଟୋରାଲ ବଣ୍ଡର ବୈଧତାକୁ ଚ୍ୟାଲେଞ୍ଜ କରାଯାଇଥିଲା। ଗତବର୍ଷ ଅକ୍ଟୋବର ୩୧ରୁ ସୁପ୍ରିମକୋର୍ଟରେ ଏହାର ଶୁଣାଣି ଆରମ୍ଭ ହୋଇଥିଲା।

## ସରବଜିତଙ୍କ ହତ୍ୟାକାରୀଙ୍କୁ ଲାହୋରରେ ହତ୍ୟା


ଅମିର ସର୍ଫରାଜ ତାମ୍ବା


ସରବଜିତ ସିଂ

**ନୂଆଦିଲ୍ଲୀ, ୧୪।୪ (ପି.ଟି.)**

ପାକିସ୍ତାନରେ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଭାରତୀୟ ବନ୍ଦୀ ସରବଜିତ ସିଂଙ୍କୁ ଜେଲରେ ହତ୍ୟା କରିଥିବା ଅଭିଯୁକ୍ତ ଅମିର ସର୍ଫରାଜ ତାମ୍ବାଙ୍କୁ ରବିବାର ଲାହୋରରେ କେତେଜଣ ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଛନ୍ତି। ତାମ୍ବା ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଂଗଠନର ପ୍ରତିଷ୍ଠାତା ହାଫିଜ ସୟିଦଙ୍କ ଘନିଷ୍ଠ ସହଯୋଗୀ। ଲାହୋରର ଇସ୍‌ଲାମାପୁର ଅଞ୍ଚଳରେ ବାଇକରେ ଆସିଥିବା ଦୁର୍ବୃତ୍ତମାନେ ତାମ୍ବାଙ୍କୁ ଗୁଳି କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

ସୂଚନାଯୋଗ୍ୟ, ସୀମାନ୍ତ ଗ୍ରାମରେ ରହୁଥିବା ସରବଜିତ ଭୁଲ୍‌ବଶତଃ ପାକିସ୍ତାନ ଚାଲିଯାଇଥିଲେ। ସେଠାରେ ତାଙ୍କୁ ଗିରଫ କରାଯାଇ ଆତଙ୍କବାଦ ଓ ଗୁପ୍ତଚର ବୃତ୍ତି ମାମଲାରେ ଦୋଷୀସାବ୍ୟସ୍ତ କରାଯିବା ସହ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିଲା। କଡ଼ା ସୁରକ୍ଷା ବ୍ୟବସ୍ଥାରେ କୋଟ ଲଖପତ୍ ଜେଲରେ ସେ ରହୁଥିବାବେଳେ ତାମ୍ବା ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। କୋମା ଅବସ୍ଥାରେ ଥିବା ୪୯ ବର୍ଷୀୟ ସରବଜିତଙ୍କର ୨୦୧୩ ମେ' ୨ ତାରିଖରେ ଲାହୋରର ଜିନ୍ନା ହସ୍ପିଟାଲରେ ମୃତ୍ୟୁ ହୋଇଥିଲା। ତେବେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା କୁହାଯାଇଥିଲା।

## ରୁଷିଆ ଅଧିକୃତ ସହରରେ ୟୁକ୍ରେନ୍‌ର ସେଲ୍ ମାଡ଼, ୧୬ ମୃତ



**କିଭ୍, ୧୪।୪**

ରୁଷିଆ ଅଧିକୃତ ଜାପୋରିଜିଆ ଅଞ୍ଚଳର ଟୋକ୍‌ମାକ ସହରରେ ୟୁକ୍ରେନ୍ ସେଲ ମାଡ଼ କରିଛି। ଫଳରେ ୧୬ ଜଣ ସ୍ଥାନୀୟ ଅଧିବାସୀଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ ଜଣ ଆହତ ହୋଇଥିବା ଜାପୋରିଜିଆ ଅଞ୍ଚଳରେ ଅବସ୍ଥାପିତ ବରିଷ୍ଠ ରୁଷୀୟ ଅଧିକାରୀ ୟେବ୍‌ଗେନି ବାଲିଟସ୍କି ସୂଚନା ଦେଇଛନ୍ତି। ୨୦ ଆହତଙ୍କ ମଧ୍ୟରୁ ୧୨ ଜଣଙ୍କ ଅବସ୍ଥା ଗୁରୁତର ଥିବା ସେ କହିଛନ୍ତି। ରୁଷିଆର ଜରୁରିକାଳୀନ ସେବା ଦ୍ୱାରା ସମସ୍ତ ଆହତ ଓ ଗୁରୁତରମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ, ଏହି ଆକ୍ରମଣ ନେଇ ୟୁକ୍ରେନର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ସୂଚନାଯୋଗ୍ୟ, ରୁଷିଆ ସୈନ୍ୟବାହିନୀ ଆଂଶିକ ଭାବେ ଅଧିକୃତ କରିଥିବା ୟୁକ୍ରେନ୍‌ର ୪ଟି ଅଞ୍ଚଳ ମଧ୍ୟରେ ଜାପୋରିଜିଆ ଅନ୍ୟତମ।

## ଦ୍ୱିତୀୟ ବ୍ୟାଚ୍ ଭାରତୀୟ ସୈନ୍ୟ ମାଳଦ୍ୱୀପ ଛାଡ଼ିଲେ

**ମାଲେ, ୧୪।୪ (ପି.ଟି.)**

ମାଳଦ୍ୱୀପ ରାଷ୍ଟ୍ରପତି ମୋହମ୍ମଦ ମୁଇଜୁଙ୍କ ଦାବି କ୍ରମେ ସେଠାରେ ଥିବା ଭାରତୀୟ ସୈନ୍ୟଙ୍କର ଦ୍ୱିତୀୟ ବ୍ୟାଚ୍ ରବିବାର ଉକ୍ତ ଦ୍ୱୀପଦେଶ ଛାଡ଼ିଛନ୍ତି। ମାଳଦ୍ୱୀପ ଜନସାଧାରଣଙ୍କ ସେବାରେ ନିୟୋଜନ ପାଇଁ ଭାରତ ଦେଇଥିବା ହେଲିକପ୍ଟରକୁ ଏହି ସୈନ୍ୟମାନେ ପରିଚାଳନା କରୁଥିଲେ। ମାଲେରେ ଥିବା ବିଦେଶୀ ରାଷ୍ଟ୍ରଦୂତମାନେ ତାଙ୍କ ଉପରେ କର୍ତ୍ତୃତ୍ୱ ଜାହିର କରିବେ ନାହିଁ ବୋଲି ଚାଇନା ସମର୍ଥକବାଦୀ ନେତା ମୁଇଜୁ ଦୋହରାଇଛନ୍ତି। ନାଗରିକମାନଙ୍କ ହାତରେ ହିଁ କ୍ଷମତା ନ୍ୟସ୍ତ ରହିବ ବୋଲି ସେ କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଇବ୍ରାହିମ ମହମ୍ମଦ ସୋଲିହ ଜଣେ ବିଦେଶୀ ରାଷ୍ଟ୍ରଦୂତଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ ବୋଲି କୌଣସି ଦେଶର ନାଁ ନ ନେଇ ମୁଇଜୁ ଗତ ମାସରେ କହିଥିଲେ।

## ଲିଭ୍-ଇନ୍ ପାର୍ଟନର ଓ ୩ ବର୍ଷୀୟ ପୁଅଙ୍କୁ ହତ୍ୟା କରି ଦଉଡ଼ିରେ ଝୁଲିଲେ

**ନାଗପୁର, ୧୪।୪**

ମହାରାଷ୍ଟ୍ରର ନାଗପୁର ସହରର ଏକ ହୋଟେଲରେ ଜଣେ ୩୦ ବର୍ଷୀୟ ବ୍ୟକ୍ତି ନିଜ ଲିଭ୍-ଇନ୍ ପାର୍ଟନର ଓ ୩ ବର୍ଷର ପୁଅଙ୍କୁ ହତ୍ୟା କରିବା ପରେ ଦଉଡ଼ିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ବୃତ୍ତିରେ ଡ୍ରାଇଭର ଥିବା ସଚିନ ବିନୋଦ କୁମାର ରାଉତ(୩୦)ଙ୍କ ସହ ତାଙ୍କ ଲିଭ୍-ଇନ୍ ପାର୍ଟନର ନାଜ୍‌ନିନ (୨୯) ଓ ୩ ବର୍ଷୀୟ ପୁଅ ୟୁଗ୍‌ଙ୍କ ମୃତଦେହ ସ୍ଥାନୀୟ ଗଜାନନ କଲୋନି ସ୍ଥିତ ଏକ ହୋଟେଲରୁ ମିଳିଛି। ହୋଟେଲ ରୁମ ମଧ୍ୟରେ ସଚିନ ଦଉଡ଼ିରେ ଝୁଲୁଥିବାବେଳେ ନାଜ୍‌ନିନଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା ଓ ପାଖରେ ଏକ ରକ୍ତାକ୍ତ ହାତୁଡ଼ି ପଡ଼ିଥିବାର ପୋଲିସ ସୂଚନା ଦେଇଛି। ଗତ କିଛି ଦିନ ଧରି ସଚିନ ଓ ନାଜ୍‌ନିନଙ୍କ ମଧ୍ୟରେ ମନୋମାଳିନ୍ୟ ହେବା ସହ ଯୁକ୍ତିତର୍କ ଲାଗି ରହୁଥିବାରୁ ଉଭୟ ଅଲଗା ହେବାକୁ ସ୍ଥିର କରିଥିଲେ। ନାଗପୁର ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ହଷ୍ଟେଲରେ ଅଗ୍ନିକାଣ୍ଡ, ୮ ଛାତ୍ର ଆହତ

**କୋଟା, ୧୪।୪**

ରାଜସ୍ଥାନର କୋଟାସ୍ଥିତ କୁନ୍‌ହାରୀ ଅଞ୍ଚଳର ଏକ ବାଳକ ହଷ୍ଟେଲରେ ରବିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୮ ଜଣ ଛାତ୍ର ଆହତ ହୋଇଛନ୍ତି। ଟ୍ରାନ୍ସଫର୍ମରରେ ଶର୍ଟ ସର୍କିଟ ଘଟି ଏହି ଅଗ୍ନିକାଣ୍ଡ ଘଟିଥିବା ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି। ଆହତ ୮ ଜଣ ଛାତ୍ରଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ଗୁରୁତର ଥିବାବେଳେ ସମସ୍ତ ଆହତ ଛାତ୍ରଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ଅଗ୍ନିକାଣ୍ଡ ଘଟିବା ସମୟରେ ହଷ୍ଟେଲରେ ୬୦ ଜଣ ଛାତ୍ର ଉପସ୍ଥିତ ଥିଲେ। ତେବେ ସୁରକ୍ଷିତ ଥିବା ଛାତ୍ରମାନଙ୍କୁ ପୋଲିସ ନିକଟସ୍ଥ ହଷ୍ଟେଲକୁ ସ୍ଥାନାନ୍ତର କରିଛି। ହଷ୍ଟେଲ ବିଲ୍ଡିଂରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବାରୁ ନିଆଁ ଦ୍ରୁତ ଗତିରେ ବ୍ୟାପିବା ସହ ବ୍ୟାପକ କ୍ଷତି ଘଟାଇଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି। ତେଣୁ ହଷ୍ଟେଲ ମାଲିକଙ୍କ ବିରୋଧରେ କୋଟା ପୋଲିସ ନିଜ ଆଡୁ ମାମଲା ରୁଜୁ କରିଛି।

## କାନାଡାରେ ଭାରତୀୟ ଛାତ୍ରଙ୍କୁ ଗୁଳିକରି ହତ୍ୟା

**ନୂଆଦିଲ୍ଲୀ, ୧୪।୪**

କାନାଡାର ସାଉଥ୍ ଭାଙ୍କୋଭରରେ ଜଣେ ୨୪ ବର୍ଷୀୟ ଭାରତୀୟ ଛାତ୍ରଙ୍କୁ ଏକ କାର୍ ଭିତରେ ଗୁଳିକରି ହତ୍ୟା କରାଯାଇଛି। ଶୁକ୍ରବାର ରାତି ୧୧ଟାରେ ଇଷ୍ଟ ୫୫ତମ ଆଭେନ୍ୟୁ ନିକଟରେ ଏହି ଗୁଳିକାଣ୍ଡ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍ ଭିତରେ ଭାରତୀୟ ଛାତ୍ର ଚିରାଗ ଆଣ୍ଟିଲଙ୍କ ମୃତ୍ୟୁ ଘଟିଥିବା ଦେଖିବାକୁ ପାଇଥିଲା। ଏପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନ ଥିବାବେଳେ ତଦନ୍ତ ଜାରି ରହିଥିବା ପୋଲିସ କହିଛି। ଚିରାଗ ଆଣ୍ଟିଲଙ୍କ ପରିବାରକୁ ସହାୟତା ଯୋଗାଇଦେବା ଲାଗି ଭାରତର ଜାତୀୟ ଛାତ୍ର ସଂଘ ମୁଖ୍ୟ ବରୁଣ ଚୌଧରୀ ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ସୋସିଆଲ ମିଡିଆ ଜରିଆରେ ଅପିଲ୍ କରିଛନ୍ତି। ଚିରାଗଙ୍କ ମୃତଦେହ ଭାରତ ଫେରାଇ ଆଣିବା ନିମନ୍ତେ ତାଙ୍କ ପରିବାର ପକ୍ଷରୁ କ୍ରାଉଡ୍ ଫଣ୍ଡିଙ୍ଗ ଅଭିଯାନ ଆରମ୍ଭ ହୋଇଛି। ଚିରାଗ ନିକଟରେ କାନାଡା ୱେଷ୍ଟ ୟୁନିଭର୍ସିଟିରୁ ଏମ୍‌ବିଏ ପାସ୍ କରିବା ସହ ଭାଙ୍କୋଭରରେ କାମ କରିବା ପାଇଁ ଅନୁମତି ପତ୍ର ହାସଲ କରିଥିଲେ।

## ନିର୍ବାଚନ ପାଇଁ ଘରୋଇ ବିମାନ ଚାହିଦା ୪୦% ବଢ଼ିଛି

**ନୂଆଦିଲ୍ଲୀ, ୧୪।୪ (ପି.ଟି.)**

ଲୋକ ସଭା ନିର୍ବାଚନ ପାଇଁ ରାଜନେତା ଓ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନେ ଦେଶବ୍ୟାପୀ ବିଭିନ୍ନ ସ୍ଥାନକୁ ପ୍ରଚାରରେ ଯାଉଥିବାରୁ ଘରୋଇ ବିମାନ ଓ ହେଲିକପ୍ଟର ଚାହିଦା ୪୦ ପ୍ରତିଶତ ବଢ଼ିଯାଇଛି। ଫଳରେ ଏହାର ଅପରେଟରମାନେ ୧୫ରୁ ୨୦ ପ୍ରତିଶତ ଅଧିକ ଆୟ କରିବା ନେଇ ଆଶା କରୁଛନ୍ତି। ଚାର୍ଟାର୍ଡ ସର୍ଭିସ୍‌ର ଘଣ୍ଟା ପ୍ରତି ଭଡ଼ା ବୃଦ୍ଧି ପାଇ ୪.୫ରୁ ୫.୨୫ ଲକ୍ଷ ଟଙ୍କାରେ ପହଞ୍ଚିଛି। ସେହିପରି ଦୁଇ ଇଞ୍ଜିନ ବିଶିଷ୍ଟ ହେଲିକପ୍ଟର ଭଡ଼ା ମଧ୍ୟ



୧.୫ରୁ ୧.୭ ଲକ୍ଷ ଟଙ୍କା ହୋଇଛି। ସାଧାରଣ ସମୟ ଏବଂ ପୂର୍ବ ନିର୍ବାଚନ ବର୍ଷ ତୁଳନାରେ ଚାହିଦା ବହୁତ ବଢ଼ିଥିବାରୁ ଖୁବ୍ କମ୍ ବିମାନ ଓ ହେଲିକପ୍ଟର ଉପଲବ୍ଧ ହେଉଛି। କେତେକ ଅପରେଟର ବିମାନ ଏବଂ ହେଲିକପ୍ଟରକୁ ଲିଜ୍‌ରେ ନେବାକୁ ଚାହୁଁଛନ୍ତି। ସାଧାରଣ ସମୟ ତୁଳନାରେ ନିର୍ବାଚନ ବେଳେ ହେଲିକପ୍ଟର ଚାହିଦା ୨୫ ପ୍ରତିଶତ ବଢ଼ିଥିବାବେଳେ ଚାହିଦା ତୁଳନାରେ ଆବଶ୍ୟକ ହେଲିକପ୍ଟର ମିଳୁନାହିଁ ବୋଲି ରୋଟାରି ୱିଙ୍ଗ୍ ସୋସାଇଟି ଅଫ୍ ଇଣ୍ଡିଆର ଅଧ୍ୟକ୍ଷ କ୍ୟାପ୍‌ଟେନ୍ ଉଦୟ ଗେଲ୍ଲି କହିଛନ୍ତି। ଦୁର୍ଗମ ଅଞ୍ଚଳରେ ପ୍ରାର୍ଥୀ ଓ ନେତାମାନଙ୍କୁ କମ୍ ସମୟ ମଧ୍ୟରେ ପହଞ୍ଚାଇବା ପାଇଁ ବିଭିନ୍ନ ଦଳ ହେଲିକପ୍ଟର ବ୍ୟବହାର କରୁଛନ୍ତି। ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ଭଳି ବଡ଼ ରାଜ୍ୟରେ ଏଗୁଡ଼ିକ ଅଧିକ ବ୍ୟବହୃତ ହେଉଛି। ସେହିପରି ଚାର୍ଟାର୍ଡ ବିମାନ ଚାହିଦା ୩୦ରୁ ୪୦ ପ୍ରତିଶତ ବଢ଼ିଥିବା ବିଜ୍‌ନେସ ଏୟାରକ୍ରାଫ୍ଟ ଅପରେଟର ଆସୋସିଏଶନ୍‌ର ପରିଚାଳନା ନିର୍ଦ୍ଦେଶକ କ୍ୟାପ୍‌ଟେନ୍ ଆର୍.କେ. ବାଲି କହିଛନ୍ତି।

# ଭାଜପା ଇସ୍ତାହାରରେ ବିକାଶକୁ ଫୋକସ୍

**ନୂଆଦିଲ୍ଲୀ,୧୪।୪(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଭାଜପାର ନିର୍ବାଚନୀ ଇସ୍ତାହାର ପ୍ରକାଶ କରିଛନ୍ତି। ଏଥିରେ ବିକାଶ ଏବଂ ଲୋକଙ୍କ କଲ୍ୟାଣକୁ ପ୍ରାଥମିକତା ଦିଆଯାଇଥିବାବେଳେ ଲୋକାଭିମୁଖୀ ପଦକ୍ଷେପ ଏବଂ ଏନ୍‌ଆର୍‌ସି ଭଳି ବିବାଦୀୟ ପ୍ରସଙ୍ଗକୁ ବାଦ୍ ଦିଆଯାଇଛି। 'ମୋଦି କୀ ଗ୍ୟାରେଣ୍ଟି' ନାମରେ ଏହି ଇସ୍ତାହାରରେ ମୁଖ୍ୟତଃ ସରକାରଙ୍କ ବର୍ତ୍ତମାନର କଲ୍ୟାଣକାରୀ ଯୋଜନାରେ ସମାଜର ବିଭିନ୍ନ ବର୍ଗଙ୍କୁ ସାମିଲ କରାଯିବା କଥା କୁହାଯାଇଥିବାବେଳେ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ଏବଂ ସମାନ ନାଗରିକ ସଂହିତା ଲାଗି ଭାଜପାର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଯାଇଛି।

୭୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବରିଷ୍ଠ ନାଗରିକଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ସୁବିଧା ଯୋଗାଇ ଦିଆଯିବ। ଉତ୍ତର, ଦକ୍ଷିଣ ଏବଂ ପୂର୍ବ ଭାରତରେ ବୁଲେଟ୍ ଟ୍ରେନ୍ ଚଳାଇବା ପାଇଁ ଦଳ ବିଚାର କରୁଥିବାବେଳେ ବନ୍ଦେ ଭାରତ, ଅମୃତ ଭାରତ ଏବଂ ନମୋ ଭାରତ ଭଳି ନୂତନ ଟ୍ରେନ୍ ଚଳାଚଳକୁ ବଢ଼ାଇ ଦିଆଯିବ ବୋଲି ଇସ୍ତାହାରରେ କୁହାଯାଇଛି। କ୍ରୀଡ଼ା କ୍ଷେତ୍ରରେ ଭାରତକୁ ବିଶ୍ୱ ନେତା କରିବା ଲାଗି କ୍ରୀଡ଼ା ପରିବେଶକୁ ସୁଦୃଢ଼ କରାଯିବ ବୋଲି ସଂକଳ୍ପ ପତ୍ରରେ ପ୍ରତିଶ୍ରୁତି ଦିଆଯାଇଛି। ୨୦୩୬ରେ ଇଣ୍ଡିଆନ ଅଲିମ୍ପିକ୍ ଆସୋସିଏଶନ ଅଲିମ୍ପିକ୍ ଗେମ୍ସର ଆୟୋଜନ କରିବା ଲାଗି ସରକାର ସବୁ ସୁବିଧା ଯୋଗାଇଦେବେ। ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରୁ ସଶସ୍ତ୍ର ବଳ(ସ୍ୱତନ୍ତ୍ର କ୍ଷମତା) ଆଇନ (ଏଏଫ୍‌ଏସ୍‌ପିଏ)କୁ ପର୍ଯ୍ୟାୟକ୍ରମେ ପ୍ରତ୍ୟାହାର କରିନେବା ପାଇଁ ଉଦ୍ୟମ ଜାରି ରଖିବାକୁ ଭାଜପା ପ୍ରତିଶ୍ରୁତି ଦେଇଛି। ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଲାଗି ଦୀର୍ଘ ଦଶନ୍ଧିର ପ୍ରତିଶ୍ରୁତି ପୂରଣ ହେବା ପରେ ଭାଜପା କାଶୀ ବିଶ୍ୱନାଥ କରିଡର ମଡେଲ ଭଳି ସାରା ଦେଶରେ ବିଭିନ୍ନ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳଗୁଡ଼ିକର ବିକାଶ ପାଇଁ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ କରିବ ବୋଲି କହିଛି।



ଭାଜପାର ନିର୍ବାଚନୀ ଇସ୍ତାହାରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଉନ୍ମୋଚନ କରୁଛନ୍ତି।

ସୁରକ୍ଷିତ ଭାରତ, ସମୃଦ୍ଧ ଭାରତ ଏବଂ ସହରଗୁଡ଼ିକରେ ଲୋକଙ୍କ ଜୀବନ ଧାରଣକୁ ସହଜ କରିବା ପାଇଁ ସଂକଳ୍ପ ପତ୍ରରେ ଗରିବ, ମଧ୍ୟବିତ୍ତ, ମହିଳା, ଯୁବବର୍ଗ, ବରିଷ୍ଠ ନାଗରିକ, କୃଷକ, ମତ୍ସ୍ୟଜୀବୀ, ଶ୍ରମିକ, ବ୍ୟବସାୟୀ ଏବଂ ଅନୁସୂଚିତ ଜାତି ଓ ଜନଜାତି ଭଳି ଅବହେଳିତ ବର୍ଗଙ୍କ ପାଇଁ ବିଭିନ୍ନ ପ୍ରତିଶ୍ରୁତି ଦିଆଯାଇଛି। ଇସ୍ତାହାରରେ ଇଣ୍ଡିଆ ବଦଳରେ ଭାରତ ବ୍ୟବହାର କରାଯାଇଛି। ପ୍ରଧାନମନ୍ତ୍ରୀ ଇସ୍ତାହାର ଉନ୍ମୋଚନ କରିବା ସମୟରେ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ରାଜନାଥ ସିଂ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଇସ୍ତାହାରରେ ଦରଦାମ୍ ବୃଦ୍ଧି, ବେରୋଜଗାରି ପ୍ରସଙ୍ଗ ନାହିଁ: ବିରୋଧୀ

**ନୂଆଦିଲ୍ଲୀ,୧୪।୪(ପି.ଟି.)**

ଦରଦାମ୍ ବୃଦ୍ଧି ଏବଂ ବେରୋଜଗାରି ସାଧାରଣ ଲୋକ ଓ ଯୁବବର୍ଗଙ୍କ ପାଇଁ ସବୁଠୁ ବଡ଼ ସମସ୍ୟା ହୋଇଥିବାବେଳେ ଭାଜପାର ନିର୍ବାଚନୀ ଇସ୍ତାହାରରେ ଏହାକୁ ଅଣଦେଖା କରାଯାଇଥିବାରୁ ବିରୋଧୀ ଦଳ ଏହାର ସମାଲୋଚନା କରିଛି। ଭାଜପାର ଏହି ନିର୍ବାଚନୀ ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ମିଥ୍ୟା ଏବଂ ବିଶ୍ୱାସଯୋଗ୍ୟ ନୁହେଁ ବୋଲି ବିରୋଧୀ କହିବା ସହ ଜନସାଧାରଣ ଏଗୁଡ଼ିକୁ ଆଉ ବିଶ୍ୱାସ କରୁ ନ ଥିବା କହିଛନ୍ତି। ଭାଜପାର ସଂକଳ୍ପପତ୍ରରୁ ମୁଦ୍ରାସ୍ଫୀତି ଓ ବେରୋଜଗାରି ଉଭାନ ହୋଇଯାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଲୋକଙ୍କ ଜୀବନ ଜୀବିକା ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଭାଜପା ଆଲୋଚନା କରିବାକୁ ଚାହୁଁନାହିଁ। ଅନ୍ୟପକ୍ଷରେ ଇଣ୍ଡିଆ ମେଣ୍ଟର ଯୋଜନା ସ୍ପଷ୍ଟ। ଏହା କ୍ଷମତାକୁ ଆସିଲେ, ୩୦ ଲକ୍ଷ ପଦବୀରେ ନିଯୁକ୍ତି ଦେବା ସହ ପ୍ରତି ଶିକ୍ଷିତ ଯୁବତୀଯୁବକଙ୍କୁ ଲକ୍ଷେ ଟଙ୍କାର ସ୍ଥାୟୀ ନିଯୁକ୍ତି ଦେବ ବୋଲି ରାହୁଲ ଟୁଇଟ୍ କରିଛନ୍ତି। ଏଥର ଯୁବବର୍ଗ ଆଉ ମୋଦିଙ୍କ ଫାଶରେ ପଡ଼ିବେ ନାହିଁ। ସେମାନେ କଂଗ୍ରେସର ହାତମୁଠାକୁ ମଜଭୁତ କରିବେ ଏବଂ ଦେଶରେ ନିଯୁକ୍ତି କ୍ରାନ୍ତି ଆଣିବେ ବୋଲି କଂଗ୍ରେସ ନେତା କହିଛନ୍ତି। ଭାଜପାର ସଂକଳ୍ପ ପତ୍ର ହେଉଛି ବାସ୍ତବରେ 'ସମ୍ବିଧାନ ବଦଲୋ ପତ୍ର' ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି। ଭାଜପା ଇସ୍ତାହାରକୁ କେହି ବିଶ୍ୱାସ କରିବେ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ସେହିପରି ଆପ୍ ନେତ୍ରୀ ତଥା ଦିଲ୍ଲୀ ମନ୍ତ୍ରୀ ଆତିଶୀ କହିଛନ୍ତି, ଦେଶରେ ବେରୋଜଗାରି ଚିନ୍ତାଜନକ ହୋଇଥିବାବେଳେ ଏଲ୍‌ପିଜି ସିଲିଣ୍ଡର ଦାମ୍ ୩୦୦ରୁ ବଢ଼ି ୧,୨୦୦ ଏବଂ ଡିଜେଲ ୫୫ରୁ ବଢ଼ି ୯୦ ଟଙ୍କାରେ ପହଞ୍ଚିଛି। ପରିବାର ଚଳାଇବା ସାଧାରଣ ଲୋକଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି। ଭାଜପାର ଇସ୍ତାହାର ଏକ ଜୁମ୍‌ଲା ପତ୍ର ବୋଲି ଆତିଶୀ କହିଛନ୍ତି।

# ଇସ୍ତାହାର ରାଜନୀତି

**ଡ. ଅନିଲ ସିଂ**

ନିର୍ବାଚନୀ ଇସ୍ତାହାରଗୁଡ଼ିକରେ ପାରମ୍ପରିକ ଭାବେ ମହତ୍ତ୍ୱ ରହୁ ନ ଥିବାରୁ ରାଜନୈତିକ ଆଲୋଚନା ବେଳେ ଏହାକୁ ବିଶେଷ ଗୁରୁତ୍ୱ ଦିଆଯାଉ ନ ଥିଲା। ତେବେ ଆଉ ବୃହତ୍ ଏକ ନିର୍ବାଚନୀ ଇଭେଣ୍ଟ ପୂର୍ବରୁ ଇସ୍ତାହାରଗୁଡ଼ିକ ଏବେ ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରୁଛନ୍ତି। ଏଭଳି ଘୋଷଣାପତ୍ର ରାଜନୈତିକ ଦଳଗୁଡ଼ିକର ଛବି ଆଙ୍କିବା ପାଇଁ କାର୍ଯ୍ୟ କରିବ। ଏହା ବଦଳରେ ରାଜନୈତିକ ଦଳଗୁଡ଼ିକର ଜାତୀୟ ଭବିଷ୍ୟତ ନିର୍ଦ୍ଧାରିତ ହେବ। କିନ୍ତୁ ଉତ୍ସାହ ମଧ୍ୟରେ ଏକ ବଡ଼ ପ୍ରଶ୍ନ ଉଠିଛି। ତାହା ହେଉଛି, ପ୍ରତିଶ୍ରୁତିପୂର୍ଣ୍ଣ ଦସ୍ତାବିଜଗୁଡ଼ିକ ବାସ୍ତବ ନା କାଵ୍ୟିକ କଳ୍ପନା। ଇସ୍ତାହାରଗୁଡ଼ିକ ବାସ୍ତବତାଠାରୁ ବହୁ ଉର୍ଦ୍ଧ୍ୱକୁ ଯାଇ ଦଳୀୟ ଆଭିମୁଖ୍ୟ ଓ ଉଦ୍ଦେଶ୍ୟଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥାଏ। ଯେତେବେଳେ ଜଣେ ବ୍ୟକ୍ତି ଦେଶରେ ଜାତିଗତ, ସାଂସ୍କୃତିକ ଓ ଆଧାତ୍ମିକ ମୂଲ୍ୟବୋଧ ପ୍ରବଳ ବଢ଼ିଛି ବୋଲି ବିଚାର କରନ୍ତି, ସେତେବେଳେ ଚିରହରିତ ଜଙ୍ଗଲର ଲୋଭନୀୟ ଅଭିବୃଦ୍ଧି ଭଳି ପୁରୁଣା କାଗଜପତ୍ର ପ୍ରତି ଆକର୍ଷଣ ବଢ଼ିଥାଏ। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ କଂଗ୍ରେସ, ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଏବଂ ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ଇସ୍ତାହାର ପ୍ରକାଶ ପାଇଛି। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିବାବେଳେ ସତର୍କତାପୂର୍ଣ୍ଣ ପୁଙ୍ଖାନୁପୁଙ୍ଖ ପରୀକ୍ଷଣ ପାଇଁ ଏକ ଦୃଶ୍ୟ ପ୍ରସ୍ତୁତ ହୋଇଛି। ବର୍ତ୍ତମାନ ଏହି ଇସ୍ତାହାରଗୁଡ଼ିକର ଉପଯୁକ୍ତ ସମୀକ୍ଷା ପାଇଁ ଉତ୍କୃଷ୍ଟ ସମୟ।

### କଂଗ୍ରେସର 'ନ୍ୟାୟପତ୍ର'

ଦେଶର ସର୍ବପୁରାତନ ଦଳ କଂଗ୍ରେସ ପକ୍ଷରୁ ଜାରି ଇସ୍ତାହାରକୁ 'ନ୍ୟାୟପତ୍ର'ର ନାମ ଦିଆଯାଇଛି। ଏପ୍ରିଲ ୫ରେ ଜାରି କରାଯାଇଥିବା ଏହି ଘୋଷଣାନାମାରେ ସମାନତା, ଯୁବ ସଶକ୍ତୀକରଣ ଓ ଲିଙ୍ଗଗତ ନ୍ୟାୟ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ନ୍ୟାୟର ୫ଟି ବିଷୟ ଉପରେ ଫୋକସ୍ କରାଯାଇଛି। ସେଗୁଡ଼ିକ ହେଲା, ଯୁବ ନ୍ୟାୟ, ନାରୀ ନ୍ୟାୟ, କୃଷକ ନ୍ୟାୟ, ଶ୍ରମିକ ନ୍ୟାୟ ଏବଂ ସହଭାଗିତାର ନ୍ୟାୟ। ଏହି ନ୍ୟାୟପତ୍ରରେ ଶିକ୍ଷାନବିସ ବ୍ୟବସ୍ଥାର ଅଧିକାର ପ୍ରଦାନ ପାଇଁ ଆଇନଗତ ଗ୍ୟାରେଣ୍ଟି ସମ୍ପର୍କରେ ପ୍ରତିଶ୍ରୁତି ଦିଆଯାଇଛି। ସେହିପରି କୃଷକଙ୍କୁ ଉତ୍ପାଦିତ ସାମଗ୍ରୀ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରଦାନର ଆଇନଗତ ଗ୍ୟାରେଣ୍ଟି ନେଇ ମଧ୍ୟ ପ୍ରତିଶ୍ରୁତି ଦିଆଯାଇଛି। ଏସ୍‌ସି, ଏସ୍‌ଟି ଏବଂ ଓବିସିଙ୍କ ପାଇଁ ପ୍ରଚଳିତ ସଂରକ୍ଷଣ ସୀମାକୁ ୫୦%ରୁ ବଢ଼ାଇବା ପାଇଁ ଆବଶ୍ୟକ ସାମ୍ବିଧାନିକ ସଂଶୋଧନ କରାଯିବା ଉପରେ ମଧ୍ୟ କଂଗ୍ରେସ ଇସ୍ତାହାରରେ ଉଲ୍ଲେଖ କରିଛି। ନ୍ୟାୟପତ୍ରରେ ଯୁବ, ମହିଳା କୃଷକ, ଶ୍ରମିକ ଓ ସହଭାଗିତାର ନ୍ୟାୟ ପ୍ରଦାନ ପ୍ରତିଶ୍ରୁତି ରହିଛି। ସେହିପରି ଶାସନ, ଅର୍ଥନୀତି, ସଙ୍ଘୀୟ ସହଯୋଗିତା, ଜାତୀୟ ନିରାପତ୍ତା ଓ ପରିବେଶ ସୁରକ୍ଷା ଉପରେ ମଧ୍ୟ ଆଲୋକପାତ କରାଯାଇଛି।

### ଆର୍‌ଜେଡିର 'ପରିବର୍ତ୍ତନପତ୍ର'

ଲୋକ ସଭା ନିର୍ବାଚନ ପୂର୍ବରୁ ଶନିବାର ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ ଆର୍‌ଜେଡି ପକ୍ଷରୁ ଏକ ପରିବର୍ତ୍ତନପତ୍ର ଜାରି କରାଯାଇଛି। ଏଥିରେ ଅନେକ ବିକାଶମୂଳକ ପ୍ରସଙ୍ଗକୁ ସ୍ଥାନିତ କରାଯାଇଛି। ବିହାରୀମାନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ମଧ୍ୟ ପରିବର୍ତ୍ତନପତ୍ରରେ ଅବତାରଣା କରାଯାଇଛି। ଏହି ଘୋଷଣାପତ୍ରରେ ମୁଖ୍ୟତଃ ୨୪ଟି ପ୍ରତିଶ୍ରୁତି ଦିଆଯାଇଛି। ଆର୍‌ଜେଡି କ୍ଷମତାକୁ ଆସିଲେ ଏହି ସବୁ ପ୍ରତିଶ୍ରୁତି ପୂରଣ କରାଯିବ ବୋଲି ଦଳ କହିଛି।

**– ରାଜନୈତିକ ରଣନୀତିକାର, ନୂଆଦିଲ୍ଲୀ**

# ୩୯ ଡିଗ୍ରୀ ଉପରେ ୧୦ ସହର

- **ପାରଳାଖେମୁଣ୍ଡି ସବୁଠୁ ଉତ୍ତପ୍ତ**
- **ଆହୁରି ୪ରୁ ୬ ଡିଗ୍ରୀ ବଢ଼ିବ ତାତି**

**ଭୁବନେଶ୍ୱର,୧୪।୪**
**(ଅନୁରାଧା ମହାରଣା)**

ରାଜ୍ୟ ଭିତରକୁ ଉତ୍ତର ତଥା ଉତ୍ତର–ପଶ୍ଚିମ ଏବଂ ପଶ୍ଚିମ ଦିଗରୁ ଶୁଷ୍କ ପବନର ପ୍ରବାହ ଧୀରେ ଧୀରେ ବୃଦ୍ଧି ପାଉଥିବାରୁ ଦିନ ତାପମାତ୍ରାରେ କ୍ରମଶଃ ବୃଦ୍ଧି ଘଟୁଛି। ଏହି ପବନର ପ୍ରଭାବ ଆଗାମୀ ଦିନରେ ଆହୁରି ବୃଦ୍ଧି ହେବାର ସମ୍ଭାବନା ଥିବାରୁ ଆସନ୍ତା ୪ରୁ୫ ଦିନ ମଧ୍ୟରେ ରାଜ୍ୟରେ ୪ରୁ ୬ ଡିଗ୍ରୀ ଯାଏ ତାପମାତ୍ରା ବୃଦ୍ଧି ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟର ୧୦ ସହରରେ ତାପମାତ୍ରା ୩୯ ଡ଼ିଗ୍ରୀ ଓ ଏହାଠାରୁ ଅଧିକ ରେକର୍ଡ କରାଯାଇଥିବାବେଳେ ୪୦.୫ ଡ଼ିଗ୍ରୀ ସହ ପାରଳାଖେମୁଣ୍ଡି ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଏହା ପଛକୁ ମାଲକାନଗିରିରେ ୩୯.୯ ଡିଗ୍ରୀ ସେଲସିୟସ୍, ଭୁବନେଶ୍ୱର ୩୯.୬ ଡିଗ୍ରୀ, ଜଗତ୍‌ସିଂହପୁର ଓ ନୟାଗଡ଼ ୩୯.୫ ଡିଗ୍ରୀ, ଭବାନୀପାଟଣା ଓ ଚାନ୍ଦବାଲି ୩୯.୪ ଡିଗ୍ରୀ , ବାରିପଦା ୩୯.୨ ଡିଗ୍ରୀ ଏବଂ କେନ୍ଦ୍ରାପଡ଼ା ଓ ଭଦ୍ରକରେ ୩୯ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଛି। ସୋମବାର ଗଜପତି ଗଞ୍ଜାମ, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୁରଭଞ୍ଜ ଜିଲାରେ ଘଡଘଡ଼ି ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ମାତ୍ର ଉତ୍ତାପ ଓ ଆର୍ଦ୍ର ପାଣିପାଗ ନେଇ ଖୋର୍ଦ୍ଧା, କଟକ, ପୁରୀ, ନୟାଗଡ଼, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର ଓ ଭଦ୍ରକ ଆଦି ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପଟେ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ଜାରି ରହିବ। ଏଥିପାଇଁ ରାଜ୍ୟର ବିଭିନ୍ନ ଜିଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି। ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରା ୩୬ ଡିଗ୍ରୀରୁ ୩୮ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବାକୁ ଥିବାବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୩୮ଡିଗ୍ରୀରୁ ୪୦° ମଧ୍ୟରେ ରହିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

# ଭାଙ୍ଗିପଡିଲା ସ୍କୁଲ ଆଜବେଷ୍ଟସ୍, ତଳକୁ ଖସି ୬ ଆହତ

**ଭୁବନେଶ୍ୱର,୧୪।୪ (ସୂର୍ଯ୍ୟକାନ୍ତ ବେହେରା)**

ପରିତ୍ୟକ୍ତ ସ୍କୁଲ ଘରର ଆଜ୍‌ବେଷ୍ଟସ ଉପରେ ବସି ଝାମୁ ଯାତ୍ରା ଦେଖିବା ମହଙ୍ଗା ପଡିଛି। ହଠାତ୍ ଆଜ୍‌ବେଷ୍ଟସ ଭାଙ୍ଗି ପଡିବାରୁ ଏହା ଉପରେ ବସିଥିବା ୬ଜଣ ତଳକୁ ଖସି ଆହତ ହୋଇଛନ୍ତି। କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲି ବସ୍ତିରେ ରବିବାର ଅପରାହ୍ନରେ ଏହି ଘଟଣା ଘଟିଛି। ଆହତମାନଙ୍କ ପରିଚୟ ଜଣାପଡି ନ ଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣ ନାବାଳକ ଥିବା ସୂଚନା ମିଳିଛି । ଖବର ପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ, କେଦାରପଲ୍ଲୀ ବସ୍ତିରେ ଝାମୁ ଯାତ୍ରା ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। ଭିଡ଼ ଭିତରେ କେତେଜଣ ପିଲା ଝାମୁଯାତ୍ରା ଦେଖି ନ ପାରି ନିକଟରେ ଥିବା ଏକ ସ୍କୁଲ ଘର ଉପରକୁ ଚଢ଼ି ଯାଇଥିଲେ। ସେଠାରେ ଏକାଠି ବସି ଝାମୁଯାତ୍ରା ଦେଖିଥିଲେ। ଉକ୍ତ ଘରଟି ପରିତ୍ୟକ୍ତ ଅବସ୍ଥାରେ ଥିବାବେଳେ ଆଜ୍‌ବେଷ୍ଟସ୍ ଛପର ଦୁର୍ବଳ ହୋଇପଡିଥିଲା। ଯାତ୍ରା ସରିଲା ପରେ ସମସ୍ତେ ଉକ୍ତ ଆଜ୍‌ବେଷ୍ଟସ ଉପରେ ଚାଲି ଚାଲି ତଳକୁ ଓହ୍ଲାଇବାକୁ ଯାଉଥିବାବେଳେ ତାହା ଭାଙ୍ଗି ପଡିଥିଲା। ଫଳରେ ସବୁ ପିଲା ତଳକୁ ଖସି ପଡିଥିଲେ। ଘର ଭିତରେ ପଡ଼ି ଚିତ୍କାର କରୁଥିଲେ ମଧ୍ୟ କବାଟ ବନ୍ଦ ଥିବାରୁ ବାହାରକୁ ଆସି ପାରି ନ ଥିଲେ। ଶେଷରେ ଉକ୍ତ ସ୍କୁଲ୍ ଘରର କବାଟ ଭାଙ୍ଗି ସମସ୍ତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସସ୍‌ଟେନେବିଲିଟି ଏକ୍ସିବିଶନ, ସ୍ଥାନ: ଲାବରେଟାରି ବିଲ୍ଡିଂ, ସମୟ: ସକାଳ ୯ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଏକାମ୍ର କ୍ଷେତ୍ର ଲିଙ୍ଗରାଜ ମାର୍କେଟ ଉପର ମହଲା, ସମୟ: ଅପରାହ୍ନ ୫ଟା।
- ଲାବଣ୍ୟ ନାଟ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ୪୬ତମ ବୈଶାଖୀ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା
- ୧୧ ତମ ବାର୍ଷିକୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଓ ଭଜନ ସମାରୋହ, ସ୍ଥାନ: ଭୁବନେଶ୍ୱର ମହାନଗର ନିଗମର ୪ନଂ. ୱାର୍ଡ ହଂସପାଳ ଗ୍ରାମର ବାଟ ମହାବୀରଙ୍କ ପୀଠସ୍ଥଳ, ସମୟ: ସନ୍ଧ୍ୟା ୬ଟା।
- ବାଦି ପାଲା ପରିବେଷଣ, ସ୍ଥାନ: ଭୁବନେଶ୍ୱର ମହାନଗର ନିଗମର ୪ନଂ. ୱାର୍ଡ ସୁନ୍ଦରାପାଟଣା-ରୁଦ୍ରପୁର ଗ୍ରାମର ମା' ଗେଲ୍ଲାଦେବୀ ପୀଠ, ସମୟ: ସନ୍ଧ୍ୟା ୭ଟା।
- ବାଦି ପାଲା ପରିବେଷଣ, ସ୍ଥାନ: ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଅଧୀନ ମହାନ୍ତିପାଟଣା ଗ୍ରାମର ମା' ବନଦୁର୍ଗାଙ୍କ ପୀଠସ୍ଥଳୀ, ସମୟ: ସନ୍ଧ୍ୟା ୭ଟା।

## କଟକ

- ନବବର୍ଷ ସମିତି ପକ୍ଷରୁ ୯୦ତମ ବଙ୍ଗୀୟ ନବବର୍ଷ ପାଳନ, ସ୍ଥାନ: କଟକ କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ମା'ଦେବୀ ବନଦୁର୍ଗାଙ୍କ ୬ଦିନିଆ ପୂଜାଉତ୍ସବର ତୃତୀୟ ଦିବସ, ସ୍ଥାନ: ବନଦୁର୍ଗା ଶକ୍ତିପୀଠ, ନାଗବସ୍ତ ଗ୍ରାମ, ନିମାପଡ଼ା, ସମୟ: ପ୍ରାତଃ ୫ଟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସନ୍ଧ୍ୟା ୭ଟା।
- ରାମଚରିତମାନସ ନବାହ୍ନ ପାରାୟଣ ପ୍ରବଚନ ଓ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଦ୍ୱିତୀୟ ଦିବସ, ସ୍ଥାନ: ମହାବୀରଙ୍କ ପୀଠ, ପୁରୁଣା ବସ୍‌ଷ୍ଟାଣ୍ଡ, ଗଡ଼ଅଣ୍ଡିଆ, ନିମାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଖଇରାକୁ ଏନ୍‌ଏସି ଘୋଷଣା ଦାବିରେ ଖଇରା ସ୍ୱାଭିମାନ ମଞ୍ଚର ପ୍ରତୀକ ଧାରଣାର ୮ମ ଦିବସ, ସ୍ଥାନ: ଖଇରା ବ୍ଲକ ସମ୍ମୁଖ ସୋର-କୁପାରୀ ରାସ୍ତା ପାର୍ଶ୍ୱ, ସମୟ: ପୂର୍ବାହ୍ନ ୧୦ଟା।
- ବାହାବଳପୁର ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ସଂଘ ପକ୍ଷରୁ ଫିସାରୀ ଅଫିସ ସମ୍ମୁଖରେ ଆନ୍ଦୋଳନ ଓ ଦାବିପତ୍ର ପ୍ରଦାନ, ସ୍ଥାନ: ଫିସାରୀ ଅଫିସ ସମ୍ମୁଖ, ବାହାବଳପୁର, ସଦର ବ୍ଲକ, ସମୟ: ପୂର୍ବାହ୍ନ ୧୦ଘଟିକା।
- ଅନ୍ତରା ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ଖଇରା ବ୍ଲକର ଅନ୍ତରା-ମହତିପୁର ହାଇସ୍କୁଲ ପଡିଆ, ସମୟ-ଅପରାହ୍ନ ୫ଟା।

## ଭଦ୍ରକ

- ଶ୍ରୀରାମ ନବମୀ ଉପଲକ୍ଷେ ୩ ପୀଠରୁ ଆଜ୍ଞାମାଳ ଯାତ୍ରା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସକାଳ ୮ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ମହିଳା କଳସ ଶୋଭାଯାତ୍ରା, ସ୍ଥାନ: ମହାବୀର ଘାଟରୁ ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଶ୍ରୀ ପଞ୍ଚମୁଖୀ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ କଳସ ଶୋଭାଯାତ୍ରା, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ, ସ୍ଥାନ: ଲୋକନାଥ ମନ୍ଦିର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ନବମୀ ଯଜ୍ଞ ଆରମ୍ଭ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।
- ଆଙ୍କୁଡ଼େଶ୍ୱରୀ ମନ୍ଦିର ପରିସରରେ କବି ସମ୍ମିଳନୀ, ସ୍ଥାନ: ବିନାୟକପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ଛେନାପଦି ବିଶତାରିଣୀ ମନ୍ଦିର, ହାଟଡ଼ିହୀ, ସମୟ: ସକାଳ ୫ ଟା।
- ବାବା ଶନିଶ୍ଚରଙ୍କ ପ୍ରଥମ ପାଳି ପୂଜା, ସ୍ଥାନ: ମଙ୍ଗଳପୁର, ହରିଡ଼ାପାଳ, ଆନନ୍ଦପୁର, ସମୟ: ସକାଳ ୭ ଟା।
- ମା' କୁଣ୍ଡୁଳାଇଙ୍କ ଉଦଯାପନୀ ଉତ୍ସବ, ସ୍ଥାନ: ଜଳସୁଆଁ, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କଂଗ୍ରେସ ସାମ୍ବାଦିକ ସମ୍ମିଳନୀ, ସ୍ଥାନ: କେନ୍ଦୁଝର କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୧ ଟା।
- ଭାଜପା କର୍ମୀ ବୈଠକ ଏବଂ ସମ୍ମିଳନୀ, ସ୍ଥାନ: ସୁଲଣ, ହାଟଡ଼ିହୀ, ସମୟ: ଅପରାହ୍ନ ୩ ଟା।
- ହନୁମାନ ମନ୍ଦିରରେ ବାର୍ଷିକ ଉତ୍ସବ, ପୂର୍ଣ୍ଣାହୁତୀ, ସ୍ଥାନ: ମରିଗାଁ, ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ ଓ ନଗର ପରିକ୍ରମା, ସ୍ଥାନ: କରଡ଼ାପାଳ, ବାତୋ, ଘସିପୁରା, ସମୟ: ଅପରାହ୍ନ ୪ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ବାତୋ, ଘସିପୁରା, ସମୟ: ସନ୍ଧ୍ୟା ୫ ଟା।
- ମା' ବିଶ ତାରିଣୀ ପୀଠଙ୍କ ଚଇତି ପର୍ବ ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ମଛାଳ, ଘସିପୁରା, ସମୟ: ସନ୍ଧ୍ୟା ୭ ଟା।
- ବାଦୀପାଲା ଅନୁଷ୍ଠିତ, ସ୍ଥାନ: ହସନପୁର, ଆନନ୍ଦପୁର, ସମୟ: ସନ୍ଧ୍ୟାା ୮ଟା।

## ମୟୂରଭଞ୍ଜ

- ମା' ଭୈରବୀଙ୍କ ପୀଠରେ ମହାଷ୍ଟମୀ ପୂଜା, ସ୍ଥାନ: ମଧୁବନ, ବାରିପଦା, ସମୟ: ସକାଳ ୮ଟା।
- ବାସନ୍ତୀ ପୂଜାର ଘଟଓ୍ୱୋଳନ, ସ୍ଥାନ: ବାଘଡ଼ା ରୋଡ୍, ବାରିପଦା, ସମୟ: ସକାଳ ୮ଟା।
- ଆମେ ୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୮ଟା।
- ଚଇତି ପରବ-୨୦୨୪ର ଆବରଣ ଓ ମାନସିକ ପୂଜା, ସ୍ଥାନ: ମାଣିଦା, ମୋରଡ଼ା, ସମୟ: ସକାଳ ୮ଟା।
- ବାସନ୍ତୀ ପୂଜାର ଘଟଓ୍ୱୋଳନ, ସ୍ଥାନ: ପତରାପଦା, ବଡ଼ସାହି, ସମୟ: ସକାଳ ୯ଟା।
- ମା' ବାସନ୍ତୀ ଦୁର୍ଗାଙ୍କ ମହାସପ୍ତମୀ ପୂଜା, ସ୍ଥାନ: ବାସନ୍ତୀ ଦୁର୍ଗା ପୂଜା ମଣ୍ଡପ, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟପ୍ରହର ନଗର ସଂକୀର୍ତ୍ତନ ଓ ପ୍ରସାଦ ସେବନ, ସ୍ଥାନ: ଭଞ୍ଜପୁର, ବାରିପଦା, ସମୟ: ଅପରାହ୍ନ ୨ଟା।
- ବଳାଙ୍ଗୀ ମହୋତ୍ସବର ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ବୁଢ଼ାବଳଙ୍ଗ, ଚିପଟ ଓ ଇଟାଯୋଡ଼ି ନଦୀର ସଙ୍ଗମ ପୀଠ ବାଲୁକାଶଯ୍ୟା, ବାରିପଦା, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ପ୍ରାଣୀ ବିଜ୍ଞାନ ବିଭାଗ ଶେଷ ବର୍ଷ ଛାତ୍ରୀଛାତ୍ରମାନଙ୍କୁ ବିଦାୟ ସମ୍ବର୍ଦ୍ଧନା,ସ୍ଥାନ:ବୁଗୁଡା ପିପୁଲ୍ଲ କଲେଜ,ସମୟ: ପୂର୍ବାହ୍ନ ୧୦ଟା ୩୦ମିନିଟ।

## ଢେଙ୍କାନାଳ

- କବିଭୂଷଣ ସ୍ମୃତି ସଂସଦର ବାର୍ଷିକ ଉତ୍ସବ, ସ୍ଥାନ: ଗୋପବନ୍ଧୁ ଟାଉନହଲ ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା୩୦।

## ଅନୁଗୋଳ

- ନିର୍ବଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୋଷ୍ଟାଲ ବାଲାଟ୍ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ଜଗତ୍‌ସିଂହପୁର

- ଶ୍ରୀ ଜଗନ୍ନାଥଙ୍କ ଚବିଶ ବେଶ ପ୍ରଦର୍ଶନ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ନାଉଗାଁ ବ୍ଲକ ତିହୁଡ଼ାସ୍ଥିତ ମା'ଜଗୁଲାଇଙ୍କ ପୀଠ, ସମୟ: ସକାଳ ୬ଟା।
- ଆନ୍ତର୍ଜାତୀୟ ଗୋସୋକୁରିୟୁ କରାଟେ ସଂଘ ପକ୍ଷରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାରା ରୋପଣ, ସ୍ଥାନ: ଉଦୟବଟ, ଭିତରଗଡ, ପାରାଦୀପ, ସମୟ: ସକାଳ ୮ଟା।
- ମା'ବାସନ୍ତୀ ଦୁର୍ଗାଦେବୀ ପୂଜା ଆରମ୍ଭ, ସ୍ଥାନ: ଜଗନ୍ନାଥ ତୋଳା, ରଘୁନାଥପୁର, ସମୟ: ପ୍ରାତଃ ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ନାଉବେଲାରି ଗ୍ରାମ, ଜିରାଇଲୋ ପଞ୍ଚାୟତ, ଏରସମା ବ୍ଲକ, ସମୟ: ଅପରାହ୍ନ ୫ଟା।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ସହାଯଜ୍ଞ, ସ୍ଥାନ: ଶ୍ରୀମହାବୀର ପୀଠ, ନିକିରାଇ, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ଶ୍ରୀରାମ ଜନ୍ମୋତ୍ସବ, ସ୍ଥାନ: ଅଳପୁଆ, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ଝାମୁଯାତ୍ରା, ସ୍ଥାନ: ମା' ରାମଚଣ୍ଡୀ ମନ୍ଦିର, ମହାକାଳପଡ଼ା, ସମୟ: ସକାଳ ୮ଟା।
- ରାମଚରିତ ମାନସ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ମହାବୀର କ୍ଲବ ପକ୍ଷରୁ ୧୬ତମ ଜିଲାସ୍ତରୀୟ ଲୋକ ଉତ୍ସବ ମହକ ୨୦୨୪, ସ୍ଥାନ- ଝାଡମାଳ, ରାଜକନିକା, ସମୟ- ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ନାମଯଜ୍ଞ, ସ୍ଥାନ- ମହାବୀର ଆଶ୍ରମ, ଗରାପୁର, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା।
- ମହାଷ୍ଟମୀ ପୂଜା ଓ ବଳିଦାନ ପର୍ବ, ସ୍ଥାନ- ମାଆ ବାସନ୍ତୀ ପୀଠ, ଚାଟରା, ଡେରାବିଷ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- କଳିଙ୍ଗନଗର ଶିଳ୍ପାଞ୍ଚଳ ବିସ୍ଥାପିତଙ୍କ ଧାରଣା, ସ୍ଥାନ: ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ: ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ମା' ସିଂହାରଶୁଣୀଙ୍କ ବାର୍ଷିକ ଯଜ୍ଞ ଉତ୍ସବରେ ବାଲ ଗୋପାଳଙ୍କ ବାଲ୍ୟଲିଳା, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଚୋରମୁହାଁ ପଞ୍ଚାୟତର ସିଂହାରସାହି, ସମୟ: ସକାଳ ୯ଟା।

## ରାୟଗଡ଼ା

ବିଷୁବ ବନ୍ଧୁ ମିଳନର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଅଶୋକ କଲ୍ୟାଣ ମଣ୍ଡପ, ରାୟଗଡ଼ା, ସମୟ: ସନ୍ଧ୍ୟା ୬ଟା ।

## ନବରଙ୍ଗପୁର

- ଠାକୁରାଣୀ ଯାତ୍ରା ଆରମ୍ଭ , ସ୍ଥାନ: ଝରିଗାଁ, ସମୟ: ରାତି ୯ଟା ।

## ସମ୍ବଲପୁର

- ଷୋହଳ ପ୍ରହରୀ ନାମଯଜ୍ଞ ଉଦ୍‌ଯାପନୀ, ସ୍ଥାନ: ଦେବେଇପାଲି, ସମୟ: ସକାଳ ୮ଟା।
- ସମ୍ବଲପୁରୀଆ ଗ୍ରୁପର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସକାଳ ୯ଟା।
- ଚୈତ୍ର ନବରାତ୍ର ଉପଲକ୍ଷେ ମାନସିକ ଦୀପ ପ୍ରଜ୍ୱୋଳନ, ସ୍ଥାନ: ସମଲେଇ ମନ୍ଦିର ଦୀପ ଘର, ସମୟ: ସକାଳ ୯ଟା।
- ବାସନ୍ତିକ ନବରାତ୍ର ପୂଜାର୍ଚ୍ଚନା, ସ୍ଥାନ: ବହିଦାର ନୂଆପାଲିସ୍ଥିତ କାମାକ୍ଷାଦେବୀ ମନ୍ଦିର, ସମୟ: ସକାଳ ୯ଟା।
- ବିକାଶ ଡାକ୍ତରଖାନାରେ ୟୁରୋଲୋଜି ସର୍ଜରୀ ୟୁନିଟ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ବରେଇପାଲି ଶିଳ୍ପାଞ୍ଚଳ ସ୍ଥିତ ବିକାଶ ହସ୍‌ପିଟାଲ, ସମୟ: ମଧ୍ୟାହ୍ନ ୧୨ଟା।
- ସମଲେଇ ଭଜନ ଉନ୍ମୋଚନ ଉତ୍ସବ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା।
- ଆଞ୍ଚଳିକ ରାମଲୀଳା ମହୋତ୍ସବ, ସ୍ଥାନ: କୁସୁମି ଗ୍ରାମ, ସମୟ: ରାତି ୧୦ଟା।

## ବଲାଙ୍ଗୀର

- ଲୋଇସିଂହା ବ୍ଲକ ବୁର୍ଡ଼ା ଭଗବତ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ବୁଡା ମଧ୍ୟମ ପଡା, ସମୟ: ସକାଳ ୯ଟା।
- ବିଜୁ ମହିଳା ଜନତା ଦଳର ସମ୍ମିଳନୀ, ସ୍ଥାନ: କଣ୍ଟାବାଞ୍ଜି ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା୩୦।
- ଟିଟିଲାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ:ଅପରାହ୍ନ ୪ଟା ୩୦।

## ସୁବର୍ଣ୍ଣପୁର

- ନବରାତ୍ରୀର ସପ୍ତମ ଦିବସ, ସ୍ଥାନ: ଦୁର୍ଗା ମନ୍ଦିର, ବୀରମହାରାଜପୁର, ସମୟ : ସକାଳ ୯ଟା ୩୦ଟା।
- ଚତୁର୍ଥ ସୌମିତ୍ରୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ, ସ୍ଥାନ: ସିଣ୍ଢୋଲ ଖେଳପଡିଆ, ଉଲୁଣ୍ଡା ବ୍ଲକ, ସମୟ: ଅପରାହ୍ନ : ୨ଟା।
- ସଙ୍କୀର୍ତ୍ତନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ଶୃଙ୍ଗଦର, ବୀରମହାରାଜପୁର, ସମୟ : ଅପରାହ୍ନ ୪ ଟା।
- ଦ୍ୱିତୀୟ ଅମରପାଲି ଫ୍ଲଡ ଲାଇଟ କ୍ରିକେଟ କପ୍‌ର ଫାଇନାଲ ମ୍ୟାଚ, ସ୍ଥାନ: ଅମରପାଲି,ବୀରମହାରାଜପୁର, ସମୟ: ସନ୍ଧ୍ୟା ୯ ଟା।

## ରାଉରକେଲା

- ବାସନ୍ତୀ ପୂଜାର ମହାସପ୍ତମୀ, ସ୍ଥାନ: ସେକ୍ଟର-୩, ସମୟ: ପୂର୍ବାହ୍ନ ୧୦ଟା।
- ଅଗ୍ନିସୁରକ୍ଷା ସପ୍ତାହ ପାଳନ, ସ୍ଥାନ: ରାଜ୍ୟ ଅଗ୍ନିଶମ କାର୍ଯ୍ୟାଳୟ, ସମୟ: ୧୦ଟା।
- ବାଟମା ମଙ୍ଗଳାଙ୍କ ମହାସପ୍ତମୀ ପୂଜା, ସ୍ଥାନ: ଜଗଦା, ସମୟ: ପୂର୍ବାହ୍ନ ୯ଟା।

## ବରଗଡ଼

- ବାସନ୍ତୀକ ନବଦିନାତ୍ମକ ମହୋତ୍ସବ, ସ୍ଥାନ: ମାଁ ଶ୍ୟାମାକାଳୀ ମନ୍ଦିର ବରଗଡ଼, ସମୟ: ସକାଳ ୭ଟା।
- ବାସନ୍ତୀକ ନବଦିନାତ୍ମକ ପୂଜନୋତ୍ସବ,ସ୍ଥାନ: ସମଲେଶ୍ୱରୀ ମନ୍ଦିର ବରଗଡ଼, ସମୟ: ସକାଳ ୭ଟା।
- ଚୈତ୍ର ବାସନ୍ତୀକ ନବରାତ୍ର ପୂଜା, ସ୍ଥାନ: ସମଲେଶ୍ୱରୀ ଦେବୀପୀଠ ଗୁଡ଼େଶିରା, ସମୟ: ସକାଳ ୭ଟା।
- ମା' ବାଟମଙ୍ଗଳାଙ୍କ ବାସନ୍ତୀକ ଦୁର୍ଗାପୂଜା, ସ୍ଥାନ: ବିଶାଳପାଲି, ସମୟ: ସକାଳ ୭ଟା।

## କଳାହାଣ୍ଡି

- ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ଓ ନଗର କୀର୍ତ୍ତନ ଗ୍ରାମ ପରିକ୍ରମା, ସ୍ଥାନ: କେସିଙ୍ଗା ବ୍ଲକ ବାଲସିଗ୍ରାମସ୍ଥିତ ତାରିଣୀ ଛକ, ସମୟ: ସକାଳ ୯ଟା ୩୦ମିନିଟ୍।
- ଭାଜପାର ମିଶ୍ରଣ ପର୍ବ ଓ କାର୍ଯ୍ୟକର୍ତ୍ତା ସମ୍ମିଳନୀ, ସ୍ଥାନ: ଜୁନାଗଡ଼ ମୋନାର୍କ ପ୍ୟାଲେସ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ୧୧ ଜାତିର ଆଦିବାସୀ ମହାସମାବେଶ, ସ୍ଥାନ: କୋମନା ବ୍ଲକ ସୁନାବେଡ଼ା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଆଦିବାସୀ ନେତାଙ୍କ ଭୁଞ୍ଜିଆଙ୍କ ଇଷ୍ଟଦେବୀ ସୁନାଦେଈ ଦର୍ଶନ। ସ୍ଥାନ: କୋମନା ବ୍ଲକ ସୁନାବେଡା ସୁନାଦେଈ ମନ୍ଦିର, ସମୟ: ୧୦ ୩୦ ମିନିଟ୍।

## ବୌଦ୍ଧ

- ଖୁଣ୍ଟିଗୋରା ପଞ୍ଚାୟତର ମଶିଣାଗୋରାରେ ହନୁମାନ ଜୟନ୍ତୀ ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: ମଶିଣାଗୋରା କୁଞ୍ଜ ମଣ୍ଡପ, କଣ୍ଟାମାଳ, ସମୟ : ସକାଳ ୬ ଟା।
- ଘଣ୍ଟାପଡାସ୍ଥିତ କଲୋନୀପଡାରେ ଷୋହଳ ପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: କଲୋନୀପଡା ଗ୍ରାମ୍ୟମଣ୍ଡପ,କଣ୍ଟାମାଳ ବ୍ଲକ, ସକାଳ ୬ଟା।

## ଦେବଗଡ଼

- ନବରାତ୍ର, ବାସନ୍ତିକ ଦୁର୍ଗାପୂଜାର ସପ୍ତମ ଦିବସ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ପ୍ରଧାନ ପାଟେଶ୍ୱରୀ ମନ୍ଦିର ଦେବଗଡ, ସମୟ: ପୂର୍ବାହ୍ନ ୧୦ଟା।
- ନବରାତ୍ର, ବାସନ୍ତିକ ଦୁର୍ଗା ପୂଜା ଅବସରରେ ପ୍ରସାଦ ବଣ୍ଟନ, ସ୍ଥାନ: ଦକ୍ଷିଣ କାଳୀ ମନ୍ଦିର, ଶନି ମନ୍ଦିର ଦେବଗଡ, ସମୟ: ଅପରାହ୍ନ ୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପ୍ରଶାସନିକ ସଫଳତା, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ ସହ ସମ୍ମାନଜନକ ସ୍ଥିତିରେ ରହିବେ। କୃତ୍ତିକା ନକ୍ଷତ୍ର ବନ୍ଧୁଙ୍କ ଅନୁରୋଧରେ ନୂତନ ସ୍ଥାନ ବୁଲିଯିବାର ସମ୍ଭାବନା ରହିଛି। ସଭାସମିତିରେ, ଆନୁଷ୍ଠାନିକ କାମରେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଅଧ୍ୟାପନା, ରଚନାତ୍ମକ କାର୍ଯ୍ୟ, ନୃତ୍ୟ, ସଙ୍ଗୀତାଦି କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ**
ମୃଗଶିରା ନକ୍ଷତ୍ର ଗୁଡାଏ ଭାବନାକୁ ନେଇ ବ୍ୟସ୍ତ ହେବେ କିନ୍ତୁ କିଛି ଅସୁବିଧା ହେବ ନାହିଁ। ଆଜି ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କରିବା ଭଲ । ଯେତେ ପାଇଲେ ମଧ୍ୟ ଅଭାବ ଲାଗି ରହିବା କାରଣରୁ ହାତ ସବୁବେଳେ ଖାଲିରହିବ। ପରିବାରରେ ଅଯଥା କଳହରୁ ଦୂରେଇ ରହିବା ଭଲ ନଚେତ୍ ଅଶାନ୍ତ ରହିପାରନ୍ତି।

**ମିଥୁନ**
ଆଜି ଯେମିତି ଯାହା ଚିନ୍ତା କରିବେ ତଦନୁସାରେ କୌଣସି କାମରେ ଅଟକିବେ ନାହିଁ। ମାତ୍ର ଆରଦ୍ରା ନକ୍ଷତ୍ର ପାଇଁ ବନ୍ଧୁଙ୍କ ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ହେବ ଏବଂ ତ୍ୟାଗପୂତ ମନୋଭାବରୁ ସାମାଜିକ ସ୍ତରରେ ପ୍ରତିଷ୍ଠିତ ହେବେ। ଧାତୁଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**କର୍କଟ**
ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ସମ୍ଭାବନା ରହିଛି। ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ। ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। ଅଶ୍ଳେଷାର ମନୋବଳ ଟାଣ ରହିବ ଏବଂ ନିଜ ଜିଦ୍‌ରେ ଅଟଳ ରହି କାମ ହାସଲ କରିବେ।

**ସିଂହ**
ଆଜିର ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ନଷ୍ଟ ହୋଇପାରେ। ଉତ୍ତରା ଫାଲଗୁନୀ ନକ୍ଷତ୍ରର ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। କଳା, ସାହିତ୍ୟ, ସଙ୍ଗୀତ ଓ କ୍ରୀଡା କ୍ଷେତ୍ରରୁ ସୁନାମ ଅର୍ଜନ କରିବେ।

**କନ୍ୟା**
ଲାଭାଧିପତି କର୍ମସ୍ଥାନରେ ଥିବାରୁ ଅର୍ଥ, ସମ୍ମାନ, କାର୍ଯ୍ୟାରମ୍ଭରେ ଅନୁକୂଳ ବାତାବରଣ ସୃଷ୍ଟି କରିବେ। ହଠାତ୍ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବ୍ୟକ୍ତି ସାହାଯ୍ୟ କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେବ। ଆନୁଷ୍ଠାନିକ କାମ, ସାହିତ୍ୟ, କଳା କ୍ଷେତ୍ରରେ ଉଚ୍ଚପ୍ରଶଂସା ପାଇବେ।

**ତୁଳା**
କର୍ମାଧିପତି ଭାଗ୍ୟସ୍ଥାନରେ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟମ୍ଭାବୀ। ଭାବପ୍ରବଣତା କିମ୍ବା ଅନ୍ୟମନସ୍କତା କାରଣରୁ କେତେକ ଭୁଲ କରିପାରନ୍ତି। ସ୍ୱାତୀ ନକ୍ଷତ୍ରର ଦୈହିକ ସ୍ୱାସ୍ଥ୍ୟ ଅପରିବର୍ତ୍ତିତ ରହିବ ଓ କାମ ସୁବିଧାରେ ସମ୍ପନ୍ନ ହୋଇପାରିବ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ବିଛା**
ସାମାଜିକ ସ୍ତରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ଅନୁରାଧା ନକ୍ଷତ୍ରର ପାରିବାରିକ ସମସ୍ୟା ଊଣା ହେବା ବଦଳରେ କ୍ରମଶଃ ବୃଦ୍ଧି ପାଇବ। ଅଯଥା ରାଗି ଅନ୍ୟମାନଙ୍କ ସହ ଥିବା ସମ୍ପର୍କକୁ ଖରାପ କଲାଭଳି କାମ କରନ୍ତୁ ନାହିଁ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**ଧନୁ**
ଉତ୍ତରାଷାଢା ନକ୍ଷତ୍ରର ଅର୍ଥାଭାବ ଯୋଗୁ କେତେକ କାମ ଅସମ୍ପୂର୍ଣ୍ଣ ରହିପାରେ। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସମ୍ଭାବନା ରହିଛି। ପରିବହନ କ୍ଷେତ୍ରରେ ସମସ୍ୟାର ସମାଧାନ କୌଣସି ସହୃଦୟ ବ୍ୟକ୍ତିଙ୍କ ଦ୍ୱାରା ହୋଇପାରେ। ଆଲୋଚନା ପରିସରରେ ବନ୍ଧୁଙ୍କ ପକ୍ଷପାତିତା ମନରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ।

**ମକର**
ମୁଖଭାବସ୍ଥ ଶନି ଓ ମଙ୍ଗଳ କଠୋର ବାକ୍ୟାଳାପ ସାଙ୍ଗକୁ ମନକୁ ବିକ୍ଷିପ୍ତ ଭାବନାରେ ଅସ୍ଥିର କରାଇବ। ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ଆଶଙ୍କା ରହିଛି। ପରିବହନ, ନିର୍ମାଣ, ପ୍ରଶାସନିକ କ୍ଷେତ୍ରରେ, ଶିକ୍ଷାରେ ସଫଳତା ଲାଭ କରିବେ। ଉତ୍ତରାଷାଢା ନକ୍ଷତ୍ରକୁ ଆନୁଷ୍ଠାନିକ କାମ କିମ୍ବା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ମିଳିବ।

**କୁମ୍ଭ**
ମଙ୍ଗଳଜନିତ ମସ୍ତିଷ୍କ ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ଆଲୋଚନା ସମୟରେ ଅପ୍ରିୟ ସତ୍ୟକଥା ବନ୍ଧୁଙ୍କ ମନରେ ଦୁଃଖ ଦେଇପାରେ। ହଠାତ୍ ଦୂରଯାତ୍ରା କରିବା ପାଇଁ ମନ ବଳାଇବେ। ପରିବାରରେ ପିଲାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରନ୍ତୁ। ପୂର୍ବଭାଦ୍ରବ ନକ୍ଷତ୍ର ସକାଶେ ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇପାରେ।

**ମୀନ**
ଉଚ୍ଚସ୍ଥ ଶୁକ୍ରଙ୍କ ସୁପ୍ରଭାବରୁ ହସ,ଖୁସି, ଆନନ୍ଦ ମଧ୍ୟରେ ଦିନଟି ଅତିବାହିତ ହେବ। ନିକଟ ଅତୀତରେ କାମ ହାସଲ ପାଇଁ ବନ୍ଧୁଙ୍କ ନିକଟରୁ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ବହୁତ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ।

ଆଜି ଏପ୍ରିଲ ୧୫ ତାରିଖ, ଚୈତ୍ର ଶୁକ୍ଳ ସପ୍ତମୀଯୁକ୍ତ ଅଷ୍ଟମୀ ସୋମବାର, ପୀଠେ ମହାଷ୍ଟମୀ ପୂଜା, ମୃଣ୍ମୟୀ ଦେବୀଙ୍କ ସପ୍ତମୀ ପୂଜା, ଶ୍ରୀ ଲିଙ୍ଗରାଜଦେବଙ୍କ ରଥ ପ୍ରତିଷ୍ଠା, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ, ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୫।୩୨ ଗତେ, ଘ.୦୭।୦୫ ମଧ୍ୟେ, ଘ.୧୦।୩୧ ଗତେ, ଘ.୦୧।୦୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୦୫ ଗତେ, ଘ.୦୮।୩୯ ମଧ୍ୟେ ରାହୁ କାଳ ।

## ପ୍ରଥମ ପୃଷ୍ଠାରୁ...

### ୨୧ ଗ୍ରାମର ଲୋକେ ...

ସହ ସବୁବେଳେ ମିଶିକି ରହିଥିବାବେଳେ ପ୍ରତ୍ୟେକ ସରକାରୀ ସହାୟତା ଯୋଗାଇ ସେମାନଙ୍କ ଦୁଃଖ ଦୂର କରିବାରେ ମୁଖ୍ୟ ଭୂମିକା ନେଇଛି। ଯେଉଁଥିପାଇଁ କି ଆନ୍ଧ୍ର ପାଇଁ ସେମାନେ ଅନେକ ଉନ୍ନୟନମୂଳକ କାର୍ଯ୍ୟରେ ଉପକୃତ ହୋଇପାରିଛନ୍ତି। ଦେଶର ନାଗରିକ ଭାବେ ମତଦାନ ସାବ୍ୟସ୍ତ କରିବାର ସମସ୍ତଙ୍କ ଅଧିକାର ରହିଛି। ସେହିପରି ଓଡ଼ିଶା ସରକାର ମଧ୍ୟ ସେମାନଙ୍କ ଗ୍ରାମରେ ଅନେକ କିଛି ଉନ୍ନତି କରିଛନ୍ତି। ତେଣୁ ନିର୍ବାଚନ ସମୟରେ ପ୍ରଥମେ ଓଡ଼ିଶାର ବୁଥ୍‌ରେ ଭୋଟ ଦେବା ପରେ ଆନ୍ଧ୍ର ମତଦାନ କେନ୍ଦ୍ରରେ ପହଞ୍ଚି ଭୋଟ୍ ଦେବେ ବୋଲି ଗ୍ରାମବାସୀ ମତପ୍ରକାଶ କରୁଛନ୍ତି। ଇତିମଧ୍ୟରେ ଆନ୍ଧ୍ରର ଦୁଇ ଦଳ ୱାଇଏସ୍‌ଆର କଂଗ୍ରେସ ଏବଂ ତେଲଗୁ ଦେଶମ ପାର୍ଟିର ବିଧାୟକ ପ୍ରାର୍ଥୀ କୋଟିଆ ପଞ୍ଚାୟତର ସୀମାନ୍ତ ଉପର ଗଞ୍ଜେଇ ପଦର, ଉପରସେମ୍ବି, ତଳସେମ୍ବି, ଧୂଳିପଦର ଆଦି ଗ୍ରାମରେ ଦୁଇଥର ପହଞ୍ଚି ନିଜ ସପକ୍ଷରେ ଭୋଟ ଭିକ୍ଷା କରିସାରିଲେଣି। ହେଲେ ଓଡ଼ିଶାର କୌଣସି ଦଳୀୟ ପ୍ରାର୍ଥୀ ଏଯାବତ୍ ନିର୍ବାଚନ ପ୍ରଚାର ବା ଭୋଟ ଭିକ୍ଷା କରିବାକୁ ପହଞ୍ଚି ନାହାନ୍ତି। ଏଥିରୁ ଓଡ଼ିଶାର ରାଜନୈତିକ ଦଳଗୁଡ଼ିକର କୋଟିଆ ପ୍ରତି କେତେ ଆନ୍ତରିକତା ରହିଛି, ତାହା ଏଥିରୁ ସ୍ପଷ୍ଟ ବାରିହୋଇପଡୁଛି ବୋଲି ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶାର ଯେଉଁସବୁ ରାଜନେତା ଆନ୍ଧ୍ରର ପଞ୍ଚାୟତ ନିର୍ବାଚନ ସମୟରେ ବିରୋଧ କରି ନିଜର ପତିଆରା ଦେଖାଇଥିଲେ ସେମାନଙ୍କ ମଧ୍ୟରୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ବିଜେଡି ବିଧାୟକ ପ୍ରୀତମ ପାଢ଼ୀ ପ୍ରମୁଖଙ୍କୁ ଫୋନ ଯୋଗେ ମତାମତ ଲୋଡ଼ାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। କଂଗ୍ରେସର ରାଜ୍ୟ ଆଦିବାସୀ ସେଲ୍ ସଭାପତି ଜୟରାମ ପାଙ୍ଗିଙ୍କ କହିବା ହେଲା କୋଟିଆର ୨୧ ସୀମାନ୍ତ ଗ୍ରାମରେ ଆନ୍ଧ୍ରର ନିର୍ବାଚନକୁ ଆମେ ସବୁବେଳେ ବିରୋଧ କରିଆସୁଛୁ। ହେଲେ ଆନ୍ଧ୍ର ଏହା ଶୁଣୁନାହିଁ। ଏଥିପାଇଁ ସମସ୍ତ ରାଜନେତା ମୁହଁ ଖୋଲିବାର ଆବଶ୍ୟକତା ରହିଛି ବୋଲି ପାଙ୍ଗୀ କହିଛନ୍ତି। ସୂଚନାଥାଉକି. ୧୯୭୪ ମସିହାରୁ କୋଟିଆ ପଞ୍ଚାୟତବାସୀ ଉଭୟ ଓଡିଶା ଏବଂ ଆନ୍ଧ୍ରକୁ ନିର୍ବାଚନ ସମୟରେ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଆସୁଛନ୍ତି।

### ଘନେଇଲା ଯୁଦ୍ଧ ...

ଏଥିରେ ଇସ୍ରାଏଲ୍‌ର ଦକ୍ଷିଣ ଭାଗରେ ଥିବା ନେଭେଗ୍ ମରୁଭୂମିର ଏକ ସାମରିକ ଶିବିର ଧ୍ୱସ୍ତ ହୋଇଯାଇଛି। ତେବେ ଏଥିରୁ ୯୯%ରୁ ଅଧିକ ଅସ୍ତ୍ରକୁ ଇସ୍ରାଏଲର ଏୟାର ଡିଫେନ୍ସ ସିଷ୍ଟମ୍ ଖସାଇଦେଇଥିବା ଇସ୍ରାଏଲୀ ପ୍ରତିରକ୍ଷା ବଳ ଦାବି କରିଛି। ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ମୁଖପାତ୍ର ରିଅର ଆଡ୍‌ମିରାଲ ଡାନିଏଲ ହାଗାରି 'ଟାଇମ୍ସ ଅଫ୍ ଇସ୍ରାଏଲ'କୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ଇରାନ୍ ଆକ୍ରମଣରେ ବାୟୁସେନା ଘାଟି (ନେଭାଟିମ୍ ଏୟାରବେସ୍) ସାମାନ୍ୟ କ୍ଷତିଗ୍ରସ୍ତ ହୋଇଛି। ତେବେ ନେଗେଭ୍ ରିଜିଅନ୍‌ର ଜଣେ ୭ ବର୍ଷୀୟା ମୁସଲମାନ୍ ଝିଅଙ୍କ ସମେତ ୧୨ ଜଣ ଏଥିରେ ଆହତ ହୋଇଛନ୍ତି।

ଅଲ୍ ଜଜିରାରେ ପ୍ରକାଶିତ ରିପୋର୍ଟ ଅନୁସାରେ ତେହରାନ୍ ପକ୍ଷରୁ ଇରାନ୍, ଇରାକ୍ ଓ ୟେମେନ୍‌ରୁ ୩୦୦ରୁ ଅଧିକ ପ୍ରୋଜେକ୍ଟାଇଲ୍ ଜରିଆରେ ଆକ୍ରମଣ କରାଯାଇଥିଲା। ତନ୍ମଧ୍ୟରେ ୧୭୦ଟି ଡ୍ରୋନ୍, ୩୦ କ୍ରୁଜ୍ ମିଶାଇଲ ଏବଂ ୧୩୦ ବାଲିଷ୍ଟିକ୍ ମିଶାଇଲ ରହିଥିଲା। ସେଥିରୁ ଅଧିକାଂଶକୁ ଇସ୍ରାଏଲ୍ ଅକାମୀ କରିଦେଇଛି। ଏହି କ୍ଷେତ୍ରରେ ଆମେରିକା ନିଜ ସେନାର ଏୟାରକ୍ରାଫ୍ଟ ଏବଂ ବାଲିଷ୍ଟିକ୍ ଡିଫେନ୍ସ ଡେଷ୍ଟ୍ରୟର୍ସ ମୁତୟନ କରି ଇସ୍ରାଏଲକୁ ସହଯୋଗ କରିଥିବା କୁହାଯାଉଛି। ଇତିମଧ୍ୟରେ ହ୍ୱାଇଟ୍ ହାଉସ୍‌ର ସିଚ୍ୟୁଏଶନ୍ ରୁମ୍‌ରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଟିମ୍ ସମେତ ବରିଷ୍ଠ ଅଧିକାରୀମାନଙ୍କ ସହ ସ୍ଥିତିର ସମୀକ୍ଷା କରିଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ବାଇଡେନ୍‌ଙ୍କ ସହ ଫୋନ୍‌ରେ ଆଲୋଚନା କରିଛନ୍ତି। ବାଇଡେନ୍ ଇସ୍ରାଏଲ୍‌କୁ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏହି ଘଟଣା ପରେ ଉତ୍ତେଜନା ବୃଦ୍ଧିକୁ ଏଡ଼ାଇବା ପାଇଁ ନେତାନ୍ୟାହୁଙ୍କୁ ବାଇଡେନ୍ ପରାମର୍ଶ ଦେଇଥିବା ଜଣାପଡ଼ିଛି। ଦୁଇଦେଶକୁ ସଂଯମ ରହିବା ପାଇଁ ବିଶ୍ୱନେତାମାନେ ପରାମର୍ଶ ଦେଇଛନ୍ତି। ତେହରାନ୍‌ର ଏୟାର ଷ୍ଟ୍ରାଇକ୍‌କୁ ବ୍ରିଟେନ୍, ଫ୍ରାନ୍ସ ଓ ଜର୍ମାନୀ ନିନ୍ଦା କରିବା ପରେ ଏହି ଦେଶଗୁଡ଼ିକର ରାଷ୍ଟ୍ରଦୂତମାନଙ୍କୁ ଇରାନ୍‌ର ବହିର୍ବ୍ୟାପାର ମନ୍ତ୍ରଣାଳୟ ସମନ୍ କରିଛି। ଏହି ୩ ଦେଶ ଦୋମୁହାଁ ନୀତି ଅବଲମ୍ବନ କରୁଥିବା ମନ୍ତ୍ରଣାଳୟ କହିଛି। ତେହରାନ୍‌ସ୍ଥିତ ଇମାମ୍ ଖୋମ୍‌ନେଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ଆକ୍ରମଣ ଆଶଙ୍କାରେ ସୋମବାର ପର୍ଯ୍ୟନ୍ତ ସମସ୍ତ ଫ୍ଲାଇଟ୍ ଚଳାଚଳକୁ ଇରାନ୍‌ର ସିଭିଲ ଆଭିଏଶନ୍ ଅର୍ଗାନାଇଜେଶନ୍ ପକ୍ଷରୁ ବନ୍ଦ କରିଦିଆଯାଇଛି। ସେହିପରି ତେହରାନ୍‌ରୁ ମେହରାବାଦ ଏୟାରପୋର୍ଟ ଏବଂ ଦେଶ ଭିତର ଅନ୍ୟ କେତେକ ବିମାନବନ୍ଦରକୁ ଘରୋଇ ବିମାନ ଚଳାଚଳ ଉପରେ ମଧ୍ୟ ରୋକ୍ ଲଗାଯାଇଛି।

### ସଲ୍‌ମାନଙ୍କ ଘରକୁ ...

ଗତ କିଛି ବର୍ଷ ହେଲା ଗ୍ୟାଙ୍ଗଷ୍ଟରମାନେ ଅଭିନେତାଙ୍କୁ ଧମକ ଦେଇ ଆସୁଛନ୍ତି। ଜେଲରେ ଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ଭାଇ ଅନମୋଲ ବିଷ୍ଣୋଇ ଉକ୍ତ ଗୁଳିକାଣ୍ଡ ପାଇଁ ନିଜକୁ ଦାୟୀ କରିଛି। ଏକ ସୋସିଆଲ ମିଡିଆ ପୋଷ୍ଟରେ ସେ ଏହା ଜଣାଇବା ସହ ଉକ୍ତ ଗୁଳିକାଣ୍ଡ କେବଳ ଏକ ଟ୍ରେଲର ଥିଲା ବୋଲି କହିଛନ୍ତି। ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲା ହତ୍ୟା ମାମଲାର ଅଭିଯୁକ୍ତ ଅନମୋଲ ଦୀର୍ଘଦିନ ହେଲା ଫେରାର ଅଛନ୍ତି। ସେ ଆମେରିକାରେ ଲୁଚିଥିବା କୁହାଯାଇଛି।

### ଦ୍ୱିତୀୟ ପର୍ଯ୍ୟାୟରେ ...

ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଝିଅ ଦେବସ୍ମିତା ଶର୍ମାଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନମଣ୍ଡଳୀ ହିଞ୍ଜିଳି ଆସନରେ ରଞ୍ଜିକାନ୍ତ ପାଢ଼ୀ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି। ତେବେ ନିକଟରେ ଜଟଣୀ ନିର୍ବାଚନମଣ୍ଡଳୀର ନେତା ସନ୍ତୋଷ ଜେନା କଂଗ୍ରେସରେ ମିଶିବା ନେଇ ଭୁବନେଶ୍ୱର କଂଗ୍ରେସ ଭବନରେ ହାଇଡ୍ରାମା ଦେଖିବାକୁ ମିଳିଥିଲା। ତାଙ୍କୁ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ(ସୁର)ଙ୍କ ବଡ଼ ପୁଅ ସିଦ୍ଧାର୍ଥ ରାଉତରାୟ ଦଳରେ ମିଶାଇବା ପାଇଁ ସାଙ୍ଗରେ କଂଗ୍ରେସ ଭବନକୁ ଆଣିଥିଲେ। ଏହି ସମୟରେ ସୁରଙ୍କ ପୁତୁରା ସଂଗ୍ରାମ ରାଉତରାୟ ଏବଂ ତାଙ୍କ ସମର୍ଥକମାନେ ଦୃଢ ବିରୋଧ କରିଥିଲେ। କିନ୍ତୁ ଦଳ ସନ୍ତୋଷ ଜେନାଙ୍କୁ ଜଟଣୀ ଆସନରେ ପ୍ରାର୍ଥୀ କରିଛି। ତେବେ ସନ୍ତୋଷ ଜେନା କେବେ କଂଗ୍ରେସରେ ସାମିଲ ହେଲେ ସେନେଇ ଦଳ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଅନ୍ୟପକ୍ଷରେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କୁ ଦଳ ଏଥର ଟିକେଟ ଦେଇନାହିଁ। ସେ ପୁରୀ ବିଧାନସଭା କ୍ଷେତ୍ରରୁ ନିର୍ବାଚନ ଲଢ଼ିବାକୁ ଆଶାୟୀ ଥିବାବେଳେ ତାଙ୍କ ସ୍ଥାନରେ ଦଳ ସୁଜିତ ମହାପାତ୍ରଙ୍କୁ ଚୟନ କରାଯାଇଛି। ଅନ୍ୟ କେତେକ ଚର୍ଚ୍ଚିତ ଆସନ ମଧ୍ୟରେ ଦିଗପହଣ୍ଡିରେ ଶ୍ରୀଧର ଦେବ, ବ୍ରହ୍ମପୁରରେ ଦୀପକ ପଟ୍ଟନାୟକ, ସମ୍ବଲପୁରରେ ଦୁର୍ଗାପ୍ରସାଦ ପାଢ଼ୀ, ଧାମନଗରରେ ରଞ୍ଜନ କୁମାର ବେହେରା, ଚାନ୍ଦବାଲିରେ ଅମୀୟ କୁମାର ମହାପାତ୍ର, ବରୀରେ ଆରତି ଦେଓ, କୋରେଇରେ ବନ୍ଦିତା ପରିଡ଼ା, ଢେଙ୍କାନାଳରେ ସୁସ୍ମିତ ସିଂ ଦେଓ, ଟିଟଲାଗଡ଼ରେ ବୀରେନ୍ଦ୍ର ବାଗ, ଖରିଆରରେ କମଳଚରଣ ତାଣ୍ଡି, ପାରଦୀପରେ ନିରଞ୍ଜନ ନାଏକ, ବାଲିକୁଦା-ଏରସମାରେ ଇ. ନଳିନୀ ସ୍ୱାଇଁ, ବ୍ରହ୍ମଗିରିରେ ମିତ୍ରଭାନୁ ମହାପାତ୍ର, ଜୟଦେବରେ ଜୟନ୍ତ କୁମାର ଭୋଇ, ଚମ୍ପୁଆରେ ଯଶୋବନ୍ତ ଲାଗୁରିଙ୍କୁ ଦଳ ପ୍ରାର୍ଥୀ କରିଛି। ତେବେ ଭୁବନେଶ୍ୱରର ୩ଟି ଆସନ ମଧ୍ୟରୁ କେବଳ ଏକାମ୍ର-ଭୁବନେଶ୍ୱର ଆସନ ପାଇଁ ଦଳ ପ୍ରଶାନ୍ତ କୁମାର ଚମ୍ପତିଙ୍କ ନାମ ଘୋଷଣା କରିଛି। କଂଗ୍ରେସ ପ୍ରଥମ ପର୍ଯ୍ୟାୟରେ ୪୯ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଥିଲା। ସେଥିରୁ ଦୁଇଟି ଆସନ ବଣାଇ ଏବଂ ବୀରମିତ୍ରପୁରକୁ ଯଥାକ୍ରମେ ସହଯୋଗୀ ଦଳ ସିପିଆଇ(ଏମ୍) ଓ ଜେଏମ୍‌ଏମ୍‌କୁ ଛାଡ଼ିଥିବା ଘୋଷଣା କରିସାରିଛି। ଦ୍ୱିତୀୟ ପର୍ଯ୍ୟାରେ ଦଳ ପ୍ରଥମ ପର୍ଯ୍ୟାୟର ୩ଟି ଆସନ ବଦଳାଇ ମୋଟ୍ ୭୫ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। ଦୁଇଟି ପର୍ଯ୍ୟାୟକୁ ମିଶାଇଲେ ୧୨୧ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ତେବେ ସହଯୋଗୀ ଦଳ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ କୌଣସି ଆସନ ଘୋଷଣା ହୋଇ ନାହିଁ। ଅଦ୍ୟାବଧି ଭାଜପା ୧୧୨ ଏବଂ ବିଜେଡି ୧୧୭ ଆସନରେ ପ୍ରାର୍ଥୀ ଘୋଷଣା କରିଛନ୍ତି। ପ୍ରାର୍ଥୀ ଘୋଷଣାରେ କଂଗ୍ରେସ ଏବେ ଆଗୁଆ ହୋଇଯାଇଛି।

## ପ୍ରଥମ ପ୍ରେମରେ ଧୋକା ଖାଇଥିଲେ ବିଦ୍ୟା



ମୁମ୍ବାଇ : ବଲିଉଡ୍ ଅଭିନେତ୍ରୀ ବିଦ୍ୟା ବଲାନ୍ ନିଜର ଚମତ୍କାର ଅଭିନୟ ବଳରେ ଦୀର୍ଘ ବର୍ଷ ଧରି ପ୍ରଶଂସକଙ୍କ ହୃଦୟରେ ରାଜୁତି କରିଆସୁଛନ୍ତି। ନିଜର ବିନ୍ଦାଶ ଶୈଳୀ ପାଇଁ ବେଶ୍ ପରିଚିତି ଲାଭ କରିଥିବା ଏହି ଅଭିନେତ୍ରୀ ଜଣକ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଦୋ ଔର ଦୋ ପ୍ୟାର'ର ପ୍ରମୋଶନରେ ଏବେ ବ୍ୟସ୍ତ ଅଛନ୍ତି। ଫିଲ୍ମ 'ଦୋ ଔର ଦୋ ପ୍ୟାର' ର ପ୍ରମୋଶନ ବେଳେ ଏକ ସାକ୍ଷାତ୍‌କାରରେ ବିଦ୍ୟା ନିଜ ପ୍ରଥମ ପ୍ରେମ ସମ୍ପର୍କକୁ ନେଇ ଖୁଲାସା କରିଛନ୍ତି। ତାଙ୍କର ପୂର୍ବତନ ପ୍ରେମିକ ତାଙ୍କୁ ପ୍ରତାରଣା କରିଥିଲେ, ଫଳରେ ତାଙ୍କ ହୃଦୟ ଭାଙ୍ଗିଯାଇଥିଲା ବୋଲି ବିଦ୍ୟା ଏହି ସାକ୍ଷାତ୍‌କାରରେ କହିଛନ୍ତି। ପ୍ରଥମ ପ୍ରେମରେ ତାଙ୍କ ସହ ବିଶ୍ୱାସ ଘାତକତା ହୋଇଥିଲା ବୋଲି ନିଜ ଅତୀତକୁ ମନେ ପକାଇ ବିଦ୍ୟା ପ୍ରକାଶ କରିଛନ୍ତି। ସେତେବେଳେ ସେ ପ୍ରଥମ ଥର ପାଇଁ ଗୋଟିଏ ପୁଅ ସହ ଡେଟ୍ କରୁଥିଲେ, ଯିଏ ପରବର୍ତ୍ତୀ ସମୟରେ ତାଙ୍କର ହୃଦୟ ଭାଙ୍ଗିଥିଲେ। ଭାଲେଣ୍ଟାଇନ ଡେ' ଦିନ ତାଙ୍କ ପ୍ରଥମ ପ୍ରେମର ବ୍ରେକ୍‌ଅପ୍ ହୋଇଥିବା ବିଦ୍ୟା ଏହି ସାକ୍ଷାତ୍‌କାରରେ ଜଣାଇଛନ୍ତି। ତେବେ ପରବର୍ତ୍ତୀ ସମୟରେ ସେ ଏହାକୁ ଭୁଲି ଜୀବନରେ ଆଗେଇଥିବା ବିଦ୍ୟା କହିଛନ୍ତି। ସୂଚନାଯୋଗ୍ୟ, ବଲିଉଡ୍ ଅଭିନେତା ଆଦିତ୍ୟ ରୟ କପୁରଙ୍କ ବଡ ଭାଇ ତଥା ଚଳଚ୍ଚିତ୍ର ନିର୍ମାତା ସିଦ୍ଧାର୍ଥ ରୟ କପୁରଙ୍କୁ ୨୦୧୨ରେ ବିଦ୍ୟା ବଲାନ ବିବାହ କରିଥିଲେ।

# ମା’ଙ୍କ ସୁନାବେଶ ଦେଖିଲେ ୧.୫ ଲକ୍ଷ ଭକ୍ତ

## ମା’ ତାରିଣୀଙ୍କ ଚଇତିପର୍ବ ୬ଷ୍ଠ ଦିନ

## ଦିବା ପହଡ଼ ହେଲାନି

ଘଟଗାଁ(ରାଜେନ୍ଦ୍ର କୁମାର ପଟ୍ଟନାୟକ)/ ଢେଙ୍କିକୋଟ(ନୀଳମଣି ମଣ୍ଡଳ),୧୪।୪

କେନ୍ଦୁଝର ଜିଲା ଘଟଗାଁ ମା’ ତାରିଣୀଙ୍କ ପ୍ରସିଦ୍ଧ ଚଇତିପର୍ବର ଶନିବାର ୬ଷ୍ଠ ଦିନ ହୋଇଥିବା ବେଳେ ଓଡିଆ ନବବର୍ଷ ତଥା ମହାବିଷୁବ ପଣାସଂକ୍ରାନ୍ତି ପାଇଁ ପୀଠରେ ୧.୫ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିର ପରିସରଠାରୁ ଜାତୀୟ ରାଜପଥ ପର୍ଯ୍ୟନ୍ତ ଭକ୍ତଙ୍କ ଧାଡ଼ି ଲମ୍ବିଥିଲା। ମାତ୍ର ୪ ଖଣ୍ଡ ବସ୍ ଯାତ୍ରୀଙ୍କୁ ଆଣିବା ନେବା ପାଇଁ ବ୍ୟବସ୍ଥା ହୋଇଥିବାରୁ ଭକ୍ତମାନେ ୨ କି.ମି ଚାଲି ଚାଲି ମନ୍ଦିର ଦର୍ଶନ ପାଇଁ ଆସିବାକୁ ପଡିଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଭୋର ୩ ଟାରେ ମା’ଙ୍କର ମାର୍ଜଣା, ବଡ଼ସିଂହାର ବେଶ ପରେ ସ୍ୱର୍ଣ୍ଣ ଅଳଙ୍କାର ପରିଧାନ କରିଥିଲେ। ପରେ ମଙ୍ଗଳ ଆଳତି ଆରମ୍ଭ ହୋଇ ଭୋର ୫ ଟାରେ ଭକ୍ତଙ୍କ ଦର୍ଶନ, ପୂଜା ପାଇଁ ଧାଡ଼ି ହୋଇଥିଲା। ଦିନ ୯ ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଗହଳି ଲାଗି ରହିଥିଲା। ଫଳରେ ମା’ଙ୍କର ଦିନବେଳା ପହଡ଼ ପଡ଼ି ନ ଥିଲା। ମନ୍ଦିର ମଧ୍ୟରେ ଥିବା ୩୦ରୁ ଊର୍ଦ୍ଧ୍ୱ ପୂଜକ ଭକ୍ତଙ୍କ ପୂଜା ଓ ଦର୍ଶନ କରାଇଥିଲେ। ଶୃଙ୍ଖଳା ଦର୍ଶନ ପାଇଁ ଭୋଗଡାଲା ଧାଡି ୮ଟି ଓ ସାଧାରଣ ଧାଡ଼ି ୨ଟିର ବ୍ୟବସ୍ଥା କରାଯାଇଥିଲା। ଭକ୍ତମାନେ ମୁଖଶାଳା ଦେଇ ଦର୍ଶନ କରୁଥିବା ବେଳେ ୪ ନମ୍ବର ଗେଟ୍‌ଦେଇ ବାହାରିଥିଲେ। ପଣା ସଂକ୍ରାନ୍ତି ଅବସରରେ ସକାଳ ୬ ଘଟିକାଠାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଅଖଣ୍ଡ ଭଜନ ପରିବେଷଣ ହୋଇଥିଲା। ରାତ୍ର ୧୦ ଘଟିକାରେ ବାଦୀପାଲା ଅନୁଷ୍ଠିତ ହୋଇଥିଲା। ଦେବୋତ୍ତର ବିଭାଗ ଓଡ଼ିଶା ଭୁବନେଶ୍ୱର ଡେପୁଟି କମିଶନର ପ୍ରଶାନ୍ତ କୁମାର ବେହେରା ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରୁଥିଲେ। ମନ୍ଦିର ପରିସରରେ ୪୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ, ୧୬୦ ପୋଲିସ କର୍ମଚାରୀ, ୬ ଇନ୍ସପେକ୍ଟର, ୪ ଡିଏସପି, ଜଣେ ଅତିରିକ୍ତ ପୋଲିସ ଅଧୀକ୍ଷକ ମନ୍ଦିର ପରିସରରେ ଉପସ୍ଥିତ ରହି ଭକ୍ତଙ୍କ ଶୃଙ୍ଖଳା ଦର୍ଶନ ସହ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା କରିବେ ସାଇଁ**
**ତାହା କାହାରି ହାତରେ ନାହିଁ।**

ଭଗବାନ ଯାହା କରିପାରିବେ ତାହା ଅନ୍ୟ କେହି କରିପାରିବେ ନାହିଁ। ସେ ହିଁ ସଂସାରରେ ସର୍ବକ୍ଷମତାପନ୍ନ ହେବା ସହ ସର୍ବଶକ୍ତିମାନ ଓ ସକଳ ଶକ୍ତିର ଆଧାର ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଯାହାଙ୍କର ବାପ ମୂଳ ଲାଗୁଥିଲା
**ଗାଁ କୋଠିଆଙ୍କ ମେଳେ**
**ତା’ଘର ପୁଅ ସୁଆରି ଚିଲା**
**ପାଦ ଲାଗୁନାହିଁ ତଳେ।**

ସମୟକ୍ରମେ ଛୋଟରୁ ବଡ଼ ହୋଇଥିବା ଲୋକଟିର ମନରେ ଦର୍ପ ବା ଗର୍ବ ଜାତ ହୋଇଥାଏ। ଧରାକୁ ସରା ମନେ କରିବା ସହ ତା’ର ପାଦ ତଳେ ଲାଗି ନ ଥାଏ। ଏପରିସ୍ଥଳେ ତା’ର ପରିବର୍ତ୍ତିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**

# ବିନା ଶୋଭାଯାତ୍ରାରେ ହନୁମାନ ଜୟନ୍ତୀ

ସମ୍ବଲପୁର,୧୪।୪(ପ୍ରମୋଦ ବହିଦାର)

■ସମ୍ବଲପୁରରେ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ନଜର
■ସିଆର୍‌ପିଏଫ୍ ଯବାନଙ୍କ ସହିତ ୧୫ ପ୍ଲାଟୁନ୍ ପୋଲିସ ମୁତୟନ


ବୃକ୍ଷହିଲସ୍ଥିତ ହନୁମାନ ମନ୍ଦିରରେ ମହାଆଳତିରେ କେନ୍ଦ୍ର ଶିକ୍ଷା, ଦକ୍ଷତା ଓ ଉଦ୍ୟମିତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଧାୟକ ଜୟନାରାୟଣ ମିଶ୍ର ଓ ଅନ୍ୟମାନେ।

ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ବିନା ଶୋଭାଯାତ୍ରାରେ ସମ୍ବଲପୁର ସହରରେ ରବିବାର ହନୁମାନ ଜୟନ୍ତୀ ଓ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଛି। ଗତବର୍ଷର ହନୁମାନ ଜୟନ୍ତୀ ହିଂସାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଚଳିତବର୍ଷ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଉପରେ କଟକଣା ଲାଗୁ କରାଯାଇଥିଲା। ମାତ୍ର ହନୁମାନ ଜୟନ୍ତୀ ଆୟୋଜନରେ ଭକ୍ତ ଓ ଆୟୋଜକ କମିଟି ମଧ୍ୟରେ ଥିବା ଉତ୍ସାହ ହ୍ରାସ ପାଇ ନ ଥିଲା। ପୂର୍ବବର୍ଷ ଭଳି ସମଗ୍ର ସହର ହନୁମାନ ଝଣ୍ଡାରେ ଗୈରିକମୟ ହୋଇ ଉଠିଥିବାବେଳେ ସହରର ମୁଖ୍ୟରାସ୍ତାର ସମସ୍ତ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଡାକବାଜି ଯନ୍ତ୍ରରେ ହନୁମାନ ଚାଳିଶା ପାଠର ଗୁଞ୍ଜରଣ ସମଗ୍ର ସହରରେ ଏକ ପ୍ରକାର ଧାର୍ମିକ ପରିବେଶ ସୃଷ୍ଟି କରିଥିଲା।

ବିଭିନ୍ନ ଅଞ୍ଚଳରେ ଥିବା ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ସମନ୍ୱୟ କମିଟି ତଥା ଆୟୋଜକ କମିଟି ପକ୍ଷରୁ ନିଜ ଅଞ୍ଚଳରେ ପୂଜାର୍ଚ୍ଚନା ସହ ଧୁମଧାମ୍‌ରେ ପାଳନ କରାଯାଇଛି। ପୂର୍ବାହ୍ନରେ ସମ୍ବଲପୁର ବୃକ୍ଷହିଲସ୍ଥିତ ହନୁମାନ ମନ୍ଦିର, ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ଭୀମଭୋଇ କଲୋନୀ ହନୁମାନ ମନ୍ଦିର, ଏସ୍ଆରଆଇଟି କଲୋନୀ, ଜଗନ୍ନାଥ କଲୋନୀ, ବୁଢ଼ାରଜା, ପୌର ପରିଷଦ ଛକ, କୁଲୁଥକାନୀ, ଚାରଭାଟି, ଜେଲଛକ, ବଡ଼ବଜାର, ମୁଦିପଡ଼ା, ଫାଟକ, ଗେଙ୍ଗୁଟିପାଲି ଆଦି ଅଞ୍ଚଳରେ ଥିବା ହନୁମାନ ମନ୍ଦିରରେ ହୋମ ଓ ଯଜ୍ଞ ମଧ୍ୟରେ ବିଧିପୂର୍ବକ ପୂଜାର୍ଚ୍ଚନା ସହିତ ପଣା ଓ ଚଣାଭୋଗ ଲାଗି କରାଯାଇଥିଲା। ସନ୍ଧ୍ୟାରେ ମନ୍ଦିରମାନଙ୍କରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଣରେ ଆଳତି ଅନୁଷ୍ଠିତ ହୋଇଥିଲା। ବୃକ୍ଷହିଲସ୍ଥିତ ହନୁମାନ ମନ୍ଦିରରେ ସନ୍ଧ୍ୟାରେ ମହାଆଳତି ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ତାଙ୍କ ସ୍ତ୍ରୀ ଡ. ମୃଦୁଲା ଠାକୁର ପ୍ରଧାନ, ବିଧାୟକ ଜୟନାରାୟଣ ମିଶ୍ର, ଭାଜପା ସମ୍ବଲପୁର ଜିଲା ସଭାପତି ଗିରିଶ ପଟେଲ ପ୍ରମୁଖ ଭାଗନେଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପୂଜାର୍ଚ୍ଚନା ପୂର୍ବକ ହନୁମାନଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଏଥିପାଇଁ ମନ୍ଦିର ନିକଟରେ ବ୍ୟାପକ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସମ୍ବଲପୁର ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସହରର ବିଭିନ୍ନ ଛକରେ ବ୍ୟାପକ ପୋଲିସ ମୁତୟନ କରାଯାଇ କଡ଼ା ନଜର ରଖାଯାଇଛି। ସମଗ୍ର ସହରରେ ସିଆରପିଏଫ୍ ଯବାନଙ୍କ ସହିତ ୧୫ ପ୍ଲାଟୁନ୍ ପୋଲିସ ବାହିନୀଙ୍କୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି। ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ ଜଣ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଓ ୮ ଜଣ ଡିଏସ୍‌ପି ପାହ୍ୟା ପୋଲିସ ଅଧିକାରୀ ସୁରକ୍ଷା ବ୍ୟବସ୍ଥା ପରିଚାଳନା ଦାୟିତ୍ୱରେ ରହିଛନ୍ତି।

# ଆମ୍ବେଡକର ଦେଶକୁ ପ୍ରଗତିଶୀଳ ସମ୍ବିଧାନ ଦେଇଛନ୍ତି: ଧର୍ମେନ୍ଦ୍ର

## ଡ. ବି.ଆର. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେଲେ କେନ୍ଦ୍ରମନ୍ତ୍ରୀ

ସମ୍ବଲପୁର,୧୪।୪ (ଭବାନୀଶଙ୍କର ଭୋଇ)


ବାବାସାହେବ ଆମ୍ବେଡକରଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସମ୍ବଲପୁରରେ ବାବାସାହେବ ଡ. ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ଅବସରରେ ମୁଦିପଡାସ୍ଥିତ ପ୍ରତିମୂର୍ତ୍ତିରେ ରବିବାର କେନ୍ଦ୍ର ଶିକ୍ଷା, ଦକ୍ଷତା ଓ ଉଦ୍ୟମିତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମାଲ୍ୟାର୍ପଣ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ପ୍ରଧାନ କହିଥିଲେ, ଆମ୍ବେଡକର ଦେଶକୁ ପ୍ରଗତିଶୀଳ ସମ୍ବିଧାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ତାଙ୍କ ଚିନ୍ତାଧାରାକୁ ଆଗକୁ ବଢାଇବା ସହ ଭାରତକୁ ନେଇ ସେ ଦେଖିଥିବା ସ୍ୱପ୍ନକୁ ପୂରଣ କରିବା ପାଇଁ କାମ କରୁଛନ୍ତି ବୋଲି କହିଛନ୍ତି। ଏକ ଶ୍ରେଷ୍ଠ, ଶିକ୍ଷିତ, କୁଶଳୀ ଏବଂ ବିକଶିତ ଭାରତ ଗଠନ କରିବା ବାବାସାହେବଙ୍କ ପ୍ରତି ଉଚିତ ଶ୍ରଦ୍ଧାଞ୍ଜଳି ହେବ। ତାଙ୍କ ବିଚାର ଓ ଆଦର୍ଶରେ ଆଜିର ଯୁବପିଢ଼ି ଅନୁପ୍ରାଣିତ ହେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ।

ଆମ୍ବେଡକରଙ୍କ ଜୟନ୍ତୀ ଅବସରରେ ପ୍ରଧାନ ଠେଲକୋପଡାଠାରେ ଏସ୍‌ସି ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଅଜୁ ତାଣ୍ଡିଙ୍କ ଘରେ ଜଳଖିଆ କରିଥିଲେ। ଅନୁରୂପ ଭାବରେ କେନ୍ଦ୍ରମନ୍ତ୍ରୀ ‘ମୋଦି ବିଜୟ ପ୍ରଚାର’ ଅଭିଯାନ ଅନ୍ତର୍ଗତ ଠେଲକୋପଡ଼ାଠାରେ ଭାଜପା ଅନୁସୂଚିତ ଜାତି ସମାଜର ପୁରାତନ କାର୍ଯ୍ୟକର୍ତ୍ତା ସ୍ୱର୍ଗତ ଦୟାସାଗର ବେହେରାଙ୍କ ସୁପୁତ୍ର ଦୁଷ୍ମନ୍ତ ବେହେରା ଓ ତାଙ୍କ ପରିବାରର ସଦସ୍ୟମାନଙ୍କୁ ଭେଟିଥିଲେ। ଏହି ଅବସରରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଭାଜପା ଜିଲା ସଭାପତି ଗିରିଶ ପଟେଲ, କୃଷକ ମୋର୍ଚ୍ଚା ସଭାପତି ସମୀର ବାବୁ, ଭାଜପା ଜିଲା ସାଧାରଣ ସମ୍ପାଦକ ଅନିଲ ବେହେରା, ଡ. ପ୍ରମୋଦ ରଥ, ସୁଶାନ୍ତ ପୁରୋହିତ, ସୁଧୀର ବହିଦାର,ବିଦ୍ୟାଧର ସୁନା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଖଣ୍ଡା ବୁଲାଇଲେ ଭାଜପା ଲୋକ ସଭା ପ୍ରାର୍ଥୀ

ସରଣ୍ଡା,୧୪।୪(ଯୁଧିଷ୍ଠିର ମହାପାତ୍ର)

## ଗୋଡ଼ଭଗାରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା

ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗାରେ ରବିବାର ହନୁମାନ ଜୟନ୍ତୀ ପାଳିତ ହୋଇଛି। ତେବେ ଏହି ଅବସରରେ ବାହାରିଥିବା ଶୋଭାଯାତ୍ରାରେ ଭାଜପାର ବରଗଡ଼ ଲୋକ ସଭା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଏବଂ ଅତାବିରା ବିଧାନସଭା ପ୍ରାର୍ଥୀ ନୀହାର ରଞ୍ଜନ ମହାନନ୍ଦ ଖଣ୍ଡା ବୁଲାଇବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଗୋଡ଼ଭଗା ଛକରୁ ଶୋଭାଯାତ୍ରା ବାହାରି ଫାଣ୍ଡିଛକ ନିକଟ ହନୁମାନ ମନ୍ଦିରରେ ପହଞ୍ଚିଥିଲା । ସେଠାରେ ବିଧି ଅନୁଯାୟୀ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ଆଗକୁ ବଢ଼ିଥିଲା। ଏହି ସମୟରେ ଶୋଭାଯାତ୍ରାରେ ସାମିଲ ହୋଇଥିବା ପୁରୋହିତ ଏବଂ ମହାନନ୍ଦ ଖଣ୍ଡା ବୁଲାଇଥିଲେ। ଏ ସମ୍ପର୍କରେ ଲୋକ ସଭା ପ୍ରାର୍ଥୀ ପୁରୋହିତଙ୍କୁ ପଚାରିବାରୁ ବଜରଙ୍ଗବଲୀଙ୍କ ଜୟନ୍ତୀରେ ଖଣ୍ଡା ପ୍ରଦର୍ଶନ ପରମ୍ପରା ରହିଛି। ସେହି ପରମ୍ପରା ଦୃଷ୍ଟିରୁ ଖଣ୍ଡା ବୁଲାଇଥିଲେ ବୋଲି ସେ କହିଛନ୍ତି । ଅନ୍ୟପଟେ ଭାଜପାର ଅତାବିରା ବିଧାନସଭା ପ୍ରାର୍ଥୀ ମହାନନ୍ଦଙ୍କୁ ତାଙ୍କ ମୋବାଇଲ ନମ୍ବର ୯୯୩୭୦୬୦୬୬୬ରେ ଯୋଗାଯୋଗ କରାଯାଇଥିଲା। ରିଙ୍ଗ ହେବା ସତ୍ତ୍ୱେ ସେ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ।


ବରଗଡ଼ ଜିଲା ଗୋଡ଼ଭଗା ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ପ୍ରଦୀପ ପୁରୋହିତ ଖଣ୍ଡା ବୁଲାଉଛନ୍ତି।

# ଦନ୍ତା ଆକ୍ରମଣରେ ୨ ବୃଦ୍ଧାଙ୍କ ମୃତ୍ୟୁ

କାମାକ୍ଷାନଗର,୧୪।୪(ସୁଧୀର କୁମାର ପରିଡା)/ରାସୋଳ,(ସରୋଜ କୁମାର ମିଶ୍ର)

ଢେଙ୍କାନାଳ ଜିଲାର ଭିନ୍ନ ଭିନ୍ନ ସ୍ଥାନରେ ରବିବାର ହାତୀ ଆକ୍ରମଣରେ ୨ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ କନ୍ଦରା ଫରେଷ୍ଟ ସେକ୍ସନ ଗୋବରୀ ଗ୍ରାମ ନିକଟ ଚାଙ୍ଗୁରିଆପାଳ ଜଙ୍ଗଲକୁ ମହୁଲଫୁଲ ଗୋଟାଇବା ପାଇଁ ଯାଇଥିବାବେଳେ ମହାବିରୋଡ୍ ଥାନା ବାମ ପଞ୍ଚାୟତ ଗୋବରୀ ମୁଣ୍ଡାସାହିର ସୁରୁ ମୁଣ୍ଡ(୬୧)ଙ୍କୁ ଏକ ଦନ୍ତା ହାତୀ ଶୁଣ୍ଢରେ ଟେକି କଚାଡି ମାରିଦେଇଥିଲା। ପରିବାର ଲୋକେ ତାଙ୍କ କ୍ଷତବିକ୍ଷତ ମୃତଦେହ ଜଙ୍ଗଲ ନିକଟରେ ପଡିଥିବା ଦେଖିଥିଲେ। ଖବରପାଇ ମହାବିରୋଡ୍ ପୋଲିସ ଏବଂ ବନକର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛନ୍ତି।

ସେହିପରି ହିନ୍ଦୋଳ ବନାଞ୍ଚଳ ବୁହାଳିପାଳ ଗ୍ରାମରେ ହନ୍ତାହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତା ହେଲେ ହିନ୍ଦୋଳ ବନାଞ୍ଚଳ ରାସୋଳ ଥାନା ବୁହାଳିପାଳ ଗ୍ରାମର ଜାଇଗ ନାଏକ(୮୦)। ସେ ସକାଳେ ଶୌଚ ପାଇଁ ଯାଇଥିବାବେଳେ ଏକ ହାତୀ ତାଙ୍କୁ ପାଦରେ ଦଳି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ବନବିଭାଗ କର୍ମଚାରୀ ଏବଂ ରାସୋଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପ୍ରାଥମିକ ତଦନ୍ତ ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଶ୍ରୀମନ୍ଦିର ସିଂହଦ୍ୱାରରେ ପ୍ରତିହାରୀ ସେବା ଆରମ୍ଭ

## ଅଣହିନ୍ଦୁଙ୍କ ପ୍ରବେଶ ରୋକିବେ

ପୁରୀ,୧୪।୪(ଅଜିତ୍ ମହାନ୍ତି)


ସିଂହଦ୍ୱାର ସମ୍ମୁଖରେ ନିୟୋଜିତ ହୋଇଥିବା ଜଣେ ପ୍ରତିହାରୀ ସେବକ ଶ୍ରଦ୍ଧାଳୁଙ୍କ ମଥାରେ ବେତବାଡ଼ି ରଖି ଆଶୀର୍ବାଦ ପ୍ରଦାନ କରୁଛନ୍ତି।

ପବିତ୍ର ମହାବିଷୁବ ସଂକ୍ରାନ୍ତି ରବିବାରଠାରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପ୍ରତିହାରୀ ସେବା ଆରମ୍ଭ ହୋଇଛି। ପ୍ରତିହାରୀ ସେବକମାନେ ଶ୍ରୀମନ୍ଦିରକୁ ଅଣହିନ୍ଦୁଙ୍କ ପ୍ରବେଶ ରୋକିବେ। କୌଣସି ଅଣହିନ୍ଦୁ ଯେପରି ଶ୍ରୀମନ୍ଦିରରେ ପ୍ରବେଶ ନ କରନ୍ତି ସେଥିଲାଗି ସିଂହଦ୍ୱାର ସମ୍ମୁଖରେ ପ୍ରତିହାରୀ ସେବକ ନିୟୋଜିତ ରହି ତଦାରଖ କରିବେ। ପ୍ରଥମ ଦିନରେ ସକାଳୁ ଦ୍ୱାରଫିଟା ଓ ପରେ ସନ୍ଧ୍ୟାରେ ସନ୍ଧ୍ୟା ଆଳତି ସମୟରେ ଦୁଇଜଣ ଲେଖାଏ ପ୍ରତିହାରୀ ସେବାୟତ ନିୟୋଜିତ ହୋଇଥିଲେ।

ଏନେଇ ବରିଷ୍ଠ ପ୍ରତିହାରୀ ସେବକ ଗୌରୀଶଙ୍କର ପ୍ରତିହାରୀ କହିଛନ୍ତି, ଶ୍ରୀମନ୍ଦିର ଭିତରେ ପ୍ରତିହାରୀ ସେବକମାନେ ସେବା କରୁଛନ୍ତି। ତେବେ ଅନେକ ଦିନ ହେବ ସିଂହଦ୍ୱାରଠାରେ ପ୍ରତିହାରୀ ସେବା ବନ୍ଦ ହୋଇଯାଇଥିଲା। ରବିବାରଠାରୁ ପୁଣି ଏହି ସେବା ଆରମ୍ଭ ହୋଇଛି, ଯାହା ଖୁସିର କଥା। ମୁଖ୍ୟତଃ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଭାବେ ଦର୍ଶନ ବ୍ୟବସ୍ଥା କରାଇବା ପ୍ରତିହାରୀ ସେବକଙ୍କ ମୂଳ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ନିଯୋଗର ସମ୍ପାଦକ ରାମନାରାୟଣ ଗୋଛିକାରଙ୍କ ସୂଚନା ଅନୁଯାୟୀ, ଅତୀତରେ ପ୍ରତିହାରୀ ସେବକମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱ ନିର୍ବାହ କରୁଥିଲେ। କାଳକ୍ରମେ ଶ୍ରୀମନ୍ଦିର ସିଂହଦ୍ୱାରରେ ପ୍ରତିହାରୀ ସେବା ବନ୍ଦ ହୋଇଯାଇଥିଲା। ତେବେ ଶ୍ରୀମନ୍ଦିର ଭିତରେ ଓ ରଥଯାତ୍ରାବେଳେ ପ୍ରତିହାରୀ ସେବକମାନେ ମହାପ୍ରଭୁଙ୍କୁ ସେବା ଯୋଗାଇଆସୁଛନ୍ତି। ଶ୍ରୀମନ୍ଦିର ସମ୍ମୁଖରେ ପୋଲିସ କର୍ମଚାରୀ ନିୟୋଜିତ ହେଉଥିଲେ ମଧ୍ୟ ଅନେକ ସମୟରେ ଅଣହିନ୍ଦୁମାନେ ସୁରକ୍ଷାବଳୟ ଭେଦି ଶ୍ରୀମନ୍ଦିରରେ ପ୍ରବେଶ କରୁଥିବା ଦେଖିବାକୁ ମିଳୁଛି। ତେଣୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପ୍ରତିହାରୀ ସେବକଙ୍କୁ ନିୟୋଜିତ କରାଯିବାକୁ ସ୍ଥିର ହୋଇଥିଲା। ଏନେଇ ନିଯୋଗରେ ବିଚାରବିମର୍ଶ ପରେ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ସହଯୋଗରେ ପ୍ରତିହାରୀ ନିଯୋଗ ପକ୍ଷରୁ ଏହି ସେବା ଆରମ୍ଭ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏବେ ସେବା ପୁନଃ ଆରମ୍ଭ ହୋଇଥିବାରୁ ପ୍ରତିହାରୀ ସେବକଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

# ବଜରଙ୍ଗ ଦଳ ଶୋଭାଯାତ୍ରା ବେଳେ ଉତ୍ତେଜନା

ବାଲେଶ୍ୱର(ମାନସ ବିଶ୍ୱାଳ)/ରେମୁଣା (ରବୀନ୍ଦ୍ର ମହାକୁଡ଼),୧୪।୪


ଉତ୍ତେଜନାସ୍ଥଳରେ ମୁତୟନ ହୋଇଥିବା ପୋଲିସ।

■ଗୋଷ୍ଠୀ ସଂଘର୍ଷରେ ୫୦ରୁ ଊର୍ଦ୍ଧ୍ୱ ଆହତ
■ଢେଲା ପଥରମାଡ଼, ପୋଲିସ କର୍ମଚାରୀଙ୍କୁ ଆକ୍ରମଣ
■୧୪୪ ଜାରି କଲା ପ୍ରଶାସନ

ବାଲେଶ୍ୱର ଜିଲା ରେମୁଣା ଏନ୍ଏସି ଅନ୍ତର୍ଗତ ଗନିପୁର ଗ୍ରାମର ବାଲିପାଟଣା ପ୍ରାଥମିକ ବିଦ୍ୟାଳୟ ନିକଟରେ ବଜରଙ୍ଗ ଦଳର ଶୋଭାଯାତ୍ରା ବେଳେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନେ ସ୍ଥାନୀୟ ପ୍ରାଥମିକ ଚିକିତ୍ସାଳୟରେ ଚିକିତ୍ସିତ ହୋଇଛନ୍ତି। ଉତ୍ତେଜନା ଲାଗି ରହିଥିବାରୁ ଘଟଣାସ୍ଥଳରେ ୪ ପ୍ଲାଟୁନ ପୋଲିସ ମୁତୟନ ହେବା ସହ ଜିଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି।

ସୂଚନା ଅନୁଯାୟୀ, ହିନ୍ଦୁ ନବ ବର୍ଷ ଅବସରରେ ରବିବାର ବଜରଙ୍ଗ ଦଳ ପକ୍ଷରୁ ଏକ ଶୋଭାଯାତ୍ରା କ୍ଷୀରଚୋରା ମନ୍ଦିର ଛକରୁ ବାହାରି ଥିଲା। ଏହି ଶୋଭାଯାତ୍ରା ଗନିପୁର ହୋଇ ପୁଟପୋଖରୀସ୍ଥିତ କନକ ଦୁର୍ଗା ମନ୍ଦିର ନିକଟରେ ଶେଷ ହେବା ନେଇ ପୂର୍ବରୁ ନିର୍ଦ୍ଧାରିତ ହେବା ସହ ସ୍ଥାନୀୟ ପୋଲିସଠାରୁ ଅନୁମତି ମଧ୍ୟ ନିଆଯାଇଥିଲା। ଅପରାହ୍ନ ୪ଟା ସମୟରେ ଶୋଭାଯାତ୍ରା ଗନିପୁର ବସ୍ତି ମଧ୍ୟରେ ପ୍ରବେଶ କରିବା ପରେ ବାଲିପାଟଣା ପ୍ରାଥମିକ ବିଦ୍ୟାଳୟ ନିକଟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ଏହି ଶୋଭାଯାତ୍ରାର ସାଉଣ୍ଡକୁ କମାଇବା ପାଇଁ କହିଥିଲେ। ଏପରିକି ସେମାନେ ବଳପୂର୍ବକ ମାଇକ୍ ବନ୍ଦ କରିବାକୁ ଉଦ୍ୟମ କରିଥିଲେ। ଏନେଇ ଶୋଭାଯାତ୍ରା ସେଠାରେ ଅଟକି ଯାଇଥିଲା। ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ଉତ୍ତେଜିତ ହୋଇ ଶୋଭାଯାତ୍ରାକାରୀମାନଙ୍କ ଉପରକୁ ଢେଲାପଥର ମାଡ଼ ଆରମ୍ଭ କରିଥିଲେ। ପରେ ଉଭୟ ପକ୍ଷ ଢେଲାପଥର ମାଡ଼ କରିଥିଲେ। ଫଳରେ ବ୍ୟାପକ ଭଙ୍ଗାରୁଜା ହୋଇଥିବା ବେଳେ ପୋଲିସ କର୍ମଚାରୀଙ୍କ ସମେତ ଉଭୟ ଗୋଷ୍ଠୀର ୫୦ରୁ ଅଧିକ ଆହତ ହୋଇଛନ୍ତି। ଉତ୍ତେଜନା ବୃଦ୍ଧି ପାଇବାରୁ ଘଟଣାସ୍ଥଳରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଖବରପାଇ ଆଇଜି ଦୀପକ କୁମାର, ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛନ୍ତି। ଘଟଣା ପରେ ଗନିପୁର ବସ୍ତିରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିବା ବେଳେ ଆକ୍ରମଣକାରୀଙ୍କୁ ଖୋଜା ଚାଲିଛି। ଏନେଇ କୌଣସି ପୋଲିସ ଅଧିକାରୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା

-ଶ୍ରୀ ଶ୍ରୀ ଲିଙ୍ଗରାଜ ଦେବଙ୍କ ରଥ ପ୍ରତିଷ୍ଠା ଓ ବାସନ୍ତିକ ଶ୍ରୀଦୁର୍ଗାଦେବ୍ୟାଃ ମହାଷ୍ଟମୀ ପୂଜା



# ଯୁଦ୍ଧାଭିମୁଖୀ

ଦୁଇବର୍ଷ ପୂର୍ବେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଏବଂ ଗତବର୍ଷ ୭ ଅକ୍ଟୋବରରେ ଇସ୍ରାଏଲ-ହମାସ ଯୁଦ୍ଧର ପରିଣତି ବିଶ୍ୱ ଦେଖିଚାଲିଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ୧୩ ଏପ୍ରିଲ ୨୦୨୪ରେ ଇସ୍ରାଏଲ ଉପରେ ଇରାନ୍‌ର ଡ୍ରୋନ୍ ଆକ୍ରମଣ ପୃଥିବୀବାସୀଙ୍କ ପାଇଁ ଘୋର ଚିନ୍ତା ଆଣିଦେଇଛି। ଅତୀତକୁ ଦେଖିଲେ ଯେତେବେଳେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଘନଘଟା ଦେଖାଦେଇଛି ତାହା ସମ୍ପୃକ୍ତ ଅଞ୍ଚଳରେ ସୀମିତ ନ ରହି ବିଶ୍ୱ ଭୂଖଣ୍ଡକୁ ପରିବ୍ୟାପ୍ତ କରିଛି। ଏବର ଭୂରାଜନୈତିକ ସ୍ଥିତିକୁ ଦେଖିଲେ ଇସ୍ରାଏଲକୁ ସମର୍ଥନ କରିବା ଲାଗି ଆମେରିକା, ବ୍ରିଟେନ, ଫ୍ରାନ୍ସ ଭଳି ଦେଶ ଆଗଭର ହୋଇଛନ୍ତି। ସେପଟେ ହମାସକୁ ସମର୍ଥନ କରିଆସୁଥିବା ଇରାକ୍, ଆଫଗାନିସ୍ତାନ, ୟେମେନ୍, କାତାର, ଲେବାନନ୍, ସାଉଦି ଆରବ ପରି ରାଷ୍ଟ୍ର ଏଭଳି ସ୍ଥିତିରେ ଇରାନ୍‌କୁ ସମର୍ଥନ କରିବାର ସମ୍ଭାବନା ଦେଖାଦେଉଛି। ତେଣୁ ଇସ୍ରାଏଲ ଓ ଇରାନ୍ ଅସ୍ତ୍ରଶସ୍ତ୍ର ବ୍ୟବହାରରେ ସଂଯମ ରକ୍ଷା ନ କଲେ ବିଶ୍ୱ ଯୁଦ୍ଧାଭିମୁଖୀ ହେବାର ଆଶଙ୍କା ଉପୁଜିଲାଣି।

ଇସ୍ରାଏଲ ଓ ଇରାନ୍ ଦଶନ୍ଧିବ୍ୟାପୀ ଛାୟାଯୁଦ୍ଧରେ ଲିପ୍ତ ଅଛନ୍ତି। ତାହା ସ୍ଥଳ, ଜଳ, ଆକାଶଠାରୁ ଆରମ୍ଭ କରି ସାଇବର ସ୍ପେସ୍‌ରେ ଲାଗି ରହିଛି। କିନ୍ତୁ ଏବେ ପ୍ରଥମ ଥର ପାଇଁ ଇରାନ୍ ସିଧାସଳଖ ଇସ୍ରାଏଲ୍ ଉପରେ ଆକ୍ରମଣ କରିଛି। ଚଳିତ ମାସ ୧ ତାରିଖରେ ଇସ୍ରାଏଲ ସୈନ୍ୟ ସିରିଆ ରାଜଧାନୀ ଡାମସ୍କସରେ ଥିବା ଇରାନ୍ ଦୂତାବାସ ନିକଟ କନ୍‌ସ୍ୟୁଲେଟ ଆନେକ୍ସ ବିଲ୍ଡିଂ ଉପରେ ଆକ୍ରମଣ କରି ତାହାକୁ ଧ୍ୱଂସ କରିଦେଇଥିଲା। ଏଥିରେ ଇରାନ୍‌ର ଇସ୍‌ଲାମିକ ରିଭୋଲ୍ୟୁଶନାରୀ ଗାର୍ଡ କର୍‌ର ଦୁଇ ବରିଷ୍ଠ କମାଣ୍ଡର ଓ ୭ ଜଣ ସୈନ୍ୟଙ୍କ ସମେତ ମୋଟ ୧୬ ଜଣଙ୍କ ପ୍ରାଣହାନି ଘଟିଥିଲା। ଏଥିରେ ପ୍ରତିଶୋଧପରାୟଣ ହୋଇ ଇସ୍ରାଏଲ୍ ଉପରେ ଇରାନ୍ ଆକ୍ରମଣ କରିଥିବା କହିଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଇରାନ୍ ଆକ୍ରମଣର ପ୍ରତ୍ୟୁତ୍ତର ଦେବାକୁ ଯାଇ କହିଛନ୍ତି, ତାଙ୍କ ଦେଶ ପ୍ରତିରକ୍ଷା ହେଉ ବା ଆକ୍ରମଣାତ୍ମକ ସ୍ଥିତିର ମୁକାବିଲା କରିବା ଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ତାଙ୍କ ରାଷ୍ଟ୍ର ଓ ଦେଶବାସୀ ଶକ୍ତିଶାଳୀ ଅଛନ୍ତି। ଆମେରିକା, ବ୍ରିଟେନ୍ ଓ ଫ୍ରାନ୍ସ ତାଙ୍କ ସମର୍ଥନରେ ଥିବାରୁ ନେତନ୍ୟାହୁ ପୁଣି କହିଛନ୍ତି, ଯେକେହି ତାଙ୍କର କ୍ଷତି କରିବ, ସେ ମଧ୍ୟ ସେମାନଙ୍କର କ୍ଷତି କରିବେ। ଏଠାରେ ମନେପଡ଼େ, ହମାସ ଯେତେବେଳେ ଇସ୍ରାଏଲ୍ ଉପରେ ଆକ୍ରମଣ କରିଥିଲା ସେତେବେଳେ ନେତନ୍ୟାହୁ ଘୋର ପ୍ରତିଶୋଧ ନେବେ ବୋଲି କହିଥିଲେ ଏବଂ ପରବର୍ତ୍ତୀ ସମୟରେ ତାହା କାର୍ଯ୍ୟରେ ଦେଖାଇଛନ୍ତି। ଏବର ସ୍ଥିତିରେ ଇସ୍ରାଏଲ୍ ଉପରେ ଇରାନ୍‌ର ସାମରିକ କାର୍ଯ୍ୟାନୁଷ୍ଠାନ ଯଥାର୍ଥ ବୋଲି ଦର୍ଶାଇ ଏହାର ଶୀର୍ଷ ନେତା କହିଛନ୍ତି, ଇହୁଦୀ ଶାସକଙ୍କ ଡାମସ୍କସ୍‌ସ୍ଥିତ ଇରାନ୍‌ର କୂଟନୈତିକ ପରିସର ଉପରେ ଆକ୍ରମଣର ଏହା ପ୍ରତିଫଳନ। ଏବେ ଘଟଣାକୁ ଏହିଠାରେ ସମାପ୍ତ କରାଯାଇପାରେ। ଇସ୍ରାଏଲ ଯଦି ପୁନଶ୍ଚ ଆକ୍ରମଣ କରେ, ତେବେ ଇରାନ୍ ଯଥେଷ୍ଟ ଭାବେ ଭୟଙ୍କର ହୋଇଯିବ। ଏହା ଇସ୍ରାଏଲ ଓ ଇରାନ୍ ମଧ୍ୟରେ ଏକ ଦ୍ୱନ୍ଦ୍ୱ। ଏଥିରୁ ଆମେରିକା ଦୂରେଇ ରହିବା ଉଚିତ ବୋଲି ତେହେରାନ୍ କର୍ତ୍ତୃପକ୍ଷ ସତର୍କ କରାଇ ଦେଇଛନ୍ତି। ତେବେ ଇରାନ୍‌ର ଏଭଳି ମନ୍ତବ୍ୟ ଆଗକୁ କେଉଁଭଳି ସ୍ଥିତି ସୃଷ୍ଟି କରିବ ତାହା ପରେ ଜଣାପଡ଼ିବ।

> **ମଧ୍ୟପ୍ରାଚ୍ୟରେ ସଦ୍ୟ ଦେଖାଦେଇଥିବା ଅଶାନ୍ତ ସ୍ଥିତି ଖୁବ୍ ଶୀଘ୍ର ପ୍ରଶମିତ ନ ହେଲେ ତାହା ବିଶ୍ୱ ପରିକ୍ରମା କରି ଭୂରାଜନୈତିକ, ଅର୍ଥନୈତିକ ଏବଂ କୂଟନୈତିକ କ୍ଷେତ୍ରରେ ଅସ୍ୱାଭାବିକ ପରିଣତି ଆଣିପାରେ।**

ଇସ୍ରାଏଲ ଉପରେ ଇରାନ୍ ଆକ୍ରମଣକୁ ବିଶ୍ୱ ନେତାମାନେ ନିନ୍ଦା କରିଥିବା ବେଳେ ଭାରତ ପାଇଁ ଏହି ଯୁଦ୍ଧ ଚିନ୍ତାର କାରଣ ପାଲଟିଛି। ୧୩ ଏପ୍ରିଲରେ ଇରାନ୍‌ର ରିଭୋଲ୍ୟୁଶନାରୀ ଗାର୍ଡ ଇସ୍ରାଏଲ ସ୍ୱୀକୃତିପ୍ରାପ୍ତ ଏକ ମାଲବାହୀ ଜାହାଜକୁ ହୋର୍‌ମୁଜ୍ ପ୍ରଣାଳୀରୁ ଜବତ କରିଛି। ସେଥିରେ ଥିବା ୨୫ କର୍ମଚାରୀଙ୍କ ମଧ୍ୟରେ ୧୭ ଜଣ ଭାରତୀୟ ରହିଛନ୍ତି। ସେମାନଙ୍କ ମୁକ୍ତି ଲାଗି ଇରାନୀୟ କର୍ତ୍ତୃପକ୍ଷଙ୍କ ସହ ଭାରତର କୂଟନୈତିକ ଯୋଗାଯୋଗ ଜାରି ରହିଥିବା ସରକାରୀ ଭାବେ କୁହାଯାଇଛି। ସେପଟେ ଇସ୍ରାଏଲରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ୫ ହଜାରରୁ ଅଧିକ ଭାରତୀୟଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଇଛି। ଇରାନ୍-ଇସ୍ରାଏଲ୍ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବାରୁ ଉଭୟ ଦେଶକୁ ନ ଯିବା ପାଇଁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହାର ନାଗରିକମାନଙ୍କୁ ଚେତାବନୀ ଦିଆଯାଇଛି। ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ, ମଧ୍ୟପ୍ରାଚ୍ୟରେ ସଦ୍ୟ ଦେଖାଦେଇଥିବା ଅଶାନ୍ତ ସ୍ଥିତି ଖୁବ୍ ଶୀଘ୍ର ପ୍ରଶମିତ ନ ହେଲେ ତାହା ବିଶ୍ୱ ପରିକ୍ରମା କରି ଭୂରାଜନୈତିକ, ଅର୍ଥନୈତିକ ଏବଂ କୂଟନୈତିକ କ୍ଷେତ୍ରରେ ଅସ୍ୱାଭାବିକ ପରିଣତି ଆଣିପାରେ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 9 | |
| | | 9 | 6 | | 3 | 5 | | |
| | 8 | | | | | 6 | 4 | |
| | | | | | | | | |
| | | | | 8 | 7 | 4 | | |
| | | 6 | | 5 | | 3 | 1 | |
| 2 | 7 | | | | | | | |
| 8 | | | | 1 | 4 | 7 | | |
| 1 | | | | 2 | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 2 | 5 | 3 | 8 | 6 | 9 | 4 |
| 3 | 8 | 6 | 1 | 4 | 9 | 5 | 7 | 2 |
| 4 | 9 | 5 | 7 | 2 | 6 | 8 | 1 | 3 |
| 2 | 5 | 8 | 4 | 9 | 1 | 7 | 3 | 6 |
| 9 | 6 | 4 | 2 | 7 | 3 | 1 | 8 | 5 |
| 1 | 7 | 3 | 6 | 8 | 5 | 2 | 4 | 9 |
| 8 | 2 | 1 | 3 | 6 | 4 | 9 | 5 | 7 |
| 5 | 4 | 7 | 9 | 1 | 2 | 3 | 6 | 8 |
| 6 | 3 | 9 | 8 | 5 | 7 | 4 | 2 | 1 |

ଗତକାଲିର ଉତ୍ତର

# ସ୍ମାର୍ଟ ପିଲାଙ୍କ ମାଆବାପା



ଚିତ୍ର-ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଅଳ୍ପଦିନ ତଳେ ରାଜଧାନୀର ଏକ ନାମୀଦାମୀ ଇଂରାଜୀ ସ୍କୁଲର ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ହୋଇଥିଲା ଏକ ଅଭିନବ କାର୍ଯ୍ୟକ୍ରମ। ଷ୍ଟାଣ୍ଡାର୍ଡ ଥ୍ରୀ ଶ୍ରେଣୀର ପିଲାମାନଙ୍କୁ ନିଜ ମାଆବାପାଙ୍କ ସମ୍ପର୍କରେ ଦୁଇପଦ କଥା ରଖିବାକୁ କୁହାଯାଇଥିଲା। ବିନା କୌଣସି ପୂର୍ବ ସୂଚନାରେ ଅବା ପୂର୍ବ ପ୍ରସ୍ତୁତିରେ ସେମାନେ ଅକସ୍ମାତ୍ ବୟାନ ରଖିବା ଥିଲା କୋମଳମତି ଶିଶୁମାନଙ୍କ ପାଇଁ ଏକ କଠିନ ମୁହୂର୍ତ୍ତର ବିଷମ ପରୀକ୍ଷା। ଆଠ ନଅ ବର୍ଷ ବୟସର ପିଲାମାନେ ସେମାନଙ୍କ ମାତାପିତାଙ୍କୁ ଯେମିତି ଚିହ୍ନିଛନ୍ତି, ତାହାକୁ ସର୍ବଜନ ସମ୍ମୁଖରେ ଉପସ୍ଥାପନ କରିବା ଏକ ସହଜ କାର୍ଯ୍ୟ ନ ଥିଲା। ତଥାପି ସେମାନଙ୍କୁ ସ୍ମାର୍ଟ ଭାବେ ଗଢ଼ି ତୋଳିବାକୁ ଲକ୍ଷାଧିକ ଟଙ୍କା ବିନିମୟରେ ବିଦ୍ୟାଳୟ ଯେଉଁ ଦାୟିତ୍ୱ ବହନ କରିଛି, ସେଇ ଦାୟିତ୍ୱକୁ ସୁଚାରୁରୂପେ ନିର୍ବାହ କରିବାକୁ କାର୍ଯ୍ୟକ୍ରମଟି ଥିଲା ଏକ ଭିନ୍ନ ଧରଣର ପ୍ରଚେଷ୍ଟା।

କେତେକ ସ୍ମାର୍ଟ ପିଲା ନିଜ ମାଆବାପାଙ୍କ ଗୁଣ କୀର୍ତ୍ତନ କଲେ ବହୁ ଭାବେ ନିଜ ଦୈନନ୍ଦିନ ଅନୁଭୂତିରୁ ବହୁ ଘଟଣା ଉଲ୍ଲେଖ କରି। ଏହି ଅଭିନବ କାର୍ଯ୍ୟକ୍ରମଟି ସୁଚାରୁ ରୂପେ ସଂଚାଳିତ ହୋଇ ଏକ ରୋଚକ ମୋଡ଼ରେ ପହଞ୍ଚି ଥିବା ବେଳେ ଅଚାନକ ଜଣେ ସ୍ମାର୍ଟ ବୟଙ୍କ ଏକ ବିଚିତ୍ର ବକ୍ତବ୍ୟ ଅତ୍ୟନ୍ତ ହାଲୁକା ପରିବେଶକୁ ଗମ୍ଭୀର ସ୍ଥିତିକୁ ନେଇ ଯାଇଥିଲା। ବାଳସୁଲଭ ବକ୍ତବ୍ୟ ତ ନୁହେଁ, ନିଜ ମାଆବାପାଙ୍କ ବିରୋଧରେ ଏକ ଅଜବ ଅଭିଯୋଗ, ଯାହା ବୟସ୍କଙ୍କ ବିଚାରରେ ଅର୍ଥହୀନ କହିଏଡ଼ାଇ ହେବ ନାହିଁ। ପିଲାଟିର ସ୍ୱର ଶୁଭୁଥିଲା ରାଜାଙ୍କ ଦରବାରରେ କୌଣସି ପୀଡ଼ିତ ପ୍ରଜାଙ୍କ ଆକୁଳ ଆବେଦନ ପରି। ସେ କହୁଥିଲା, "ସ୍କୁଲରେ ପାଠପଢ଼ା ତ ସ୍କୁଲରୁ ଯାଇ ଘରେ ପହଞ୍ଚିଲା ପରେ ହୋମ୍‌ଟାସ୍କ। ସ୍କୁଲରେ ସାଙ୍ଗ ଅଛନ୍ତି ଯେ ତାଙ୍କ ସହ ଖେଳିବାକୁ ସମୟ ନାହିଁ। ସ୍କୁଲ ଛୁଟି ପରେ ଘରେ ଯାଇ ପହଞ୍ଚିଲେ ଘର ମେଡ୍ (ଚାକରାଣୀ)ର ନାଲିଆଖି। ବାପା ସେତେବେଳେ ତାଙ୍କ ଅଫିସରେ ତ ମାଆ ତାଙ୍କ ଅଫିସରେ। ସେମାନେ ଘରକୁ ଫେରିଲା ପରେ ଆମ ସହ ଖେଳିବାକୁ ସେମାନଙ୍କର ସମୟ ନାହିଁ। ସାଙ୍ଗ ହୋଇ ଖେଳିବାକୁ ଆଉ କେହି ଭାଇ ଭଉଣୀ ବି ନାହାନ୍ତି।" ପରବର୍ତ୍ତୀ କଥା ଉଚ୍ଚାରିତ ନ ହେଲେ ବି ଶୁଣିଲାବାଲାଙ୍କ କାନରେ ଯେମିତି ପ୍ରତିଧ୍ୱନିତ ହେଉଥିଲା- "ଏଇଟା କି ଜୀବନ!"

ଉପରୋକ୍ତ ଘଟଣାର ଜଣେ ପ୍ରତ୍ୟକ୍ଷଦର୍ଶୀ ବନ୍ଧୁ, ଯିଏ ସେଇ ବିଦ୍ୟାଳୟର ଜଣେ ବିଦ୍ୟାର୍ଥୀଙ୍କ ଜେଜେ ଥିଲେ, ତାଙ୍କ ନିକଟରୁ କଥାଟି ଶୁଣି ଏହି ଲେଖକର ସ୍ମୃତିପଟରେ ଉଜ୍ଜୀବିତ ହୋଇଥିଲା ବହୁବର୍ଷ ତଳେ ଜି-ଟିଭିରେ ପ୍ରଦର୍ଶିତ ହୋଇଥିବା 'ତୀର କମାନ' ନାମକ କାର୍ଯ୍ୟକ୍ରମର କଥାବସ୍ତୁ। ସେଇ ପ୍ରୋଗ୍ରାମରେ ପ୍ରଦର୍ଶିତ ହୋଇଥିଲା ଉଚ୍ଚ ପ୍ରାଥମିକ ଶ୍ରେଣୀରେ ପାଠ ପଢୁଥିବା କିଛି କିଶୋର କିଶୋରୀଙ୍କର ମାତାପିତାଙ୍କ ସମ୍ପର୍କରେ ନିଜ ମନର କଥା। ଏହି ମନର କଥା ମଧ୍ୟରେ ପ୍ରତିଫଳିତ ହୋଇଥିବା ଅଭିଯୋଗ କେବଳ କିଛି କିଶୋରପ୍ରାଣର ଅଭିବ୍ୟକ୍ତି ନ ଥିଲା, ବରଂ ଏହା



ଭିତରୁ ପ୍ରତିଧ୍ୱନିତ ହେଉଥିଲା ଆମ ସାମାଜିକ ଜୀବନ ବିରୋଧରେ ଏକ ଚେତାବନୀ। ଘରର ଗୋପନ କଥା ବା ମାଆବାପାଙ୍କ ଚାଲିଚଳଣକୁ ପଦାରେ ପ୍ରଘଟ ନ କରିବା ଭଳି ଦୁର୍ଭେଦ୍ୟ ବାରଣର କାନ୍ଥ ଭାଙ୍ଗି କିଶୋର କିଶୋରୀଙ୍କ କୋମଳ ମନର ପ୍ରଶ୍ନ ଲକ୍ଷ ଲକ୍ଷ ଟିଭି ଦର୍ଶକଙ୍କ ଆଗରେ ପ୍ରକାଶିତ ହେବା ସେତେବେଳେ ଗୋଟାଏ ମାମୁଲି କଥା ନ ଥିଲା।

"ମୋ ବାପା ବିଜନେସ୍ ଟୁର୍‌ରେ ବାହାରକୁ ଗଲାବେଳେ ମାଆ କାହିଁକି ତାଙ୍କ ସହିତ ଯାଆନ୍ତି? ଘରେ ହାଉସ୍ ବୟ ଓ ମେଡ୍‌ଙ୍କ ହେପାଜରେ ମୋତେ ଛାଡ଼ି ବାହାରେ ରହିଥିବା ବେଳେ ମୋ କଥା ସେମାନଙ୍କର କ'ଣ ମନେପଡ଼େନା! ମୋତେ କିନ୍ତୁ ସେମାନଙ୍କ କଥା ମନେ ପଡ଼ି କାନ୍ଦ ଲାଗେ, ଭାରି ଏକା ଏକା ଲାଗେ!"

"ମୋ ବାପା ବହୁତ ସିଗାରେଟ୍ ପିଅନ୍ତି। ଟିଭିରୁ ଦେଖିଛି ଓ ଶୁଣିଛି, ସିଗାରେଟ୍ ପିଇଲେ ମଣିଷକୁ କ୍ୟାନ୍‌ସର ହୁଏ ଓ ସେ ଅକାଳରେ ମୃତ୍ୟୁବରଣ କରେ। ତେବେ ମୋ ବାପା ସିଗାରେଟ୍ ପିଉଛନ୍ତି କାହିଁକି? ତାଙ୍କୁ ଯଦି କ୍ୟାନ୍‌ସର ହୋଇଯାଏ, ତେବେ ମୋର ଓ ମାଆଙ୍କର କ'ଣ ହେବ!"

"ବାପା ମାଆ ଆମକୁ ସବୁବେଳେ ମିଛ ନ କହିବା ପାଇଁ ଶିଖାଉଛନ୍ତି। ମିଛ କହିଲେ ଲୋକେ ଘୃଣା କରନ୍ତି ବୋଲି କହନ୍ତି। ତେବେ ବାପାଙ୍କୁ କେହି ଦେଖାକରିବାକୁ ଆସିଲେ ସେ ଘରେ ଥାଇ ମଧ୍ୟ 'ବାପା ନାହାନ୍ତି' ବୋଲି କହିଦେବାକୁ ଆମକୁ ତାଗିଦା କରିଦିଅନ୍ତି କାହିଁକି?"

"ପ୍ରତି ରାତିରେ ବାପା ମାଆ ଆମକୁ କହନ୍ତି- ଶୀଘ୍ର ଶୋଇଯାଅ। ସହଳ ଶୋଇ ସହଳ ଉଠିଲେ ସ୍ୱାସ୍ଥ୍ୟ ଭଲ ରହିବ। କିନ୍ତୁ ସେମାନେ ନିଜେ ବିଳମ୍ବିତ ରାତିଯାଏଁ ଟିଭି ଦେଖି ଡେରିରେ ଶୁଅନ୍ତି କାହିଁକି?"

"ସଫଳତା ପାଇବାକୁ ମାଆବାପା ଆମକୁ ପୁରସ୍କାରର ଲୋଭ ଦେଖାନ୍ତି। 'ତୁ ଏଥର ପରୀକ୍ଷାରେ ଫାଷ୍ଟ ହେଲେ ତୋତେ ଆଗ୍ରାର ତାଜମହଲ ଦେଖାଇ ଆଣିବି। ତୁମେ ଡିବେଟ୍‌ରେ ପ୍ରଥମ ହେଲେ ତୁମ ପାଇଁ ସାଇକେଲ କିଣିଦେବି।' ବାସ୍, ଏତିକି। ସଫଳତା ପାଇଲା ପରେ ସେମାନେ ଦେଇଥିବା ପ୍ରତିଶ୍ରୁତି ଭୁଲିଯାଆନ୍ତି। ମନେ ପକାଇଦେଲେ ବିଭିନ୍ନ ଆଳ ଦେଖାଇ ପୁଣି ଭୁଲିଯାଆନ୍ତି କିପରି?"

"ଅନ୍ୟ ପିଲାମାନଙ୍କ ସହ ତୁଳନା କରି ଆମ ମାଆବାପା ଆମକୁ ନେଇ ସୁଖୀ ହୋଇପାରନ୍ତିନି। ସେ ଏମିତି କଲା, ତୁମେ ସେମିତି କରିପାରିଲନି କାହିଁକି? ସେ ପରୀକ୍ଷାରେ ନବେ ପର୍ସେଣ୍ଟ ରଖିଲା, ତୁମର ଅଣାନବେ ପର୍ସେଣ୍ଟ ହେଲା କାହିଁକି? ଆମ ମାଆବାପାଙ୍କୁ ଆମେ କେମିତି ବୁଝାଇବୁ ଯେ କେହି କାହା ଭଳି ନୁହନ୍ତି। ନରେନ୍ଦ୍ର ଦତ୍ତଙ୍କ ସହପାଠୀ ବିବେକାନନ୍ଦ ହୋଇପାରିଲେ ନା ଶାସ୍ତ୍ରୀଙ୍କ ସହ ପାଠ ପଢୁଥିବା ସାଙ୍ଗ ଦେଶର ପ୍ରଧାନମନ୍ତ୍ରୀ ହୋଇପାରିଲେ!"

ନିଜ ଝିଅପୁଅଙ୍କ ଚେହେରା ମାୟାଦର୍ପଣରେ ପ୍ରତିଫଳିତ ହେବାକୁ ଆବେଗର ସହ ଅପେକ୍ଷା କରିଥିବା ମାଆବାପାମାନେ ନିଜ ପିଲାମାନଙ୍କ ସ୍ପଷ୍ଟୋକ୍ତିରେ ଆହ୍ଲାଦିତ ହୋଇ ନ ଥିବେ ନିଶ୍ଚୟ। କେବଳ ସେମାନେ ନୁହନ୍ତି, ସେହି କାର୍ଯ୍ୟକ୍ରମଟି ଦେଖିଥିବା ଦେଶର ବିଭିନ୍ନ ପ୍ରାନ୍ତର ମାଆବାପାମାନେ ମନେମନେ ପ୍ରମାଦ ଗଣୁଥିବେ- କେଉଁଠି ସେମାନଙ୍କ ସନ୍ତାନଗଣ ତାଙ୍କ ବିରୋଧରେ ଏମିତି ଅଭିଯୋଗ ବାଢ଼ି ବସୁ ନ ଥିବେ ତ! ସେମାନଙ୍କ ପିଲାମାନଙ୍କର କୋମଳ ମନକୁ ଆନ୍ଦୋଳିତ କଲା ଭଳି କିଛି ଆଚରଣ ସୃଷ୍ଟି କରିନାହାନ୍ତି ତ? କିଛି ସମୟ ପାଇଁ ସଭିଏଁ ଆତ୍ମସମୀକ୍ଷାରେ ବ୍ୟସ୍ତ ହୋଇ ପଡ଼ିବେ।

ଏ ତ ଗଲା ସେତେବେଳର କଥା। ମାତ୍ର ଏବେ ଯେମିତି ନିଜ ପିଲାମାନଙ୍କୁ ଉଗ୍ର ଆଧୁନିକତାର ପ୍ରବହମାନ ସ୍ରୋତରେ ଭସାଇ ନେବାକୁ ଜୋରସୋର ପ୍ରତିଯୋଗିତା ଲାଗିଛି। ଲକ୍ଷାଧିକ ଟଙ୍କାର ଆଡ୍‌ମିଶନ ଫି ନେଉଥିବା ମଡର୍ନ ସ୍କୁଲରେ ପାଠ ପଢ଼ାଇବାକୁ ଯେଉଁଠି ଷ୍ଟାଟସ୍ ସିମ୍ବଲ ଭାବେ ବିବେଚନା କରାଯାଉଛି, ସେଠି ସେମାନଙ୍କୁ ସର୍ବଜନ ସମ୍ମୁଖରେ ଘରକଥା ପଦାରେ ପକାଇଲା ଭଳି ସ୍ମାର୍ଟ ବୟ ବା ସ୍ମାର୍ଟ ଗର୍ଲଟିଏ ହେବାର ଦେଖିବାକୁ କୁଣ୍ଠା ବା କାର୍ପଣ୍ୟ କାହିଁକି!

ଦିନ ଥିଲା, ମାଆ ପ୍ରାର୍ଥନା ବୋଲୁଥିଲେ- 'ଦୁଃଖୀ ଅରକ୍ଷିତ ସେବା କାରଣେ, ବଳ ଦିଅ ମୋର କର ଚରଣେ।' ମାଆଙ୍କ କଣ୍ଠ ସହ ନିଜ କଣ୍ଠ ମିଳାଇ ପ୍ରାର୍ଥନା ବୋଲୁଥିବା ପିଲାଟି ପରଦିନ ସ୍କୁଲ ପ୍ରାଙ୍ଗଣରେ ନିଜ ଟିଫିନ ବାକ୍ସରୁ ଅଧା ଟିଫିନ ପାଖରେ ଛିଡ଼ା ହୋଇ ଚାହିଁ ରହିଥିବା ଦରିଦ୍ର ପିଲାଟିକୁ ଦେଇ ତୃପ୍ତ ହେଉଥିଲା ଓ ଘରକୁ ଫେରି ମାଆକୁ କହୁଥିଲା ମାଆ! ଆଜି ସ୍କୁଲରେ ଜଣେ ଗରିବ ପିଲାକୁ ମୋ ଟିଫିନ୍‌ରୁ ଅଧା ଦେଇ ଦେଇଛି। ପୁଅର ଏହି ସହୃଦୟତା ପାଇଁ ତା' ପିଠି ଥାପୁଡ଼ାଇ ଦେବା ପରିବର୍ତ୍ତେ ମାଆ ଗର୍ଜି ଉଠୁଥିଲେ- ସେଭଳି ଇତର ପିଲାମାନଙ୍କ ସହ ତୋର କି ସମ୍ପର୍କ! ଖବରଦାର୍, ଏଣିକି ସେମିତି କଲେ ତୋ' ଟିଫିନ୍ ପୂରା ବନ୍ଦ କରିଦେବି। ପିଲାଟି କାଲି ସନ୍ଧ୍ୟାରେ ଦୁଃଖୀଜନଙ୍କ ସେବା କରିବାକୁ ପ୍ରାର୍ଥନା ବୋଲୁଥିବା ମାଆଙ୍କ ଭିନ୍ନ ଏକ ରୂପ ଦେଖି ଚକିତ ହେଉଥିଲା। କେଉଁଟା ଠିକ୍, କେଉଁଟା ଭୁଲ୍ ବୁଝି ନ ପାରି ସେ ନିରବୀ ଯାଉଥିଲା।

ଏବେ କିନ୍ତୁ ସମୟ ବଦଳିଛି। ପିଲାଟି ସ୍ମାର୍ଟ ହୋଇଛି। ମାଆବାପାଙ୍କ ଉଚ୍ଚାରଣ ଓ ଆଚରଣ ମଧ୍ୟରେ ଗୁରୁତର ବୈଷମ୍ୟ ଲକ୍ଷ୍ୟ କଲେ ସେ ପ୍ରଶ୍ନ କରିବାର ଅଧିକାର ଓ ସାହସ ଅର୍ଜନ କରିଛି। ତା' ବୟସଠୁଁ ତାକୁ ଅଧିକ ବେଗରେ ଦୌଡ଼ାଉ ଥିବା ତଥା ଆଧୁନିକତାର ଗଣଦୌଡ଼ରେ ତା'ର ଟିକି ପାଦ ଦିଓଟିକୁ ପ୍ରତିଯୋଗୀ ସଜାଇଥିବା ମାଆବାପାମାନଙ୍କୁ ତା' ପ୍ରଶ୍ନର ଉତ୍ତର ଦେବାକୁ ହିଁ ପଡ଼ିବ। ଆଜି ନ ହେଲେ କାଲି!

**ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର-୧୦**
**ମୋ: ୮୮୯୫୬୨୪୧୦୫**

# ଗଣତାନ୍ତ୍ରିକ ଏକଛତ୍ରବାଦ



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ଗଣତନ୍ତ୍ର ଏବଂ ଏକଛତ୍ରବାଦ ଦୁଇଟି ବିପରୀତବୋଧକ ଶବ୍ଦ ହୋଇଥିଲେ ମଧ୍ୟ ସମୟ ସମୟରେ ଗଣତନ୍ତ୍ରର ଖୋଳପା ପିନ୍ଧି ସଂଖ୍ୟାଗରିଷ୍ଠତାକୁ ଆଶ୍ରୟ କରି ଏକଛତ୍ରବାଦର ଅଭ୍ୟୁଦୟ ଘଟିଥାଏ। ଭ୍ଲାଡିମିର ପୁଟିନ୍ ଏବଂ ଶି ଜିନ୍‌ପିଙ୍ଗଙ୍କ ଭଳି ଏକଛତ୍ରବାଦୀ ଶାସକମାନେ ପ୍ରଥମେ ଗଣତାନ୍ତ୍ରିକ ପଦ୍ଧତି ଅବଲମ୍ବନ କରି ଶାସନ କ୍ଷମତା ହାସଲ କରିଛନ୍ତି, ପରେ ଗଣତନ୍ତ୍ରର ହତ୍ୟାକରି ଏକଛତ୍ରବାଦୀ ହୋଇଛନ୍ତି। ଏହାକୁ ଦଳୀୟ ଏକଛତ୍ରବାଦ ମଧ୍ୟ କୁହାଯାଏ। ସଂଖ୍ୟାଗରିଷ୍ଠ ଶାସକ ଦଳର ନେତା ନାନା କୌଶଳ ଅବଲମ୍ବନ କରି ବିରୋଧୀ ଜନମତକୁ ନୀରବ ଅଥବା ନିଶ୍ଚିହ୍ନ କରିଦିଅନ୍ତି -ଯାହା ଚାଇନା ଅଥବା ରୁଷିଆରେ ଘଟିଛି। କୁହାଯାଏ ଭାରତୀୟ ପାର୍ଲାମେଣ୍ଟରେ ଦୁଇ ତୃତୀୟାଂଶ ଅଥବା ତତୋଽଧିକ ସଭ୍ୟଙ୍କ ସମର୍ଥନ ହାସଲ କରିଥିବା ପ୍ରଧାନମନ୍ତ୍ରୀ ପୃଥିବୀର ଯେକୌଣସି ଦେଶର ଶାସକଙ୍କ ଅପେକ୍ଷା ବହୁଗୁଣ ଅଧିକ ଶକ୍ତିଶାଳୀ, ସେ ସଂଖ୍ୟାଗରିଷ୍ଠତା ବଳରେ ଦେଶର ସମ୍ବିଧାନକୁ ମଧ୍ୟ ବଦଳେଇ ଦେଇପାରନ୍ତି। ଆମ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ସଂଖ୍ୟାଗରିଷ୍ଠ ସରକାରଙ୍କ ମନମୁଖି କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରିବା ନିମନ୍ତେ ସୁପ୍ରିମକୋର୍ଟ ଏକ ରକ୍ଷାକବଚ ଭଳି କାର୍ଯ୍ୟ କରିଥାନ୍ତି। ସୁପ୍ରିମକୋର୍ଟର ବିଚାରପତିମାନେ ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ଗୋଟିଏ କଲେଜିୟମ୍ ଦ୍ୱାରା ନିଯୁକ୍ତ ହୋଇଥାନ୍ତି। ନିକଟ ଅତୀତରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଚାରପତିମାନଙ୍କ ନିଯୁକ୍ତି କ୍ଷେତ୍ରରେ ହସ୍ତକ୍ଷେପ କରିବା ପ୍ରୟାସକୁ ପ୍ରଧାନ ବିଚାରପତିଙ୍କ ଦୃଢ଼ ବିରୋଧ ହେତୁ ରୋକି ଦିଆଯାଇପାରିଛି। ଆମ ସଂଘୀୟ ବ୍ୟବସ୍ଥାରେ ସିବିଆଇ, ଇଡି, (ଏନ୍‌ଫୋର୍ସ ଡିପାର୍ଟମେଣ୍ଟ), ଇସି(ଇଲେକଶନ୍ କମିଶନ) ଭଳି ସଂସ୍ଥାଗୁଡ଼ିକୁ ନିରପେକ୍ଷ ଏବଂ ସରକାରୀ ନିୟନ୍ତ୍ରଣ ଊର୍ଦ୍ଧ୍ୱରେ ରହି କାର୍ଯ୍ୟକରିବା ବିଧେୟ। କିନ୍ତୁ ସିବିଆଇ ଏବଂ ଇଡି ସମ୍ପୂର୍ଣ୍ଣ ରୂପେ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବାରୁ ସଂଖ୍ୟାଗରିଷ୍ଠ ସରକାର ସେଗୁଡ଼ିକର ଦୁରୁପଯୋଗ କରି ବିରୋଧୀ ଦଳର ନେତାମାନଙ୍କୁ ହଇରାଣହରକତ କରିବାର ଅଭିଯୋଗ ଲୋକଲୋଚନକୁ ଆସୁଛି। ସଂଘୀୟ ବ୍ୟବସ୍ଥାରେ ରାଜ୍ୟପାଳଙ୍କର ନିରପେକ୍ଷ ଭୂମିକା ଏବଂ ସାମ୍ବିଧାନିକ ମର୍ଯ୍ୟାଦା ରହିଛି, ମାତ୍ର ରାଜ୍ୟପାଳ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଏବଂ ନିୟନ୍ତ୍ରିତ ହେଉଥିବାରୁ ସଂଖ୍ୟାଗରିଷ୍ଠ ସରକାର ଏହାର ଦୁରୁପଯୋଗ କରି ବିରୋଧୀ ଦଳର ରାଜ୍ୟ ସରକାରମାନଙ୍କର ପତନ ଘଟାଇବା, ନୂତନ ସରକାର ଗଠନରେ କେନ୍ଦ୍ର ସରକାରଙ୍କ ସପକ୍ଷରେ କାର୍ଯ୍ୟ କରିବାର ଅଭିଯୋଗ ଦେଶର ପତ୍ରପତ୍ରିକାରେ ଆଲୋଚିତ ହୋଇ ଆସୁଛି। ସେହିପରି ଦେଶର ଇଲେକ୍‌ଶନ କମିଶନ୍ ଏକ ମର୍ଯ୍ୟାଦାଜନକ ସଂସ୍ଥା, ଯାହାର ନିରପେକ୍ଷତା ଉପରେ ଗଣତନ୍ତ୍ରର ସୁରକ୍ଷା ନିର୍ଭର କରୁଛି। ଏହାକୁ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୂର୍ବ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟ ଦୁଇଜଣ କମିଶନରଙ୍କୁ ଗୋଟିଏ ସର୍ବୋଚ୍ଚ ଚୟନ ସଂସ୍ଥା ଯଥା ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି, ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟ ବିରୋଧୀ ଦଳର ନେତାଙ୍କୁ ନେଇ ଗଠିତ କମିଟି ସହମତିରେ ଅଥବା ସଂଖ୍ୟାଗରିଷ୍ଠ ମତରେ ନିଯୁକ୍ତ କରିବା ପରମ୍ପରା ରହି ଆସିଛି। ସମ୍ପ୍ରତି କେନ୍ଦ୍ର ସରକାର ଲୋକ ସଭାରେ ଗୋଟିଏ ବିଲ୍ ପାସ୍ କରିଛନ୍ତି, ଯାହାଦ୍ୱାରା ଉକ୍ତ କମିଟିରୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କୁ



ବାଦ୍ ଦିଆଯାଇ ତାଙ୍କ ସ୍ଥାନରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ସ୍ଥାନିତ କରାଯିବାର ବ୍ୟବସ୍ଥା ହୋଇଛି। ସଂଖ୍ୟାଗରିଷ୍ଠତା ବଳରେ ଏହି ବିଲ୍ ପାରିତ ହୋଇଯିବାରୁ ନିର୍ବାଚନ କମିଶନଙ୍କ ନିରପେକ୍ଷତାକୁ କୁଠାରାଘାତ କଲାଭଳି ହେଲା, କାରଣ ଇଲେକ୍‌ଶନ କମିଶନର କୌଣସି ସଭ୍ୟଙ୍କ ନିଯୁକ୍ତି କ୍ଷେତ୍ରରେ ମତାନ୍ତର ଘଟିଲେ ପ୍ରଧାନମନ୍ତ୍ରୀ ଏବଂ କ୍ୟାବିନେଟ୍ ମନ୍ତ୍ରୀ ଏକତ୍ର ହୋଇ ବିରୋଧୀ ଦଳ ସଭ୍ୟଙ୍କ ମତାମତକୁ ଉଦ୍ଦେଶ୍ୟମୂଳକ ଭାବରେ ଅଗ୍ରାହ୍ୟ କରିଦେଇପାରିବେ, ଫଳରେ କମିଶନ ତାହାର ନିରପେକ୍ଷ ଭୂମିକା ହରାଇବାକୁ ବାଧ୍ୟ ହେବ। ସମ୍ପ୍ରତି ଏହି କ୍ରମରେ ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟଜଣେ କମିଶନରଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏସବୁ ଦେଖି ମନେହେଉଛି ଆମ ଦେଶର ଗଣତନ୍ତ୍ର ରୁଷିଆ ଏବଂ ଚାଇନା ଭଳି ଦଳୀୟ ଏକଛତ୍ରବାଦ ଆଡକୁ ଅଗ୍ରସର ହେଉଛି। ଏହାର ଏକ ସମ୍ଭାବ୍ୟ ପ୍ରତିକାର ହେଲା ଦେଶର ରାଷ୍ଟ୍ରପତିଙ୍କ ଭୂମିକାକୁ ଅପେକ୍ଷାକୃତ ଶକ୍ତିଶାଳୀ ଏବଂ ନିରପେକ୍ଷ କରିବାର ବ୍ୟବସ୍ଥା କରିବା। କାରଣ ସମସ୍ତ ଶାସନ ରାଷ୍ଟ୍ରପତିଙ୍କ ନାମରେ ଚାଲୁଥିଲେ ମଧ୍ୟ ପ୍ରକୃତରେ କେନ୍ଦ୍ରରେ ସମାସୀନ ସଂଖ୍ୟାଗରିଷ୍ଠ ସରକାର ହିଁ ସମସ୍ତ କ୍ଷମତା ଉପଭୋଗ କରନ୍ତି। ରାଷ୍ଟ୍ରପତି କେବଳ ଗୋଟିଏ ରବର ଷ୍ଟାମ୍ପ ପରି କାର୍ଯ୍ୟ କରନ୍ତି। କିନ୍ତୁ ସ୍ମରଣ ରଖିବାକୁ ହେବ- ରାଷ୍ଟ୍ରପତି କେବଳ ଯେ ଭାରତୀୟ ଗଣତନ୍ତ୍ର ଶାସନର ମୁଖ୍ୟ ତାହା ନୁହେଁ, ସେ ମଧ୍ୟ ଭାରତୀୟ ସଂଘୀୟ ବ୍ୟବସ୍ଥାର ମୁଖ୍ୟ। ବ୍ରିଟିଶ ଗଣତନ୍ତ୍ରରେ ରାଜା ବା ରାଣୀଙ୍କର ସୀମିତ କ୍ଷମତାକୁ ଅନୁସରଣ କରି ଆମ ଦେଶରେ ରାଷ୍ଟ୍ରପତିଙ୍କ ଭୂମିକା ସ୍ଥିରୀକୃତ ହୋଇଛି। ମାତ୍ର ଆମର ରାଷ୍ଟ୍ରପତି ଜଣେ ନିର୍ବାଚିତ ବ୍ୟକ୍ତି ହୋଇଥିବା ବେଳେ ବ୍ରିଟିଶ ଗଣତନ୍ତ୍ରରେ ରାଜା କିମ୍ବା ରାଣୀଙ୍କର ଦେଶ ଉପରେ ଐତିହାସିକ ତଥା ପୁରୁଷାନୁକ୍ରମିକ ଅଧିକାର ରହିଛି। ଲୋକ ସଭାର ସମସ୍ତ ନିର୍ବାଚିତ ସଦସ୍ୟ ଏବଂ ସମସ୍ତ ବିଧାନସଭାର ନିର୍ବାଚିତ ସଭ୍ୟଙ୍କ ସଂଖ୍ୟାଗରିଷ୍ଠ ଆପେକ୍ଷିକ ଗୁରୁତ୍ୱପୂର୍ଣ୍ଣ ବହୁମତରେ ରାଷ୍ଟ୍ରପତି ନିର୍ବାଚିତ ହୁଅନ୍ତି। ଏହି ନିର୍ବାଚନରେ ଲୋକ ସଭାର ସଂଖ୍ୟାଗରିଷ୍ଠ ଦଳର ଭୋଟର ମୂଲ୍ୟ ସର୍ବାଧିକ ହୋଇଥିବାରୁ ପ୍ରଧାନମନ୍ତ୍ରୀ ହିଁ ରାଷ୍ଟ୍ରପତିଙ୍କ ନିର୍ବାଚନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ତେଣୁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କ ପ୍ରତି ଅନୁରକ୍ତ ରହି କାର୍ଯ୍ୟ କରିବା ସ୍ୱାଭାବିକ। ରାଷ୍ଟ୍ରପତି ସଂଘୀୟ ବ୍ୟବସ୍ଥାର ମୁଖ୍ୟ ହୋଇଥିବାରୁ କେବଳ ବିଧାନସଭାଗୁଡ଼ିକର ନିର୍ବାଚିତ ସଭ୍ୟମାନଙ୍କର ସଂଖ୍ୟାଗରିଷ୍ଠ ମତରେ ସେ ନିର୍ବାଚିତ ହେବା ସମୀଚୀନ ମନେହୁଏ। ରାଷ୍ଟ୍ରପତିଙ୍କ ନିର୍ବାଚନରେ ଲୋକ ସଭା ସଭ୍ୟଙ୍କ ମତଦାନ ଏକ ଅନାବଶ୍ୟକ ଦ୍ୱୈତପନ୍ଥା ଛଡ଼ା ଆଉ କିଛି ନୁହେଁ, କାରଣ ବିଧାନସଭାଗୁଡ଼ିକର ନିର୍ବାଚିତ ସଭ୍ୟମାନେ ଯେଉଁ ଜନମଣ୍ଡଳୀର ପ୍ରତିନିଧିତ୍ୱ କରନ୍ତି ଲୋକ ସଭାର ନିର୍ବାଚିତ ସଭ୍ୟମାନେ ମଧ୍ୟ ସେହି ଜନମଣ୍ଡଳୀର ପ୍ରତିନିଧିତ୍ୱ କରିଥାନ୍ତି। ମୋଟ କଥା, ରାଷ୍ଟ୍ରପତିଙ୍କ ଭୂମିକା ଅପେକ୍ଷାକୃତ ଶକ୍ତିଶାଳୀ ଏବଂ ନିରପେକ୍ଷ ହେଲେ ଦେଶର ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଉପରେ ତାଙ୍କର ସ୍ୱାଧୀନ ଅଧିକାର ସାବ୍ୟସ୍ତ ହୋଇପାରିବ ବୋଲି ଆଶା। ଦେଶର ସମ୍ବିଧାନ ବିଶେଷଜ୍ଞମାନେ ବିଷୟଟିକୁ ଗୁରୁତ୍ୱ ସହକାରେ ବିଚାର କରିବା ଉଚିତ ବୋଲି ମନେହୁଏ। କହିବା ବାହୁଲ୍ୟ ଉପଯୁକ୍ତ ଚେକ୍ ଆଣ୍ଡ ବାଲାନ୍ସ (ନିୟନ୍ତ୍ରଣ ଓ ସାମଞ୍ଜସ୍ୟ) ନ ରହିଲେ କୌଣସି ଗଣତନ୍ତ୍ର ସୁରକ୍ଷିତ ରହିପାରେ ନାହିଁ।

**ମୋ: ୯୪୩୭୨୮୭୯୬୪**

## ଏଇ ଭାରତରେ

ଘରର ସୌନ୍ଦର୍ଯ୍ୟ ପାଇଁ ବଗିଚାରେ ସୀମିତ ନରହି ସେଥିରୁ କେମିତି କିଛି ଉତ୍ପାଦନ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯିବା ଦରକାର। ଗୋଟିଏ କି ଦୁଇ ପ୍ରକାର ନୁହେଁ, ୧୫ ପ୍ରକାରର ମସଲା ଚାଷ କରୁଛନ୍ତି ଉତ୍ତରାଖଣ୍ଡର ଡ. ଅଂଶୁ ରଥ। ସେ ଭାରତରେ ଉତ୍ପାଦନ କରାଯାଉଥିବା ମସଲା ବିଶେଷକରି ହଳଦୀ, ଗୋଲମରିଚ, ଲବଙ୍ଗ, କେସର, ତେଜପତ୍ର, ଗୁଜରାତି, ଅଳେଇଚ, ଲଙ୍କା ଆଦି ମସଲା ଚାଷ କରୁଛନ୍ତି। ହିମାଳୟର ପାଦଦେଶରେ ଅଂଶୁଙ୍କ ଘର। ବୃତ୍ତିରେ ଜଣେ ଡାକ୍ତର ହେଲେ ବି ମସଲା ଚାଷ କରିବାରେ ରୁଚି ରଖିଛନ୍ତି। ସେ ତାଙ୍କ ଅଗଣାରେ ମସଲା ଗଛ ସହିତ ଫଳ, ପରିବା ଆଦି ପାଖାପାଖି ୪୦୦ ଗଛ ଲଗାଇଛନ୍ତି। ତାଙ୍କ ଘର ଅଗଣାରର ୧୫୦୦ ବର୍ଗଫୁଟ ଜାଗାରେ ସେ ଏହି ମସଲା ବଗିଚା କରିଛନ୍ତି। ଏଥିରେ ଅନେକ ପ୍ରକାର ଔଷଧୀୟ ଗଛ ବି ରହିଛି। ସେ ଜୈବିକ ଖତ ଓ କୀଟନାଶକ ପ୍ରସ୍ତୁତ କରି ବ୍ୟବହାର କରୁଛନ୍ତି। ଉତ୍ତରାଖଣ୍ଡର ଜଳବାୟୁ ଏହି ଚାଷ ପାଇଁ ଉପଯାଗୀ ହେଉଛି ବୋଲି କୁହନ୍ତି ୩୬ ବର୍ଷୀୟ ଅଂଶୁ।

## ଚିରନ୍ତନୀ

ମୋରପ୍ରିୟ ସବୁ ଦେଶେ ଅଛି
ସବୁ କାଳେ,
ଅଛି ସମ୍ମୁଖରେ, ଅଛି ଦୂର
ଚକ୍ରବାଳେ,
ଥିଲେ ହେଁ ମୁଁ ଅଙ୍କ ରୂପେ
ଚିରଦିନ ଅନ୍ଧକୂପେ
ତହିଁ ତୋ ଅଧର ହାସ କି
ଆଲୋକ ଢାଳେ!
-(ଚିତ୍ରୋତ୍ପଳା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଶୋଚନୀୟ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଜନସାଧାରଣ ସମସ୍ୟାରେ ଅଛନ୍ତି। ବିଡ଼ମ୍ବନାର ବିଷୟ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା ବିଭିନ୍ନ ସ୍ଥାନରେ ଜଳସେଚନ ବିଭାଗର କେନାଲ ବନ୍ଧ, ନଦୀବନ୍ଧ ଓ ପଞ୍ଚାୟତ ରାସ୍ତା ଦେଇ ଅତିକ୍ରମ କରିଥିଲା। ଏଣୁ ଖରିଫ ଋତୁରେ କେନାଲ ଜଳ ଯୋଗାଣ ପାଇଁ ଜଳସେଚନ ବିଭାଗର କେନାଲ ସଫେଇ, କେନାଲ ମରାମତି ଓ ସୋଠ ମରାମତି ଇତ୍ୟାଦି କାର୍ଯ୍ୟ ଯୋଗୁ ରାସ୍ତାଗୁଡ଼ିକ ଖାଲଖମାରେ ପରିଣତ ହୋଇଥିଲା। ଏପରିକି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କରେ ଭାରିଯାନ ଚଳପ୍ରଚଳ ହେବାରୁ ରାସ୍ତାଗୁଡ଼ିକର ଅବସ୍ଥା ଖରାପ ହୋଇପଡ଼ିଥିଲା। ରାଧାପାଦ ଦର୍ଶନ ସମୟରେ ସମନ୍ୱୟ ବୈଠକ ପ୍ରସ୍ତୁତି ପରେ ମଧ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ବୈଠକ ନ ହେବାରୁ ବର୍ତ୍ତମାନ ସୁଦ୍ଧା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଶୋଚନୀୟ ହୋଇପଡ଼ିଛି। ସଂପ୍ରତି ଗ୍ରାମାଞ୍ଚଳରେ ଘରେ ଘରେ ପାଇପ୍ ଲାଇନ୍ ବିଛା ଯାଉଥିବାରୁ ଗ୍ରାମ୍ୟ ରାସ୍ତାକୁ ଅନଧିକାର ଭାବେ ଗ୍ରାମ୍ୟ ଜଳ ପରିମଳ ବିଭାଗ ପକ୍ଷରୁ ତାଡ଼ି ପାଇପ୍ ଲାଇନ ପକାଯିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ସ୍ଥିତିରେ ରାସ୍ତାଗୁଡ଼ିକ ନଷ୍ଟ ହେବା ସହିତ ବାରମ୍ବାର ଦୁର୍ଘଟଣା ଘଟୁଛି। ମାତ୍ର କେତେକ ଯନ୍ତ୍ରୀ ଓ କର୍ମଚାରୀ କୁହନ୍ତି, ଠିକାଦାରମାନେ ଲେସ୍ରେ ଟେଣ୍ଡର ନେଇଥିବାରୁ ଜାଣିଶୁଣି କାମରେ ବିଳମ୍ବ କରୁଛନ୍ତି। ବିଭାଗୀୟ ମନ୍ତ୍ରୀ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

**-ଦେବଭକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବରୀରେ କଂଗ୍ରେସରୁ ଲଢ଼ିବେ ଆରତି ଦେଓ



ବରୀ,୧୪।୪(ମହେନ୍ଦ୍ର ସ୍ୱାଇଁ): ୨୦୨୪ ସାଧାରଣ ନିର୍ବାଚନ ପାଇଁ ରବିବାର କଂଗ୍ରେସର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଏଥିରେ ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀ ପାଇଁ ଆରତି ଦେଓଙ୍କୁ ପ୍ରାର୍ଥୀ କରାଯାଇଛି। ଫଳରେ ଟିକେଟ ଦୌଡ଼ରେ ଥିବା ଇଂ. ଅମରେଶ ପରିଡ଼ା, ଅପୂର୍ବ ସାମଲ ଓ ରାଜ୍ୟ ମହିଳା କଂଗ୍ରେସ କମିଟି ସଭ୍ୟା କଳ୍ପନା ପଣ୍ଡାଙ୍କୁ ନିରାଶ ହେବାକୁ ପଡିଛି। ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ଏହି ନିର୍ବାଚନମଣ୍ଡଳୀରୁ ଅମାନତ ହରାଇଥିଲା। ତେବେ କଂଗ୍ରେସର ଦୁର୍ବଳ ସଂଗଠନ ସତ୍ତ୍ୱେ ସମସ୍ତ କର୍ମୀଙ୍କୁ ନେଇ ଦେଓ ନିର୍ବାଚନ ଲଢ଼ିବେ ବୋଲି ଧରିତ୍ରୀକୁ ପ୍ରତିକ୍ରିୟାରେ କହିଛନ୍ତି।

### ହନୁମାନ ଜୟନ୍ତୀ, ଓଡ଼ିଆ ନବବର୍ଷ ପାଳିତ

କାଳିଆପାଣି,୧୪।୪(ଅସିତ ମହାନ୍ତ): ଯାଜପୁର ଜିଲା କାଳିଆପାଣି ଖଣି ଅଞ୍ଚଳର ବିଭିନ୍ନ ସ୍ଥାନରେ ମହାବୀର ହନୁମାନଙ୍କ ଜୟନ୍ତୀ ଓ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଖଣି ଅଞ୍ଚଳର ରାଁସୋଳ ହନୁମାନ ମନ୍ଦିର, କାଳିଆପାଣି ହନୁମାନ ମନ୍ଦିର, କଲାରଙ୍ଗୀ ହନୁମାନ ମନ୍ଦିର, ଓଏମ୍‌ସି ତାରିଣୀ ମନ୍ଦିର, ଟାଟା ବଜାର ହନୁମାନ ଓ ତାରିଣୀ ବଜାର ଆଦି ସ୍ଥାନରେ ପୂଜା ପାଠ କରାଯିବା ସହ ଭାଙ୍ଗ ପଣା ଓ ପ୍ରସାଦ ବଣ୍ଟନ କରାଯାଇଛି।

### ଯୁବକଙ୍କ ଆତ୍ମହତ୍ୟା



ପାଣିକୋଇଲି,୧୪।୪(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଅଳତିରି ଗ୍ରାମରେ ଶନିବାର ରାତିରେ ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ହେଲେ ଏହାର କାରଣ ଅସ୍ପଷ୍ଟ ରହିଛି। ମୃତକ ହେଲେ ଗ୍ରାମର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମଲିକଙ୍କ ଏକମାତ୍ର ପୁତ୍ର ବିଭୁଦତ୍ତ(୩୨)। ରାତିରେ ତାଙ୍କୁ ପରିବାର ଲୋକେ ଖାଇବାକୁ ଡାକିବାବେଳେ ଘରର କବାଟ ବନ୍ଦଥିବା ଦେଖିବାକୁ ପାଇଥିଲେ। ଡାକ ପକାଇବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ। ଫଳରେ ଘରଲୋକ କବାଟ ଡାଡି ଦେଖିବାବେଳକୁ ଏକ ଓନି ସାହାଯ୍ୟରେ ସେ ଘର ଛାତର ଏକ ଲୁହା ହୁକରେ ରଶି ଲଗାଇ ଦେଇଥିଲେ। ସଂଗେସଂଗେ ତାଙ୍କୁ ଉଦ୍ଧାର କରି ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ ଥାନାରେ ଜଣାଇବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୬।୨୪ ରୁଜୁ ହୋଇଛି।

# ଭାଜପାର ପ୍ରଚାର ଜୋର, ପ୍ରାର୍ଥୀ ଖୋଜୁଛି ବିଜେଡି

**କୋରେଇ ନିର୍ବାଚନମଣ୍ଡଳୀ**

■ ବନ୍ଦିତା ପରିଡ଼ା ହେଲେ କଂଗ୍ରେସ ପ୍ରାର୍ଥୀ

ଯାଜପୁର,୧୪।୪(ହର୍ଷବର୍ଦ୍ଧନ ବେହେରା)



କୋରେଇ ଭାଜପାର ବନ୍ଧୁମିଳନ କାର୍ଯ୍ୟକ୍ରମରେ ଆକାଶ ଦାସନାୟକ।

ଯାଜପୁର ଜିଲା କୋରେଇ ନିର୍ବାଚନମଣ୍ଡଳୀରେ ଭାଜପାର ନିର୍ବାଚନୀ ପ୍ରଚାର ଜୋରସୋରରେ ଚାଲିଛି। ଭାଜପା ପ୍ରାର୍ଥୀ ଆକାଶ ଦାସନାୟକ ବିଭିନ୍ନ କାର୍ଯ୍ୟକ୍ରମ ଓ ବନ୍ଧୁମିଳନ ଜରିଆରେ ଭୋଟରଙ୍କ ନିକଟତର ହେବାକୁ ପ୍ରୟାସ ଜାରି ରଖିଛନ୍ତି। କଂଗ୍ରେସ ରବିବାର ରାତିରେ ବ୍ୟାସନଗରର ପୂର୍ବତନ ପୌରାଧ୍ୟକ୍ଷା ବନ୍ଦିତା ପରିଡ଼ାଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି। ହେଲେ ବିଜେଡିର ପ୍ରାର୍ଥୀ ଘୋଷଣା ଝୁଲି ରହିଥିବାରୁ ଦଳୀୟ କର୍ମୀମାନେ ଏକପ୍ରକାର ନୀରବି ଯାଇଥିବା ମନେହେଉଛି।

ଯାଜପୁର ଜିଲାର ବରୀ, ବଡ଼ଚଣା, ଧର୍ମଶାଳା ଭଳି କୋରେଇ ନିର୍ବାଚନମଣ୍ଡଳୀ ବେଶ୍ ଚର୍ଚ୍ଚାରେ ରହିଛି। ଏଠାରେ ଶାସକ ଦଳ ବିଜେଡିରେ ପ୍ରାର୍ଥୀ ହେବାକୁ ଲମ୍ବାଲାଇନ ଲାଗିଛି। ଦଳର ରଣନୀତି ଉପରେ ପ୍ରାର୍ଥୀଙ୍କ ଜିତିବା ହାରିବା ଏଠାରେ ନିର୍ଭର କରିଥାଏ। ଭାଜପା-ବିଜେଡି ମେଣ୍ଟ ଭାଙ୍ଗିବା ପରେ ୨୦୦୯ରୁ ଭାଜପା ଏଠାରେ ବିଜୟର ସ୍ୱାଦ ଚାଖି ପାରିନାହିଁ। ସେହିପରି ୧୯୮୫ ପରେ ଏହି ଆସନରେ କଂଗ୍ରେସ ହାର ମାନି ଆସିଛି। ଏଭଳି ସ୍ଥିତିରେ ନିର୍ବାଚନ ଅତି ଗୁରୁତ୍ୱପୂର୍ଣ୍ଣ ହୋଇଛି। ଚଳିତ ବିଧାନସଭା ନିର୍ବାଚନ ଲାଗି କୋରେଇ ଆସନରୁ ବିଜେଡିର ୫ରୁ ଊର୍ଦ୍ଧ୍ୱ ଆଶାୟୀ ରହିଛନ୍ତି। ସମସ୍ତ ଆଶାୟୀ କହୁଛନ୍ତି ତାଙ୍କର ଟିକେଟ ଫାଇନାଲ। ଏପରିକି ଯାଜପୁର ବିଧାୟକ ତଥା ବିଜେଡିରୁ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ନାମ ମଧ୍ୟ ଏଠାରେ ଚର୍ଚ୍ଚା ହେଉଛି। ଏହାବାଦ୍ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇଙ୍କ ସ୍ତ୍ରୀ ଝିଲ୍ଲିକ ଭଟ୍ଟାଚାର୍ଯ୍ୟ, ବିଧାୟକ ଅଶୋକ ବଳ, ଜିଲା ବିଜେଡି ମହିଳା ସଭାନେତ୍ରୀ ସବିତା ରାଉତ, ପୂର୍ବତନ ପୌରାଧ୍ୟକ୍ଷ ରସାନନ୍ଦ ମହାନ୍ତି ପ୍ରମୁଖ ଟିକେଟ ଦୌଡ଼ରେ ରହିଛନ୍ତି।

ଜିଲାର ବ୍ୟାସନଗର ପୌରପରିଷଦ ଓ କୋରେଇ ବ୍ଲକ ସମେତ ରସୁଲପୁର ବ୍ଲକର ଭୋଟକା, ଲକ୍ଷ୍ମୀନଗର, ପହଙ୍ଗା, ବଡକଇଁଚି, ଗନ୍ଧଣ, ଟିକରପଡ଼ା, ବାହାଦଲପୁର, ନରସିଂହପୁର ଓ ମୁଙ୍ଗପାଳ ଗ୍ରାମପଞ୍ଚାୟତକୁ ନେଇ କୋରେଇ ନିର୍ବାଚନମଣ୍ଡଳୀ ଗଠିତ ହୋଇଛି। ଏହାର ଲୋକସଂଖ୍ୟା ୨,୭୦,୩୨୪ ହୋଇଥିବାବେଳେ ୨,୦୭,୨୮୩ ଭୋଟର ରହିଛନ୍ତି। ସେଥିମଧ୍ୟରେ ବ୍ୟାସନଗର ପୌରପରିଷଦ ରହିଛି। କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ବ୍ୟାସନଗରରେ ଲୋକସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଗତ ୩ ସାଧାରଣ ନିର୍ବାଚନ ଫଳାଫଳକୁ ଅବଲୋକନ କଲେ ଏଠାରେ ବିଜେଡି ବେଶ୍ ଶକ୍ତିଶାଳୀ। ଗତ ପଞ୍ଚାୟତ ନିର୍ବାଚନରେ ୪ଟି ଜିଲା ପରିଷଦ ଆସନରେ ବିଜେଡି ବିଜୟୀ ହୋଇ ଭୋଟରଙ୍କ ପ୍ରିୟଭାଜନ ଥିବା ପ୍ରମାଣ ଦେଇସାରିଛି। ଏବେ ୨୦୦୪ରୁ ୨୦୧୯ ପର୍ଯ୍ୟନ୍ତ ବିଜେଡି ଟିକେଟରେ ବିଧାୟକ ନିର୍ବାଚିତ ହୋଇଥିବା ଆକାଶ ଦାସନାୟକ ଭାଜପା ପ୍ରାର୍ଥୀ ହୋଇଛନ୍ତି। ତେଣୁ ସେହି ସମୟର ବିକାଶର କଥା କହୁଛନ୍ତି। ସେହିପରି ଦୁର୍ନୀତିମୁକ୍ତ ଶାସନ ଓ ଶାନ୍ତି ପ୍ରତି ସର୍ବଦା ବିଶ୍ୱାସ ରଖି ଲୋକଙ୍କ ସେବାରେ ସେ ନିୟୋଜିତ ରହିବା ସହ ବଂଶବାଦ ରାଜନୀତିକୁ ସେ ବିଶ୍ୱାସ କରନ୍ତି ନାହିଁ ବୋଲି ଭୋଟରଙ୍କୁ କହୁଛନ୍ତି। ପାଣିକୋଇଲିଠାରେ ତାଙ୍କ ଉଦ୍ୟମରେ ଏକ ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା ହୋଇପାରିଛି ବୋଲି ସେ ଦାବି କରୁଛନ୍ତି। ରବିବାର କୋରେଇ ବ୍ଲକ ଖମଣ ପଞ୍ଚାୟତର ଭାଜପା କର୍ମୀମାନେ ବଡ଼େଇଟିକର ବୁଢ଼ିବାସୁଳାଇ ପୀଠରେ ଏକ ବନ୍ଧୁମିଳନର ଆୟୋଜନ କରିଥିଲେ। ଏଥିରେ ଆକାଶ ଏବଂ ଭାଜପାର ଯାଜପୁର ଲୋକ ସଭା ପ୍ରାର୍ଥୀ ରବିନାରାୟଣ ବେହେରାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅସନ୍ତୁଷ୍ଟମାନଙ୍କୁ କିପରି ବୁଝାଇ ଦଳ ମଧ୍ୟକୁ ଅଣାଯିବ ସେ ନେଇ ବିଭିନ୍ନ ମତପ୍ରକାଶ ପାଇଥିଲା। ତେବେ ଭାଜପାର ଅନ୍ୟତମ ଟାଣୁଆ ନେତା ବିଶ୍ୱଜିତ ନାୟକ ଓ ଆଲେକଜାଣ୍ଡାର ଦାସ ଟିକେଟ ନ ପାଇ ଅସନ୍ତୁଷ୍ଟ ଥିବାରୁ ତାଙ୍କର ଅସହଯୋଗ ଆକାଶଙ୍କ ପାଇଁ ବାଧା ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

# ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବଡ଼ଚଣା,୧୪।୪ (ଦିଲୀପ କୁମାର ମହାନ୍ତି):

ଯାଜପୁର ଜିଲା ବଡ଼ଚଣା ଥାନା ଅଞ୍ଚଳରେ ରବିବାର ୨ ପୃଥକ୍ ଦୁର୍ଘଟଣା ଘଟିଛି। ଏଥିରେ ୨ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ସୂଚନା ମୁତାବକ, ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅସିଆଗଡ଼ ଗ୍ରାମର ଜନ୍ମେଜୟ ବଳସାମନ୍ତ(୨୮) ଏକ ବୁଲେଟରେ କଟକରୁ ଘରକୁ ଫେରୁଥିବାସମୟରେ ବନ୍ଦାଳ ଛକ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ପୋଲିସ ପାଟ୍ରୋଲିଂ ଗାଡ଼ି ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ନଂ.୧୯୧।୨୪ରେ ଏକ ମାମଲା ରୁଜୁ କରାଯାଇଛି।

ସେହିପରି ଉକ୍ତ ଥାନା ଅଧୀନ ହଟକରଣ୍ଡା ଛକ ନିକଟରେ ଭୋର ସମୟରେ ଏକ ବାଇକରେ କଳିଙ୍ଗନଗର ଥାନା ଅଞ୍ଚଳର କିଶୋର ମଲ୍ଲିକ, ଅମର ମଲ୍ଲିକ ଓ ମହେଶ୍ୱର ମଲ୍ଲିକ କଟକରୁ ଫେରୁଥିଲେ। ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ କିଶୋରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅମର ଓ ମହେଶ୍ୱରଙ୍କୁ ଗୁରୁତର ଅବସ୍ଥାରେ ପୋଲିସ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ଏନେଇ ଥାନାରେ ନଂ.୧୯୨।୨୪ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

# ହନୁମାନ ଜୟନ୍ତୀରେ ଶୋଭାଯାତ୍ରା



ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ କୁନି କୁନି ପିଲାଙ୍କୁ ରାମଲକ୍ଷ୍ମଣଙ୍କ ବେଶ କରାଯାଇଛି।

ଛତିଆ,୧୪।୪(ସୌମ୍ୟ ରଞ୍ଜନ ସାହୁ): ପଣା ସଂକ୍ରାନ୍ତି ଓ ହନୁମାନଙ୍କ ଜୟନ୍ତୀ ଅବସରରେ ରବିବାର ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆଠାରେ ଏକ ହିନ୍ଦୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରସିଦ୍ଧ ଅମରେଶର ମହାଦେବଙ୍କ ପୀଠରୁ ଚମ୍ପାପୁର ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା କରାଯାଇଥିଲା। ଅପରାହ୍ନରେ ମନ୍ଦିରରେ ପୂଜାର୍ଚ୍ଚନା ପରେ ଛତିଆ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଶହଶହ ଯୁବକ ଏକତ୍ରିତ ହୋଇ ବିରାଟ ପଟୁଆରରେ ଛତିଆ ବଜାର ପରିକ୍ରମା କରିଥିଲେ। ଚମ୍ପାପୁର ହାଟରେ ଉକ୍ତ ଶୋଭଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଥିଲା। କୁନି କୁନି ପିଲାଙ୍କୁ ରାମଲକ୍ଷ୍ମଣଙ୍କ ବେଶ କରାଯାଇ ଏକ ସୁସଜ୍ଜିତ ରଥକୁ ଏହି ଶୋଭାଯାତ୍ରାରେ ସାମିଲ କରାଯାଇଥିଲା। ବୈରୀ ଥାନା ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ଦୁର୍ଗାବତୀ ତଉଲି ସ୍ମୃତି ସଂସଦର ବାର୍ଷିକ ସମାରୋହ

ସିଂହପୁର,୧୪।୪(ଅନଙ୍ଗ ଉଦୟ ବେଉରିଆ):



ସମାରୋହରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ଦୁର୍ଗାବତୀ ତଉଲି ସ୍ମୃତି ସଂସଦ ଆନୁକୂଲ୍ୟରେ ସିଂହପୁରଠାରେ ଦ୍ୱିତୀୟ ବାର୍ଷିକ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଇଂ. ପଦ୍ମନାଭ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ବେସରକାରୀ ସଂଘ ସଭାପତି ସୁଶାନ୍ତ କୁମାର ନାୟକ, ମୁଖ୍ୟବକ୍ତା ବରିଷ୍ଠ ଖବରଦାତା ଅନିରୁଦ୍ଧ ବେଉରିଆ, ସମ୍ମାନିତ ଅତିଥି ଶିକ୍ଷାବିତ କଳାକର ପାତ୍ର, ତ୍ରିଲୋଚନ ରାଉତ ପ୍ରମୁଖ ଯୋଗଦେଇ ସମାରୋହର ଆଭିମୁଖ୍ୟ ଓ ଅନୁଷ୍ଠାନର ବିଭିନ୍ନ ଦିଗପ୍ରତି ଆଲୋକପାତ କରିଥିଲେ। ସ୍ମୃତି ସଂସଦ ପୃଷ୍ଠପୋଷକ ଶ୍ରୀହରି ସାହୁ ବକ୍ତବ୍ୟ ରଖିଥିଲେ। ଆଦର୍ଶ ଗୁରୁ କୃଷ୍ଣଚନ୍ଦ୍ର ଜେନା, କୃଷ୍ଣଚନ୍ଦ୍ର ଥାଟୋଇ, ଶିକ୍ଷାବିତ ପ୍ରଦୀପ ଜେନା, ଅକ୍ଷୟ ବେହେରା ଓ ଦିବଂଗତ ସମାଜସେବୀ ରବୀନ୍ଦ୍ର ଧଳଙ୍କୁ ମରଣୋତ୍ତରଭାବେ, କବି ଖଗେଶ୍ୱର ସାହୁ, ଶିକ୍ଷକ ନାରାୟଣ ଚନ୍ଦ୍ର ଦାସଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦ ସମ୍ପାଦକ ପ୍ରଦୀପ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମା' ଦରିଆ ନାହାକାଣୀ ପୀଠରେ ୨୦ ହଜାର ଶ୍ରଦ୍ଧାଳୁ

ସିଂହପୁର,୧୪।୪ (ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଅଞ୍ଚଳର ଅଧିଷ୍ଠାତ୍ରୀ ମା'ଦରିଆ ନାହାକାଣୀ ପୀଠରେ ପଣସଂକ୍ରାନ୍ତିରେ ୨୦ ହଜାର ଶ୍ରଦ୍ଧାଳୁଙ୍କ ସମାଗାମ ହୋଇଛି। ମା'ଙ୍କ ପୀଠରେ ପଞ୍ଚଭୁତ ଚଣ୍ଡି ମହାଯଜ୍ଞ ୧୦ ତାରିଖଠାରୁ ଆରମ୍ଭ ହୋଇ ପଣା ସଂକ୍ରାନ୍ତିରେ ଉଦ୍‌ଯାପିତ ହୋଇଛି। ସକାଳୁରାତି ଯାଏ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଯଜ୍ଞରେ ଗୋପୂଜା, ସୂର୍ଯ୍ୟ ପୂଜା ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ମା' ଦରିଆ ନାହାକାଣୀ ଉନ୍ନୟନ ପରିଷଦର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୋଲିସ ପକ୍ଷରୁ ଶାନ୍ତିଶୃଖଳା ପାଇଁ ଫୋର୍ସ ମୁତୟନ କରାରାଯାଇଥିଲା।

# ମା' ମଲ୍ୟା ବୁଢ଼ୀଙ୍କ ଯଜ୍ଞ ଉତ୍ସବ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୧୪।୪ (ପ୍ରଦୀପ୍ତ କୁମାର ପୃଷ୍ଟି/ ଗିରିଜା ପ୍ରସାଦ ସାହୁ):

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ବଜାରରେ ଥିବା ମା' ମଲ୍ୟା ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ବାର୍ଷିକ ଯଜ୍ଞ ଉତ୍ସବ ରବିବାର ପାଳିତ ହୋଇଯାଇଛି। ମା'ମଲ୍ୟା ବୁଢ଼ୀ ଠାକୁରାଣୀ ପରିଚାଳନା ଟ୍ରଷ୍ଟି ନରହରି ସେନଙ୍କ ଆବାହକତ୍ୱ ଓ ଟ୍ରଷ୍ଟ ସଭାପତି ଅନନ୍ତ ମହାରଣାଙ୍କ ପୌରୋହିତ୍ୟରେ ଯଥାବିଧି ଅଙ୍କୁରାରୋପଣ ଓ କଳସ ଯାତ୍ରା କରାଯାଇଥିଲା। ଗ୍ରାମର ମହିଳାମାନେ ବିରୂପା ନଦୀରୁ କଳସ ଶୋଭାଯାତ୍ରାରେ ଆସି ମନ୍ଦିର ସମ୍ମୁଖ ଯଜ୍ଞ କୁଣ୍ଡରେ କଳସ ସ୍ଥାପନ କରିଥିଲେ। ପରେ ବିଧିମତେ ପୂଜାର୍ଚ୍ଚନା ଓ ମହାଯଜ୍ଞ ପଣ୍ଡିତ ଗଗନ ବିହାରି ମିଶ୍ରଙ୍କ ତତ୍ତ୍ୱାବଧାନରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସମସ୍ତ ଶ୍ରଦ୍ଧାଳୁଙ୍କୁ ବିଷୁବ ପଣା ବଣ୍ଟନ କରାଯାଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ଦିବାକର ବିଶ୍ୱାଳ, ପ୍ରତାପଚନ୍ଦ୍ର ପରିଡ଼ା, ବିଜୟ ପରିଡ଼ା, ଚୌଧୁରୀ ଧୀରେନ୍ଦ୍ର ପରିଡ଼ା, ଅଧ୍ୟାପକ ସଞ୍ଜୟ ସାହୁ, ସଂଗ୍ରାମ ପରିଡ଼ା, ମିହିର ପରିଡ଼ା, ଶ୍ୟାମସୁନ୍ଦର ଦାସ, ଦାମୋଦର ଦାସ, ମନୋଜ ପରିଡ଼ା, ନାରାୟଣ ପଣ୍ଡା, ଗୌରାଙ୍ଗ ସାହୁ, ଦାମୋଦର ସାହୁ, କାର୍ତ୍ତିକ ସେଠୀ, ଦିବାକର ସେଠୀ, ରାଇଚରଣ ସେଠୀ, ଏକାଦଶୀ ସେଠୀ, ଦୋଳଗୋବିନ୍ଦ ମହାରଣା, ବିଜୟ ମହାରଣା, ପରିକ୍ଷିତ ଦାସ, କୈଳାସ ବେହେରା, ଭକ୍ତଚରଣ ସାହୁ, ଗଦାଧର ଦାସ, ଉଦୟନାଥ ସେଠୀ, ଅମିୟ ବିଶାଳ, ଅନିଲ ସାହୁ, ସୁଶାନ୍ତ ଘଡ଼େଇ, ତପନ ବାନା, ପ୍ରଶାନ୍ତ ସାହୁ, ବଟକୃଷ୍ଣ ଜେନା ଓ ଲଛମନ ବାରିକ ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମହାବୀର ଜୟନ୍ତୀ

ପାଣିକୋଇଲି,୧୪।୪(ବିକାଶ ମଲ୍ଲିକ):

କାରେଇ ବ୍ଲକ ଅନ୍ତର୍ଗତ ବୈତରଣୀରୋଡ୍ ଅଞ୍ଚଳର ବିଭିନ୍ନ ସ୍ଥାନରେ ହନୁମାନଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସେହିପରି ବୈତରଣୀରୋଡ୍ ସ୍ଥିତ ରେଲୱେ ଷ୍ଟେଶନ ସମ୍ମୁଖ ତାରିଣୀ ମନ୍ଦିରରେ ମା'ଙ୍କ ପୂଜା ପାଳିତ ହୋଇଛି। ପୂଜକ ନାରାୟଣ ଶତପଥୀଙ୍କ ଦ୍ୱାରା ପୂର୍ବାହ୍ନରେ କଳସ ସ୍ଥାପନ କରାଯାଇ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ବେଲପଣା ଭକ୍ତ ଓ ଯାତ୍ରୀଙ୍କୁ ଦିଆଯାଇଥିଲା। ଏହିପରିଭାବେ ମୁକୁନ୍ଦପୁର, ରଣପୁର, ତୁଳସୀପୁର, ଗୌରପୁର, ଦୁଲାଖପାଟଣା, କରଦା, ଇଚ୍ଛାପୁର ତାରିଣୀ ମନ୍ଦିର ଓ ହନୁମାନଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଛି। ବୈତରଣୀରୋଡ ବଜାର ହନୁମାନ ମନ୍ଦିରରେ ବଜାର କମିଟି ତରଫରୁ ପୂଜକ ଲକ୍ଷ୍ମୀଧର ଶତପଥିଙ୍କ ଦ୍ୱାରା ଯଜ୍ଞ ଅନୁଷ୍ଠିତ ହୋଇଛି।

# ଆମ୍ବେଡକର ଜୟନ୍ତୀ ପାଳିତ




ଆମ୍ବେଡକରଙ୍କ ଜୟନ୍ତୀରେ ମଞ୍ଚାସୀନ ଅତିଥି।

ପାଣିକୋଇଲି,୧୪।୪(ବିକାଶ ମଲ୍ଲିକ):

ଆମ୍ବେଡକରଙ୍କ ଜୟନ୍ତୀ ଉତ୍ସବ ମୂଳନିବାସୀ ୟୁନାଇଟେଡ ଫୋରମ ପକ୍ଷରୁ ପାଳିତ ହୋଇଯାଇଛି। ଏହିକ୍ରମରେ ବଡ଼ ବିରୁହାଁଠାରୁ ଏକ ମଟର ସାଇକେଲ ଶୋଭାଯାତ୍ରା ବାହାରି ଭାୟା କୋରେଇ ଦେଇ ବୈତରଣୀରୋଡଠାରେ ପହଞ୍ଚିଥିଲା। ସେଠାରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଜିଲା କାର୍ଯ୍ୟକାରୀ ସଭାପତି ପ୍ରତାପ ଦାସଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଅଭୟ କୁମାର ପାତ୍ର, ସମ୍ମାନିତ ଅତିଥି ବାଇଧର ଜେନା, ଆମ ବିକାଶ ଦଳ କୋରେଇ ବିଧାୟକ ପ୍ରାର୍ଥୀ ସହଦେବ ଜେନା ପ୍ରମୁଖ ଯୋଗଦେଇ ଆମ୍ବେଡକରଙ୍କ ନୀତିଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରତାପ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରାମ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ବ୍ଲକ ସଂଯୋଜକ ପିନାକ ମଲିକ, ସମ୍ପାଦକ କ୍ଷୀରୋଦ ଦାସ, ରବି ମଲିକ, ଲକ୍ଷ୍ମଣ ମଲିକ, ଉଦୟ ମଲିକ, ବିଜୟ ମଲିକ, ରମେଶ ମଲିକ, ବିନୋଦ ଜେନା, ଶଙ୍କର ମଲିକ, ବେଣୁଧର ମଲିକ, ରସୁଲପୁର ବ୍ଲକର ମାନସ ମଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବହୁଜନସାମଜର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ରାଜେନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

# ଧର୍ମଶାଳାରେ ହିମାଂଶୁଙ୍କ ବିଶାଳ ଜନସମାବେଶ

କାଏମା,୧୪।୪(ଶିବ ପ୍ରସାଦ ମହାନ୍ତି):




ସମର୍ଥକ ଓ ଦୁଇ ଅଭିନେତ୍ରୀଙ୍କ ସହ ଭାଜପା ନେତା ହିମାଂଶୁଶେଖର ସାହୁ।

ଧର୍ମଶାଳା ମହୋତ୍ସବ ପଡ଼ିଆରେ ଭାଜପା ନେତା ହିମାଂଶୁ ସାହୁଙ୍କ ନେତୃତ୍ୱରେ ଏକ ବିଶାଳ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହିମାଂଶୁଙ୍କ ୧୦ ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ଯୋଗଦେଇଥିଲେ। ଭାଜପା ଧର୍ମଶାଳା ପାଇଁ ସ୍ମୃତିରେଖା ପହିଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ହିମାଂଶୁଙ୍କ ସମର୍ଥକ ରାଜ୍ୟ କାର୍ଯ୍ୟାଳୟରେ ଦୁଇ ଥର ବିରୋଧ ପ୍ରଦର୍ଶନ କରିଥିଲେ। ରବିବାର ଏଠାରେ ହୋଇଥିବା ସମାବେଶ ଭାଜପା ନେତୃବୃନ୍ଦଙ୍କ ଉପରେ ପ୍ରାର୍ଥୀ ବଦଳ କରିବା ପାଇଁ ଚାପ ପକାଇଛି। ଧର୍ମଶାଳାରେ ହିମାଂଶୁଙ୍କୁ ଭାଜପା ପ୍ରାର୍ଥୀ କରି ନ ଥିଲେ ମଧ୍ୟ ତାଙ୍କୁ ଦଳୀୟ କର୍ମୀଙ୍କ ଏକ ବଡ଼ ଗୋଷ୍ଠୀ ସମର୍ଥନ କରୁଛନ୍ତି। ଏହା ଉପରୋକ୍ତ ସମାବେଶ ସ୍ପଷ୍ଟ କରିଥିବାବେଳେ ରାଜନୈତିକ ସମୀକ୍ଷକଙ୍କୁ ଚକିତ କରିଛି। ଟିକେଟ ମିଳିଲେ ଲଢ଼ିବି, ନ ମିଳିଲେ ବି ମାଟି ପାଇଁ ଲଢ଼ିବି ବୋଲି ହିମାଂଶୁ ତାଙ୍କ ଭାଷଣରେ କହିଛନ୍ତି। ଧର୍ମଶାଳା ସ୍ୱାଧୀନ ହେବାକୁ ଯାଉଛି। ଏଭଳି ଭଲ ପାଇବା ଦରକାର ବୋଲି ହିମାଂଶୁ ଭାଷଣ ଆରମ୍ଭରେ କହିବା ସହ ୫୪ ପଞ୍ଚାୟତରେ ଥିବା ସମସ୍ୟା ଉପରେ ଆଲୋଚନା କରିଛନ୍ତି। ମୁଖ୍ୟତଃ ପାଣି ସମସ୍ୟା ଉପରେ ଆଲୋଚନା କରି ସ୍ଥାନୀୟ ବିଧାୟକ ବିଜେଡି ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି। ୨୦୧୦ରୁ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ସବୁ ସମୟରେ ଗରିବ ଓ ଅସହାୟଙ୍କ ପାଖରେ ରହିଛି। ଆଗକୁ ମଧ୍ୟ ରହିବ। କରୋନା ସମୟରେ ଲୋକେ ଘରେ ବସି ରହିଥିଲେ। ବେରୋଜଗାର ଲୋକଙ୍କ ମୁହଁରେ ଟ୍ରଷ୍ଟ ଆହାର ଓ ସହାୟତାର ହାତ ବଢ଼ାଇଥିଲା। କିନ୍ତୁ ଏହି ଟ୍ରଷ୍ଟ କାର୍ଯ୍ୟକୁ ବନ୍ଦ କରିବା ପାଇଁ ବିରୋଧୀ ଅନେକ ପ୍ରକାର ପ୍ରୟାସ କରିଛନ୍ତି। ହେଲେ ଲୋକଙ୍କ ଭଲ ପାଇବା ପାଇଁ ଟ୍ରଷ୍ଟ କାର୍ଯ୍ୟ ଚାଲୁରହିଛି ବୋଲି ହିମାଂଶୁ କହିଛନ୍ତି। ଧର୍ମଶାଳାରେ ଚାଲିଥିବା ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଲୋକେ ପରିବର୍ତ୍ତନ କରିବାକୁ ମନସ୍ଥ କରିସାରିଲେଣି, ଏହାକୁ ଏହି ବିଶାଳ ଜନ ସମର୍ଥନ ପ୍ରମାଣିତ କରିଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ସିନେ ଅଭିନେତ୍ରୀ ପ୍ରିୟା ଓ ରିୟା ଉପସ୍ଥିତ ଥିଲେ। ଯାଜପୁର ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ପାଣ୍ଡବ ଧଳ, ପ୍ରକାଶ ସାମଲ, ଗିରିଗାରିମା ମହାନ୍ତି, କାହ୍ନୁ ଚରଣ ଦାସ ଓ ଚନ୍ଦ୍ରମଣି ପଣ୍ଡିତଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଟ୍ରକ୍ ଦୁର୍ଘଟଣା, ୨୦ ଛେଳି ମୃତ

ପାଣିକୋଇଲି,୧୪।୪(ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ୧୬ ନମ୍ବର ଜାତୀୟ ରାଜପଥର ପଥରପଦା ଗ୍ରାମ ନିକଟରେ ଶନିବାର ରାତିରେ ୨ ଟ୍ରକ୍ ମଧ୍ୟରେ ଧକ୍କା ହେବା ଫଳରେ ୨୦ରୁ ଊର୍ଦ୍ଧ୍ୱ ଛେଳିଙ୍କ ମୃତ୍ୟୁ ହୋଇଛି। କଲିକତାରୁ ଛେଳି ଓ ମେଣ୍ଢା ନେଇ ଏକ ଟ୍ରକ୍(ଡବ୍ଲୁବି-୩୯-ସି-୧୨୫୨) ଆସି ପଥରପଦା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ ବାଡାରେ ପିଟିହୋଇ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ (ବିଆର-୨୭-ଏ-୨୮୬୮)ସହ ଧକ୍କା ହୋଇ ରାସ୍ତା ମଝିରେ ଓଲଟି ପଡିଥିଲା। ଫଳରେ ଉଭୟ ଗାଡ଼ିର ୩ଜଣ ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ପଠାଯାଇଥିଲା। ପ୍ରାୟ ୨୦ଟି ଛେଳି ଘଟଣାସ୍ଥଳରେ ମରିଥିବା ଦେଖାଯାଇଥିଲା। ପାଣିକୋଇଲି ପୋଲିସ ଓ ପାଟ୍ରୋଲିଂ ପୋଲିସ ପହଞ୍ଚି ଗାଡ଼ି ଯାତାୟାତ ସୁବିଧା କରିବା ସହ ଅନ୍ୟ ଶତାଧିକ ଛେଳି, ମେଣ୍ଢାଙ୍କୁ ଉଦ୍ଧାର କରି ଅନ୍ୟତ୍ର ସ୍ଥାନାନ୍ତରିତ କରିଥିଲା।

MCL
ମହାନଦୀ କୋଲଫିଲ୍ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

CMPFO କମିଶନର ପ୍ରଦତ୍ତ ରେଫ୍. ନଂ. CPF/CP/111(26)/Pen/Misc/HQ/Vol-III/520, ତାରିଖ: 25/08/2023 ଚିଠି ଏବଂ ଏହା ପରେ GM(P/PF & Pension), MCL HQଙ୍କ ପ୍ରଦତ୍ତ ବିଜ୍ଞପ୍ତି ରେଫ୍ ନଂ. MCL HQ/PF & PENSION/2023/5945, ତାରିଖ: 09.09.2023 ଅନୁସାରେ MCLର ସମସ୍ତ ପେନସନରମାନଙ୍କୁ ଏତଦ୍ୱାରା ପରାମର୍ଶ ଦିଆଯାଉଛି ଯେ, ଝଣ୍ଡଟମୁକ୍ତ ପତି/ପତ୍ନୀଙ୍କ ପେନସନ ପାଇଁ **ପରିବର୍ତ୍ତିତ PPO (ପେନସନ ପେମେଣ୍ଟ ଅର୍ଡର)** ଜାରି କରିବା ନିମନ୍ତେ ନିମ୍ନଲିଖିତ ଡକ୍ୟୁମେଣ୍ଟସ୍/ବିବରଣୀମାନ ଜମା କରିବା ଆବଶ୍ୟକ:-

**1.** ସଠିକ୍ ଭାବରେ ପୂରଣ କରାଯାଇଥିବା ଆବେଦନପତ୍ର , **2.** ପତି/ପତ୍ନୀଙ୍କ ନାମ ଏବଂ ଯୁଗ୍ମ ଫଟୋଗ୍ରାଫ (3ଟି), **3.** ପତି/ପତ୍ନୀଙ୍କ ସହ 'ଫର୍ମର ବା ସରଭାଇବର' ମୋଡ ରେ କାର୍ଯ୍ୟକ୍ଷମ ଥିବା ପେନସନରଙ୍କ ବିଦ୍ୟମାନ ବ୍ୟାଙ୍କ ଆକାଉଣ୍ଟ, **4.** ସ୍ୱସ୍ୱାକ୍ଷରିତ ଉଭୟ ନିଜର ଏବଂ ପତି/ପତ୍ନୀଙ୍କ ଆଧାର କାର୍ଡ ଏବଂ PAN କାର୍ଡର ପ୍ରତିଲିପି, **5.** ନିଜର ଏବଂ ପତି/ପତ୍ନୀଙ୍କ ମୋବାଇଲ ନମ୍ବର, **6.** ନିଜର ଏବଂ ପତି/ପତ୍ନୀଙ୍କ ଇ-ମେଲ୍ ଆଇଡି।

ଉପରୋକ୍ତ ଡକ୍ୟୁମେଣ୍ଟ ବା ତଥ୍ୟାବଳୀ (ସ୍ୱସ୍ୱାକ୍ଷରିତ) ସଂପୃକ୍ତ ଏରିଆ ପର୍ସୋନାଲ ମ୍ୟାନେଜର (APM)ଙ୍କ ଅଫିସରେ (ଯେଉଁଠାରୁ ସଦସ୍ୟ ଅବସରଗ୍ରହଣ କରିଥିବେ) ଜମା ଦେବା ଆବଶ୍ୟକ ଏବଂ ଯଦି MCL HQଙ୍କ ଅଫିସରୁ ଅବସର ଗ୍ରହଣ କରିଥିବେ, ତେବେ ଆବେଦନପତ୍ର ଜେନାରାଲ ମ୍ୟାନେଜର (P/PF & Pension), MCL HQଙ୍କ ଅଫିସରେ ଜମାଦେବାକୁ ହେବ।

ସଦସ୍ୟମାନଙ୍କୁ **MCL ୱେବସାଇଟ୍ www.mahanadicoal.in** ଦେଖିବାକୁ ଏବଂ ଲିଙ୍କ୍ - **https://www.mahanadicoal.in/InfoBank/PP/NOTICE%20%205945%20120324.pdf**ରୁ ଉପରଲିଖିତ ବିଜ୍ଞପ୍ତି/ଆବେଦନପତ୍ର ଓ ଆବଶ୍ୟକ ଡକ୍ୟୁମେଣ୍ଟ ଗୁଡ଼ିକର ତାଲିକା ଖୋଲିବା/ଡାଉନଲୋଡ କରିବା ପାଇଁ ପରାମର୍ଶ ଦିଆଯାଉଛି।

କୌଣସି ସମସ୍ୟା ବା କିଛି ଜାଣିବାର ଥିଲେ ଯେକୌଣସି କାର୍ଯ୍ୟଦିବସର ପୂର୍ବାହ୍ଣ 10:00 ଘଟିକାରୁ ଅପରାହ୍ଣ 05:00 ଘଟିକା ମଧ୍ୟରେ 0663-2542739 ନମ୍ବରରେ ଅଥବା ଇ-ମେଲ ଆଇଡି: **pension.mcl@coalindia.in** ରେ ଯୋଗାଯୋଗ କରିପାରିବେ।

ଜେନେରାଲ ମ୍ୟାନେଜର (P/PF & Pension),
MCL HQ, ସମ୍ବଲପୁର

R-5203

## ସଂକ୍ଷେପରେ

### ମା'ଉତ୍ତରେଶ୍ୱରୀ ପୀଠରେ ଝାମୁଯାତ୍ରା

ଏରସମା,୧୪।୪ (ଦୀପ୍ତି ଖଣ୍ଡୁଆଳ): ଏରସମା ବ୍ଲକ ଅନ୍ତର୍ଗତ ସିହା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ଉତ୍ତାରେଶ୍ୱରୀଙ୍କ ପୀଠରେ ମହାବିଷୁବ ସଂକ୍ରାନ୍ତି ଅବସରରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଛି। ଭୋର ୫ଟାରେ କଳସ ସ୍ଥାପନ, ସୂର୍ଯ୍ୟପୂଜା କରାଯାଇଥିଲା। ଏହାପରେ ବାଲଭୋଗ ପ୍ରସାଦ ଲାଗି କରାଯାଇଥିଲା। ସର୍ବସାଧାରଣଙ୍କ ଦର୍ଶନ ପାଇଁ ଦ୍ୱାର ଉନ୍ମୁକ୍ତ କରାଯାଇଥିଲା। ଗ୍ରାମ୍ୟ କମିଟି ସଭାପତି ଆଶିଷ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ମା'ଉତ୍ତରେଶ୍ୱରୀଙ୍କ ନିକଟରେ ଅଭଡ଼ା ଓ ଜଳ ପ୍ରଦାନ ପରେ ମଧ୍ୟାହ୍ନରେ ଆମିଷ ପ୍ରସାଦ ଲାଗି କରାଯାଇଥିଲା। ଅପରାହ୍ନରେ ମା'ଙ୍କ ପାଖରେ ପଣାଭୋଗ ଲାଗି କରାଯିବାପରେ ସର୍ବସାଧାରଣରେ ବଣ୍ଟନ କରାଯାଇଥିଲା। ଝାମୁଯାତ୍ରା ଉପଲକ୍ଷେ ୨ ଦିନ ଧରି ରାମଲୀଳା ଯାତ୍ରା ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟି ସ୍ୱାଇଁ କହିଛନ୍ତି। ଏଥିରେ ସ୍ୱାମୀ ବିବେକାନନ୍ଦ ସ୍ମାରକ ଯୁବ ସଙ୍ଗଠନର କର୍ମକର୍ତ୍ତା ଓ ସିହା ଗ୍ରାମବାସୀ ସହଯୋଗ କରିଥିଲେ।

### ଗୋରେଖନାଥ ପୀଠ ଉତ୍ସବମୁଖର

ରଘୁନାଥପୁର,୧୪।୪(ରାଜେନ୍ଦ୍ର ନାରାୟଣ ସିଂହ): ଓଡ଼ିଆ ନବବର୍ଷ ତଥା ମହାବିଷୁବ ପଣାସଂକ୍ରାନ୍ତି ଉପଲକ୍ଷେ ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ଉତ୍ସବମୁଖର ହୋଇଉଠିଛି। ବଡିଭୋରୁ ପ୍ରଭୁଙ୍କ ମଙ୍ଗଳାରତି କାର୍ଯ୍ୟ ସମାପନ ପରେ ପୀଠ ମଧ୍ୟକୁ ଶ୍ରଦ୍ଧାଳୁ ଙ୍କ ଆଗମନ ହୋଇଥିଲା। ଓଡ଼ିଶାର କୋଣ ଅନୁକୋଣରୁ ଭକ୍ତଙ୍କ ଭିଡ଼ ଲାଗିରହିଥିଲା। ଦିନତମାମ ପୀଠ ପରିସରରେ ଭଜନ କୀର୍ତ୍ତନ ହେବା ସହ ଗୋପାଳଙ୍କ ଲଉଡ଼ି ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ପୀଠ ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ପାନୀୟଜଳ ଓ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ ବ୍ୟବସ୍ଥା କରାଯାଇଥିଲା। ତିର୍ତ୍ତୋଲ ପୋଲିସ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ପୀଠ ପରିସରରେ ଥିବା ହନୁମାନଙ୍କ ଜନ୍ମ ଉତ୍ସବ ଉପଲକ୍ଷେ ପୂଜାର୍ଚ୍ଚନା କରାଯାଇ ହନୁମାନ ଚାଳିଶା ପାଠ କରାଯାଇଥିଲା। ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ଶୌର୍ଯ୍ୟରଞ୍ଜନ ପରିଜା, ଗ୍ରାମ୍ୟ କମିଟି ସଦସ୍ୟ ପ୍ରମୋଦ କୁମାର ମହାନ୍ତି, ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ରମେଶ ଚନ୍ଦ୍ର ମହାନ୍ତି, ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଦାୟିତ୍ୱ ନିର୍ବାହ କରିଥିଲେ। କୋଠପାଳି ହେତୁ ସମସ୍ତ ପୂଜକ ଉପସ୍ଥିତ ରହି ଭକ୍ତଙ୍କ ପୂଜାର୍ଚ୍ଚନା ଓ ଭୋଗରାଗ ବ୍ୟବସ୍ଥାକୁ ସହଜ କରିଥିଲେ। ଯାତ୍ରୀଙ୍କ ଆଗମନ ହେତୁ ସ୍ଥାନୀୟ ବ୍ୟବସାୟୀଙ୍କ ଭଲ ରୋଜଗାର ହୋଇଥିବା ଜଣାପଡ଼ିଛି।

### ଉତ୍କଳ ସେବାନିବୃତ୍ତ ସେନାନୀ ସଂଘ ତରଫରୁ ଜଳଛତ୍ର

ତିର୍ତ୍ତୋଲ,୧୪।୪ (ଗୌରାଙ୍ଗ ଚରଣ ସ୍ୱାଇଁ) ଜଗତ୍‌ସିଂହପୁର ଜିଲା ଶାଖା ଉତ୍କଳ ସେବାନିବୃତ୍ତ ସେନାନୀ ସଂଘ ତରଫରୁ ରବିବାର ତିର୍ତ୍ତୋଲ କଲେଜ ଛକ ନିକଟରେ ଦେଶର ଶହୀଦ ଯବାନଙ୍କ ସ୍ମୃତିରେ ଏକ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ଜଗତ୍‌ସିଂହପୁର ଜିଲାର ବିଭିନ୍ନ ବ୍ଲକରୁ ସେବାନିବୃତ୍ତ ସେନା ଏଥିରେ ଯୋଗଦେଇଥିଲେ। ସଂଘର ବରିଷ୍ଠ ସଦସ୍ୟ ଦେବେନ୍ଦ୍ର କୁମାର ପଣ୍ଡା ଏହି ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ସଂଘର କର୍ମକର୍ତ୍ତା ଏଥିରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

### ମହାବିଷୁବ ସଂକ୍ରାନ୍ତିରେ ଅବଢ଼ା ପାଣି ବାଣ୍ଟିଲେ ଯୁବକ

ରଘୁନାଥପୁର,୧୪।୪(ରାଜେନ୍ଦ୍ରନାରାୟଣସିଂହ)

ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତିରେ ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ଓ ମା'ଶାରଳାଙ୍କୁ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ଛପଡା ଗ୍ରାମ ଯୁବକଙ୍କ ପକ୍ଷରୁ ଅବଢ଼ାପାଣି ବଣ୍ଟନ କରାଯାଇଛି। ବାବାଜୀ ବିଶ୍ୱାଳ ଓ ସଂଗ୍ରାମ କୁମାର ମଲ୍ଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକୁ ସ୍ଥାନୀୟ ସରପଞ୍ଚ ଅମିତା ଖୁଣ୍ଟିଆ ଓ ସମିତି ସଭ୍ୟ ରଞ୍ଜନ କୁମାର ସ୍ୱାଇଁ ଶୁଭାରମ୍ଭ କରିଥିଲେ। ପ୍ରଭୁ ଗୋରେଖନାଥ ଓ ମା'ଶାରଳାଙ୍କୁ ଦର୍ଶନ କରିବାକୁ ଯିବା ବାଟରେ ଯାତ୍ରୀଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ଗ୍ରାମର ଯୁବକଙ୍କ ପକ୍ଷରୁ ୨୦ ବର୍ଷ ହେବ ଏହି କାର୍ଯ୍ୟ କରାଯାଉଛି। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟୁଷ ବିଶ୍ୱାଳ, ରାଜୀବ ମହାନ୍ତିଙ୍କ ସହ ଗ୍ରାମର ଯୁବକମାନେ ସହଯୋଗ କରିଥିଲେ।

# ଆଜିଠାରୁ ସମୁଦ୍ରରେ ମାଛ ଧରିବା ମନା

- ୧୪ ଜୁନ୍ ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ
- ଅଚଳ ହୋଇଯିବ ମତ୍ସ୍ୟ ଶିଳ୍ପ
- ପ୍ରଭାବିତ ହେବେ ମତ୍ସ୍ୟଜୀବୀ

ପାରାଦୀପ,୧୪।୪(ଶରତ ରାଉତ)

ପାରାଦୀପ ମାଛଧରା ବନ୍ଦର ସମେତ ରାଜ୍ୟର ସମସ୍ତ ଉପକୂଳ ଜିଲାରେ ସୋମବାରଠାରୁ ୬୧ ଦିନ ମାଛ ଧରିବା ଉପରେ କଟକଣା ଜାରି କରାଯାଇଛି। ଏହି ୨ମାସରେ କୌଣସି ମତ୍ସ୍ୟଜୀବୀ ସମୁଦ୍ରରେ ମାଛ ଧରି ପାରିବେ ନାହିଁ। ମତ୍ସ୍ୟ ନିର୍ଦ୍ଦେଶାଳୟ କଟକ ପକ୍ଷରୁ ଏହି ସର୍କୁଲାର (ଚିଠି ନଂ.୩୯୮୭) ଜାରି କରାଯାଇଛି। ଏହି କଟକଣା ପରେ ରାଜ୍ୟର ସବୁ ମାଛଧରା ବନ୍ଦର ବନ୍ଦ ରହିବ। ଏହାଦ୍ୱାରା ପ୍ରାୟ ୧୨ ଲକ୍ଷ ମତ୍ସ୍ୟଜୀବୀ ପ୍ରଭାବିତ ହେବେ। ଏପରି କଟକଣା ୨୦୦୭ ମସିହାରୁ ଚାଲିଛି। ପୂର୍ବରୁ ଏହା ୪୫ ଦିନ ରହୁଥିଲା। ୨୦୧୭ ରୁ ୬୧ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସମୁଦ୍ରରେ ମାଛ ବଂଶ ବୃଦ୍ଧି ପାଇଁ ଏପରି କରାଯାଉଛି। ଏପ୍ରିଲ ୧୫ ରୁ ଜୁନ ୧୪ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। କଟକଣା ଜାରି ହେବା ପୂର୍ବରୁ ରବିବାର ସନ୍ଧ୍ୟା ସୁଦ୍ଧା ସମୁଦ୍ର ଭିତରେ ଥିବା ମାଛଧରା ବୋଟଗୁଡ଼ିକ ମାଛଧରା



ପାରାଦୀପ ମାଛଧରା ବନ୍ଦର।

ବନ୍ଦର ପୋତାଶ୍ରୟକୁ ଫେରି ଆସିଛନ୍ତି।

ସୂଚନାଯୋଗ୍ୟ, ପାରାଦୀପ ମାଛଧରା ବନ୍ଦରରୁ ପ୍ରାୟ ୬୦୦ ବଡ଼ ବୋଟ ଓ ୨୦୦ ଛୋଟ ଡଙ୍ଗା ମାଛ ଧରିବା ପାଇଁ ନିୟମିତ ସମୁଦ୍ରକୁ ଯାଇଥାନ୍ତି। ଏହି ମତ୍ସ୍ୟ ଶିଳ୍ପ ଉପରେ ପ୍ରାୟ ୫୦ ହଜାର ଲୋକ ନିର୍ଭରଶୀଳ ବୋଲି ଓମ୍ପା (ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ) ସଭାପତି ଶ୍ରୀକାନ୍ତ ପରିଡ଼ା କୁହନ୍ତି। ଏବେ ସେମାନେ ଦୁଇମାସ ଘରକୁ ପଳାଇ ଯିବେ। ୨୦୦୫ ପୂର୍ବରୁ ଗୋଟିଏ ବୋଟ୍ ସମୁଦ୍ରରେ ବର୍ଷକୁ ୨୦ ରୁ ୨୨ଥର ସମୁଦ୍ରକୁ ଯାଇ ମାଛଧରି ଫେରୁଥିଲେ। ଏବେ ବର୍ଷକୁ ୧୦ ରୁ୧୨ଥର ସମୁଦ୍ରକୁ ଯିବା କଷ୍ଟକର ହେଉଛି ବୋଲି ଏକ ବୋଟ୍ ମାଲିକ ନରେନ୍ଦ୍ର ବିଶ୍ୱାଳ କୁହନ୍ତି। ସମୁଦ୍ରରେ ମାଛ ଉତ୍ପାଦନ ହ୍ରାସ ପାଇବା, ଅନିୟନ୍ତ୍ରିତ ପାଣିପାଗ, ଇନ୍ଧନ ମୂଲ୍ୟ ବୃଦ୍ଧି, ଅଲିଭ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ପାଇଁ ୬ ମାସ କଟକଣା, ନଦୀ ମୁହାଣ ଅଶାନ୍ତ ରହିବା ଭଳି ଘଟଣା ଏହାର ପ୍ରମୁଖ କାରଣ ବୋଲି ସେ ପ୍ରକାଶ କରିଛନ୍ତି। ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ବିଜୟ କୁମାର କରଙ୍କ କହିବାନୁସାରେ,କଟକଣାକୁ ମତ୍ସ୍ୟଜୀବୀମାନେ ସହଜରେ ସ୍ୱାଗତ କରିଥାନ୍ତି। କାରଣ ଏହି ସମୟ ମଧ୍ୟରେ ମାଛ ବଂଶ ବୃଦ୍ଧି ପାଇଁ ଉପଯୁକ୍ତ ସମୟ ଥାଏ। ପ୍ରଜନନ, ଅଣ୍ଡାଦାନ ପାଇଁ ମା'ମାଛ କୂଳକୁ ଆସିଥାନ୍ତି। ଏହି ସମୟରେ ମାଛ ଧରିଲେ ମା'ଓ ଯାଆଁଳ ମାଛ କ୍ଷତିଗ୍ରସ୍ତ ହେବେ। ମାଛ ବଂଶ ବଢ଼ିଲେ ସମସ୍ତ ମତ୍ସ୍ୟଜୀବୀଙ୍କୁ ଫାଇଦା ମିଳିବ ବୋଲି ସେ କୁହନ୍ତି। ପାରାଦୀପ ମାଛଧରାବନ୍ଦର ଭିତରେ ଏତେ ଗୁଡିଏ ଲୋକଙ୍କ କାରବାର ପାଇଁ ସବୁବେଳେ ଗହଳ ଚହଳ ରହିଥାଏ। ଏବେ ୨ମାସ ସେଠାରେ ଖାଁ ଖାଁ ପରିବେଶ ଦେଖାଦେବ।

# ମା'ଶାରଳା ମନ୍ଦିରରେ ୪୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ



ମା'ଙ୍କ ବିଜେ ପ୍ରତିମାକୁ ବିମାନରେ ବଡ଼ଶାରୋଳସ୍ଥିତ ଲଣ୍ଡା ଦେଉଳକୁ ନିଆଯାଉଛି।

ତିର୍ତ୍ତୋଲ, ୧୪।୪ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ମା'ଶାରଳା ମନ୍ଦିରରେ ପଣାସଙ୍କ୍ରାନ୍ତିରେ ୪୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ମା'ଙ୍କୁ ପଣା ଭୋଗ ଅର୍ପଣ କରିଥିଲେ। ମଧ୍ୟାହ୍ନରେ ମା'ଙ୍କ ବିଜେ ପ୍ରତିମାକୁ ସୁସଜ୍ଜିତ ବିମାନରେ ବଡ଼ଶାରୋଳସ୍ଥିତ ଲଣ୍ଡା ଦେଉଳ ନିକଟକୁ ନିଆଯାଇଥିଲା। ସେଠାରେ ରାଉଳ ସେବାୟତମାନଙ୍କ ଦ୍ୱାରା ଦଶଘଟ ସୁସଜ୍ଜିତ କରାଯାଇ ପୂଜାପାଠ କରାଯାଇଥିଲା। ଏହା ପରେ ଚରଖି ପଡ଼ିଆରେ ପ୍ରଜ୍ୱଳିତ ଅଗ୍ନି ମଧ୍ୟରେ ଚାଲି ରାଉଳ ସେବାୟତମାନଙ୍କ ଦ୍ୱାରା ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାପରେ ମା'ଙ୍କ ବିଜେପ୍ରତିମା ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ସ୍ଥାନୀୟ ପୋଲିସ ଓ ମନ୍ଦିର ପ୍ରଶାସନ ତରଫରୁ ବ୍ୟବସ୍ଥା କରାଯାଇଥିଲା। ମନ୍ଦିରର ୨ପ୍ରବେଶ ଦ୍ୱାର ବସନ୍ତ ବଗିଚା ଓ ଶାରଳା ଏକାଡେମୀ ନିକଟରେ ଟ୍ରାଫିକ ନିୟନ୍ତ୍ରଣ ଲାଗି ପାର୍କିଂ ବ୍ୟବସ୍ଥା କରାଯାଇଥିଲା।

# ଦଳିତଙ୍କ ପାଇଁ ଆମ୍ବେଡକରଙ୍କ ତ୍ୟାଗ, ସଂଘର୍ଷ ପରିବର୍ତ୍ତନର ସ୍ୱର ଆଣିପାରିଥିଲା



ଜିଲାସ୍ତରୀୟ ଆମ୍ବେଡକର ଜୟନ୍ତୀରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

## ଜିଲାସ୍ତରୀୟ ଆମ୍ବେଡକର ଜୟନ୍ତୀ

ଜଗତ୍‌ସିଂହପୁର, ୧୪।୪
(ପ୍ରମୋଦ କୁମାର ନାୟକ)

ସମ୍ବିଧାନ ପ୍ରଣେତା, ଭାରତରତ୍ନ ଡ. ବି. ଆର୍. ଆମ୍ବେଡକରଙ୍କ ୧୩୩ତମ ଜୟନ୍ତୀ ଜିଲା ମୁଖ୍ୟାଳୟରେ ପାଳିତ ହୋଇଯାଇଛି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଆୟୋଜିତ ସଭାରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା ପୌରୋହିତ୍ୟ କରି ଆମ୍ବେଡକରଙ୍କ ସ୍ମୃତିଚାରଣ କରିଥିଲେ। ସେ କହିଥିଲେ, ଆମ୍ବେଡକର କେବଳ ସମ୍ବିଧାନ ପ୍ରଣୟନରେ ଗୁରୁ ଭୂମିକା ନିଭାଇ ନ ଥିଲେ, ଦଳିତଙ୍କ ବିକାଶ ପାଇଁ ଅନେକ କିଛି କରିଥିଲେ। ଦଳିତଙ୍କ ପାଇଁ ତାଙ୍କର ଅସୀମ ତ୍ୟାଗ ଓ ସଂଘର୍ଷ ପରବର୍ତ୍ତୀ ସମୟରେ ପରିବର୍ତ୍ତନର ସ୍ୱର ଆଣି ପାରିଥିଲା। ଏହି ଅବସରରେ ସେ ଆମ୍ବେଡକରଙ୍କ ଜୀବନରେ ଅନୁପ୍ରାଣିତ ହୋଇ କର୍ମ ତତ୍ପର ହେବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ସୀମାରାଣୀ ଜେନା ମଧ୍ୟ ଆମ୍ବେଡକରଙ୍କ କର୍ମମୟ ଜୀବନ ବିଷୟରେ ବର୍ଣ୍ଣନା କରିଥିଲେ। ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ଜଗମୋହନ ପତି ଆମ୍ବେଡକରଙ୍କ ଜୀବନର ତ୍ୟାଗ ଉପରେ ଆଲୋକପାତ କରିଥିଲେ। ଡିଆଇପିଆର୍‌ଓ କାମିନୀ ପଟ୍ଟନାୟକ ସ୍ୱାଗତ ଭାଷଣ, ଅତିଥି ପରିଚୟ ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ସଭାକାର୍ଯ୍ୟ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ବି.ଆର୍ ଆମ୍ବେଡକର ଓ ଅନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲାସ୍ତରୀୟ ଏହି ଜୟନ୍ତୀ ଉପଲକ୍ଷେ ଆୟୋଜିତ ସଭାରେ ଜିଲାସ୍ତରୀୟ ଅଧିକାରୀ, ଜିଲାପାଳଙ୍କ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀ, ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ। ସେହିପରି ଅଲ ଓଡ଼ିଶା ଭୋଇ ସମାଜ ବିକାଶ ପରିଷଦ ଜଗତ୍‌ସିଂହପୁର ଜିଲା ଶାଖା ଓ ଆଶୀର୍ବାଦ ସେବା ସଙ୍ଗଠନ ପକ୍ଷରୁ ଆମ୍ବେଡକର ଜୟନ୍ତୀ ପାଳନ କରାଯାଇଛି।

# କବିତାରେ ଓଡ଼ିଆ ନବବର୍ଷ

ପାରାଦୀପ,୧୪।୪(ଶରତ ରାଉତ): ।ରାଦୀପର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମୈନାକ୍ ସାହିତ୍ୟ ସଂସଦ ପକ୍ଷରୁ ରବିବାର ଓଡ଼ିଆ ନବବର୍ଷ ଓ ବିଷୁବମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଧୁବନ ସାକ୍ଷରତା ସମିତି ସଭାକକ୍ଷ ମଧ୍ୟରେ ଏହି କାର୍ଯ୍ୟକ୍ରମ ଓ କବିତା ପାଠ ଉତ୍ସବ ଆୟୋଜନ କରାଯାଇଥିଲା। ସଂସଦ ସଭାପତି ସନ୍ତୋଷ କୁମାର ସାମଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଶ୍ରୀମନ ମିଶ୍ର, ଅଶୋକ ମହାପାତ୍ର, ଗୋଲାପରାଣୀ ସାହୁ, ଧ୍ରୁବଚରଣ ମହାପାତ୍ର ଓ ତୁଳସୀ ବରାଳ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଏହି ଅବସରରେ ଅନେକ କବୟିତ୍ରୀ ଓ କବି ଓଡ଼ିଆ ନବବର୍ଷ ଉପରେ କବିତା ପାଠ କରିଥିଲେ। ଶେଷରେ ଅନୁଷ୍ଠାନ ସମ୍ପାଦକ ନଗେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ମା'ଜାଗୁଳାଇ ପୀଠରେ ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ

ନାଉଗାଁ,୧୪।୪(ସୁଧା ବେହୁରା): ନାଉଗାଁ ବ୍ଲକ ଅନ୍ତର୍ଗତ ତିହୁଡ଼ାସ୍ଥିତ ମା'ଜାଗୁଳାଇ ପୀଠରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ରବିବାର ୧୦୮ ହନୁମାନ ଚାଳିଶା ପାଠ କରାଯାଇଛି। ୬୧ତମ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ପ୍ରବଚନ, ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ୨୪ ବେଶ ପ୍ରଦର୍ଶନ, ସାଧୁସନ୍ଥ ସମ୍ମିଳନୀ, ପଞ୍ଚୁଦାଳ ମେଳନ ଆଦି କାର୍ଯ୍ୟକ୍ରମ କରାଯିବ ବୋଲି ମନ୍ଦିର ପରିଚାଳନା ସମିତି ପକ୍ଷରୁ କୁହାଯାଇଛି। ଏସବୁ କାର୍ଯ୍ୟକ୍ରମକୁ ଗୋଦୋମଠାଧୀଶ ଚିନ୍ତାମଣି ପର୍ବତ ଗୋସ୍ୱାମୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମ ୯ ଦିନ ବ୍ୟାପି ଚାଲିବ। ଏନେଇ ପ୍ରତ୍ୟେହ ସନ୍ଧ୍ୟାରେ ଆଧାତ୍ମିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ମା'ଜାଗୁଳାଇ ମନ୍ଦିର ପରିଚାଳନା ସମିତି ସଭାପତି ବାବା ସତ୍ୟାନନ୍ଦ ଦାସ ସୂଚନା ଦେଇଛନ୍ତି।

# ଜିଲାର ୩ ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀଙ୍କ ନାମ ଘୋଷଣା

**କେବଳ ଜଗତ୍‌ସିଂହପୁର ବିଧାନସଭା ଆସନ ବାକି ରହିଲା**

ଜଗତ୍‌ସିଂହପୁର, ୧୪।୪
(ପ୍ରମୋଦ କୁମାର ନାୟକ)

ଗତ ୧୩ ତାରିଖରେ କଂଗ୍ରେସ ଜଗତ୍‌ସିଂହପୁର ସାଂସଦ ପ୍ରାର୍ଥୀ ଭାବେ ରବୀନ୍ଦ୍ର ନାଥ ସେଠୀଙ୍କ ନାମ ଘୋଷଣା କରିଥିଲା। କିନ୍ତୁ ଜିଲାର ୪ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘାଷଣା କରି ନ ଥିଲା। ରବିବାର ସେଥିମଧ୍ୟରୁ ୩ଟି ଆସନ ଯଥା ତିର୍ତ୍ତୋଲ, ପାରାଦୀପ ଓ ବାଲିକୁଦା–ଏରସମା ବିଧାନସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ସେମାନେ ହେଲେ ତିର୍ତ୍ତୋଲରୁ ହିମାଂଶୁ ଭୂଷଣ ମଲ୍ଲିକ, ପାରାଦୀପ ନିରଞ୍ଜନ ନାୟକ ଓ ବାଲିକୁଦା–ଏରସମାରୁ ଇଂ. ନଳିନୀ ସ୍ୱାଇଁ। କେବଳ ଜଗତ୍‌ସିଂହପୁର ବିଧାନସଭା ଆସନରୁ କିଏ ପ୍ରାର୍ଥୀ ହେବେ ତାହା ଚୂଡ଼ାନ୍ତ ହୋଇପାରିନାହିଁ। ପ୍ରାର୍ଥୀ ଘୋଷଣା ପରେ ତିର୍ତ୍ତୋଲ, ପାରାଦୀପ ଓ ବାଲିକୁଦା–ଏରସମା ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ନେତା ଓ କର୍ମୀ ମହଲରେ ଖୁସି ପରିଲକ୍ଷିତ ହୋଇଛି। ଦଳୀୟ ନେତା ଓ କର୍ମୀମାନେ ପ୍ରାର୍ଥୀମାନଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଦେଇଛନ୍ତି। କିଛି ସ୍ଥାନରେ ମିଠା ବଣ୍ଟନ କରାଯାଇଛି।

# ସମ୍ବିଧାନରେ ସମସ୍ତଙ୍କୁ ସମାନ ଅଧିକାର ଦେବାରେ ଆମ୍ବେଡକରଙ୍କ ଭୂମିକା ଅତୁଳନୀୟ



ପାରାଦୀପ,୧୪।୪(ଶରତ ରାଉତ)

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ରବିବାର ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଡକର ଜୟନ୍ତୀ ପାଳନ କରାଯାଇଛି। ଏନେଇ ମଧୁବନ ଆମ୍ବେଡକର ପ୍ରତିମୂର୍ତ୍ତିସ୍ଥଳରେ ସକାଳେ ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଯୋଗ ଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେଠାରେ ପୋର୍ଟ ଏସଟିଏସ୍‌ସି ସଂଘର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ଆମ୍ବେଡକର ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିଲେ। ସମ୍ବିଧାନରେ ସମସ୍ତଙ୍କୁ ସମାନ ଅଧିକାର ଦେବାରେ ତାଙ୍କ ଭୂମିକା ଅତୁଳନୀୟ ବୋଲି ମୁଖ୍ୟ ଅତିଥି ହାରାନ୍ଧ କହିଥିଲେ।

# ଜଗତ୍‌ସିଂହପୁର, ବାଲିକୁଦା-ଏରସମାରେ ଝଡ଼ ପୂର୍ବର ନୀରବତା

**ଜଗତ୍‌ସିଂହପୁର ଜିଲା ରାଜନୀତି**

ଜଗତ୍‌ସିଂହପୁର, ୧୪।୪ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ ଜଗତ୍‌ସିଂହପୁର ଓ ବାଲିକୁଦା–ଏରସମା ବିଧାନସଭା ଆସନରେ ଟିକେଟରୁ ବଞ୍ଚିତ କେତେଜଣ ନେତା ଅନ୍ୟ ଦଳ କିମ୍ବା ସ୍ୱାଧୀନ ପ୍ରାର୍ଥୀ ହେବାକୁ ମନସ୍ଥ କରିଥିବା ଆଲୋଚନା ହେଉଛି। ଏଭଳି ହେଲେ ନିର୍ବାଚନୀ ଝଡ଼ ନିର୍ଣ୍ଣାୟକ ହେବ। କେତେଜଣ ରାଜନୈତକ ସମୀକ୍ଷକଙ୍କ କହିବାନୁସାରେ, ଜଗତ୍‌ସିଂହପୁର ବିଧାନସଭା ଆସନ ପାଇଁ ଏଥିମଧ୍ୟରେ ବିଜେଡି ପ୍ରାର୍ଥୀ ଘୋଷଣା ସାରିଛି। ଏହି ଦଳ ଗତ ଥରର ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲିଙ୍କ ଉପରେ ପୁଣି ଆସ୍ଥା ପ୍ରକଟ କରି ଟିକେଟ ଦେବାକୁ ଘୋଷଣା କରିଛି। କିନ୍ତୁ ଭାଜପା କିମ୍ବା କଂଗ୍ରେସ ପ୍ରାର୍ଥୀ ଘୋଷଣା କରିପାରିନାହାନ୍ତି। ଭାଜପାରେ ୨ ଜଣ ଆଶାୟୀ ଅଛନ୍ତି। ସେମାନେ ହେଲେ ବିଜେଡି ଛାଡ଼ି ନୂଆକରି ଭାଜପାରେ ଯୋଗଦେଇଥିବା ଅମରେନ୍ଦ୍ର ଦାସ ଓ ଦଳ ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର। ଅମରେନ୍ଦ୍ର ଏକପ୍ରକାର ଭାଜପା ଟିକେଟ ପାଇବା ଚୂଡ଼ାନ୍ତ ହୋଇଥିବା ପ୍ରଚାର ହେବା ପରେ ସତ୍ୟବ୍ରତ ତାଙ୍କ ସମର୍ଥକମାନଙ୍କ ସହ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚି ଟିକେଟ୍ ଦାବି କରିଥିଲେ। ଦଳ ଅମରେନ୍ଦ୍ରଙ୍କ ଭଳି ଯୁବନେତାଙ୍କୁ ପାଇ ଶକ୍ତି ବୃଦ୍ଧି କରିଛି। କିନ୍ତୁ ପୁରୁଣା ନେତା ଓ କର୍ମୀଙ୍କ ମନରେ ଆଘାତ ଦେବାକୁ ଚାହୁଁନି। ଏଭଳି ସ୍ଥିତିରେ ଦଳ ପକ୍ଷରୁ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବାରେ ବିଳମ୍ବ ହେଉଛି। ଅପରପକ୍ଷେ କଂଗ୍ରେସର ଚିନ୍ତା ବଢ଼ିଯାଇଛି। କାରଣ ଏହି ଦଳର ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳ ନିକଟରେ କଂଗ୍ରେସ ଛାଡ଼ି ବିଜେଡିରେ ମିଶିଛନ୍ତି। ତାଙ୍କ ବିକଳ୍ପ ଭାବେ ଦଳ ନୂଆ ନେତା ବାଛି ପାରୁନାହିଁ। ଏହା ଭିତରେ ଚିରଞ୍ଜୀବଙ୍କ ସାନଭାଇ ରଞ୍ଜୀବ କିମ୍ବା ବାଲିକୁଦା–ଏରସମା କଂଗ୍ରେସ ନେତା ଲଲାଟେନ୍ଦୁ ମହାପାତ୍ରଙ୍କୁ ଦଳ ପ୍ରାର୍ଥୀ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛି। ସେମାନଙ୍କ ଭିତରୁ ଯେକେହି ରାଜିହେଲେ ଦଳ ପ୍ରାର୍ଥୀ ଘୋଷଣା କରିପାରେ। ନଚେତ୍ ଭାଜପା ପ୍ରାର୍ଥୀ ଘୋଷଣା ପରେ କଂଗ୍ରେସ ଗୋଟିଚାଳନା କରିବ। ଅର୍ଥାତ୍ ଅସନ୍ତୁଷ୍ଟ ନେତାଙ୍କୁ ଆମଦାନୀ ସହ ପ୍ରାର୍ଥୀ କରିବାକୁ ଚେଷ୍ଟା କରିବ। ଭାଜପା ଓ କଂଗ୍ରେସ ଏଭଳି ଅଡୁଆ ପରିସ୍ଥିତିରେ ଥିଲାବେଳେ ବିଜେଡି ଗତ ୩ ତାରିଖରେ ପ୍ରାର୍ଥୀ ଘୋଷଣା କରି ଆଗୁଆ ଅଛି। ହେଲେ ଏଥିମଧ୍ୟରେ ୧୧ ଦିନ ଅତିକ୍ରାନ୍ତ ହୋଇ ଯାଇଥିଲେ ସୁଦ୍ଧା ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ପ୍ରଚାର ମଇଦାନକୁ ଓହ୍ଲାଇନାହାନ୍ତି। ଏପରି କି ସେ ନିର୍ବାଚନମଣ୍ଡଳୀରେ ଆଦୌ ସକ୍ରିୟ ହୋଇନାହାନ୍ତି। ଏହା ପଛର କାରଣ ଯାହା କିଛି ଥାଉ ନା କାହିଁକି, ଏକ ଅଦୃଶ୍ୟ ଶକ୍ତିକୁ ନେଇ ସେ ଚିନ୍ତିତ ଥିବା କୁହାଯାଉଛି। ଚିରଞ୍ଜୀବ ବିଜେଡିରେ ମିଶିଲା ପରେ ସେ ଏହି ଆସନରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। କିନ୍ତୁ ତାଙ୍କ ପରିବର୍ତ୍ତେ ଦଳ ପ୍ରଶାନ୍ତଙ୍କୁ ଟିକେଟ ଦେବାରୁ ଚିରଞ୍ଜୀବ କୁଆଡ଼େ କ୍ଷୁବ୍ଧ ଅଛନ୍ତି। ବିଶେଷକରି ତାଙ୍କ ସହ କଂଗ୍ରେସର ଶତାଧିକ ଆଗଧାଡିର ନେତା ଓ କର୍ମୀ ଆଘାତପ୍ରାପ୍ତ ହୋଇଥିବାରୁ ଅଡୁଆ ବଢ଼ିଯାଇଛି। ଏହି ସ୍ଥିତିରେ ସୁଧାର ନ ଆସିଲେ କିଛି ଲାଭ ହେବନାହିଁ ବୋଲି ପ୍ରଶାନ୍ତ ଚିନ୍ତା କରୁଛନ୍ତି। ତେଣୁ ଚିରଞ୍ଜୀବ ଓ ନୂଆକରି ବିଜେଡିରେ ମିଶିଥିବା ନେତା, କର୍ମୀଙ୍କୁ ମନାଇ ସାରିଲା ପରେ ପ୍ରଚାରକୁ ଓହ୍ଲାଇବେ ବୋଲି କୁହାଯାଉଛି। ଅନ୍ୟପଟେ ବିଜେଡିରୁ ଆସି ଭାଜପାରେ ମିଶିଥିବା ଅମରେନ୍ଦ୍ର ମଧ୍ୟ ପ୍ରଶାନ୍ତଙ୍କ ରକ୍ତଚାପ ବଢ଼ାଇ ଦେଉଛନ୍ତି। କାରଣ ଅମରେନ୍ଦ୍ର ବିଜେଡିରେ ଥିଲାବେଳେ ଦଳ ଦୁଇ ଫାଳ ଥିଲା। ସେ ଭାଜପାରେ ମିଶିଲା ପରେ ଫାଳେ ଭୋଟ ଭାଜପାକୁ ଚାଲିଯାଇଛି। ଅମରେନ୍ଦ୍ର ଭାଜପା ଟିକେଟ ପାଇଗଲେ ବିଜେଡି ଓ ଭାଜପା ଭୋଟ ସମେତ କଂଗ୍ରେସରୁ କିଛି ହାତେଇବାରେ ସଫଳ ହୋଇପାରନ୍ତି। ସେ ଦୃଷ୍ଟିରୁ ଭାଜପାକୁ ୨ ଫାଳ କରିବା ପାଇଁ ପ୍ରଶାନ୍ତ କୁଆଡେ ଗୋଟିଚାଳନା କରୁଥିବା ଚର୍ଚ୍ଚା ହେଉଛି। ଅନ୍ୟପଟେ ପରିସ୍ଥିତି ଅନୁକୂଳ ନ ହେଲେ ଚିରଞ୍ଜୀବଙ୍କୁ ଜଗତ୍‌ସିଂହପୁର ଆସନ ଛାଡି ସେ ବାଲିକୁଦା–ଏରସମା ପ୍ରାର୍ଥୀ ହେବାକୁ ମନ ବଳାଇପାରନ୍ତି। ଯେହେତୁ ବାଲିକୁଦା–ଏରସମା ବିଧାନସଭା ଆସନରେ ଗୋଷ୍ଠୀ ବିବାଦ ତୀବ୍ର ଅଛି, ତେଣୁ ଦଳ ପ୍ରାର୍ଥୀ ଘୋଷଣା କରିବାରେ ବିଳମ୍ବ ହେଉଛି। ଏ ପରିସ୍ଥିତିରେ ଆବଶ୍ୟକ ପଡ଼ିଲେ ପ୍ରଶାନ୍ତଙ୍କୁ ବାଲିକୁଦା–ଏରସମା ଓ ଚିରଞ୍ଜୀବଙ୍କୁ ଜଗତ୍‌ସିଂହପୁରରୁ ପ୍ରାର୍ଥୀ କରି ଦଳ ମଧ୍ୟରେ ଦେଖା ଦେଇଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଉଦ୍ୟମ କରାଯାଇପାରେ ବୋଲି କୁହାଯାଉଛି। ଏହା ହେଲେ ମଧ୍ୟ ସମାଧାନ ସହଜ ହେବ ନାହିଁ। କାରଣ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ଟିକେଟ ନ ମିଳିଲେ ସେ ସ୍ୱାଧୀନ ପ୍ରାର୍ଥୀ ହେବାକୁ ପଛାଇବେ ନାହିଁ। ତେଣୁ ଏ ପରିସ୍ଥିତିରେ ଦଳ କ'ଣ ନିଷ୍ପତ୍ତି ନେଉଛି ତାହା ଦେଖିବାକୁ ବାକି ରହିଲା। ଅନ୍ୟପଟେ ପାରାଦୀପ ଓ ତିର୍ତ୍ତୋଲ ବିଧାନସଭା ଆସନରେ ମଧ୍ୟ କେତେକ କାରଣରୁ ନୀରବତା ସୃଷ୍ଟି ହୋଇଛି। ମୋଟାମୋଟି ଭାବେ ଏବେ ଜିଲାରେ ଯେଉଁ ପରିବେଶ ସୃଷ୍ଟି ହୋଇଛି ତାହା ଝଡ ପୂର୍ବର ନୀରବତା କହିଲେ ଅତ୍ୟୁକ୍ତି ହେବ ନାହିଁ।

**MCL ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

CMPFO କମିଶନର ପ୍ରଦତ୍ତ ରେଫ୍. ନଂ. CPF/CP/111(26)/Pen/Misc/HQ/Vol-III/520, ତାରିଖ: 25/08/2023 ଚିଠି ଏବଂ ଏହା ପରେ GM(P/PF & Pension), MCL HQଙ୍କ ପ୍ରଦତ୍ତ ବିଜ୍ଞପ୍ତି ରେଫ୍ ନଂ. MCL HQ/PF & PENSION/2023/5945, ତାରିଖ: 09.09.2023 ଅନୁସାରେ MCLର ସମସ୍ତ ପେନସନରମାନଙ୍କୁ ଏତଦ୍ୱାରା ପରାମର୍ଶ ଦିଆଯାଉଛି ଯେ, ଝଞ୍ଜଟମୁକ୍ତ ପତି/ପତ୍ନୀଙ୍କ ପେନସନ ପାଇଁ **ପରିବର୍ତ୍ତିତ PPO (ପେନସନ ପେମେଣ୍ଟ ଅର୍ଡର)** ଜାରି କରିବା ନିମନ୍ତେ ନିମ୍ନଲିଖିତ ଡକ୍ୟୁମେଣ୍ଟସ୍/ବିବରଣିମାନ ଜମା କରିବା ଆବଶ୍ୟକ:-

1. ସଠିକ୍ ଭାବରେ ପୂରଣ କରାଯାଇଥିବା ଆବେଦନପତ୍ର , 2. ପତି/ପତ୍ନୀଙ୍କ ନାମ ଏବଂ ଯୁଗ୍ମ ଫଟୋଗ୍ରାଫ (3ଟି), 3. ପତି/ପତ୍ନୀଙ୍କ ସହ 'ଫର୍ମର ବା ସରଭାଇବର' ମୋଡ ରେ କାର୍ଯ୍ୟକ୍ଷମ ଥିବା ପେନସନରଙ୍କ ବିଦ୍ୟମାନ ବ୍ୟାଙ୍କ ଆକାଉଣ୍ଟ, 4. ସ୍ୱସ୍ୱାକ୍ଷରିତ ଉଭୟ ନିଜର ଏବଂ ପତି/ପତ୍ନୀଙ୍କ ଆଧାର କାର୍ଡ ଏବଂ PAN କାର୍ଡର ପ୍ରତିଲିପି, 5. ନିଜର ଏବଂ ପତି/ପତ୍ନୀଙ୍କ ମୋବାଇଲ ନମ୍ବର, 6. ନିଜର ଏବଂ ପତି/ପତ୍ନୀଙ୍କ ଇ-ମେଲ୍ ଆଇଡି।

ଉପରୋକ୍ତ ଡକ୍ୟୁମେଣ୍ଟ ବା ତଥ୍ୟାବଳୀ (ସ୍ୱସ୍ୱାକ୍ଷରିତ) ସଂପୃକ୍ତ ଏରିଆ ପର୍ସୋନାଲ ମ୍ୟାନେଜର (APM)ଙ୍କ ଅଫିସରେ (ଯେଉଁଠାରୁ ସଦସ୍ୟ ଅବସରଗ୍ରହଣ କରିଥିବେ) ଜମା ଦେବା ଆବଶ୍ୟକ ଏବଂ ଯଦି MCL HQଙ୍କ ଅଫିସରୁ ଅବସର ଗ୍ରହଣ କରିଥିବେ, ତେବେ ଆବେଦନପତ୍ର ଜେନାରାଲ ମ୍ୟାନେଜର (P/PF & Pension), MCL HQଙ୍କ ଅଫିସରେ ଜମାଦେବାକୁ ହେବ।

ସଦସ୍ୟମାନଙ୍କୁ MCL ୱେବସାଇଟ୍ www.mahanadicoal.in ଦେଖିବାକୁ ଏବଂ ଲିଙ୍କ୍ - https://www.mahanadicoal.in/InfoBank/PP/NOTICE%20%205945%20120324.pdfରୁ ଉପରଲିଖିତ ବିଜ୍ଞପ୍ତି/ଆବେଦନପତ୍ର ଓ ଆବଶ୍ୟକ ଡକ୍ୟୁମେଣ୍ଟ ଗୁଡ଼ିକର ତାଲିକା ଖୋଲିବା/ଡାଉନଲୋଡ କରିବା ପାଇଁ ପରାମର୍ଶ ଦିଆଯାଉଛି।

କୌଣସି ସମସ୍ୟା ବା କିଛି ଜାଣିବାର ଥିଲେ ଯେକୌଣସି କାର୍ଯ୍ୟଦିବସର ପୂର୍ବାହ୍ଣ 10:00 ଘଟିକାରୁ ଅପରାହ୍ଣ 05:00 ଘଟିକା ମଧ୍ୟରେ 0663-2542739 ନମ୍ବରରେ ଅଥବା ଇ-ମେଲ ଆଇଡି: pension.mcl@coalindia.in ରେ ଯୋଗାଯୋଗ କରିପାରିବେ।

ଜେନେରାଲ ମ୍ୟାନେଜର (P/PF & Pension),
MCL HQ, ସମ୍ବଲପୁର

R-5203

ନୟାଗଡ଼ରେ ପଣାଯାତ୍ରା

# ବାଣ ଫୁଟାଇ ଭକ୍ତ କଲେ ମାନସିକ ପୂରଣ









ମା' ଦକ୍ଷିଣକାଳୀଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ । ଦେବୀଙ୍କ ଘଟକୁ ଶୋଭାଯାତ୍ରାରେ ନିଆଯାଉଛି । ମାନସିକଧାରୀଙ୍କ ଦ୍ୱାରା ଆତସବାଜି ପ୍ରଦର୍ଶନ କରାଯାଉଛି ।

ନୟାଗଡ଼,୧୪।୪(ଲୋକନାଥ ମିଶ୍ର)

ନୟାଗଡ଼ର ଆରାଧ୍ୟ ଦେବୀ ପୁରୁଣାସହରର ଦକ୍ଷିଣକାଳୀ ପୀଠରେ ପଣା ଯାତ୍ରା ରବିବାର ଆରମ୍ଭ ହୋଇଛି । ଯାତ୍ରା ୭ଦିନ ଧରି ଚାଲୁ ରହିବ । ଭକ୍ତମାନେ ମା'ଙ୍କୁ ଦର୍ଶନ କରିବାକୁ ଧାଡ଼ିରେ ଅପେକ୍ଷା କରିଥିଲେ । ଅନ୍ୟପକ୍ଷେ ଗଛବାଣ, ଶର୍ଟ ବାଣ ଓ ଚକ୍ର ବାଣ ଫୁଟାଇ ମାନସିକଧାରୀ ମାନସିକ ପୂରଣ କରିଥିଲେ । ଭୋର ସାଢ଼େ ୫ରେ ମା'ଦକ୍ଷିଣକାଳୀଙ୍କ ପହଡ଼ ଭଙ୍ଗାଯାଇ ଅବକାଶ ଓ ମାଜଣା ନୀତି କରାଯାଇଥିଲା । ନୀତି ପରେ ଭକ୍ତମାନେ ସକାଳ ୬ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ମା'ଙ୍କୁ ଦର୍ଶନ କରିଥିଲେ । ପୂର୍ବାହ୍ନ ୯ଟାରେ ଶଙ୍କୁଡି ଭୋଗ ପରେ କିଛି ସମୟ ମା'ଙ୍କର ମନ୍ଦିର ବନ୍ଦ ରହିଥିଲା । ପୂର୍ବାହ୍ନ ସାଢ଼େ ୯ଟାରେ ପୁରୁଣାସହରର ଜଗନ୍ନାଥ

## ଧାଡ଼ିରେ ଦର୍ଶନ କଲେ ଭକ୍ତ

### ବାଣ ଫୁଟିଲେ ମା'ଙ୍କର ପଣା ବଣ୍ଟନ ହୁଏ

ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆସିବା ପରେ ଦକ୍ଷିଣକାଳୀଙ୍କ ପୀଠରେ ମଧ୍ୟାହ୍ନ ସାଢ଼େ ୧୨ରୁ ହୋମ ଯଜ୍ଞ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା । ମନ୍ଦିର ସାଢ଼େ ୯ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଲା ରହିଥିଲା । ପରେ ପହଡ ପଡିଥିଲା । ମାଜଣା ପରେ ପୁଣି ସନ୍ଧ୍ୟା ୬.୪୫ରେ ମନ୍ଦିର ଖୋଲା ହେବାରୁ ଭକ୍ତ ଦର୍ଶନ କଲେ । ସନ୍ଧ୍ୟା ୮ଟାରେ ମା'ଙ୍କ ପଣା ଶୋଭାଯାତ୍ରାରେ ମା ରାମଚଣ୍ଡୀ, ଶୁଳିଆ ଠାକୁରାଣୀ, ମଙ୍ଗଳା, ବ୍ରାହ୍ମଣୀଦେବୀ ଓ ତରତେଇଙ୍କୁ ବାଣ୍ଟିବାକୁ ଗଲେ । ପରେ ଦକ୍ଷିଣକାଳୀଙ୍କ ପୀଠରେ ଭକ୍ତମାନେ ପଣା ସେବନ କରିଥିଲେ । ଅନ୍ୟପକ୍ଷେ ପଣା ବଣ୍ଟନ ପୂର୍ବରୁ ମାନସିକ ବାଣ ଫୁଟିବା ଆରମ୍ଭ ହୋଇଥିଲା । ମାନସିକ ବାଣରେ ଦକ୍ଷିଣକାଳୀ ପଡ଼ିଆ ଧୂଆଁମୟ ହୋଇଗଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ଆତସବାଜି ପ୍ରତିଯୋଗିତା ହୋଇଥିଲା । ରାତି ୯ଟା ପର୍ଯ୍ୟନ୍ତ ଶଙ୍କୁଡି ଭୋଗ ପରେ ପୁଣି ୯.୪୫ରୁ ରାତି ୧୧ଟା ପର୍ଯ୍ୟନ୍ତ ମା' ଦର୍ଶନ ଦେଇଥିଲେ । ପରେ ପହଡ ପଡିଥିଲା ବୋଲି ଦକ୍ଷିଣକାଳୀ ପଣା କମିଟି ସମ୍ପାଦକ କିଶାନ ଦାସ ଓ କାର୍ଯ୍ୟକାରୀ ସଭାପତି ଆଶୁତୋଷ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

### କିଓସ୍କୋ ଅଚଳ, ପାଣି ପାଇଁ ହଇରାଣ

ଦକ୍ଷିଣ କାଳୀ ମନ୍ଦିର ପାଖରେ ଥିବା କିଓସ୍କୋ ଅଚଳ ହୋଇ ପଡ଼ିଛି । ପଣା ସଂକ୍ରାନ୍ତିରେ ହଜାର ହଜାର ଭକ୍ତଙ୍କ ଭିଡ଼ ଲାଗି ରହିଥିବାବେଳେ ଜନସ୍ୱାସ୍ଥ୍ୟ ବିଭାଗ ଅଚଳ ହୋଇଥିବା କିଓସ୍କୋକୁ ସଚଳ କରି ନ ଥିଲା । ଏଣୁ ପାଣି ପାଇଁ ଅନେକ ଲୋକ ହଇରାଣ ହୋଇଥିଲେ ।

# ପଣାସଂକ୍ରାନ୍ତିରେ ପୂଜାର୍ଚ୍ଚନା

ଦଶପଲ୍ଲା,୧୪।୪
(ପ୍ରକାଶ କୁମାର ପାଣି)

ପବିତ୍ର ଓଡ଼ିଆ ନବବର୍ଷ, ହନୁମାନ ଜୟନ୍ତୀ ଏବଂ ପଣା ସଂକ୍ରାନ୍ତି ଦଶପଲ୍ଲାର ବିଭିନ୍ନ ସ୍ଥାନରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଭିନ୍ନ ଦେବାଳୟରେ ଭକ୍ତମାନଙ୍କ ଭିଡ଼ ଜମିଥିଲା । ଦଶପଲ୍ଲା ସ୍ୱପ୍ନ ମହାବୀର ପୀଠରେ ୪୧ ତମ ମହାବିଷୁବ ସଂକ୍ରାନ୍ତି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଗୁରୁବାର ଅଙ୍କୁରାରୋପଣ, ଶୁକ୍ରବାର ଆହୁତି ପ୍ରଦାନ ଓ ରବିବାର ପଣା ଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଦିନତମାମ ହୋମଯଜ୍ଞ, ନାମ ସଂକୀର୍ତ୍ତନ ଏବଂ ଅନ୍ନ ଯଜ୍ଞ ଆଦି ଆୟୋଜନ କରାଯାଇଥିଲା । ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା । ଏହି



ସ୍ୱପ୍ନ ମହାବୀର ପୀଠ ।

କାର୍ଯ୍ୟକ୍ରମରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ଏନ୍‌ଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଏହି ଉତ୍ସବରେ ବହୁଲୋକଙ୍କ ସମାଗମ ହୋଇଥିଲା । ଶ୍ରଦ୍ଧାଳୁମାନେ ପୂର୍ଣ୍ଣାହୁତି ସମୟରେ ଉପସ୍ଥିତ ରହି ଆଶୀର୍ବାଦ କାମନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ମହାବୀର ପରିଚାଳନା କମିଟିର ସଦସ୍ୟମାନେ ପରିଚାଳନା କରିଥିଲେ ।

# ହନୁମାନ ଜୟନ୍ତୀ ପାଇଁ ଚଳଚଞ୍ଚଳ ରଣପୁର

ରଣପୁର,୧୪।୪(ସୁକାନ୍ତ କିଶୋର ଡାକୁଆ)

ରବିବାର ଥିଲା ପଣା ସଂକ୍ରାନ୍ତି, ହନୁମାନଙ୍କ ଜୟନ୍ତୀ ତଥା ଓଡ଼ିଆ ନୂଆବର୍ଷ । ଏଥିପାଇଁ ନୟାଗଡ଼ ଜିଲା ରଣପୁର ବ୍ଲକ୍ ଚଳଚଞ୍ଚଳ ହୋଇ ଉଠିଥିଲା । ଏହି ଉପଲକ୍ଷେ କୋଟଗଡ଼ଠାରେ ଥିବା ହନୁମାନଙ୍କ ମନ୍ଦିରରେ ପ୍ରାତଃରୁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନରୁ ଅଖଣ୍ଡ ହନୁମାନ ଚାଳିଶା ପାଠ, ଘୃତ ଯଜ୍ଞ ଆରମ୍ଭ ହୋଇଥିଲା । ଅପରାହ୍ନ ପ୍ରାୟ ୫ଟା ସମୟରେ ପୂର୍ଣ୍ଣାହୁତି ସମ୍ପୂର୍ଣ୍ଣ ହୋଇଥିଲା । ଏହି ଅବସରରେ କୋଟଗଡ଼ ହନୁମାନଙ୍କ ମନ୍ଦିରରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରଣପୁର ଅଞ୍ଚଳର ବହୁ ମାନ୍ୟଗଣ ବ୍ୟକ୍ତିଙ୍କ ସହିତ ଭକ୍ତମାନେ ଯୋଗ ଦେଇଥିଲେ । ମହାବୀରଙ୍କ ଏହି ଯଜ୍ଞ ଦେଖିବା ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଜମିଥିଲା ।

ସେହିପରି ରଣପୁର ମଣିନାଗ ପର୍ବତ ପାଦଦେଶରେ ଅବସ୍ଥିତ ଦୁର୍ଗ ମହାବୀରଙ୍କ ପୀଠରେ ୪ଦିନ ଧରି ଚାଲିଥିବା ଅଷ୍ଟାଦଶ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ଯଜ୍ଞ ଦେଖିବା ପାଇଁ ରଣପୁର ସମେତ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା । ଭକ୍ତମାନଙ୍କୁ ରାମ ଖେଚୁଡି ଓ କ୍ଷୀର ପ୍ରସାଦ ବଣ୍ଟନ କରାଯାଇଥିଲା । ଦୁର୍ଗ ମହାବୀର ଉନ୍ନୟନ କମିଟିର ସଦସ୍ୟମାନେ ଏହି ଯଜ୍ଞରେ ସହଯୋଗ କରିଥିଲେ । ମା' ମଣିନାଗଙ୍କ ପାହାଡ଼ ତଳେ ଥିବା ହନୁମାନଙ୍କ ମନ୍ଦିରରେ ହୋମ ଯଜ୍ଞ ଓ ପୂଜାର୍ଚ୍ଚନା କରାଯାଇଥିଲା । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ବିଭିନ୍ନ ଗ୍ରାମ ତଥା ଛକରେ ସ୍ୱେଚ୍ଛାସେବୀମାନେ ଦହି ପଣା, ଲେମ୍ବୁ ପଣା ବଣ୍ଟନ କରିଥିଲେ । ଏଥିପାଇଁ ବିଭିନ୍ନ ସ୍ଥାନକୁ ରଙ୍ଗିନ ଆଲୋକମାଳାରେ ସଜା ଯାଇଥିଲା । ବିଭିନ୍ନ ସ୍ଥାନରେ ହନୁମାନ ଚାଳିଶା ପାଠ କରାଯାଇଥିଲା । ଶ୍ରଦ୍ଧାଳୁମାନେ ଓଡ଼ିଆ ନବବର୍ଷ ପାଇଁ ବିଭିନ୍ନ ମଠ ମନ୍ଦିରକୁ ଯାଇ ଠାକୁରଙ୍କ ଆଶିଷ କାମନା କରିଥିଲେ ।



ହନୁମାନଙ୍କ ପୀଠରେ ପୂଜାର୍ଚ୍ଚନା ଚାଲିଛି ।

# ମା'ଦଣ୍ଡକାଳୀଙ୍କ ଉଦ୍‌ଯାପନୀ ଉତ୍ସବ



ଜଣେ ମାନସିକଧାରୀ ନିଆଁରେ ଚାଲୁଛନ୍ତି ।

ଭାପୁର,୧୪।୪
(ଭରତ କୁମାର ବେହେରା)

ଭାପୁର ବ୍ଲକର ବିଭିନ୍ନ ଗ୍ରାମରେ ମା'ଦଣ୍ଡକାଳିଙ୍କ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାବିଷୁବ ସଂକ୍ରାନ୍ତିରେ ବିଭିନ୍ନ ଗ୍ରାମରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା । ଦଣ୍ଡୁଆମାନେ ଦୀର୍ଘ ୨୦ରୁ ୨୨ଦିନ ନିଷ୍ଠାର ସହିତ ଦିନକୁ ଥରେ ପଣା ପିଇ ରହିଥିଲେ । ମେରୁ ଦିନ କଣ୍ଟାଗଡା ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ମହାବିଷୁବ ସଂକ୍ରାନ୍ତିରେ ଦଣ୍ଡୁଆ ମାନେ ନିଆଁରେ ଚାଲିଥିଲେ । ମୁଖ୍ୟ କାଳିଶି ପ୍ରଥମେ ନିଆଁରେ ଚାଲିବା ପରେ ଅନ୍ୟ ଦଣ୍ଡୁଆମାନେ ନିଆଁରେ ଚାଲିଥିଲେ । ଭାପୁର, ଫତେଗଡ଼, ମାଳିବେରଣୀ, ଶାଳଝରିଆ, ଝଗଡ଼ପଡ଼ା, ଛେଳିଆ ରାକମା, ବାରବାଟୀ, ମାନପୁର ସହିତ ଭାପୁର ବ୍ଲକର ୨୫ଟି ସ୍ଥାନରେ ଏହି ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା । ସେହିପରି ଚକ୍ରଧରପ୍ରସାଦ ଗ୍ରାମରେ ଦଣ୍ଡୁଆମାନଙ୍କ ପିଠିରେ କଣ୍ଟାଫୋଡ଼ି ଅରଟିରେ ଝୁଲି ରହିଥିଲେ । ଆୟୋଜକ ଗ୍ରାମବାସୀଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ପଣାସଂକ୍ରାନ୍ତି ଉପଲକ୍ଷେ ଦହିପଣା ଏବଂ ଜଳଛତ୍ର ଦ୍ୱାରା ଶ୍ରଦ୍ଧାଳୁମାନଙ୍କୁ ମୃଦୁ ପାନୀୟ ବଣ୍ଟନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ



ଖଣ୍ଡପଡ଼ା,୧୪।୪
(ଅଜୟ କୁମାର ମହାରଣା)

ପଥରଚକଡା ନୂଆସାହିସ୍ଥିତ ହନୁମାନଙ୍କ ନୂତନ ବିଗ୍ରହ ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ରବିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ବହୁ ମାନ୍ୟଗଣ୍ୟବ୍ୟକ୍ତି ଯୋଗ ଦେଇଥିଲେ । ଏହି ଅବସରରେ ରବିବାର ଏକ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ସଂସାରର କଲ୍ୟାଣ ନିମନ୍ତେ ମହାଯଜ୍ଞର ଆୟୋଜନ କରାଯାଇଥିଲା । ଆୟୋଜିତ ପୂର୍ଣ୍ଣାହୁତି ଉତ୍ସବରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ମନ୍ଦିର ପରିସରରେ ଦିବସ ବ୍ୟାପୀ ନାମ ସଂକୀର୍ତ୍ତନ, ହନୁମାନ ଚାଳିଶା ପାଠ କରାଯାଇଥିଲା ।

# ଝାମୁ ନିଆଁରେ ଚାଲିଲେ ଦଣ୍ଡୁଆ

ଶରଣକୁଳ,୧୪।୪ (ଦୀପକ କର)

ନୟାଗଡ଼ ଜିଲା ଶରଣକୁଳ ନିକଟବର୍ତ୍ତୀ ବିଭିନ୍ନ ଗ୍ରାମରେ କାମନା ଘର ସାମ୍ନାରେ ଦଣ୍ଡୁଆମାନେ ଝାମୁ ନିଆଁରେ ଚାଲି ନିଜ ନିଷ୍ଠା ଓ ଭକ୍ତିର ପ୍ରଦର୍ଶନ କରିଛନ୍ତି । ଅସୁରଢିପା, ଶିଖରପୁର, ହରିହରପୁର, ଚଢ଼େୟାପଲ୍ଲୀ, ପଞ୍ଚିରିଡ଼ା ମାନପୁର, ନରେନ୍ଦ୍ରପୁର, କଟରାଝରି ଆଦି ଗ୍ରାମରେ ଶନିବାର ମେରୁ ପର୍ବ ପାଳିତ ହୋଇଥିଲା । ବିଳମ୍ବିତ ରାତିରେ ଦଣ୍ଡ ଠାକୁର ଛପି ଯାଇଥିଲେ । ରବିବାର ମହାବିଷୁବ ସଂକ୍ରାନ୍ତି ତଥା ଦଣ୍ଡଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ସମସ୍ତ ଗ୍ରାମର ଦଣ୍ଡୁଆମାନେ କାମନା ଘର ସାମ୍ନାରେ ପ୍ରସ୍ତୁତ କରାଯାଇଥିବା ଝାମୁଗାତ ନିଆଁରେ ଚାଲିଥିଲେ ।

ଶନିବାର ବିଳମ୍ବିତ ରାତିରେ ଅସୁରଢ଼ିପା ଗ୍ରାମରେ ମହାପ୍ରଭୁ ବାନାମ୍ବରଙ୍କ ହାନ୍ଦୋଳା ଯାତ୍ରା ଶେଷ ହୋଇଥିଲା । ରବିବାର ସକାଳେ ଗ୍ରାମର ପୁରୁଣା ଦଣ୍ଡୁଆ ତଥା ସହଯୋଗୀମାନେ କାମନା ଘର ସାମ୍ନାରେ ୨୭ ହାତ ଲମ୍ବା, ଦେଢ଼ ହାତ ଓସାର ଓ ୨ଫୁଟ ଗଭୀର ଗାତ ଖୋଳିବା ପରେ ବ୍ରାହ୍ମଣ ହୋମ କରି ସେହି ଗାତରେ ରଖାଯାଇଥିବା ଶାଳକାଠରେ ଅଗ୍ନି ସଂଯୋଗ କରିଥିଲେ । ସହଯୋଗୀମାନେ ବାଉଁଶ କୁଲାରେ ବିଞ୍ଚି



ଦଣ୍ଡଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ ।



ଜଣେ ଦଣ୍ଡୁଆ ଝାମୁରେ ଚାଲୁଛନ୍ତି ।

## ଶରଣକୁଳରେ ମହାବିଷୁବ ସଂକ୍ରାନ୍ତି ପାଳିତ

ସେହି ନିଆଁକୁ ପ୍ରଖର କରିଥିଲେ । କାଠ ଜଳି ଜଳନ୍ତା ଅଙ୍ଗାରରେ ସେହି ଗାତ ପୂରି ଉଠିଥିଲା । ଦଣ୍ଡୁଆମାନେ ନିକଟସ୍ଥ ପୁଷ୍କରିଣୀକୁ ଜଳଯାତ୍ରାକରି ଝାମୁସ୍ଥଳକୁ ଆସି ଝାମୁ ନିଆଁରେ ଚାଲିଥିଲେ । ପ୍ରଥମେ ପାଟ ଭଗତା ଜିତେନ୍ଦ୍ର ସାହୁ ମହାପ୍ରଭୁ ବାନାମ୍ବରଙ୍କୁ ଧରି ନିଆଁ ଉପରେ ଚାଲିଥିଲେ । ପରେ ମଣିଆ ମା' ଲିଟୁ ସ୍ୱାଇଁ, ପାଟଦଣ୍ଡୁଆ ଚିନୁ ବରାଡ଼ ଓ ବୁଲୁ ସ୍ୱାଇଁ, ଉଗରା ରାଜା ବରାଡ଼ ପ୍ରମୁଖ ନିଆଁ ଉପରେ ଚାଲିଥିଲେ । ପରେ ଅନ୍ୟ ଦଣ୍ଡୁଆ ଓ ନିଆଁ ଚାଲିବା ପାଇଁ ମାନସିକ କରିଥିବା ଛୋଟ ପିଲା ଏବଂ କିଶୋରମାନେ ଦଣ୍ଡୁଆମାନଙ୍କ ଦିଗ୍‌ଦର୍ଶନ ଓ ସହାୟତାରେ ଝାମୁ ନିଆଁରେ ଚାଲିଥିଲେ । ସହସ୍ରାଧିକ ଶ୍ରଦ୍ଧାଳୁ ଏହି ଯାତ୍ରା ଦେଖିବା ପାଇଁ ରୁଣ୍ଡ ହୋଇଥିଲେ । ଏହି ଅବସରରେ ଶରଣକୁଳର ବିଭିନ୍ନ ଗ୍ରାମରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସନ୍ଧ୍ୟାରେ ପଣା ପ୍ରସ୍ତୁତ କରାଯାଇ ଲୋକମାନଙ୍କୁ ବଣ୍ଟନ କରାଯାଇଥିଲା ।

MCL
ମହାନଦୀ କୋଲଫିଲ୍ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

ବିଜ୍ଞପ୍ତି

CMPFO କମିଶନର ପ୍ରଦତ୍ତ ରେଫ୍. ନଂ. CPF/CP/111(26)/Pen/Misc/HQ/Vol-III/520, ତାରିଖ: 25/04/2023 ଚିଠି ଏବଂ ଏହା ପରେ GM(P/PF & Pension), MCL HQଙ୍କ ପ୍ରଦତ୍ତ ବିଜ୍ଞପ୍ତି ରେଫ୍ ନଂ. MCL HQ/PF & PENSION/2023/5945, ତାରିଖ: 09.09.2023 ଅନୁସାରେ MCLର ସମସ୍ତ ପେନସନରମାନଙ୍କୁ ଏତଦ୍ୱାରା ପରାମର୍ଶ ଦିଆଯାଉଛି ଯେ, ଋଣମୁକ୍ତ ପତି/ପତ୍ନୀଙ୍କ ପେନସନ ପାଇଁ **ପରିବର୍ତ୍ତିତ PPO (ପେନସନ ପେମେଣ୍ଟ ଅର୍ଡର)** ଜାରି କରିବା ନିମନ୍ତେ ନିମ୍ନଲିଖିତ ଡକ୍ୟୁମେଣ୍ଟସ୍/ବିବରଣୀମାନ ଜମା କରିବା ଆବଶ୍ୟକ:-

**1.** ସଠିକ୍ ଭାବରେ ପୂରଣ କରାଯାଇଥିବା ଆବେଦନପତ୍ର , **2.** ପତି/ପତ୍ନୀଙ୍କ ନାମ ଏବଂ ଯୁଗ୍ମ ଫଟୋଗ୍ରାଫ (3ଟି), **3.** ପତି/ପତ୍ନୀଙ୍କ ସହ 'ଫର୍ମର ବା ସରଭାଇବର' ମୋଡ ରେ କାର୍ଯ୍ୟକ୍ଷମ ଥିବା ପେନସନରଙ୍କ ବିଦ୍ୟମାନ ବ୍ୟାଙ୍କ ଆକାଉଣ୍ଟ, **4.** ସ୍ୱସ୍ୱାକ୍ଷରିତ ଉଭୟ ନିଜର ଏବଂ ପତି/ପତ୍ନୀଙ୍କ ଆଧାର କାର୍ଡ ଏବଂ PAN କାର୍ଡର ପ୍ରତିଲିପି, **5.** ନିଜର ଏବଂ ପତି/ପତ୍ନୀଙ୍କ ମୋବାଇଲ ନମ୍ବର, **6.** ନିଜର ଏବଂ ପତି/ପତ୍ନୀଙ୍କ ଇ-ମେଲ୍ ଆଇଡି ।

ଉପରୋକ୍ତ ଡକ୍ୟୁମେଣ୍ଟ ବା ତଥ୍ୟାବଳୀ (ସ୍ୱସ୍ୱାକ୍ଷରିତ) ସଂପୃକ୍ତ ଏରିଆ ପର୍ସୋନାଲ ମ୍ୟାନେଜର (APM)ଙ୍କ ଅଫିସରେ (ଯେଉଁଠାରୁ ସଦସ୍ୟ ଅବସରଗ୍ରହଣ କରିଥିବେ) ଜମା ଦେବା ଆବଶ୍ୟକ ଏବଂ ଯଦି MCL HQଙ୍କ ଅଫିସରୁ ଅବସର ଗ୍ରହଣ କରିଥିବେ, ତେବେ ଆବେଦନପତ୍ର ଜେନାରାଲ ମ୍ୟାନେଜର (P/PF & Pension), MCL HQଙ୍କ ଅଫିସରେ ଜମାଦେବାକୁ ହେବ ।

ସଦସ୍ୟମାନଙ୍କୁ MCL ୱେବସାଇଟ୍ www.mahanadicoal.in ଦେଖିବାକୁ ଏବଂ ଲିଙ୍କ୍ - https://www.mahanadicoal.in/InfoBank/PP/NOTICE%20%205945%20120324.pdfରୁ ଉପରଲିଖିତ ବିଜ୍ଞପ୍ତି/ଆବେଦନପତ୍ର ଓ ଆବଶ୍ୟକ ଡକ୍ୟୁମେଣ୍ଟ ଗୁଡ଼ିକର ତାଲିକା ଖୋଲିବା/ଡାଉନଲୋଡ କରିବା ପାଇଁ ପରାମର୍ଶ ଦିଆଯାଉଛି ।

କୌଣସି ସମସ୍ୟା ବା କିଛି ଜାଣିବାର ଥିଲେ ଯେକୌଣସି କାର୍ଯ୍ୟଦିବସର ପୂର୍ବାହ୍ନ 10:00 ଘଟିକାରୁ ଅପରାହ୍ନ 05:00 ଘଟିକା ମଧ୍ୟରେ 0663-2542739 ନମ୍ବରରେ ଅଥବା ଇ-ମେଲ ଆଇଡି: pension.mcl@coalindia.in ରେ ଯୋଗାଯୋଗ କରିପାରିବେ ।

ଜେନେରାଲ ମ୍ୟାନେଜର (P/PF & Pension),
MCL HQ, ସମ୍ବଲପୁର

R-5203

## ସଂକ୍ଷେପରେ

### ୧୬ରୁ ବାରବାଟୀ ବିଶ୍ୱଶାନ୍ତି ମହାଯଜ୍ଞ, ଧର୍ମ ମହାସଭା

ବାଲିଚନ୍ଦ୍ରପୁର,୧୪।୪(ଗିରିଜା ପ୍ରସାଦ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲାଇ ପଞ୍ଚାୟତସ୍ଥିତ ବାରବାଟୀ ପଡ଼ିଆଠାରେ ଐତିହାସିକ ବିଶ୍ୱଶାନ୍ତି ମହାଯଜ୍ଞ ଓ ଧର୍ମମହାସଭା ଅନୁଷ୍ଠିତ ହେବ। ଆସନ୍ତା ୧୬ ତାରିଖ ଅଶୋକାଷ୍ଟମୀ ଅବସରରେ ଏହି ମହାଯଜ୍ଞର ଶୁଭାଧିବାସ କରାଯିବ। ଏକ ସପ୍ତାହ ବ୍ୟାପୀ ଚୈତ୍ରପୂର୍ଣ୍ଣିମା ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ। ପ୍ରତ୍ୟେହ ଯଜ୍ଞ ଉତ୍ସବରେ ବିଭିନ୍ନ ସାଧୁସନ୍ଥଙ୍କ ଦ୍ୱାରା ସାଧୁବଚନ, ପ୍ରବଚନ, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭଜନ ସମାରୋହ ଓ ଓଡ଼ିଶୀ ନୃତ୍ୟ ପରିବେଷଣ ଆଦି କାର୍ଯ୍ୟକ୍ରମ କରାଯିବ। ଏଥିରେ ଶ୍ରଦ୍ଧାଳୁ ବହୁ ସଂଖ୍ୟାରେ ଯୋଗଦେଇ ବିଭୁକୃପା ଲାଭ କରିବାକୁ ବାରବାଟୀ ବିଶ୍ୱଶାନ୍ତି ମହାଯଜ୍ଞ ଓ ଧର୍ମମହାସଭାର କର୍ମକର୍ତ୍ତା ନିବେଦନ କରିଛନ୍ତି।

### ମଧୁବୈଶ୍ୟ ସମାଜର ବାର୍ଷିକ ଉତ୍ସବ ପ୍ରସ୍ତୁତି

ଧର୍ମଶାଳା,୧୪।୪(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଧର୍ମଶାଳା ମଧୁବୈଶ୍ୟ ସମାଜର ବାର୍ଷିକ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଡ. ରଘୁନାଥ ପାତ୍ର ଓ ସମ୍ପାଦକ ଅଲେଖ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଚଳିତ ମାସ ୨୮ ତାରିଖରେ ବାର୍ଷିକ ଉତ୍ସବ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ହେବାକୁ ସ୍ଥିର କରାଯାଇଛି। ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ଚଳିତଥର ସଂଘ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଥିରେ ଜିଲା ଓ ଜିଲା ବାହାର ବୈଶ୍ୟ ସମାଜର ବହୁ ସଂଖ୍ୟାରେ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ରବୀନ୍ଦ୍ର ସାହୁ, ଦୁଃଶାସନ ସାହୁ, ସୁନାକର ସାହୁ, ମହେଶ୍ୱର ସାହୁ, ମିଟୁ ସାହୁ, ନୃସିଂହ ଚରଣ ସାହୁ, ସୁନନ୍ଦ ସାହୁ, ରାମଚନ୍ଦ୍ର ସାହୁ ଓ ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟପନ୍ଥା ସ୍ଥିର କରିଥିଲେ। ଅଶୋକ ସାହୁ ଧନ୍ୟବାଦ ଦେଇଥିଲେ।

### ମା' ବାହୁତିଦେବୀଙ୍କ ଯଜ୍ଞ



ଚଢ଼େଇଧରା,୧୪।୪(ଦିଲୀପ ପରିଡ଼ା): ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ କୁକୁଡ଼ାଖାଳେଇସ୍ଥିତ ମା' ବାହୁତି ଦେବୀଙ୍କ ବାର୍ଷିକ ଯଜ୍ଞ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗ୍ରାମ ପୋଖରୀରୁ କଳସ ବୁଡ଼ାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଯଜ୍ଞ ଆରମ୍ଭ ହୋଇଥିଲା। ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ଯଜ୍ଞ ଦେଖିବାପାଇଁ ଆଖପାଖ ଅଞ୍ଚଳରୁ ପ୍ରବଳ ଜନସମାଗମ ହୋଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ଯଜ୍ଞ ଶାନ୍ତି ଶୃଙ୍ଖଳାରେ ସମାପନ ହୋଇଥିଲା।

# ରାସ୍ତା ନଷ୍ଟ କରୁଛି ଓଭର ଲୋଡିଂ ହାଇୱା

- ସରକାରୀ ନିର୍ଦ୍ଦେଶ ମାନୁନାହାନ୍ତି ଲିଜ୍‌ଧାରୀ
- ମୁଖ୍ୟ ରାସ୍ତାରେ ଜମିରହୁଛି ୩ ଇଞ୍ଚ ବହଳର ବାଲି

ପ୍ରୀତିପୁର,୧୪।୪(ସୁଶାନ୍ତ ବେହୁରିଆ):

ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଏକ ଜନକଲ୍ୟାଣକାରୀ ସରକାରଙ୍କ ମୂଳ ଲକ୍ଷ୍ୟ ଓ ଏକ ସୁସ୍ଥ ସମାଜ ଗଠନର ମୂଳମନ୍ତ୍ର। ମାତ୍ର କେତେକ କ୍ଷେତ୍ରରେ ବିଭିନ୍ନ ସରକାରୀ ବିଭାଗ ମଧ୍ୟରେ ତାଳମେଳର ଅଭାବ ଓ କେତେଜଣ ସରକାରୀ କର୍ମଚାରୀଙ୍କ ଲାଞ୍ଚଖୋର ମନୋବୃତ୍ତି ଯୋଗୁ ସାଧାରଣଜନତା ଅସୁବିଧାରେ ସମ୍ମୁଖୀନ ହେବା ସାର ହେଉଛି। ଯାହାର ଉଦାହରଣ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ଦେଖାଯାଇଛି। ବିଞ୍ଝାରପୁର ବ୍ଲକ ଛକଠାରୁ ରସିକ ଛକ, ରସିକ ଛକଠାରୁ କପିଳା ଛକ ଏବଂ ସଇଦପୁର ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଦିନରାତି ଖରସ୍ରୋତା ନଦୀ ବାଲିଘାଟରୁ ବାଲି ବୋଝେଇ ହାଇୱା ଯାତାୟାତ କରୁଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବାଲି ଜମା ହୋଇ ଯାତାୟାତରେ ଅସୁବିଧା ସୃଷ୍ଟି କରୁଛି। ଏପରିକି ବ୍ଲକ ସମ୍ମୁଖ ରାସ୍ତାରେ ୨/୩ ଇଞ୍ଚର ବାଲି ଜମା ହେବା ଫଳରେ



ରାସ୍ତାରେ ବାଲି ଗଦା ହୋଇଛି।

ଏକାଧିକ ଦୁର୍ଘଟଣା ଘଟୁଛି। ରାସ୍ତା ମଧ୍ୟ ଭାଙ୍ଗି ନଷ୍ଟ ହେଉଛି। ସେହିପରି ଖରାଦିନରେ ସାମାନ୍ୟ ପବନରେ ବାଲି ଉଡ଼ି ଲୋକଙ୍କ ଆଖି ଓ କାନରେ ପଶୁଛି। ଏହାବ୍ୟତୀତ ଅନୁମତିଠାରୁ ୨ ଗୁଣା ଅଧିକ ବାଲି ପରିବହନ କରୁଥିବା ହାଇୱାଗୁଡ଼ିକ ଯୋଗୁ ରାସ୍ତା ମଧ୍ୟ ବହୁ ଜାଗାରେ ଦବି ଯାଇଥିବା ଦେଖାଯାଇଛି।

ପୂର୍ତ୍ତ ବିଭାଗ ଅଧୀନରେ ଆସୁଥିବା ଏହି ରାସ୍ତାରେ ୨୫ ଟନ ଭାର ସହିବାର କ୍ଷମତା ରହିଛି। ମାତ୍ର ଏହି ରାସ୍ତାରେ ୫୦ଟନ ଓଜନର ବାଲି ବୋଝେଇ ହାଇୱା ଯାତାୟାତ କରୁଛି। ଯଦ୍ୱାରା ରାସ୍ତା ଅବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଉପଡୁଛି। ଅପରପକ୍ଷରେ ବାଲି ଘାଟ ନିଲାମ ଓ ଏହାକୁ ତଦାରଖ ଦାୟିତ୍ୱ ସରକାର ତହସିଲଦାରଠାରୁ କାଢ଼ି ଖୁଦ୍ର ଖଣିଜ ଦ୍ରବ୍ୟ ପରିଚାଳନା ବିଭାଗକୁ ହସ୍ତାନ୍ତରିତ କରିବା ପରେ ବାଲି ଲିଜଧାରୀ ଲିଜ୍ ପରିମାଣଠାରୁ ବହୁ ଅଧିକ ବାଲି ଉତ୍ତୋଳନ ଓ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଧାର୍ଯ୍ୟ ଅଞ୍ଚଳଠାରୁ ଅଧିକ ବାଲି ଉତ୍ତୋଳନ ଫଳରେ ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି ହେବା ସହିତ ନଦୀର ଗତିପଥ ମଧ୍ୟ ପରିବର୍ତ୍ତନର ଆଶଙ୍କା ରହିଛି। ଯାହା ଏହି ବ୍ଲକ ଅଧୀନ ବାଲିଘାଟଗୁଡ଼ିକୁ ଲକ୍ଷ୍ୟକଲେ ଜଣାଯିବ।

ଅଧିକ ପରିମାଣରେ ବାଲି ପରିବହନ ସମ୍ପର୍କରେ ତହସିଲଦାର କୈଳାସ ଚନ୍ଦ୍ର ମହାଲିକଙ୍କୁ ପଚାରିବାରେ ସେ କହିଛନ୍ତି, ବର୍ତ୍ତମାନ ବାଲିଘାଟ ପରିଚାଳନା ଖଣି ବିଭାଗକୁ ହସ୍ତାନ୍ତର ହୋଇଥିବାରୁ ତାଙ୍କର କିଛି ଭୂମିକାନାହିଁ। ସେହିପରି ରାସ୍ତାରେ ବାଲି ଜମି ରହିବା ଓ ରାସ୍ତା ଜରାଜୀର୍ଣ୍ଣ ହେବା ସମ୍ପର୍କରେ ପୂର୍ତ୍ତ ବିଭାଗ ଏସ୍‌ଡିଓ ରାମଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ଓଭର ଲୋଡିଂ ଗାଡ଼ି ଯାତାୟାତ ଯୋଗୁ ଏଭଳି ସମସ୍ୟା ହେଉଛି। ଏହାକୁ ନିୟନ୍ତ୍ରଣ କରିବା ପୂର୍ତ୍ତ ବିଭାଗର କାର୍ଯ୍ୟ ନୁହେଁ। ତେଣୁ ଜିଲା ପ୍ରଶାସନ ରାସ୍ତାରେ ଜମିରହିଥିବା ବାଲି ସଫା କରିବା ସହିତ ନିର୍ଦ୍ଧାରିତ ପରିମାଣରେ ବାଲି ପରିବହନ ହେଉଛି କି ନାହିଁ ସେ ସମ୍ପର୍କରେ ଯାଞ୍ଚ କରିବାକୁ ଦାବି ହୋଇଛି।

# ମା' ତାରିଣୀଙ୍କ ଯଜ୍ଞ ଉତ୍ସବ



ମା' ତାରିଣୀଙ୍କ ଯଜ୍ଞପାଇଁ କଳସ ଶୋଭାଯାତ୍ରା।

ରସୁଲପୁର,୧୪।୪(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତ ମାନପୁର ଗ୍ରାମରେ ମା' ତାରିଣୀଙ୍କ ଦ୍ୱିତୀୟ ବାର୍ଷିକ ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ପୀଠରେ ଆୟୋଜିତ ଏହି ଦିନିକିଆ ଯଜ୍ଞ ଉତ୍ସବରେ ଗ୍ରାମବାସୀଙ୍କ ପକ୍ଷରୁ କଳସ ଶୋଭାଯାତ୍ରା, ବିଷୁବ ସଂକ୍ରାନ୍ତି ଉତ୍ସବ, ଭଜନ ସଂକୀର୍ତ୍ତନ ଓ ପ୍ରସାଦ ସେବନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ପାଇଁ ଶୁକ୍ରବାର କୁଣ୍ଡମଣ୍ଡଳ ସ୍ଥାପନ, ଧ୍ୟାନାଧିବାସ, ଅଙ୍କୁରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶନିବାର ସଂକ୍ରାନ୍ତି ତିଥି ସକାଳ ସାଢ଼େ ୬ ଟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ୨୧ଜଣ କଳସଧାରୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବ୍ରତଧାରୀମାନଙ୍କ ଦ୍ୱାରା ଜଳପୂର୍ଣ୍ଣ କଳସ ଆଣାଯାଇ ମା'ଙ୍କ ନିକଟରେ ସ୍ଥାପନ କରାଯାଇ ଯଜ୍ଞ ଆରମ୍ଭ ହୋଇଥିଲା। ପଣ୍ଡିତ ନବଘନ ପଣ୍ଡାଙ୍କ ସମେତ ୩ଜଣ ସହଯୋଗୀ ବ୍ରାହ୍ମଣ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ମା'ଙ୍କ ନିକଟରେ ଷୋଡ଼ଶ ଉପଚାର ପୂଜା, ସୂର୍ଯ୍ୟପୂଜା, ଗୋ-ପୂଜା, ଗୀତା ଓ ବେଦପାଠ ଆଦି କରାଯାଇଥିଲା। ଯଜ୍ଞ କୁଣ୍ଡରେ ୧୦୦୮ ଘୃତ ଆହୁତି ପ୍ରଦାନ କରାଯାଇ ବିଭିନ୍ନ ଦେବଦେବୀଙ୍କୁ ଆହ୍ୱାନ କରାଯାଇଥିଲା। ପୀଠରେ ଆୟୋଜିତ ପଣା ଉତ୍ସବରେ ମା'ଙ୍କୁ ସ୍ୱତନ୍ତ୍ର ପୂଜାବିଧିରେ ପୂଜାର୍ଚ୍ଚନା କରାଯାଇଥିଲା। ଯଜ୍ଞକାର୍ଯ୍ୟରେ ଅମର ସାମଲ, ଘନଶ୍ୟାମ ସାମଲ, ବାଉରୀବନ୍ଧୁ ସାମଲ, ନାରାୟଣ ନାୟକ, ଭାସ୍କର ନାୟକ ଓ ରବି ପଣ୍ଡାଙ୍କ ସମେତ ବହୁ ଗ୍ରାମବାସୀ ସହଯୋଗ କରିଥିଲେ।

# ଅଗ୍ନିଶମ ସେବାକେନ୍ଦ୍ରର ଜନସଚେତନତା



ଜନ ସଚେତନତା କାର୍ଯ୍ୟକ୍ରମରେ ସାମିଲ ବରୁଆଁ ଅଗ୍ନିଶମ ଓ ଜରୁରୀକାଳୀନସେବା କେନ୍ଦ୍ରର କର୍ମଚାରୀମାନେ।

ଯାଜପୁର ସଦର,୧୪।୪ (ସମର ବିଜୟ ଶରଣ):

ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁଠାରେ ଥିବା ଅଗ୍ନିଶମ ଓ ଜରୁରୀକାଳୀନ ସେବା କେନ୍ଦ୍ରରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୯୪୪ ଏପ୍ରିଲ ୧୪ରେ ବମ୍ବେ ସହର ନିକଟ ସମୁଦ୍ରରେ ଫୋର୍ଟ ଷ୍ଟାଇକିନ ନାମକ ପାଣି ଜାହାଜ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଜାହଜଟିକୁ ଉଦ୍ଧାର କରିବା ପାଇଁ ପ୍ରାୟ ଶତାଧିକ ଅଗ୍ନିଶମ ସେବା ବାହିନୀର ଅଗ୍ନିକ ନିୟୋଜିତ ହୋଇଥିଲେ। ଦୁର୍ଘଟଣାଗ୍ରସ୍ତ ଜାହାଜରେ ଥିବା ବିସ୍ଫୋରକ ଦ୍ରବ୍ୟର ବିସ୍ଫୋରଣ ଯୋଗୁ ଉଦ୍ଧାରକାରୀ ଅଗ୍ନିକଙ୍କ ମଧ୍ୟରୁ ୬୬ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସେହି ଦିନଠାରୁ ସମଗ୍ର ଦେଶରେ ଏପ୍ରିଲ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ମୃତ୍ୟୁବରଣ କରିଥିବା ଅଗ୍ନିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶହୀଦ ସପ୍ତାହ ପାଳନ କରାଯାଉଛି। ବରୁଆଁ ଅଗ୍ନିଶମ ଓ ଜରୁରୀକାଳୀନ ସେବା କେନ୍ଦ୍ରରେ ସେହି ଶହୀଦଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରଯାଇଥିଲ। ପରେ ଅଗ୍ନିଶମ ବାହିନୀର ୨ ଗାଡ଼ିକୁ ସଜାଇ ସଦର ଅଞ୍ଚଳର ବିଭିନ୍ନ ସ୍ଥାନରେ ଡାକବାଜି ଯନ୍ତ୍ର ମାଧ୍ୟମରେ ବିଭିନ୍ନ ଦୁର୍ଘଟଣା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ବରୁଆଁ ଅଗ୍ନିଶମ ଓ ଜରୁରୀକାଳୀନ ସେବା କେନ୍ଦ୍ରର ଅଧିକାରୀ ରବୀନ୍ଦ୍ର କେତନ ସାହୁ, ପବିତ୍ର କୁମାର ସ୍ୱାଇଁ, ମନୋରଞ୍ଜନ ବିଶ୍ୱାଳ, ହିମାଂଶୁ ଶେଖର ରାହୁଲ, ଅନନ୍ତ କୁମାର ବେହେରା ଓ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ କର୍ମଚାରୀ ସାମିଲ ହୋଇଥିଲେ।

### କୋରାବନ୍ଦୀରେ ହନୁମାନ ଜୟନ୍ତୀ

ରଗଡ଼ି,୧୪।୪(ଜତିଶ କୁମାର ମଲ୍ଲିକ): କୋରେଇ ବ୍ଲକ ଅଧୀନ ଅନ୍ଧାରୀ ପଞ୍ଚାୟତର କୋରାବନ୍ଦୀ ଗ୍ରାମରେ ଦ୍ୱାଦଶ ହନୁମାନ ଜୟନ୍ତୀ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟପୂଜକ ସନାତନ ତ୍ରିପାଠୀ, ହେମନ୍ତ ହୋତା, ରାଘବ ରଥ ଓ ସନ୍ତୋଷ କର କଳସଧାରୀଙ୍କୁ ନେଇ ଗ୍ରାମର ନୂଆଗଡ଼ିଆ ପୋଖରୀରୁ ଜଳ ସଂଗ୍ରହ କରିଥିଲେ। ହେମନ୍ତ ହୋତା ମୁଖ୍ୟ କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ଅଜୟ ବରାଳ, ଚିତ୍ତରଞ୍ଜନ ନନ୍ଦ, ଜତିଶ କୁମାର ମଲ୍ଲିକ, ସୁଜିତ କୁମାର ପାତ୍ର, ଆଲୋକ ରାଉତରାୟ, ସୁରେନ୍ଦ୍ର ପଣ୍ଡା, ବିଜୟ ବାରିକ, ପ୍ରଶାନ୍ତ ରାଉତ, ଅଲେଖ କର ଓ ବିଶ୍ୱଜିତ କର କଳସଧାରୀ କାର୍ଯ୍ୟ ସମ୍ପାଦନ କରିଥିଲେ। କାହ୍ନୁଚରଣ ସେଠୀ, ସୁଜିତ ଦାସ, ସତ୍ୟଜିତ ରାଉତ ଓ ଗ୍ରାମର ସମସ୍ତ ଯୁବକ ସହଯୋଗ କରିଥିଲେ। ୩ ଦିନ ଧରି ଚାଲିଥିବା ଏହି ଉତ୍ସବରେ ଗ୍ରାମର ମହିଳାମାନେ ଶଙ୍ଖ, ଘଣ୍ଟ ବଜାଇ ପୂଜାର୍ଚ୍ଚନା କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା।



### ଗୋପାଳଶୁଣୀ ପୀଠରେ ଯଜ୍ଞୋତ୍ସବ

ଧର୍ମଶାଳା,୧୪।୪(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅଧୀନ ଚୋରମୁହାଁ ଗ୍ରମସ୍ଥିତ ମା' ଗୋପାଳଶୁଣୀ ପୀଠରେ ବିଷୁବ ସଂକ୍ରାନ୍ତି ଅବସରରେ ରବିବାର ବାର୍ଷିକ ଯଜ୍ଞୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋପୂଜା, ସୂର୍ଯ୍ୟପୂଜା ଅନୁଷ୍ଠିତ ହେବା ସହ ସକାଳ ୯ଟାରୁ ଯଜ୍ଞ ଶୁଭାରମ୍ଭ ହୋଇଥିଲା। କର୍ତ୍ତାଭାବେ ଅଭୟ କୁମାର ମହାନ୍ତି ଓ ତାଙ୍କ ସ୍ତ୍ରୀ ସୀମାରାଣୀ ମହାନ୍ତି ଯୋଗଦେଇଥିଲେ। ରାତି ୯ଟା୩୦ରେ ପୂର୍ଣ୍ଣାହୁତି ହୋଇଥିଲା। ପୀତବାସ ବାରିକ, ପ୍ରଫୁଲ୍ଲ କୁମାର କବି, ମନୋଜ କୁମାର ବାରିକ, ଜ୍ଞାନେନ୍ଦ୍ର ଦାସ, ଶୁରେଶ କୁମାର ରାଉତ, ପ୍ରବୋଧ କୁମାର ପାତ୍ର ଓ ରାକେଶ ଦାସ ପ୍ରମୁଖ ଗ୍ରାମବାସୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଭୋଟକାରେ ଚକ୍ଷୁ ଚିକିତ୍ସା ଶିବିର




ଚକ୍ଷୁ ଚିକିତ୍ସା ଶିବିରରେ ସ୍ୱାସ୍ଥ୍ୟ କର୍ମୀ ଓ ଅନ୍ୟମାନେ।

ରସୁଲପୁର,୧୪।୪(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ କେୟାର ନେତ୍ରମ ଓ ଭୋଟକା ପଞ୍ଚାୟତ ଅଫିସ ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ୬୩ଜଣ ଦୃଷ୍ଟି ଦୋଷଥିବା ବ୍ୟକ୍ତି ଚକ୍ଷୁ ପରୀକ୍ଷା କରିଛନ୍ତି। ଶିବିରକୁ ସରପଞ୍ଚ ସ୍ମୃତିରେଖା ରାଉତ ଉଦ୍‌ଘାଟନ କରିଥିଲେ। ଦୃଷ୍ଟିଦୋଷଥିବା ୫ରୁ ୧୬ବର୍ଷ ବୟସର ପିଲାଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲା। ଅନ୍ୟବ୍ୟକ୍ତିମାନଙ୍କୁ ସୁଲଭ ମୂଲ୍ୟରେ ଚଷମା ଯୋଗାଇ ଦିଆଯାଇଥିଲା। ମୋତିଆ ବିନ୍ଦୁ ଦୋଷ ଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ ମାଗଣାରେ ଅସ୍ତ୍ରୋପଚାର କରାଯିବାର ବ୍ୟବସ୍ଥା କରାଯିବ ବୋଲି ଗୁଡ୍ ଭିଜନ ଟେକ୍ନିସିଆନ ପ୍ରକାଶ ଗୁଇଁ ସୂଚନା ଦେଇଛନ୍ତି। ଶୁଭସ୍ମିତା ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଶିବିରକୁ ଅର୍ଗାନାଇଜର ଦୀପ୍ତିମୟୀ ପୃଷ୍ଟି, ଗୁଡ୍‌ଭିଜନ ଟେକ୍ନିସିଆନ ସ୍ୱାତି ସଂଘମିତ୍ରା ପରିଡ଼ା, ସଂଗୀତା ପ୍ରଜ୍ଞା ପ୍ରଧାନ, ଦେବସ୍ମିତା ବେହେରା ଓ ଶୁଭସ୍ମିତା ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଶିବିର ଜରିଆରେ ଆଖିର ଯତ୍ନ ଓ ଚଷମା ବ୍ୟବହାର ସମ୍ପର୍କରେ ଶିବିରାର୍ଥୀଙ୍କୁ ପରାମର୍ଶ ଦିଆଯାଇଥିଲା।

# କଳ୍ପତରୁ ଦାସ ଫାଉଣ୍ଡେଶନ ପକ୍ଷରୁ ଜଳଛତ୍ର

ଧର୍ମଶାଳା,୧୪।୪(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ରବିବାର କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ତରଫରୁ ଧର୍ମଶାଳା ବ୍ଲକ୍ ଛକ, ଜାରକା ବସ୍ ଷ୍ଟାଣ୍ଡ, ଜାରକା ଓଭର ବ୍ରିଜ ଓ ଥାନୁଆଳ ଛକ ନିକଟରେ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଧର୍ମଶାଳା ବିଜୁ ଛାତ୍ର ଜନତା ଦଳ ତରଫରୁ ଧର୍ମଶାଳା ମହାବିଦ୍ୟାଳୟ ସାମ୍ନାରେ ଜଳଛତ୍ର ଖୋଲାଯାଇଛି। ଏହାକୁ ବରିଷ୍ଠ ଖବରଦାତା ରମାକାନ୍ତ ଜେନା ଉଦ୍‌ଘାଟନ କରିଥିଲେ। ବ୍ଲକ ଛକରେ ରମେଶ ଚନ୍ଦ୍ର ପରିଡ଼ା, ଜାରକା ଉଭରବ୍ରିଜ ଛକରେ ବରିଷ୍ଠ ଖବରଦାତା ବଟକୃଷ୍ଣ ପରିଡ଼ା, ଜାରକା ବସଷ୍ଟାଣ୍ଡରେ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି ଉପସ୍ଥିତ ରହି ଜଳଛତ୍ର କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ନିରଞ୍ଜନ ରାଉତ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ଫାଉଣ୍ଡେଶନ ଉପାଧ୍ୟକ୍ଷ ରଶ୍ମିରଞ୍ଜନ ରାୟ, ଶ୍ରୀନିବାସ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।

ଧର୍ମଶାଳା ବ୍ଲକ ବିଜେଡି ମହିଳା ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ନିର୍ବାଚନମଣ୍ଡଳୀ ସଭାନେତ୍ରୀ ରେଣୁବାଳା ଶତପଥୀ, ବ୍ଲକ ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ଯୁବ ସଂଗଠକ ପ୍ରତାପ ପ୍ରଧାନ,ସବ୍ୟସାଚୀ ସୁନ୍ଦରରାୟ, ବିଜୟ ବରାଳ, ମନୋଜ ଦାସ, ଗଣପତି ରାଓ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ସତ୍ୟସାଇ ସେବାସମିତି ପକ୍ଷରୁ ଜାରକା ଛକରେ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ସଙ୍ଗଠନ ଆବାହାକ ଅର୍ଜୁନ ଚରଣ ରାଉତ, ଭୁବନାନନ୍ଦ ସାମଲ, ବଟକୃଷ୍ଣ ମଲିକ, ବିକ୍ରମ ମହାନ୍ତି ଓ ନିରଞ୍ଜନ ଶ୍ୟାନ୍ତି ପ୍ରମୁଖ ଏହି ଜଳଛତ୍ରକୁ ପରିଚାଳନା କରିଥିଲେ। ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ଜାରକା ଉଭରବ୍ରିଜ ଛକରେ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଅବସରପ୍ରାପ୍ତ ନ୍ୟାୟଧିଶ ଗୟାଧର ପଣ୍ଡା, ଶିକ୍ଷାବିତ ଯୁଧିଷ୍ଠିର ସ୍ୱାଇଁ, ସମ୍ପାଦକ କରୁଣାକର ବରାଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଜଳଛତ୍ର ବ୍ୟବସ୍ଥା ଆସନ୍ତା ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିବ ବୋଲି ବିଭିନ୍ନ ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି।



କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଜଳଛତ୍ର କେନ୍ଦ୍ରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# ବାଲିଚନ୍ଦ୍ରପୁର ବଜାରରେ ଟ୍ରାଫିକ୍ ନିୟନ୍ତ୍ରଣ ନାହିଁ

ବାଲିଚନ୍ଦ୍ରପୁର,୧୪।୪(ଗିରିଜା ପ୍ରସାଦ ସାହୁ):

ଅବିଭକ୍ତ କଟକ ଜିଲାର କେନ୍ଦ୍ରାପଡ଼ା, ଯାଜପୁର ଓ କଟକର ମଧ୍ୟସ୍ଥଳ ହେଉଛି ବାଲିଚନ୍ଦ୍ରପୁର। ଏହା ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ। ଏଠାରେ ଅନେକ ଶିକ୍ଷାନୁଷ୍ଠାନ ସହ ସରକାରୀ କାର୍ଯ୍ୟାଳୟ ରହିଛି। ବିଭିନ୍ନ ଜିଲାରୁ ପ୍ରତ୍ୟହ ହଜାରହଜାର ଲୋକ ଏଠାକୁ ନାନା କାମ ପାଇଁ ଆସିଥାନ୍ତି। ବଜାର ଜାମ ନ ହେବା ପାଇଁ ପ୍ରଶାସନ ପକ୍ଷରୁ ଏନ୍‌ଏଚ୍ ୫୩କୁ ସଂଲଗ୍ନ କରୁଥିବା ବ୍ୟାଙ୍କ ରୋଡ୍‌ରେ ୩ ଚକିଆ ଓ ତଦୁର୍ଦ୍ଧ ଯାନ ଯିବାଆସିବା ବନ୍ଦ କରାଯାଇଛି। ବାଇପାସ ରୋଡ୍‌ଦେଇ ପଚ୍ଛାମୁଣ୍ଡାଇ କେନାଲ ବନ୍ଧରେ ଗାଡ଼ିଗୁଡ଼ିକ ବଜାର ଅତିକ୍ରମ କରିବା ପାଇଁ ବ୍ୟବସ୍ଥା କରାଯାଇଛି। କିନ୍ତୁ ବଜାରରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ନ ଥିବାରୁ ପ୍ରାୟ ସବୁ ସମୟରେ ବଜାର ଜାମ ରହୁଥିବା ଦେଖିବାକୁ ମିଳୁଛି। ବିଶେଷ କରି ସନ୍ଧ୍ୟାରେ ବଜାରକୁ ଆସୁଥିବା ବ୍ୟକ୍ତି ବିଶେଷ ସେମାନଙ୍କ ୨ ଚକିଆ ଓ ଚାରିଚକିଆ ଗାଡ଼ି ରାସ୍ତା ଉପରେ ରଖିଦେଇ ନିଜ ନିଜର କାମ ପାଇଁ ବଜାର ଭିତରକୁ ଯିବା ଦ୍ୱାରା ବଡ଼ଗାଡ଼ି ଆସିବା ଫଳରେ ରାସ୍ତା ଜାମ ହେଉଛି।

ପୋଲିସ ପକ୍ଷରୁ ନାମକୁ ମାତ୍ର ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଛି। ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଦାୟିତ୍ୱହୀନତା ପାଇଁ ବଜାର ଜାମ ହେବା ସହ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଶନିବାର ସନ୍ଧ୍ୟାରେ ବଜାର ମଧ୍ୟରେ ଟ୍ରାଫିକ୍ ଜାମ ହୋଇଥିଲା। ଫଳରେ ଗୁରୁତର ରୋଗୀଙ୍କୁ




ବାଲିଚନ୍ଦ୍ରପୁର ବଜାରରେ ଟ୍ରାଫିକ୍ ଜାମ୍।

### ଫସି ରହିଲା ୧୦୮ ଆମ୍ବୁଲାନ୍ସ

ନେଇ ମାହାଙ୍ଗା ଅଭିମୁଖେ ଯାଉଥିବା ଏକ ୧୦୮ ଆମ୍ବୁଲାନ୍ସକୁ ବଜାର ପାରିହେବା ପାଇଁ ନାକେଦମ ହେବାକୁ ପଡ଼ିଥିଲା। ପ୍ରାୟ ଅଧଘଣ୍ଟାରୁ ଉର୍ଦ୍ଧ୍ୱ ଆମ୍ବୁଲାନ୍ସଟି ଭିଡ଼ରେ ଫସିରହିଥିଲା। ବଜାର ମଧ୍ୟ ସ୍ଥଳରୁ କେନାଲ ବନ୍ଧର ଏଣ୍ଡରସନ ଏନ୍‌ଏଚ୍ ପୋଲ ପର୍ଯ୍ୟନ୍ତ ଅଧକିଲୋମିଟରେ ରାସ୍ତା ସମ୍ପୂର୍ଣ୍ଣ ଜାମ ହୋଇଯାଇଥିଲା। ବାଲିଚନ୍ଦ୍ରପୁର ପୋଲିସର ଖାମଖିଆଲି ନୀତି ଯୋଗୁ ବାରମ୍ୱାର ବଜାର ଜାମ ରହୁଛି। ଫଳରେ ଜରୁରୀକାମରେ ଯାଉଥିବା ବ୍ୟକ୍ତି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଶୃଙ୍ଖଳିତ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବୁଦ୍ଧିଜୀବୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

**ଓଡ଼ିଆ ନୂଆବର୍ଷ, ହନୁମାନ ଜୟନ୍ତୀ**

ରାଜକନିକା,(ସଞ୍ଜୟ କୁମାର ଦାଶ): ଓଡ଼ିଆ ନୂଆବର୍ଷ, ହନୁମାନ ଜୟନ୍ତୀ ସହ ବୃନ୍ଦାବତୀଙ୍କ ପାଖରେ ଠେକି ଓ ପଣା ଲାଗି ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜକନିକାର ଗୋକର୍ଣ୍ଣେଶ୍ୱର, ଜାଗୁଲାଇପଡ଼ା, ଓଡ଼ିଆ, ମେଡିକାଲ ଛକ, ଗଞ୍ଜା, ଚେରଣ୍ଡପଡା, ଜରିସାହି, ଝରମୁହଁ, କାଳିକାପୁର, ବଡାଗର, ମହୁରୀଗାଁ, ସେବାସାହି, ବାଘବୁଦା ଆଦି ସଦର ଗାଁ ବ୍ୟତିତ ପୁରପଲ୍ଲୀରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି।

## ସଂକ୍ଷେପରେ

### ମା'ମାଟିଆ ମଙ୍ଗଳାଙ୍କ ପୀଠରେ ଧ୍ରୁବ, ଅଂଶୁମାନ

**ରାଜନଗର, ୧୪।୪(ଭାସ୍କର ରାଉତରାୟ) :** ପବିତ୍ର ଓଡ଼ିଆ ନୂଆବର୍ଷ ଓ ମହାବିଷୁବ ସଂକ୍ରାନ୍ତି ଅବସରରେ ରାଜନଗରର ଶକ୍ତିପୀଠ ମା'ମାଟିଆ ମଙ୍ଗଳାଙ୍କ ପୀଠରେ ରବିବାର ନେତାଙ୍କ ଭିଡ ଦେଖିବାକୁ ମିଳିଥିଲା। ଭାଜପା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ମା'ଙ୍କ ଦର୍ଶନ କରିଯିବା ପରେ ଶୋଭାଯାତ୍ରାରେ ଆସି ମା'ଙ୍କ ପୀଠରେ ବିଜେଡିର କେନ୍ଦ୍ରାପଡା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ପହଞ୍ଚିଥିଲେ। ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କ ସହ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ଆତ୍ମାର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, ଚାନ୍ଦିବାଉଁଶମୂଳର ସରପଞ୍ଚ ଚିତ୍ତ ରଞ୍ଜନ ପଣ୍ଡା, ସମିତିସଭ୍ୟ ସସ୍ମିତା ସ୍ୱାଇଁ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳ, ପଞ୍ଚାୟତ ସଭାପତି କାହ୍ନୁ ଚରଣ ଚଣ୍ଡ, ବିଜେଡି ନେତା ଦେବେନ୍ଦ୍ର କୁମାର ଜେନା, ଶ୍ରୀକାନ୍ତ କୁମାର ପ୍ରଧାନ, ଭରତ କୁମାର ରାଉତ, ସରୋଜ କୁମାର ରାଉତ, ମଳୟ ଓଝା, ରଞ୍ଜନ କୁମାର ରାଉତ ପ୍ରମୁଖ ଶତାଧିକ କର୍ମୀ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ।

### ପଟ୍ଟାମୁଣ୍ଡାଇରେ ମହାବିଷୁବ ସଂକ୍ରାନ୍ତି ପାଳିତ

**ପଟ୍ଟାମୁଣ୍ଡାଇ ୧୪।୪(କଳ୍ପତରୁ ନାୟକ):** ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଓଡ଼ିଆ ନୂଆବର୍ଷ ଓ ମହାବିଷୁବ ସଂକ୍ରାନ୍ତି ସମାରୋହରେ ପାଳିତ ହୋଇଯାଇଛି। ଉକ୍ତିକଣ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ପ୍ରଭୁ ଚନ୍ଦ୍ରମଉଳି, ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିର ପୋଖରୀଆପଡ଼ା ହରପାର୍ବତୀ ମନ୍ଦିର, ପତିତପାବନ ମନ୍ଦିର, ବେଲତଳ ଭୋଳିବାବା ମଠ, ପଟ୍ଟାମୁଣ୍ଡାଇ ରାଧାରମଣ ମଠ, କଷଣଅଣ୍ଡା ଲକ୍ଷେଶ୍ୱର ମହାଦେବ ମନ୍ଦିର ଆଦି ବିଭିନ୍ନ ଦେବାଦେବୀ ମନ୍ଦିରରେ ପ୍ରତ୍ୟୁଷରୁ ଠାକୁରଙ୍କୁ ପୂଜା ର୍ଚନା କରାଯାଇଥିଲା। ପ୍ରତ୍ୟେକ ଦେବଦେବୀ ମନ୍ଦିରରେ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଭକ୍ତମାନେ ଠାକୁର ଦର୍ଶନ କରି ମକର ଚାଉଳ ଭୋଗ ପାଇବା ସହିତ ପଣା ପିଇଥିଲେ। ନିର୍ବାଚନ ବର୍ଷ ଥିବାରୁ ବିଭିନ୍ନ ଦେବଦେବୀ ମନ୍ଦିରରେ ରାଜନେତାଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାଜନଗର ବିଧାୟକ ଧ୍ରୁବ ସାହୁ, ଲୋକ ସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ବିଭିନ୍ନ ଦେବଦେବୀ ମନ୍ଦିର ଯାଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ଜନସାଧାରଣଙ୍କୁ ନୂତନ ଓଡ଼ିଆବର୍ଷର ଅଭିନନ୍ଦନ ଜ୍ଞାପନ କରିଥିଲେ।

### ଲଛମନଜୀଉଙ୍କ ମନ୍ଦିର ବେଢ଼ାରେ ନାମଯଜ୍ଞ

**ଡେରାବିଶ,୧୪।୪ (ବେବର୍ତ୍ତା ଅଜୟ ଦାସ):** ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ରବିବାର ଡେରାବିଶ ବ୍ଲକ ଅଧୀନ କୁଶିଆପାଳ ପଞ୍ଚାୟତ ବାଲିପାଟଣାସ୍ଥିତ ପରମ ଆରାଧ୍ୟ ଶ୍ରୀଲଛମନଜୀଉଙ୍କ ମନ୍ଦିର ବେଢ଼ାରେ ଅଷ୍ଟମ ପ୍ରହର ବ୍ୟାପୀ ନାମଯଜ୍ଞ ସଂକୀର୍ତ୍ତନ ଅନୁଷ୍ଠିତ ହେଉଛି। ଏଥିସହ ନଗର ପରିକ୍ରମା ମଧ୍ୟ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ କୁଶିଆପଳ ସରପଞ୍ଚ ଦୟାନିଧି ଦାସ ଓ ବାଲିପାଟଣା ଗ୍ରାମବାସୀ ପରିଚାଳନା କରୁଛନ୍ତି।

# ପ୍ରାର୍ଥୀ ଚୟନ ନେଇ ଭାଜପାରେ ଛକାପଞ୍ଝା

## ରାଜନଗର ନିର୍ବାଚନମଣ୍ଡଳୀ




**ପଟ୍ଟାମୁଣ୍ଡାଇ,୧୪।୪(କଳ୍ପତରୁ ନାୟକ)**

ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇସାରିଛି। ବର୍ତ୍ତମାନର ବିଧାୟକ ଧ୍ରୁବ ସାହୁଙ୍କୁ ବିଜେଡି ପୁଣି ପ୍ରାର୍ଥୀ କରିବା ପରେ ଏଠାକାର ରାଜନୈତିକ ପାଣିପାଗ ଅଧିକ ସରଗରମ ହୋଇଯାଇଛି। ଧ୍ରୁବଙ୍କ ବିପକ୍ଷରେ ଭାଜପା ଓ କଂଗ୍ରେସ କାହାକୁ ପ୍ରାର୍ଥୀ କରିବେ, ତାହାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଉଛି। ଏଯାଏ ଏହି ଆସନ ପାଇଁ ଦୁଇ ଦଳ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ବିଶେଷକରି ୨୦୧୯ ନିର୍ବାଚନରେ କଂଗ୍ରେସ ଓ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ ଜୋରଦାର ଟକ୍କର ହୋଇଥିବା ବେଳେ ଭାଜପା ସେହିପରି ଲୋକଦେଖାଣିଆ ଭୋଟ ହାତେଇ ପାରି ନ ଥିଲା। ମାତ୍ର ୨୦୨୪ ସାଧାରଣ ନିର୍ବାଚନ ପାଇଁ ନିର୍ବାଚନ କମିଶନର ତାରିଖ ଘୋଷଣା କରିବା ପରେ ନିର୍ବାଚନମଣ୍ଡଳୀର ପ୍ରମୁଖ ବିରୋଧୀ ଦଳର ନେତା ପୂର୍ବତନ ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଶଙ୍ଖ ଧରିବା ପରେ କଂଗ୍ରେସ ନେତା ଶୂନ୍ୟ ହୋଇପଡ଼ିଛି। ସେହି ଅନୁଯାୟୀ, ଭାଜପାରୁ କିଏ ପ୍ରାର୍ଥୀ ହେବେ ତାହା ଉପରେ ସମସ୍ତଙ୍କ ନଜର ରହିଛି।

ରାଜନଗର ବିଧାନସଭା କ୍ଷେତ୍ରରୁ ଭାଜପା ପ୍ରାର୍ଥୀ ହେବାକୁ ଅନେକ ଆଶାୟୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ଚୂଡ଼ାନ୍ତ ତାଲିକାରେ ପୂର୍ବତନ ବିଧାୟକ ଅଲେଖ ଜେନା, ଶଶିକାନ୍ତ ସ୍ୱାଇଁ, ଅଜୟ ବେହେରା, ଲଳିତ ବେହେରା ଓ ପ୍ରଶାନ୍ତ ମହାନ୍ତିଙ୍କ ନାମ ରହିଥିବା ରଜନୈତିକ ସମୀକ୍ଷକମାନେ ଆଲୋଚନା କରୁଛନ୍ତି। ଭାଜପାରୁ ଆଶାୟୀ ଥିବା ଅଲେଖଙ୍କ ସମର୍ଥକମାନେ ସୋସିଆଲ ମିଡିଆରେ ତାଙ୍କ ପ୍ରାର୍ଥିତ୍ୱ ସମ୍ପର୍କରେ ବିଭିନ୍ନ ପ୍ରକାର ପୋଷ୍ଟ ଜାରି ରଖିଛନ୍ତି। ଏହାକୁ ନେଇ ରାଜନୈତିକ ବାତାବରଣ ସରଗରମ ହୋଇଛି। ସେହିପରି ଯୁବ ଆଶାୟୀ ଭାବେ ଶଶିକାନ୍ତଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ସେ ୨୦୨୨ରେ ପଟ୍ଟାମୁଣ୍ଡାଇ ପୌର ପରିଷଦର ଅଧ୍ୟକ୍ଷ ପାଇଁ ନିର୍ବାଚନ ରଣାଙ୍ଗନରେ ରହିଥିଲେ। ତେଣୁ ତାଙ୍କ ନାମକୁ ନେଇ ମଧ୍ୟ ଆଲୋଚନା ହେଉଛି। ସେହିପରି ୨୦୧୯ ବିଧାନସଭା ନିର୍ବାଚନରେ ଭାଜପା ଟିକେଟ ନ ପାଇ ସ୍ୱାଧୀନ ଭାବେ ନିର୍ବାଚନ ଲଢିଥିବା ଅଜୟ ବେହେରାଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇ ଓ ରାଜନଗରଠାରେ ତାଙ୍କ ସମର୍ଥକଙ୍କୁ ନେଇ ମଣ୍ଡଳ ସମାବେଶ ନାମରେ ନିଜର ଶକ୍ତି ପ୍ରଦର୍ଶନ କରିବା ସହିତ ବିଭିନ୍ନ ସ୍ଥାନରେ ମିଶ୍ରଣ ପର୍ବ ମଧ୍ୟ କରିଛନ୍ତି। ସେଥିନେଇ ତାଙ୍କ ନାମ ଆଲୋଚନା ହେଉଛି। ଏଭଳି ସ୍ଥିତିରେ ଦଳ ଏମାନଙ୍କୁ ବାଦ୍ ଦେଇ ଅନ୍ୟ ବିକଳ୍ପ ସନ୍ଧାନରେ ଥିବା ଚର୍ଚ୍ଚା ହେଉଛି। ଏ ନେଇ ବିଜେଡିର ୨ ନେତାଙ୍କ ନାମ ମଧ୍ୟ ଚର୍ଚ୍ଚାର ପରିସରକୁ ଆସିବାରେ ଲାଗିଲାଣି ବୋଲି ସମୀକ୍ଷକମାନେ ମତ ଦେଲେଣି। ଭାଜପାର କେତେଜଣ ସମର୍ଥକ ନୂଆମୁହଁ ଏବଂ ମହିଳା ପ୍ରାର୍ଥିତ୍ୱ ସମ୍ପର୍କରେ ଯୁକ୍ତି ବାଢୁଛନ୍ତି। ତେବେ ଦଳ କାହା ସପକ୍ଷରେ ନିଜ ମତ ଦେଉଛି, ତାହାକୁ ହିଁ ସମସ୍ତେ ଅପେକ୍ଷା କରି ରହିଛନ୍ତି।

# ଡ. ଆମ୍ବେଡକରଙ୍କ ଜୟନ୍ତୀ

**କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ, ୧୪।୪ (ଜଗନ୍ନାଥ ଧଳ/କଳ୍ପତରୁ ନାୟକ)**



ପଟ୍ଟାମୁଣ୍ଡାଇଠାରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ ଆମ୍ବେଡକର ମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

ସହରର ବିଭିନ୍ନ ସ୍ଥାନରେ ଭାରତର ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ସହରର ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା ଡ. ଆମ୍ବେଡକରଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏଡିଏମ୍ ପୀତାମ୍ବର ସାମଲ, ଏଡିଏମ୍ ନିଲୁ ମହାପାତ୍ର, ଉପଜିଲାପାଳ ରବୀନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସଦ୍‌ଭାବନା ହଲ୍‌ରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତିଙ୍କ ସଞ୍ଚାଳନାରେ ଆୟୋଜିତ ସଭାରେ ଅତିଥିମାନେ କହିଥିଲେ ଯେ, ଡ. ଆମ୍ବେଡକରଙ୍କ ୧୨ ଭାଷାରେ ଡିଗ୍ରୀ ଓ ପିଏଚଡି ସମ୍ମାନ ସହ ୭ ଭାଷାରେ ତାଙ୍କ ଅଗାଧ ପାଣ୍ଡିତ୍ୟ ଥିଲା। ସମ୍ବିଧାନ ପ୍ରଣେତା ଓ ସମାଜ ସଂସ୍କାରକ ଭାବେ ବହୁ କୀର୍ତ୍ତି ସ୍ଥାପନ କରିଛନ୍ତି। ସମ୍ବିଧାନ ପ୍ରତି ଆନୁଗତ୍ୟ ରଖିବା ଭାରତୀୟଙ୍କ ପ୍ରାଥମିକତା ବୋଲି ସେମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଏଡିପିଆରଓ ଅଶୋକ କୁମାର ବଳିଆରସିଂହଙ୍କ ସମେତ ଜିଲାର ପ୍ରଶାସନିକ କର୍ମଚାରୀ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଯୋଗ ଦେଇଥିଲେ। ସର୍ବଭାରତୀୟ ସମତା ଦଳ କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଜୟନ୍ତୀ ଉତ୍ସବ କେନ୍ଦ୍ରାପଡ଼ା ବ୍ଲକ କପାଳେଶ୍ୱରସ୍ଥ ଡ. ଆମ୍ବେଡକର ଭବନରେ ଅନୁଷ୍ଠିତ ହୋଇଥିଲା। ସୁଧୀର କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବହୁ ବୁଦ୍ଧିଜୀବୀ ଓ ରାଜନେତା ଯୋଗ ଦେଇଥିଲେ। ଏହାକୁ ସମ୍ପାଦକ ଅଶୋକ କୁମାର ସେଠୀ ପରିଚାଳନା କରିଥିଲେ। ସିପିଆଇ(ଏମ୍) ଓ ସିପିଆଇ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉମେଶ ଚନ୍ଦ୍ର ସିଂହ ଅଧ୍ୟକ୍ଷତା କରିଥିଲେ। କର୍ମକର୍ତ୍ତା ଗୟାଧର ଧଳ, ରମଣୀ ରଞ୍ଜନ ରାଉତରାୟ, ବାବାଜୀ ଧଳ, ମାଧବ ଦାସ, ଅଜିତ କୁମାର ପରିଡା, ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଏଥିରେ ସାମିଲ ଥିଲେ।

ପଟ୍ଟାମୁଣ୍ଡାଇ ଆମ୍ବେଡକର ସ୍ମୃତି ସଂସଦ ପକ୍ଷରୁ ସମ୍ବିଧାନ ପ୍ରଣେତା ଡ. ଭି. ଆର. ଆମ୍ବେଡକରଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଉପଲକ୍ଷେ ସଂସଦ ସଭାପତି ବାରେଣୀ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ପୌର ଅଧ୍ୟକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ସଂସଦ ସମ୍ପାଦକ କାଉନସିଲର ଗୋପୀବଲ୍ଲଭ ନାୟକ, କାଉନସିଲର ମଳୟ ଓଝା ପ୍ରମୁଖ ଆମ୍ବେଡକରଙ୍କ ସ୍ମୃତି ଚାରଣ କରିଥିଲେ। ଏଥିସହ ବାଇପାସଠାରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ଅଗ୍ନିଶମ ସେବା ସପ୍ତାହ ପାଳନ



ରାଜକନିକାରେ ଅଗ୍ନିଶମ କର୍ମଚାରୀମାନେ ଲୋକଙ୍କୁ ସଚେତନ କରୁଛନ୍ତି।

**କେନ୍ଦ୍ରାପଡ଼ା/ ରାଜକନିକା, ୧୪।୪ (ଜଗନ୍ନାଥ ଧଳ/ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)**

କେନ୍ଦ୍ରାପଡ଼ା ଜିଲା ଅଗ୍ନିଶମ ବିଭାଗ ପକ୍ଷରୁ ସେବା ସପ୍ତାହ ରବିବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏକ ସଚେତନତା ରଥ ଜିଲାର ବିଭିନ୍ନ ସ୍ଥାନକୁ ଯାଇ ଅଗ୍ନିକାଣ୍ଡର ଭୟାବହତା ଓ ନିରାକରଣ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବ। ଏ ସମ୍ପର୍କରେ ଜିଲା ସହ ଅଗ୍ନିଶମ ଅଧିକାରୀ ଦିଲୀପ କୁମାର ରାଉତ କହିଛନ୍ତି ଯେ, ୧୯୪୪ ଏପ୍ରିଲ ୧୪ରେ ମୁମ୍ବାଇ ଡକ୍‌ୟାର୍ଡରେ ଲାଗିଥିବା ନିଆଁକୁ ଲିଭାଇବାକୁ ଯାଇ ୬୬ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ସେହି ଶହୀଦଙ୍କୁ ମନେପକାଇବା ସହିତ କାର୍ଯ୍ୟଧାରା ଆଗକୁ ନେବା ପାଇଁ ଏହି ଦିବସ ସୃଷ୍ଟି ହୋଇଛି ବୋଲି ସେ ପ୍ରକାଶ କରିଥିଲେ। ଏଥିପାଇଁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ।

ରାଜ୍ୟରେ ଏପ୍ରିଲ ୧୪ରୁ ୨୦ ଅଗ୍ନିଶମ ସେବା ସପ୍ତାହ ପାଳନ କରାଯାଉଛି। ଏହିକ୍ରମରେ ରାଜକନିକା ବ୍ଲକ ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ ସଚେତନତା ସପ୍ତାହ ପାଳନ କରାଯାଉଛି। ରାଜକନିକାର ବିଭିନ୍ନ ଛକ ଓ ବଜାର ତଥା ୨୯ଟି ପଞ୍ଚାୟତରେ ବୁଲି ବୁଲି ସାଧାରଣଜନତାଙ୍କୁ ବିଶେଷକରି ଅଗ୍ନି ନିରାପତ୍ତା ସମ୍ପର୍କରେ ସଚେତନତା କରାଯାଉଛି। ତଥା ଆଜିର ଦିନରେ କାର୍ଯ୍ୟରତ ସହିଦ୍ ହୋଇଥିବା ଆଗ୍ନିକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ନେଇ ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ ଦାସ ସୂଚନା ଦେଇଛନ୍ତି।

### ମା'ମାଟିଆ ମଙ୍ଗଳାଙ୍କ ପୀଠରେ ବୈଜୟନ୍ତ ପଣ୍ଡା

**ରାଜନଗର, ୧୪।୪ (ଭାସ୍କର ରାଉତରାୟ)**

ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜିସାରିଛି। ୩ ପ୍ରମୁଖ ଦଳ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ବିଜେଡି ରାଜନଗର ପାଇଁ ବିଧାୟକ ପ୍ରାର୍ଥୀ ଘୋଷଣା କରିସାରିଛି। ରବିବାର ମହାବିଷୁବ ସଂକ୍ରାନ୍ତି ଅବସରରେ ରାଜନଗରର ଶକ୍ତିପୀଠ ମା'ମାଟିଆ ମଙ୍ଗଳାଙ୍କ ପୀଠରେ ନେତାଙ୍କ ଭିଡ ଦେଖିବାକୁ ମିଳିଥିଲା। ପ୍ରଥମେ ଭାଜପାର ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଶୋଭାଯାତ୍ରାରେ ଆସି ମା'ଙ୍କ ଦର୍ଶନ କରିଥିଲେ। ସେ ହେଲିକପ୍ଟରରୁ ଓହ୍ଲାଇବା ବେଳେ ରାଜନଗର ବିଧାନସଭା କ୍ଷେତ୍ର ପାଇଁ ଭାଜପାର ଟିକେଟ ଆଶାୟୀମାନେ ବୈଜୟନ୍ତଙ୍କୁ ସ୍ୱାଗତ କରିବା ପାଇଁ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦେଖିବାକୁ ମିଳିଥିଲା। ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ଯୁବନେତା ଲଳିତ କୁମାର ବେହେରା ସେମାନଙ୍କ ସମର୍ଥକଙ୍କ ସହ ଆସିଥିବା ବେଳେ ଟିକେଟ ପାଇଁ ଅନ୍ୟତମ ଦାବିଦାର ଯୁବନେତା ଅଜୟ କୁମାର ବେହେରାଙ୍କ ନିଜ ପଞ୍ଚାୟତ ହୋଇଥିବାରୁ ବୈଜୟନ୍ତଙ୍କ ଶୋଭାଯାତ୍ରାରେ ନିଜର ଦମ୍ ଦେଖାଇଥିଲେ। ଏହି କାର୍ଯ୍ୟକ୍ରମରେ ଆଶାୟୀ ପ୍ରାର୍ଥୀଙ୍କ ସହ ଜିଲା ସଭାପତି କିଶୋର କୁମାର ପଣ୍ଡା, ଭାଜପା ନେତା ସୁନାକର ବେହେରା, ଦିଲୀପ କୁମାର ରାଉତ, ସଦାଶିବ ଜେନା, କୈଳାସ ଚନ୍ଦ୍ର ପରିଡା, ଦିଲୀପ କୁମାର ପାତ୍ର, ମେଘଶ୍ୟାମ ସାହୁ ପ୍ରମୁଖ ଶତାଧିକ କର୍ମୀ ଯୋଗଦେଇଥିଲେ।

# ଜିଲାପାଳଙ୍କ ଡେରାବିଶର ବିଭିନ୍ନ ଭୋଟ ଗ୍ରହଣ କେନ୍ଦ୍ର ପରିଦର୍ଶନ

**ଡେରାବିଶ,୧୪।୪ (ବେବର୍ତ୍ତା ଅଜୟ ଦାସ)**

ସାଧାରଣ ନିର୍ବାଚନ ପାଇଁ କେନ୍ଦ୍ରାପଡ଼ା ଜିଲାରେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏ ନେଇ ଡେରାବିଶ ବ୍ଲକ ଅଞ୍ଚଳକୁ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ରବିବାର ଗସ୍ତ କରିଥିଲେ। ବ୍ଲକ ଅଧୀନ ଗୁଆଳସିଂ, କୁଶିଆପାଳ, ନହଙ୍ଗ, କୁରୁଜଙ୍ଗା ଓ ଚାଟରାଚକଡ଼ା ପଞ୍ଚାୟତର କେତେକ ବିଦ୍ୟାଳୟକୁ ଯାଇ ବିଦ୍ୟାଳୟଗୁଡ଼ିକରେ ହେବାକୁ ଥିବା ଭୋଟ ଗ୍ରହଣ କେନ୍ଦ୍ର ପରିଦର୍ଶନ କରିଥିଲେ। ଭୋଟ ଗ୍ରହଣ ସମୟରେ ପାନୀୟ ଜଳର ବ୍ୟବସ୍ଥା ଏବଂ ଭୋଟଦାନ କୋଠରୀ ଏବଂ ବିଦ୍ୟାଳୟ ପରିସରରେ ଭୋଟରମାନଙ୍କ ପାଇଁ ଛାମୁଡ଼ିଆ ବ୍ୟବସ୍ଥା ସମ୍ପର୍କରେ ବିଡିଓ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। କେତେଗୋଟି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସହ ଜିଲାପାଳ ବାର୍ତ୍ତାଳାପ କରିବା ସହ ମଧ୍ୟାହ୍ନଭୋଜନ ସମ୍ପର୍କରେ ପିଲାଙ୍କୁ ପଚାରି ବୁଝିଥିଲେ। । ଜିଲାପାଳଙ୍କ ଗସ୍ତ ସମୟରେ ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ବିଡିଓ ଦାଶରଥି ଜେନା ଉପସ୍ଥିତ ଥିଲେ।




ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବୁଥ ବୁଲି ଦେଖୁଛନ୍ତି।

# ମା' ବାସନ୍ତୀଙ୍କ ପୀଠରେ ବାସନ୍ତିକ ଦୁର୍ଗାପୂଜା

**ଡେରାବିଶ,୧୪।୪ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଚାଟରାସ୍ଥିତ ମା' ବାସନ୍ତୀ ଦୁର୍ଗାଙ୍କ ପୀଠରେ ଶନିବାରଠାରୁ ଆରମ୍ଭ ହୋଇଛି ମା' ବାସିନ୍ତିକ ଦୁର୍ଗାପୂଜା। ଏହି ଅବସରରେ ରବିବାର ମହାସପ୍ତମୀ ତିଥିରେ ମନ୍ଦିର ବେଢ଼ାରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ ଛତାସ୍ଥିତ ଏକ ପୋଖରୀ କୂଳରେ ପୂଜାର୍ଚ୍ଚନା ପରେ ମାନସିକଧାରୀ ଶ୍ରଦ୍ଧାଳୁମାନେ ବାଜା, ଘଣ୍ଟ ସଂକୀର୍ତ୍ତନ ଶୋଭାଯାତ୍ରାରେ ପୂର୍ଣ୍ଣ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଏଥିପାଇଁ ଚାଟରା ଗ୍ରାମର ପ୍ରତ୍ୟେକ ଘର ସମ୍ମୁଖରେ କଦଳୀ ଗଛ ପୋତାଯିବା ସହ ଚିତା ପକାଇ ମା'ଙ୍କ ନିକଟକୁ ଆସୁଥିବା ପୂର୍ଣ୍ଣ କଳସକୁ ବନ୍ଦାପନା କରୁଥିବା ଦେଖିବାକୁ ମିଳିଥିଲା। ତେବେ ମହାବିଷୁବ ସଂକ୍ରାନ୍ତି

## କଳସ ଶୋଭାଯାତ୍ରା, ବିଶ୍ୱଶାନ୍ତି ମହାଯଜ୍ଞ

ଥିବାରୁ ମନ୍ଦିର ବେଢ଼ାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସୋମବାର ମନ୍ଦିରରେ ମା'ଙ୍କ ନିକଟରେ ମହାଷ୍ଟମୀ ପୂଜା ସହ ବଳିଦାନ ପର୍ବ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ସଭାପତି ରମେଶ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି।

# ଝାମୁଯାତ୍ରାରେ ସାମିଲ ହେଲେ ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ, ବିଧାୟକ ପ୍ରାର୍ଥୀ ଦୁର୍ଗା

**ମହାକାଳପଡା, ୧୪।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ମହାକାଳପଡ଼ା ବ୍ଲକ ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀ ମନ୍ଦିର ପରିସରରେ ଝାମୁଯାତ୍ରା ଅନୁଷ୍ଠିତ ହେଉଛି। ଏହା ୭ ଦିନ ଧରି ଚାଲିବ। ଏହି ଅବସରରେ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ନିକଟ ପଡ଼ିଆରେ ପୂର୍ବାହ୍ନରେ ହେଲିକପ୍ଟର ଯୋଗେ ଓହ୍ଲାଇ ମହାକାଳପଡ଼ା ଭାଜପା ବିଧାୟକ ପ୍ରାର୍ଥୀ ଦୁର୍ଗା ପ୍ରସନ୍ନ ନାୟକ ଓ ଦଳୀୟ କର୍ମୀମାନଙ୍କ ସହ ସାମିଲ ହୋଇ ମା'ଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ପଣ୍ଡାଙ୍କ ସହ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କ ମଧ୍ୟରେ ଯୁବନେତା ସଞ୍ଜୟ ରଥ, ନାରୀ ନେତ୍ରୀ ଜାନକୀ ପ୍ରଧାନ, ସରୋଜକାନ୍ତ ସାହୁ, ପ୍ରକାଶ ପ୍ରଧାନ, ପ୍ରଶାନ୍ତ ସେଠୀ, ତ୍ରିଲୋଚନ ରାଉତ, ରତନ କାଞ୍ଜିଲାଲ, ଶରତ କୁମାର ମହାନ୍ତି, ଜୀବନାନନ୍ଦ ସାହୁ, ଗୌର ରାୟଙ୍କ ସମେତ ବହୁସଂଖ୍ୟାରେ ଭାଜପା କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ଅପରାହ୍ନରେ ଏହି ବ୍ଲକର ଖୁରୁସିଆସ୍ଥିତ ମା' ବ୍ରହ୍ମାଣୀ ଠାକୁରାଣୀ ପୀଠରେ ପହଞ୍ଚି ଭାଜପା ବିଧାୟକ ପ୍ରାର୍ଥୀ ନାୟକ ଓ ଦଳୀୟ କର୍ମୀମାନେ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ।



ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ଭାଜପା ବିଧାୟକ ପ୍ରାର୍ଥୀ ଦୁର୍ଗା ପ୍ରସନ୍ନ ନାୟକ ଓ ଅନ୍ୟ ମାନେ।

## ମା' ରାମଚଣ୍ଡୀଙ୍କ ପୀଠରେ ଝାମୁଯାତ୍ରା

# ୩୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ

- ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ଆଗମନ
- ରାମଚଣ୍ଡୀ ସେନା ପକ୍ଷରୁ ଦରିଆରାଣୀ ପୁସ୍ତକ ଉନ୍ମୋଚନ

**ମହାକାଳପଡ଼ା, ୧୪।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**



ମା' ରାମଚଣ୍ଡୀଙ୍କୁ ଅଳଙ୍କାର ଲାଗି କରାଯାଇଛି।



ଦରିଆରାଣୀ ପୁସ୍ତକ ଉନ୍ମୋଚନ ଉତ୍ସବରେ ଅତିଥିମାନେ।

ମହାକାଳପଡ଼ା ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀ ମନ୍ଦିରରେ ମହାବିଷୁବ ସଂକ୍ରାନ୍ତିରେ ଝାମୁଯାତ୍ରା ଅନୁଷ୍ଠିତ ହେଉଛି। ରବିବାର ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଝାମୁଯାତ୍ରାରେ ୩୦ ହଜାରରୁ ଅଧିକ ଶ୍ରଦ୍ଧାଳୁମାନଙ୍କ ସମାଗମ ଦେଖିବାକୁ ମିଳିଥିଲା। ଏହି ଅବସରରେ ମା'ଙ୍କ ପୀଠରେ ରବିବାର ରାତି ୪ଟାରୁ ମୁଖ୍ୟ ଦ୍ୱାର ଖୋଲାଯାଇ ମହାସ୍ନାନ ପରେ ନୂତନ ବସ୍ତ୍ର ପରିଧାନ କରି ବିଭିନ୍ନ ଅଳଙ୍କାରରେ ସୁସଜ୍ଜିତ କରାଯାଇଥିଲା। ପରେ ବିଭିନ୍ନ ଫଳ ଫୁଲୁରି ସହିତ ଲହୁଣୀ, ସର, କ୍ଷୀର, ଦହି, ଗୁଡ଼, ବେଲ, ନଡ଼ିଆ, ଆମ୍ବ, ଯଅ ଛତୁଆରେ ପ୍ରସ୍ତୁତ ପଣା ଲାଗି କରାଯାଇଥିଲା। ଏହି ପଣାକୁ ଶ୍ରଦ୍ଧାଳୁମାନଙ୍କୁ ବଣ୍ଟନ କରାଯାଇଥିଲା। ମଧ୍ୟାହ୍ନରେ ମା'ଙ୍କ ନିକଟରେ ଖେଚୁଡି ଭୋଗ ଅର୍ପଣ ପରେ ମା'ଙ୍କ ଚଳନ୍ତି ବିଜେ ପ୍ରତିମାକୁ ଏକ ସୁସଜ୍ଜିତ ବିମାନରେ ସ୍ଥାପନ ପରେ ମନ୍ଦିର ଚାରି ପାଖରେ ୭ ଥର ସଙ୍କୀର୍ତ୍ତନ ମଣ୍ଡଳୀ ଗହଣରେ ପରିକ୍ରମା କରିଥିଲେ। ପରିକ୍ରମା ପରେ ମନ୍ଦିର ସମ୍ମୁଖରେ ଆସ୍ଥାନରେ ମା'ଙ୍କ ବିମାନ ସମ୍ମୁଖରେ ରାଉଳ ସମ୍ପ୍ରଦାୟର ମସ୍ତକରେ ଘଟ ପାଟ ଧାରଣ କରି ୭ ଥର ଖାଲି ପାଦରେ ରଡ ନିଆଁରେ ଚାଲିବା ପାରମ୍ପରିକ ବିଧି ରହିଛି। ପରେ ମାସ ସାରା କାଷ୍ଠାରେ ରହିଥିବା ପାଟୁଆମାନେ ରଡ ନିଆଁରେ ଚାଲିଥିଲେ। ସନ୍ଧ୍ୟାରେ ମା'ଙ୍କ ପାଖରେ ଆଳତି କରାଯାଇଥିଲା। ରାତି ୧୦ଟାରେ ମା'ଙ୍କ ମହାସିଂହାର ବେଶ ହୋଇ ଭୋଗ ଅର୍ପଣ ପରେ ଶୟନ କରିଥିଲେ।

ବିଭିନ୍ନ ରାଜନୈତିକ ଦଳର ନେତାମାନେ ଯୋଗ ଦେଇଥିଲେ। ସ୍ଥାନୀୟ ବିଜେଡି ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ, ଲୋକ ସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ମା'ଙ୍କ ବିମାନ ମନ୍ଦିର ପରିକ୍ରମା ଯାତ୍ରାରେ ସାମିଲ ହୋଇଥିଲେ। ମା'ଙ୍କ କିମ୍ବଦନ୍ତୀ ଅନୁସାରେ ଦରିଆରାଣୀ ପୁସ୍ତକର ଉନ୍ମୋଚନ ମନ୍ତ୍ରୀ ନାୟକ କରିଥିଲେ। ତାଙ୍କ ସହ ଦୈନିକ ସମାଜର ସମ୍ପାଦକ ପ୍ରମୋଦ କୁମାର ମହାପାତ୍ର, ସେନା ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁ, ସମ୍ପାଦକ ବିରଞ୍ଚି ନାରାୟଣ ଦାସ ଯୋଗ ଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସ ଟ୍ରାଫିକ୍ ନିୟନ୍ତ୍ରଣ କରିଥିଲେ। ଯାତ୍ରାରେ ବିଭିନ୍ନ ଦୋକାନ ବଜାର ବ୍ୟବସାୟୀମାନେ ପସରା ମେଲାଇଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ମେଡିକାଲ ଶିବିର ଖୋଲାଯାଇଛି। ମା'ଙ୍କୁ ସକାଳୁ ଶ୍ରଦ୍ଧାଳୁମାନେ ଲମ୍ୱା ଧାଡ଼ିରେ ଆସି ଦର୍ଶନ କରିଥିଲେ।

## ସଂକ୍ଷେପରେ

### ଜିଲାସ୍ତରୀୟ ଆମ୍ବେଡକର ଜୟନ୍ତୀ ଉତ୍ସବ ପାଳିତ



ପାରଳାଖେମୁଣ୍ଡି, ୧୪।୪ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡିଠାରେ ଜିଲା ପ୍ରଶାସନ ତରଫରୁ ଜିଲାସ୍ତରୀୟ ୧୩୩ତମ ଡ଼ଃ. ଭୀମରାଓ ରାମଜୀ ଆମ୍ବେଡକର ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ନୂଆ ବସ୍‌ଷ୍ଟାଣ୍ଡଠାରେ ଥିବା ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ କୁମାର, ମୁଖ୍ୟ ଉନ୍ନୟନ ଅଧିକାରୀ ଡ଼ଃ ଗୁଣନିଧି ନାୟକ, ଉପ ଜିଲାପାଳ ଅନୁପ ପଣ୍ଡା, ସ୍ଥାନୀୟ ତହସିଲଦାର ନାରାୟଣ ବେହେରା, ପାରଳା ପୌରପରିଷଦ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ଖିଲ ଓ ରାୟଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଏସ.ପାପା ରାଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

### ପୂଜାରୀଙ୍କ ଘରେ କଳାକନା ବୁଲାଇଲେ ଚୋର

ଚାନ୍ଦିପୁଟ,୧୪।୪(କେ. ପ୍ରମୋଦ କୁମାର ଦୋରା)

ମୋହନା ଥାନା ଅନ୍ତର୍ଗତ ଚାନ୍ଦିପୁଟ ଗ୍ରାମର ଚନ୍ଦ୍ରଶେଖର ମନ୍ଦିର ପୂଜାରୀ ଉଦୟନାଥ ମହାପାତ୍ରଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପ୍ରାୟ ୨୫ ଭରି ସୁନା ଓ ୪୦ରୁ ୪୫ ହଜାର ଟଙ୍କା ଚୋରି ହୋଇଥିବା ସୂଚନା ମିଳିଛି। ଉଦୟନାଥଙ୍କ କହିବା ପ୍ରକାରେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ବ୍ରହ୍ମପୁର ମେଡିକାଲରେ ରହି ଚିକିତ୍ସିତ ହେଉଛନ୍ତି। ସେ କିଛିଦିନ ହେବ ନିଜ ବାସ ଭବନରେ ଉପସ୍ଥିତ ନ ଥିଲେ। କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଦାଣ୍ଡପଟୁଘରେ ପଶିକଳା କନା ବୁଲାଇଛନ୍ତି। ଏ ନେଇ ମୋହନା ଥାନାରେ ଉଦୟନାଥ ଏକ ଲିଖିତ ଅଭିଯୋଗ କରିଛନ୍ତି। ମୋହନା ଥାନାଧିକାରୀ ବସନ୍ତ କୁମାର ସେଠି ପହଞ୍ଚି ତଦନ୍ତ କରୁଥିବା ସୂଚନା ଦେଇଛନ୍ତି।

### ଦଣ୍ଡଯାତ୍ରା ଉଦ୍‌ଯାପିତ, ମେରୁ ପର୍ବ ପାଳିତ

ବୁଗୁଡ଼ା,୧୪।୪(କାଳିଚରଣ ଦାଶ)

ବୁଗୁଡ଼ା ଏବଂ ଏହାର ଆଖପାଖ ଅଞ୍ଚଳରେ ଚାଲିଆସିଥିବା ଦଣ୍ଡଯାତ୍ରା ପବିତ୍ର ମେରୁ ମାସନ୍ତ ଏବଂ ସଂକ୍ରାନ୍ତିରେ ଉଦ୍‌ଯାପିତ ହୋଇଯାଇଥିଲା ବେଳେ ଉତ୍ସାହର ସହ ମେରୁ ପର୍ବ ପାଳିତ ହୋଇଯାଇଛି। ଚଳିତବର୍ଷ ପ୍ରବଳ ଜନସମାଗମ ସହ ଆନନ୍ଦ ଓ ଉଲ୍ଲାସରେ ତାଳସାକର ଓ ଡାକରାବାଡି ଗ୍ରାମରେ ମାସନ୍ତ ମେରୁ ଏବଂ ବୁଗୁଡ଼ା ସମେତ ଚିରିକିପଡା, ମରେଇପଲ୍ଲୀ, ଗୋଳିଆ, ଭାମଶ୍ୟାଳି, ପଙ୍କଲବାଡ଼ି, ଆଶ୍ରମ କରଡ଼ାବାଡ଼ି, ପୋଚାଲୁଣ୍ଡି, ବକ୍ସିପଲ୍ଲୀ, ବଣପଲ୍ଲୀ, ପାଣିକେଶର, ଭାବସର, ଚିଲିଖମା ଓ କାନନକୁଟୀର ଆଦି ଗ୍ରାମରେ ସଂକ୍ରାନ୍ତି ମେରୁ ପର୍ବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପର୍ବ ପାଳନ ଅବସରରେ ଦଣ୍ଡକାଳୀ ମନ୍ଦିରଗୁଡ଼ିକ ନିକଟରେ ଯଥା ରୀତିନୀତି ପ୍ରକାରେ ଧୂଳିଦଣ୍ଡ, ଜଳଦଣ୍ଡ ଓ ଅଗ୍ନିଦଣ୍ଡ ପରେ ଦଣ୍ଡୁଆମାନେ ଢୋଲ ବାଦ୍ୟର ତାଳେତାଳେ ଗ୍ରାମ ପରିକ୍ରମା କରିଥିଲେ। ତା'ପରେ ମେରୁ ମଣ୍ଡପଠାରେ ହୋମକୁଣ୍ଡ ପ୍ରଜ୍ୱଳନ କରାଯାଇ ତାହା ଉପରେ ପାଟ ଦଣ୍ଡୁଆଙ୍କୁ ଝୁଲାଇ ଝୁଣାମାଡ଼ କରାଯାଇଥିଲା।

# ବିଷୁବ ମିଳନ, ରାଜ୍ୟସ୍ତରୀୟ କବିତା ପାଠୋତ୍ସବ

ନୟାଗଡ଼,୧୪।୪(ଲୋକନାଥ ମିଶ୍ର)

ସାହିତ୍ୟିକ, ଶିକ୍ଷାବିତ୍, ନାଟ୍ୟକାର ତଥା ନୟାଗଡ଼ର ପୂର୍ବତନ ବିଧାୟକ ସ୍ୱର୍ଗତ ବଂଶୀଧର ସାହୁଙ୍କ ସ୍ମୃତିରେ ବଂଶୀଧର ଇଣ୍ଟର୍‌ନ୍ୟାଶନାଲ ଫାଉଣ୍ଡେଶନ ଫର୍ ପିସ୍ ଆଣ୍ଡ ଡେଭଲପ୍‌ମେଣ୍ଟ ଆନୁକୂଲ୍ୟରେ ବିଷୁବ ମିଳନ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ମନୋଜ କୁମାର ସାହୁ ଓ ସମ୍ପାଦକ ଉମେଶ ଚନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବଂଶୀଧର ମହାବିଦ୍ୟାଳୟ ପରିସରରେ ଶ୍ରୀହନୁମାନ ଜୟନ୍ତୀ,ଆମ୍ବେଡ଼କରଙ୍କ ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ପାଳନ ହୋଇ ଯାଇଛି। ୫୦ ଜଣ କବୟିତ୍ରୀ କବି ଯୋଗଦାନ କରି ସ୍ୱରଚିତ କବିତା ପାଠ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଗୋଦାବରୀଶ ମିଶ୍ର, ମୁଖ୍ୟବକ୍ତା ଗୋଦାବରୀ ବସନ୍ତିଆ, ସମ୍ମାନିତ ଅତିଥି ଭାବେ ସୁକାନ୍ତି ମହାନ୍ତି ଓ ନିର୍ମଳ ଚନ୍ଦ୍ର ଶୂରଦେଓ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟୁଲତା ସାହୁଙ୍କ ଅଧ୍ୟକ୍ଷତାରେ ଅଧ୍ୟାପିକା ନୀଳିମାନନ୍ଦ ଓ ଶିକ୍ଷୟିତ୍ରୀ ହରପ୍ରିୟା ଦ୍ୱିବେଦୀ ସଂଯୋଜନା କରିଥିଲେ। ଓଡ଼ିଶାର ସୁନାମଧନ୍ୟ ଗାଳ୍ପିକ, ସ୍ତମ୍ଭକାର ତଥା ବିଶିଷ୍ଟ ସାହିତ୍ୟିକ ଲଳିତ ମୋହନ ମିଶ୍ରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସମ୍ପାଦକ ଉମେଶ ଚନ୍ଦ୍ର ପଟ୍ଟନାୟକ ସଭା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।




ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ଯୋଗ ଦେଇଥିବା ଅତିଥି।

# ମା' ବିରଜାଙ୍କ ପଣା ଯାତ୍ରା, ଘୃତଯଜ୍ଞ

ନୟାଗଡ଼,୧୪।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଶରଣକୁଳ ଦକ୍ଷିଣାର୍ଦ୍ଧ ସୁଆରସାହି ମା' ବିରଜାଙ୍କ ପୀଠରେ ମହାବିଷୁବପଣାଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ରବିବାର ସକାଳେ ବେଦଜ୍ଞ ବ୍ରାହ୍ମଣ ତୋଷବନ୍ତ କରଙ୍କ ଦ୍ୱାରା ନିକଟସ୍ଥ କୁସୁମୀ ନଦୀରୁ ଗ୍ରାମର ମହିଳା ଓ ପୁରୁଷ ମିଶି ୧୦୮ କଳସରେ ଜଳ ଆଣି ଏକ ଶୋଭାଯାତ୍ରାରେ ଆସି ମା'ଙ୍କ ପୀଠରେ ପହଞ୍ଚିଥିଲେ । ପରେ ପୂଜାର୍ଚ୍ଚନା କରାଯାଇ ଯଜ୍ଞରେ ଅଗ୍ନି ସ୍ଥାପନ ପୂର୍ବକ ସମସ୍ତ ଦେବାଦେବୀଙ୍କୁ ଘୃତାହୁତି ପ୍ରଦାନ କରାଯାଇଥିଲା । ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ହୋଇଥିଲା । କର୍ତ୍ତା ପ୍ରଶାନ୍ତ କୁମାର ମିଶ୍ର ସମେତ ତୋଷବନ୍ତ କର, କୈଳାସ ମହାପାତ୍ର,ପ୍ରଭାତ କୁମାର ମହାପାତ୍ର, ପ୍ରଭାତ କୁମାର ବଳ, ଶ୍ରୀଧର ମହାପାତ୍ର ପ୍ରମୁଖ ବ୍ରାହ୍ମଣମାନେ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ । ସନ୍ଧ୍ୟାରେ ମନ୍ଦିରରେ ପୂଜକ ପାପୁ ମହାପାତ୍ର ମା'ଙ୍କୁ ପୂଜାର୍ଚ୍ଚନା ସହିତ ମହାଆଳତି କରିବା ପରେ ଠାକୁରାଣୀଙ୍କ ଚଳନ୍ତି ପ୍ରତିମା ବ୍ୟାଘ୍ର ବିମାନରେ ବସି ଏକ ପଟୁଆରରେ ଭୋଗ ଲାଗି ପାଇଁ ବାହାରି ଥିଲେ। ଏହି ଯାତ୍ରା ୨ ଦିନ ଧରି ଅନୁଷ୍ଠିତ ହୋଇଥିଲା । ସୋମବାର ସନ୍ଧ୍ୟାରେ ରାମନାଟକ ପରିବେଷଣ କରାଯିବ ବୋଲି ସୂଚନା ମିଳିଛି । ଗ୍ରାମ ସଭାପତି ମଦନ ସାହୁ,ସମ୍ପାଦକ କାଳୁ ଦାଶ ଓ କୋଷାଧକ୍ଷ କୈଳାସ ଗାଆଣଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ସୁଆରସାହିର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ନିକଟସ୍ଥ ବାଉଁଶିଆ ଗ୍ରାମ ମା' ବ୍ରାହ୍ମଣୀଦେବୀ, ଆଙ୍ଗିସିଙ୍ଗି ଗ୍ରାମ ମା'ବିରଜାଇ, ଶିଖରପୁର ମା' ତାରିଣୀ, ବଡ଼ପୁଟ ମା'ତାରିଣୀଙ୍କ ପୀଠରେ ମହାବିଷୁବ ପଣା ଯାତ୍ରା ମହାସମାରୋହରେ ପାଳନ କରାଯାଇଛି। ସମସ୍ତ ଦେବୀଙ୍କ ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ ସ୍ଥାନରେ ପଣା ବଣ୍ଟନ କରାଯାଇଥିଲା।



ମା' ବିରଜାଙ୍କ ପୀଠରେ ଯଜ୍ଞ କରାଯାଉଛି।

# ନୂଆଗାଁ ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ଖେଳାଳିଙ୍କ ଗହଣରେ ଅତିଥିଗଣ ।

ନୂଆଗାଁ,୧୪।୪ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ କଲେଜ ପଡ଼ିଆଠାରେ ରବିବାର ନୂଆଗାଁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚ୍ ପ୍ରଧାନ ସାନିଟାରୀ ଓ୍ୱାରିୟର୍ସ ଓ ପ୍ରତିଷ୍ଠା ଓ୍ୱାରିୟର୍ସ ମଧ୍ୟରେ ହୋଇଥିଲା । ଏଥିରେ ପ୍ରଧାନ ସାନିଟାରୀ ଓ୍ୱାରିୟର୍ସ ବିଜୟ ଲାଭ କରିଥିଲା ।

ନୂଆଗାଁ ଫ୍ରେଣ୍ଡସ୍ ଇଲେଭେନ କ୍ରିକେଟ୍ କ୍ଲବ (ଏଫ୍‌ଇସିସି) ଦ୍ୱାରା ଆୟୋଜିତ ନୂଆଗାଁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ୨୦୨୪ର ରବିବାର ଉଦଘାଟନ ହୋଇ ଯାଇଛି । ଏହି ମ୍ୟାଚ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅବସରରେ ନୂଆଗାଁ ଶିବ ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରା ବାହାରି ନୂଆଗାଁ କଲେଜ ପଡିଆଠାରେ ପହଞ୍ଚିବା ପରେ ମୁଖ୍ୟ ଅତିଥି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚରେ ପ୍ରଧାନ ସାନିଟାରୀ ଓ୍ୱାରିୟର୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୨୪୭ ରନ ସଂଗ୍ରହ କରିଥିଲା । ଜବାବ୍‌ରେ ପ୍ରତିପକ୍ଷ ପ୍ରତିଷ୍ଠା ଓ୍ୱାରିୟର୍ସ ଦଳ ୧୫ ଓଭରରେ ୮ ଉଇକେଟ ହରାଇ ୧୬୭ ରନ ସଂଗ୍ରହ କରିଥିଲା । ତେବେ ପ୍ରଧାନ ସାନିଟାରୀ ଓ୍ୱାରିୟର୍ସ ପ୍ରତିଷ୍ଠା ଓ୍ୱାରିୟର୍ସ ଠାରୁ ୮୦ ରନରେ ଆଗୁଆ ରହି ବିଜୟ ଲାଭ କରିଥିଲା । ଉଦଘାଟନୀ ଉତ୍ସବରେ ଦଶପଲା ବିଧାୟକ ବେହେରା , ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା ଅତିଥି ଭାବେ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଆଜିର ମ୍ୟାଚ୍‌କୁ ଅଞ୍ଜନ ଗୋଛାୟତ ଓ ସୁକାନ୍ତ ପ୍ରଧାନ ପରିଚାଳନା କରିଥିଲେ ।

## ପ୍ରଥମ ମ୍ୟାଚରେ ପ୍ରଧାନ ସାନିଟାରୀ ଓ୍ୱାରିରର୍ସ ବିଜୟୀ

# ନିର୍ଦ୍ଦିଷ୍ଟ ସଙ୍ଗଠନ ଲୋକଙ୍କ ଭିତରେ ବିଭ୍ରାନ୍ତି ସୃଷ୍ଟି କରୁଛି

ଫୁଲବାଣୀ,୧୪।୪(ରାକେଶ କୁମାର ରାଉତ)

ଗତ କିଛି ଦିନ ହେବ କୁଇ ସମାଜ ସମିତି ଫୁଲବାଣୀ ବିଧାନସଭା କଂଗ୍ରେସ ପ୍ରାର୍ଥୀ ପ୍ରତିଭା କହଁରଙ୍କୁ ବିରୋଧ କରୁଛି। ସେ ଜଣେ ଅଣ-ଆଦିବାସୀଙ୍କୁ ବାହା ହୋଇଥିବାରୁ ତାଙ୍କୁ କୁଇ ସମାଜ ଗ୍ରହଣ କରୁନାହିଁ। ଦଳ ତୁରନ୍ତ ପ୍ରାର୍ଥୀ ବଦଳାଇବାକୁ ଦାବିକରିବା ସହ ଆସନ୍ତା ୧୬ରେ କନ୍ଧମାଳ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଛି। ଏହାକୁ ପ୍ରତିବାଦ କରିଛି କଂଗ୍ରେସ। କୁଇ ସମାଜ ସମିତି ଅଯଥା ଲୋକଙ୍କ ଭିତରେ ବିଭ୍ରାନ୍ତି ସୃଷ୍ଟି କରୁଛି। ଦଳ ଜଣେ ଆଦିବାସୀଙ୍କୁ ହିଁ ପ୍ରାର୍ଥୀ କରିଛି ବୋଲି ଜିଲା କଂଗ୍ରେସ ସଭାପତି ଚନ୍ଦ୍ରଶେଖର ପରିଡ଼ା, ପ୍ରାର୍ଥୀ ପ୍ରତିଭା କହଁର ରବିବାର କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଗତ କିଛି ଦିନ ଧରି କିଛି ନିର୍ଦ୍ଦିଷ୍ଟ ସଙ୍ଗଠନ ଓ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ମୋ ସମ୍ପର୍କରେ ଭ୍ରମାତ୍ମକ ତଥ୍ୟ ଉପସ୍ଥାପନ କରି ଲୋକଙ୍କ ଭିତରେ ବିଭ୍ରାନ୍ତି ସୃଷ୍ଟି କରିବା ପାଇଁ ଉଦ୍ୟମ କରାଯାଉଛି। ସାମାଜିକ ଏବଂ ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ ମୁଁ ଜଣେ ଆଦିବାସୀ ମହିଳା। ଗତ ପଞ୍ଚାୟତ ନିର୍ବାଚନରେ ମୁଁ କଟ୍ରିଙ୍ଗିଆ ସରପଞ୍ଚ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଛି। ଏହା ମୋର ଆଦିବାସୀ ପରିଚୟର ପ୍ରମାଣ ବୋଲି ପ୍ରତିଭା କହିଛନ୍ତି। ବର୍ତ୍ତମାନ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ ଏ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି।

# ବିଧାୟକ ପ୍ରାର୍ଥୀ ଭାବେ ଚିତ୍ରସେନ ପ୍ରଥମ

## ପୁରୁଷୋତ୍ତମପୁରବାସୀଙ୍କୁ ଭେଟିଦେଲା କଂଗ୍ରେସ

ପୁରୁଷୋତ୍ତମପୁର,୧୪।୪(ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୁରୁଷୋତ୍ତମପୁରବାସୀଙ୍କୁ ଓଡ଼ିଆ ନବବର୍ଷରେ କଂଗ୍ରେସ ଭେଟିଦେଇଛି ବିଧାୟକ ପ୍ରାର୍ଥୀ। ଚିତ୍ରସେନ ବେହେରାଙ୍କ ନାମ ଘୋଷଣା କରିଛି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟର ଖୁସିର ଲହରି ଖେଳିଯାଇଛି। ତେବେ କୌଣସି ଦଳ ଆଜି ପର୍ଯ୍ୟନ୍ତ ପୁରୁଷୋତ୍ତମପୁରବାସୀଙ୍କୁ ବିଧାୟକ କି ଏମ୍‌ପି ପ୍ରାର୍ଥୀ ଭାବେ ମୋହର ମାରି ନ ଥିଲେ। ପ୍ରଥମଥର ପାଇଁ କଂଗ୍ରେସ ପୁରୁଷୋତ୍ତମପୁରର ଯୁବନେତା ଚିତ୍ରସେନଙ୍କୁ ଦଳ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ କରିଛି। ଖାଲି ସେତିକି ନୁହେଁ, ପୁରୁଷୋତ୍ତମପୁରରେ ବହୁ ପୁରୁଖା ନେତା ଥିଲେ ମଧ୍ୟ ବିଜେଡି କି ଭାଜପା କୌଣସି ଦଳ ସେମାନଙ୍କୁ ଗୁରୁତ୍ୱ ଦେଇ ନଥିଲା ବେଳେ କୌଣସି ପଦପଦବୀରେ ମଧ୍ୟ ଥଇଥାନ କରିନାହାନ୍ତି। ଡେରିହେଲେ ମଧ୍ୟ ପୁରୁଷୋତ୍ତମପୁରବାସୀଙ୍କ ଦାବିକୁ କଂଗ୍ରେସ ଗ୍ରହଣ କରିଛି। ଏନଏସି ୱାର୍ଡନଂ ୪ ନନ୍ଦିକ ସାହିର ଯୁବନେତା ଚିତ୍ରସେନଙ୍କୁ ଟିକେଟ ଦେଇ ବିଧାୟକ ପ୍ରାର୍ଥୀ ଭାବରେ ରବିବାର ଓଡିଆ ନବବର୍ଷରେ ଘୋଷଣା କରିଛନ୍ତି। ଫଳରେ ଦଳଗତ ନିର୍ବିଶେଷରେ ପୁରୁଷୋତ୍ତମପୁର ଅଞ୍ଚଳରୁ ବହୁ ପରିମାଣରେ ଭୋଟ କଂଗ୍ରେସ ହାତେଇବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି।



ଚିତ୍ରସେନ ବେହେରା

# ଗଜପତି ଗସ୍ତରେ କଂଗ୍ରେସ ଏମ୍‌ପି ପ୍ରାର୍ଥୀ

ମୋହନା, ୧୪।୪ (ମନ୍ମଥନାଥ ମିଶ୍ର)

ଭାରତୀୟ ଜାତୀୟ କଂଗ୍ରେସର ବ୍ରହ୍ମପୁର ଲୋକସଭା ଏମପି ପ୍ରାର୍ଥୀ ରଶ୍ମିରଞ୍ଜନ ପଟ୍ଟନାୟକ ରବିବାର ଗଜପତି ଜିଲା ଗସ୍ତରେ ଆସି ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଶ୍ରୀ ପଟ୍ଟନାୟକଙ୍କୁ ଦଳୀୟ କର୍ମୀମାନେ ଲୁହାଗୁଡିଠାରେ ସ୍ୱାଗତ କରିଥିଲେ। ଏହାପରେ ମୋହନା ବ୍ଲକର ଅନ୍ତରବା ନିକଟସ୍ଥ ହିକିରିମା ଗ୍ରାମ, ଅନ୍ତରବା ଓଡ଼ିଆସାହି, ହରିଜନ ସାହି ୧, ହରିଜନ ସାହି ୨ରେ ଚାଲିଥିବା ଖ୍ରୀଷ୍ଟିୟ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଦୁର୍ଗମାଞ୍ଚଳରେ ଅବସ୍ଥିତ ନୁଣ୍ଡୁଙ୍ଗୁ ଗ୍ରାମରେ ଚାଲିଥିବା ବିଶାଳ ସମାବେଶ ତଥା ଉତ୍କଳ କୁଇ ବାପଟିଷ୍ଟ ସମାଜର ଉଦ୍ଦିପନା ସଭାରେ ଯୋଗଦେଇ ଲୋକଙ୍କ ସମସ୍ୟା ବିଷୟରେ ଆଲୋଚନା କରିବା ସହ ଭୋଟରଙ୍କୁ ଉତ୍ସାହିତ କରିଥିଲେ। ପରେ ଲୁହାଗୁଡି ପଞ୍ଚାୟତର ମଧୁରଆମ୍ବ ଗ୍ରାମରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ପୂର୍ବତନ ଜିଲା ପରିଷଦ ଜାକୁବ ମାଝୀ, ମୋହନା ବ୍ଲକ ପୂର୍ବତନ କଂଗ୍ରେସ ସଭାପତି ଶଙ୍କର ପ୍ରଧାନ, ସୁଦର୍ଶନ ପଣ୍ଡା, ମୁଫୁଏଲ ସ୍ୱାଇଁ ସିଂ, ମଧୁ ମାଝୀ, ନିର୍ମଳ କୁମାର ପାଲ, ପ୍ରଭାଞ୍ଜନ ବିରୋ, ଖଲିଆ ଶବର, ମାଥ୍ୟୁ ମଣ୍ଡଳ, ମାର୍କୋ ଗମାଙ୍ଗ, ସୁକୁ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। କିନ୍ତୁ ଚଳିତ ନିର୍ବାଚନରେ କଂଗ୍ରେସକୁ ବିପୁଳ ପରିମାଣର ଭୋଟ ମିଳିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।



କଂଗ୍ରେସ ଏମପି ପ୍ରାର୍ଥୀ ରଶ୍ମିରଞ୍ଜନ ପଟ୍ଟନାୟକ ଓ ଅନ୍ୟମାନେ।

# ବଲସକୁମ୍ପା ମେରୁଯାତ୍ରା ଉଦ୍‌ଯାପିତ

ଖଜୁରିପଡ଼ା, ୧୪।୪ (ବିଦୁର ବେହେରା)

ମାସନ୍ତ ମେରୁଯାତ୍ରା ଶନିବାର ଉଦ୍‌ଯାପିତ ହୋଇଥିବା ବେଳେ ସଂକ୍ରାନ୍ତି ମେରୁଯାତ୍ର ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଦୁଇ ଦିନ ବହୁ ସଂଖ୍ୟାରେ ଭକ୍ତମାନେ ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ନବଗୁବା ବାବା ବାଲୁଙ୍କେଶ୍ୱରଠାରେ ଏବଂ ବଲସକୁମ୍ପା ମାଁ ବରାଳ ଦେବୀ, ବାବା ଗୁପ୍ତେଶ୍ୱର ଶିବ ଶକ୍ତି ପୀଠରେ ଜନ ସମୁଦ୍ର ପରି ସମାଗମ ହୋଇଥିଲେ। ସେହିଭଳି ଖଜୁରିପଡ଼ା ବ୍ଲକର ଦୂତିପଡା, ଆଡ଼ାସିପଡା, ନୂଆଁ ଗାଁ, ଖଜୁରିପଡ଼ା, ଭାଳିଆପଡ଼ା ସମେତ ବିଭିନ୍ନ ପଞ୍ଚାୟତରେ ଥିବା ଦଣ୍ଡଥଳିଗୁଡ଼ିକ ମେରୁଯାତ୍ରା ବହୁ ଆଡ଼ମ୍ବରରେ ପାଳନ କରିଛନ୍ତି। ମହାବିଷୁବ ସଂକ୍ରାନ୍ତି ଦିନ ମାନସିକଧାରୀମାନେ ସକାଳୁ ଠାକୁରାଣୀଙ୍କ ପାଖରେ ଗୁହାରି ପଡିଥା'ନ୍ତି। ମହିଳାମାନେ ଏହି ମେରୁଯାତ୍ରା ଦିନ ଅତ୍ୟନ୍ତ କାଷ୍ଠାର ସହିତ ବ୍ରତ ପାଳନ କରିଥା'ନ୍ତି। ଦଣ୍ଡୁଆମାନେ ମଧ୍ୟ ଝାମୁଯାତ୍ରାରେ ଭକ୍ତି ଓ କାଷ୍ଠାରେ ରହି ମା'ଙ୍କୁ ପ୍ରସନ୍ନ କରିଥାନ୍ତି । ଏହି ମେରୁଯାତ୍ରାର ଆଉ ଏକ ବିଶେଷ ଆକର୍ଷଣ ଝାମୁଯାତ୍ରା ସନ୍ଧ୍ୟାବେଳେ ଆୟୋଜିତ ହୁଏ। ଏହାକୁ ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ।



ମେରୁଯାତ୍ରାରେ ଯୋଗଦେଇଥିବା ଶ୍ରଦ୍ଧାଳୁମାନେ।

# ଶ୍ମଶାନକୁ ରାସ୍ତା ପାଇଁ ଜମି ଦାନ

## ଟାବରଡ଼ା ସରପଞ୍ଚଙ୍କ ପରିବାରର ବଦାନ୍ୟତା

ନୂଆଗଡ,୧୪।୪(ଯୋଗ୍ୟବନ୍ତ ପରିଚ୍ଛା)

ଗଜପତି ଜିଲା ନୂଆଗଡ ବ୍ଲକ ଟାବରଡ଼ା ପଞ୍ଚାୟତ ସରପଞ୍ଚଙ୍କ ପରିବାର ଟାବରଡ଼ା ଖ୍ରୀଷ୍ଟିଆନ ସାହି ଶ୍ମଶାନକୁ ରାସ୍ତା ନିମନ୍ତେ ଜମି ଦାନ ଦେଇ ବଦାନ୍ୟତା ଦେଖାଇଛନ୍ତି। ୧୦ଫୁଟ ଓସାରରେ ଶ୍ମଶାନକୁ ଯିବା ନିମନ୍ତେ ଯେତେକ ତାଙ୍କର ଜମି ପଡୁଛି ତାହାକୁ ରାସ୍ତା ପାଇଁ ଚିହ୍ନଟ କରି ଦେଖାଇ ଦେଇଥିଲେ। ଏହି ସମୟରେ ସରପଞ୍ଚ ଟାବତୀ ବେହେରଦଳାଇ, ତାଙ୍କ ସ୍ୱାମୀ ରଘୁନାଥ ବେହେରଦଳାଇ, ପୁଅ ମୁନା ବେହେରଦଳାଇ ଉପସ୍ଥିତ ଥିଲେ। ଖ୍ରୀଷ୍ଟିଆନ ସାହି କମିଟି ଏବଂ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଜମି ଚିହ୍ନଟ କରି ରାସ୍ତା କାର୍ଯ୍ୟ କରିବା ନିମନ୍ତେ ସମସ୍ତଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ଟାବରଡ଼ା ଗ୍ରାମ ଖ୍ରୀଷ୍ଟିଆନ ସାହିର ଶ୍ମଶାନକୁ ମୃତଦେହ ନେବାପାଇ ରାସ୍ତା ନାହିଁ। ବିଲହୁଡ଼ା ଧାନକ୍ଷେତ ଦେଇ ଲୋକେ ଖରାଦିନେ ମୃତଦେହ ଶ୍ମଶାନକୁ ବୋହି ନେଇପାରୁଥିଲେ। କିନ୍ତୁ ବର୍ଷାଦିନେ ଜମିରେ ଫସଲ ବେଳେ ବହୁ ଅସୁବିଧା ହେଉଥିଲା। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ସରପଞ୍ଚଙ୍କ ସ୍ୱାମୀ ରଘୁନାଥ ଏବଂ ତାଙ୍କ ପରିବାର ଜମି ଦାନ କରିଛନ୍ତି। ଏଭଳି ମହାନ କାର୍ଯ୍ୟ ପାଇଁ ସରପଞ୍ଚଙ୍କ ପରିବାରକୁ ଗ୍ରାମବାସୀ କୃତଜ୍ଞତା ସହ ଧନ୍ୟବାଦ ଜଣାଇଛନ୍ତି।



ରାସ୍ତା ପାଇଁ ଜମି ଚିହ୍ନଟ କରାଯାଉଛି।

# ଛୁଟିରେ ଲୋକଙ୍କ ତୃଷା ମେଣ୍ଟାଇଲେ ଛାତ୍ରୀଛାତ୍ର

ଦାରିଙ୍ଗବାଡ଼ି,୧୪।୪ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ଅଞ୍ଚଳରେ ରବିବାର ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ବଡ଼ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ସକାଳୁ ସକାଳୁ ବିଭିନ୍ନ ଶୈବପୀଠ ସମେତ ରାଧାକୃଷ୍ଣ ମନ୍ଦିର, ଜଗନ୍ନାଥ, ମହାମାୟୀ ପୀଠ, ମା' ପାଟଖଣ୍ଡାଙ୍କ ପୀଠ ସମେତ ଠାକୁରାଣୀ ମନ୍ଦିରରେ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ପଣା ସଂକ୍ରାନ୍ତି ରହିଥିବାରୁ ଦାରିଙ୍ଗବାଡ଼ିର ନୀଳକନ୍ଦର ସାହିର କୁନି କୁନି ଛାତ୍ରୀଛାତ୍ରମାନେ ନିଆରା ଢଙ୍ଗରେ ନବବର୍ଷ ପାଳନ କରିଥିଲେ। ସେମାନେ ପଣା ସହ ତରଭୁଜ ପଥଚାରୀଙ୍କୁ ବଣ୍ଟନ କରିଥିଲେ। ତେବେ ସଂକ୍ରାନ୍ତିରେ ଅନେକ ନବାତ, ଗୁଡ଼, କଦଳୀ, ନଡ଼ିଆ ଭଳି ସାମଗ୍ରୀ ବ୍ୟବହାର କରୁଥିବା ବେଳେ ଛାତ୍ରୀଛାତ୍ରଙ୍କ ନିଆରା ପଣା ପିଇବାକୁ ଭିଡ଼ ଜମିଥିଲା। ଦହି, ଲେମ୍ବୁପତ୍ର, ବେଲପତ୍ର, ଆମ୍ବ, ଅଦା ଭଳି ଜୈବିକ ସାମଗ୍ରୀରେ ପଣା ପ୍ରସ୍ତୁତ କରାଯାଇଥିଲା, ଯାହାକି ନିଆରା ପଣା ଓ ତୃଷା ମେଣ୍ଟି ପାରୁଥିଲା ବୋଲି ଯାତ୍ରୀମାନେ ପ୍ରଶଂସା କରିଥିଲେ। ଅଞ୍ଚଳର ଶିକ୍ଷିତ ବୁଦ୍ଧିଜୀବୀମାନେ ଛାତ୍ରୀଛାତ୍ରଙ୍କ ଏଭଳି ସାମାଜିକ କାର୍ଯ୍ୟ ଅନ୍ୟ ପାଇଁ ଉଦାହରଣ ବୋଲି କହିଥିଲେ। ଛାତ୍ରୀଛାତ୍ରଙ୍କ ଏଭଳି ପଣାଦାନ ଦ୍ୱିତୀୟ ବର୍ଷରେ ପହଞ୍ଚିଛି। କେବଳ ପଣା ସଂକ୍ରାନ୍ତି ନୁହଁ, ଛୁଟିଦିନରେ ମଧ୍ୟ ଏହି ପଣା ଓ ପାଣି ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି। ସେହିପରି ସିମନବାଡି ପଞ୍ଚୁଦଣ୍ଡ ପରିଚାଳନା କମିଟି ପକ୍ଷରୁ ମା'ଦୁର୍ଗା ପୂଜା ମଣ୍ଡପଠାରେ ଓ ଦାରିଙ୍ଗବାଡ଼ି ଠାକୁରାଣୀ ପୂଜା କମିଟି ପକ୍ଷରୁ ଠାକୁରାଣୀ ମନ୍ଦିର ନିକଟରେ ପଣା ବଣ୍ଟନ କରାଯାଇଥିଲା। ପଣା ବଣ୍ଟନ କାର୍ଯ୍ୟକ୍ରମରେ ଆୟୁଷ୍ମାନ୍ ସାହୁଙ୍କ ସମେତ ଶୁଭମ୍ ବେହେରା, ସାଇରାମ ପତି, ଚିତ୍ତରଞ୍ଜନ ସାହୁ, ପପୁନ ସାହୁ, ରୋଶନ ସାହୁ, ବିବେକ ସାହୁ, ଆଦ୍ୟାଶ୍ରୀ ସାହୁ, ଆରୁଷ ସାହୁ ସାମିଲ ହୋଇଥିଲେ।



ଲୋକମାନେ ପଣା ପିଉଛନ୍ତି।

# କଳିଙ୍ଗନଗର ଶିଳ୍ପାଞ୍ଚଳରେ ଅଶାନ୍ତି ତେଜିଲା

**୩୪ ଦଫା ଦାବିରେ ୨୫ ସଂଗଠନର ମେଳି**

- ବିସ୍ଥାପିତଙ୍କୁ ପୁରୁଷାନୁକ୍ରମିକ ସ୍ଥାୟୀ ନିଯୁକ୍ତି
- ୨୦ ବର୍ଷର ଲିଜ୍ ପଟ୍ଟା ପରିବର୍ତ୍ତେ ସ୍ଥିତିବାନ୍ ପଟ୍ଟା ପ୍ରଦାନ
- ବୀରଭୂମି ଜମିକୁ ଆଦିବାସୀଙ୍କୁ ହସ୍ତାନ୍ତର

ଯାଜପୁର,୧୪।୪(ହର୍ଷବର୍ଦ୍ଧନ ବେହେରା)


ଶହୀଦ ସ୍ମୃତି ପୀଠରେ ରାଜ୍ୟର ବିଭିନ୍ନ ସଂଗଠନର ନେତୃବୃନ୍ଦ ।

ଜନଶୁଣାଣିରେ ଅଞ୍ଚଳବାସୀଙ୍କ ସମର୍ଥନ ଓ ସହଯୋଗ ପରେ ଶିଳ୍ପ କାରଖାନା ଗଢ଼ିଉଠେ । ମାତ୍ର ଶିଳ୍ପ ସଂସ୍ଥାଗୁଡ଼ିକ ଯେଉଁଠି ପ୍ରଭାବିତ ଅଞ୍ଚଳବାସୀ ତଥା କ୍ଷତିଗ୍ରସ୍ତ ପରିବାରଙ୍କ ସମସ୍ୟାଠାରୁ ଦୂରେଇ ଯାଆନ୍ତି, ସେଠାରେ ଜନ ଅଶାନ୍ତି ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରେ । ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ସମ୍ପ୍ରତି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। କଳିଙ୍ଗନଗର ବିସ୍ଥାପିତମାନଙ୍କ ଉତ୍ତରାଧିକାରୀଙ୍କୁ ପୁରୁଷାନୁକ୍ରମିକ ଭାବେ ସ୍ଥାୟୀ ନିଯୁକ୍ତି ଓ ଭତ୍ତା ପ୍ରଦାନ ସାଙ୍ଗକୁ ବିସ୍ଥାପିତ କଲୋନୀରେ ଦିଆଯାଇଥିବା ଘରବାରିର ୨୦ ବର୍ଷର ଲିଜ୍ ପଟ୍ଟାକୁ ସଂଶୋଧନ କରି ସ୍ଥିତିବାନ ପଟ୍ଟା ପ୍ରଦାନ ପ୍ରମୁଖ ୩୪ ଦଫା ଦାବିକୁ ନେଇ ରାଜ୍ୟର ୨୫ରୁ ଊର୍ଦ୍ଧ୍ୱ ସାମାଜିକ ସଂଗଠନଙ୍କ ମେଳି ହୋଇଛି। ଆଗାମୀ ଦିନରେ ଏହିସବୁ ଦାବି ପୂରଣ କରା ନ ଗଲେ ରାଜ୍ୟର ବିସ୍ଥାପିତ, ଜମି ଓ ବାସହରା ପ୍ରଜାମାନଙ୍କୁ ନେଇ ବିଧାନସଭା ଘେରାଉ ସହ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ବିସ୍ଥାପିତ ଜମିହରା କ୍ଷତିଗ୍ରସ୍ତ ବିଚାର ମଞ୍ଚ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ସଚିବ ଓ ଯାଜପୁର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରେରଣ ହେବାକୁ ଥିବା ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ୧୦।୪।୨୦୨୪ରେ କଳିଙ୍ଗନଗର ବୀରଭୂମିଠାରେ ଏକ ପ୍ରତିବାଦ ସଭାର ଆୟୋଜନ ହୋଇଥିଲା। ଏଥିରେ ୫ ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ, ଜମିହରା ଏବଂ ବିସ୍ଥାପିତ ପ୍ରଜା ଉପସ୍ଥିତ ଥିଲେ। କଳିଙ୍ଗନଗର ଶିଳ୍ପାଞ୍ଚଳର ଟାଟା, ଜିନ୍ଦଲ, ଭିସା, ରୋହିତ ଫେରୋଟେକ, ମୈଥାନ, ନୀଳାଚଳ, ବିଆର୍‌ପିଏଲ୍, କେ.ଜେ. ଇସ୍ପାତ, ମେସ୍କୋ, ଜେଏସ୍‌ଡବ୍ଲ୍ୟୁ ପ୍ରଭୃତି କମ୍ପାନୀ ଆଦିବାସୀ ଓ ବିସ୍ଥାପିତଙ୍କ ସ୍ୱାର୍ଥ, ସୁରକ୍ଷା ଏବଂ ଅଧିକାରକୁ ଅଣଦେଖା କରୁଛନ୍ତି। ନିଯୁକ୍ତି ଓ ଠିକାସଂସ୍ଥା ନିୟୋଜନ କ୍ଷେତ୍ରରେ ଏଠାରେ ଅଣଓଡ଼ିଆଙ୍କୁ ପ୍ରାଧାନ୍ୟ ଦିଆଯାଉଥିବାରୁ ବହୁସଂଖ୍ୟକ ସ୍ଥାନୀୟ ଶିକ୍ଷିତ ବେକାର ଯୁବତୀଯୁବକ କାମ ନ ପାଇ ଅନ୍ୟତ୍ର ଦାଦନ ଖଟିବାକୁ ଯାଉଛନ୍ତି। ବାପଅଜା ସମୟର ଭିଟାମାଟିକୁ କମ୍ପାନୀକୁ ଟେକି ଦେଲା ପରେ ସେହି ପରିବାର ସଦସ୍ୟଙ୍କୁ ବଂଶାନୁକ୍ରମିକ ଭାବେ ନିଯୁକ୍ତି ଦିଆଯାଉନାହିଁ। ଶାଗମାଛ ଦରରେ ଆଦିବାସୀମାନଙ୍କ ସମ୍ପତ୍ତିକୁ କମ୍ପାନୀ ବଳପୂର୍ବକ ନେଲାପରେ ଅଦ୍ୟାବଧି ତାହାର ପୁନଃ ମୂଲ୍ୟାୟନ କିମ୍ବା ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉନାହିଁ। ଏହିକ୍ରମରେ ନୀଳାଚଳ ଇସ୍ପାତ ନିଗମ ବିସ୍ଥାପିତ ମୃତ କର୍ମଚାରୀଙ୍କ ଉତ୍ତରାଧିକାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି, ବିସ୍ଥାପିତ ପରିବାରବର୍ଗଙ୍କୁ ଟାଟା କମ୍ପାନୀ ଅଧୀନରେ ପରିବହନ କାମ ଓ ଠିକାଦାର ଭାବେ ଅଗ୍ରାଧିକାର, ଗୁଳିକାଣ୍ଡରେ ଶହୀଦମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ପୁରୁଷାନୁକ୍ରମିକ ନିଯୁକ୍ତି ଓ ଭତ୍ତା ପ୍ରଦାନ, ଗୁଳିକାଣ୍ଡରେ ଆହତ ବ୍ୟକ୍ତିମାନଙ୍କୁ ନିଯୁକ୍ତି ଓ ଭତ୍ତା, ଆଦିବାସୀ ପରମ୍ପରା ଓ ସଂସ୍କୃତିକୁ ରକ୍ଷା କରିବା ପାଇଁ କରମ ଆଖଡ଼ା, ଜାହିର, ଦେଶାଓଲି, ଟୁସୁ, ଦଶରା, ଜିତୋଆ, କଲବଙ୍ଗା, ଗଅଟ ବଙ୍ଗା ଇତ୍ୟାଦି ପାଇଁ ଜମି ଯୋଗାଣ, ଜମି ଅଧିଗ୍ରହଣ ମାମଲାରେ ଇଡ୍‌କୋର ହସ୍ତକ୍ଷେପକୁ ବନ୍ଦ କରାଯାଇ ସିଧାସଳଖ ଜମି ମାଲିକଙ୍କ ସହିତ ଆଲୋଚନା, ବିସ୍ଥାପିତ ପରିବାରର ଠିକା ଶ୍ରମିକମାନଙ୍କୁ ସ୍ଥାୟୀ ନିଯୁକ୍ତି ଓ ବକେୟା ପାଉଣା ପ୍ରଦାନ, ବିସ୍ଥାପିତ ଆନ୍ଦୋଳନ ସମ୍ପର୍କିତ ମାମଲାଗୁଡ଼ିକୁ ତୁରନ୍ତ ପ୍ରତ୍ୟାହାର, ସରକାରଙ୍କ ପ୍ରତିଶ୍ରୁତି ଅନୁସାରେ ଥଇଥାନ ନୀତିର ପାଳନ ସହ ୧୮ ବର୍ଷ ବୟସ୍କ ଯୁବକଙ୍କୁ ଅଲଗା ପରିବାରର ମାନ୍ୟତା ଓ ସ୍ଥାୟୀ ନିଯୁକ୍ତି ପ୍ରଦାନ, ଟାଟା କମ୍ପାନୀରେ ନିଯୁକ୍ତ ବିସ୍ଥାପିତ କର୍ମଚାରୀଙ୍କ ପ୍ରତି ପଦୋନ୍ନତି କ୍ଷେତ୍ରରେ ବୈଷମ୍ୟତା ଦୂର କରି ଅନ୍ୟମାନଙ୍କ ଭଳି ସମାନ ଦରମା ପ୍ରଦାନ, ସର୍ଭେରେ ବାଦ୍ ପଡିଥିବା ୧୦୦ରୁ ଊର୍ଦ୍ଧ୍ୱ ପରିବାରଙ୍କୁ ବିସ୍ଥାପିତ ଭାବେ ମାନ୍ୟତା, ଆର୍‌ପିଡିଏସି କମିଟି ପୁନର୍ଗଠନ, ଇଡ୍‌କୋ ଅଧିଗୃହୀତ ବହିର୍ଭୂତ ଜମି, ଟାଟା ପାଚେରି ଭିତରେ ଥିବା ଗୋବରଘାଟି, ଗାଡ଼ପୁର, ଚାନ୍ଦିଆ ଇତ୍ୟାଦି ମୌଜା ଓ ପଡା ଗ୍ରାମର ଜମିକୁ ଚିହ୍ନଟ କରାଯାଇ ଜମି ଅଧିକାର ଆଇନ ଅନୁସାରେ ଦାବିଦାରମାନଙ୍କୁ ପଟ୍ଟା ପ୍ରଦାନ, ବୀରଭୂମି ଜମିକୁ ଆଦିବାସୀଙ୍କ ସ୍ୱାର୍ଥ ପାଇଁ ହସ୍ତାନ୍ତର, ଜନବିରୋଧୀ ଓ କମ୍ପାନୀ ସ୍ୱାର୍ଥରେ ପ୍ରସ୍ତାବିତ ରେଳପଥ ନିର୍ମାଣକୁ ବାତିଲ, କଳିଙ୍ଗନଗର ୨୯ଟି ମୌଜାର ତୁରନ୍ତ ବନ୍ଦୋବସ୍ତ କାର୍ଯ୍ୟ ଶେଷ, ଟାଙ୍ଗରସାହି, କୁଦୁମିସାହି ଓ କଚେରିଗାଁ ଗ୍ରାମବାସୀଙ୍କୁ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଜମିପଟ୍ଟା ପ୍ରଦାନ ସହ ରାଜସ୍ୱ ଗ୍ରାମ ଘୋଷଣା ଭଳି ଅନେକ ଦାବି ରହିଛି। ରାଜ୍ୟର ଏକାଧିକ ଗଣସଂଗଠନର ପ୍ରତିବାଦ ସଭା ଏବଂ ଏହି ସ୍ମାରକପତ୍ର ଦାଖଲ ପରେ କଳିଙ୍ଗନଗର ୨୦୦୬ ଗୁଳିକାଣ୍ଡ ଭଳି ପୁଣି ଏକ ବଡ଼ଧରଣର ଆନ୍ଦୋଳନ ଜନ୍ମ ନେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନ ମଇଦାନରେ ୩ ପ୍ରମୁଖ ପ୍ରାର୍ଥୀ

କେନ୍ଦ୍ରାପଡ଼ା, ୧୪।୪ (ଜଗନ୍ନାଥ ଧଳ)


ଅଂଶୁମାନ ମହାନ୍ତି


ବୈଜୟନ୍ତ ପଣ୍ଡା


ଇଂ. ସିଦ୍ଧାର୍ଥ ସ୍ୱରୂପ ଦାସ

ରାଜନୈତିକ ସମ୍ବେଦନଶୀଳ କେନ୍ଦ୍ରାପଡ଼ା ଜିଲାରେ ସାମ୍ପ୍ରତିକ ଖରା ତାତିଠାରୁ ଆହୁରି ଅଧିକ ରାଜନୀତି ତାତି ରହିଛି। ରାଜ୍ୟର ପ୍ରମୁଖ ୩ ରାଜନୈତିକ ଦଳ ଲୋକ ସଭା ପ୍ରାର୍ଥୀ ଘୋଷଣା ପରେ ପ୍ରାର୍ଥୀମାନେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ସାଧାରଣ ନିର୍ବାଚନ ପାଇଁ ବିଜେଡିର ଅଂଶୁମାନ ମହାନ୍ତି, ଭାଜପାର ବୈଜୟନ୍ତ ପଣ୍ଡା ଓ କଂଗ୍ରେସ ପ୍ରାର୍ଥୀ ଭାବେ ଇଂ. ସିଦ୍ଧାର୍ଥ ସ୍ୱରୂପ ଦାସଙ୍କ ନାମ ଘୋଷଣା ହୋଇଛି। ଇତିମଧ୍ୟରେ ବିଜେଡି ପ୍ରାର୍ଥୀ ଅଂଶୁମାନ ନିର୍ବାଚନମଣ୍ଡଳୀର ୭ ବିଧାନସଭା କ୍ଷେତ୍ରକୁ ଯାଇ ଗୋଟିଏ ରାଉଣ୍ଡ ନିର୍ବାଚନୀ ପ୍ରଚାର ସାରିଛନ୍ତି। ସେହିପରି ଭାଜପା ପ୍ରାର୍ଥୀ ବୈଜୟନ୍ତ ଇତିମଧ୍ୟରେ ୪ଟି ବିଧାନସଭା କ୍ଷେତ୍ରରେ ଭାଜପା ସପକ୍ଷରେ ପ୍ରଚାର କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପଙ୍କ ନାମ ଶନିବାର ଘୋଷଣା ପରେ ରବିବାରଠାରୁ ବିଧିବଦ୍ଧ ଭାବେ କଂଗ୍ରେସର ନେତା ଓ କର୍ମୀଙ୍କୁ ଭେଟିଛନ୍ତି। କେନ୍ଦ୍ରାପଡ଼ା ଜିଲାର ୫ ଓ କଟକ ଜିଲାର ୨ ବିଧାନସଭା କ୍ଷେତ୍ରକୁ ନେଇ ଗଠିତ ଏହି ଲୋକ ସଭା ଆସନରେ ୧୯୫୨ ମସିହାରେ କଂଗ୍ରେସ ପ୍ରାର୍ଥୀ ଜିତିଥିଲେ। ଏହା ପରଠାରୁ ପ୍ରଜା ସୋସିଆଲ ପାର୍ଟିରୁ ସୁରେନ୍ଦ୍ରନାଥ ଦ୍ୱିବେଦୀ ୩ ଥର ଓ ଉତ୍କଳ କଂଗ୍ରେସରୁ ଥରେ ପ୍ରାର୍ଥୀ ହୋଇ ଜିତିଥିଲେ। ୧୯୭୭ରୁ ୧୯୮୫ ପର୍ଯ୍ୟନ୍ତ ଜନତା ପାର୍ଟି ପ୍ରାର୍ଥୀ ବିଜୁ ପଟ୍ଟନାୟକ, ଜନତା ପାର୍ଟିର ଶରତ ଦେବ, ରବି ରାୟ, ଶ୍ରୀକାନ୍ତ କୁମାର ଜେନା ଓ ପ୍ରଭାତ ସାମନ୍ତରାୟ ଏମ୍‌ପି ହୋଇଛନ୍ତି। ତେବେ ୧୯୯୯ ମସିହାଠାରୁ ଏହି ନିର୍ବାଚନ କ୍ଷେତ୍ର ବିଜେଡିର ଗଡ଼ ଭାବେ ପରିଚିତି ପାଲଟିଛି। ଗତ ସାଧାରଣ ନିର୍ବାଚନରେ ବିଜେଡିର ଅନୁଭବ ମହାନ୍ତିଙ୍କୁ ୫୦.୮୭ ପ୍ରତିଶତ ଭୋଟରଙ୍କ ମତ ମିଳିଥିବା ବେଳେ ଭାଜପାର ବୈଜୟନ୍ତଙ୍କୁ ୩୮.୫୩ ପ୍ରତିଶତ ଓ କଂଗ୍ରେସ ପ୍ରାର୍ଥୀ ଧରଣୀଧର ନାୟକଙ୍କୁ ମାତ୍ର ୯.୨୧ ପ୍ରତିଶତଙ୍କ ସମର୍ଥନ ମିଳିଥିଲା। ଚଳିତ ନିର୍ବାଚନରେ ଦଳ ବଦଳ କଂଗ୍ରେସ ସମର୍ଥନକୁ ହ୍ରାସ କରିବା ଆଶଙ୍କା ପ୍ରକାଶ ପାଇଛି। କଂଗ୍ରେସର ବରିଷ୍ଠ ନେତା ଗଣେଶ୍ୱର ବେହେରା ଓ ଅଂଶୁମାନ ମହାନ୍ତି ଦଳବଦଳ କରି ବିଜେଡିରେ ଯୋଗ ଦେଇଛନ୍ତି। ଇତିମଧ୍ୟରେ ଅଂଶୁମାନ ଲୋକ ସଭା ପ୍ରାର୍ଥୀ ଭାବେ ମନୋନୀତ ହୋଇଛନ୍ତି। ଭାଜପା ପକ୍ଷରୁ ଏହି ଜିଲାର କେନ୍ଦ୍ରାପଡ଼ା ଓ ରାଜନଗର ବିଧାନସଭା ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ। ବିଳମ୍ବିତ ପ୍ରାର୍ଥୀ ଘୋଷଣାକୁ ନେଇ ଆଶାୟୀ ନେତା ଆଶଙ୍କାରେ ଅଛନ୍ତି। ଅପରପକ୍ଷରେ ବିଜେଡି ପକ୍ଷରୁ କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ରକୁ ଛାଡ଼ି ଅନ୍ୟ ୪ଟିରେ ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା ସରିଛି। ଆଶାୟୀ ପ୍ରାର୍ଥୀଙ୍କ ଦଳୀୟ ଅସନ୍ତୋଷ, ଖରସ୍ରୋତା ପାଣି ବିବାଦ, ଜଙ୍ଗଲ ଜମି ପଟ୍ଟା ସମସ୍ୟା, କୃଷି କ୍ଷେତ୍ରରେ ଜଳ ପରିଚାଳନା, ପାନୀୟ ଜଳ ପ୍ରକଳ୍ପ, ୧୬ ପଞ୍ଚାୟତକୁ ରାସ୍ତା ସହ ଉନ୍ନୟନ କାର୍ଯ୍ୟରେ ଅନିୟମିତତାକୁ ବିରୋଧୀ ଭାଜପା ଓ କଂଗ୍ରେସ ଏବେ ନିର୍ବାଚନୀ ଅସ୍ତ୍ର କରିଛି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ବହୁ ଉନ୍ନୟନ ଯୋଜନା ଓ ଦୀର୍ଘ ୨୪ ବର୍ଷର ନିରବଚ୍ଛିନ୍ନ ସଙ୍ଗଠନକୁ ଗୁରୁତ୍ୱାରୋପ କରିଛି। ଯୁବବର୍ଗ ଓ ପ୍ରବାସୀ ସମସ୍ୟା ଜିଲା ପାଇଁ ଏକ ଚାଲେଞ୍ଜ ହୋଇଥିବା ରାଜନୈତିକ ବିଶ୍ଳେଷକ ମତ ଦେଇଛନ୍ତି।

## ଅରବିନ୍ଦାଙ୍କ ଉପରୁ ବିଜେଡିର ନିଲମ୍ବନ ଆଦେଶ ପ୍ରତ୍ୟାହୃତ

କୁଜଙ୍ଗ, ୧୪।୪ (ମନୋଜ ପ୍ରଧାନ)

ପାରାଦୀପ ନିର୍ବାଚନମଣ୍ଡଳୀର ଜଣାଶୁଣା ବିଜେଡି ନାରୀନେତ୍ରୀ ତଥା କୁଜଙ୍ଗ ବ୍ଲକ ପାରାଦୀପଗଡ ପଞ୍ଚାୟତ ସମିତି ସଭ୍ୟା ଅରବିନ୍ଦା ତରାଇଙ୍କ ଉପରୁ ରବିବାର ବ୍ଲକ ବିଜେଡି ସଭାପତି ନରେନ୍ଦ୍ର କୁମାର ପରିଡା ନିଲମ୍ବନ ଆଦେଶ ପ୍ରତ୍ୟାହୃତ କରିଛନ୍ତି। ଏନେଇ ପରିଡା ଲିଖିତ ଆକାରରେ ଜଣାଇବାସହ ଆଗକୁ ତରାଇ ପାରାଦୀପ ନିର୍ବାଚନମଣ୍ଡଳୀରେ ବିଜେଡିକୁ ସଶକ୍ତ କରାଇବାପାଇଁ କାର୍ଯ୍ୟ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି । ସୂଚନାଯୋଗ୍ୟ, ତରାଇ ୨୦୨୨ ମାର୍ଚ୍ଚରେ ଅନୁଷ୍ଠିତ ପଞ୍ଚାୟତ ସମିତି ନିର୍ବାଚନରେ ଦଳୀୟ ହୁଇପ୍‌କୁ ଅବମାନନା କରି ପଞ୍ଚାୟତ ସମିତି ଅଧ୍ୟକ୍ଷା ପଦ ନିମନ୍ତେ ପ୍ରାର୍ଥିପତ୍ର ଦାଖଲ କରିବା ସାଙ୍ଗକୁ ନିର୍ବାଚନ ଲଢ଼ିଥିଲେ । ସେ ଉକ୍ତ ନିର୍ବାଚନରେ ପରାଜିତ ହୋଇଥିଲେ। ବିଜେଡିର ଦଳୀୟ ପ୍ରାର୍ଥୀଭାବେ ନିନାରାଣୀ ସାହୁ ପ୍ରତିଦ୍ୱନ୍ଦ୍ୱିତା କରି ଏଥିରେ ବିଜୟୀ ହେବା ସହ ଅଧ୍ୟକ୍ଷାଭାବେ ନିର୍ବାଚିତ ହୋଇଥିଲେ। ତରାଇଙ୍କ ଏହି ଦଳ ବିରୋଧୀ କାର୍ଯ୍ୟପାଇଁ ବ୍ଲକ ବିଜେଡି ସଭାପତି ପରିଡା ତାଙ୍କୁ ଦଳରୁ ନିଲମ୍ବନ କରିଥିଲେ । ସେବେଠାରୁ ତରାଇ ଦଳୀୟ କାର୍ଯ୍ୟକ୍ରମରୁ ଦୂରେଇ ରହିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଭୟ


@ ମୃତ୍ୟୁଞ୍ଜୟ


@ ପବିତ୍ରମୋହନ


@ ରାଜକିଶୋର


@ ସୌରଭ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ହିନ୍ଦୁ ଏକତା ଶୋଭାଯାତ୍ରାରେ ୧୦ ହଜାରରୁ ଊର୍ଦ୍ଧ୍ୱ ସାମିଲ


କେନ୍ଦ୍ରାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡରେ ଏକତା ଶୋଭାଯାତ୍ରା ।

କେନ୍ଦ୍ରାପଡ଼ା, ୧୪।୪ (ଜଗନ୍ନାଥ ଧଳ)

**୫କି.ମି. ଶୋଭାଯାତ୍ରା ପଥକୁ ପୋଲିସ କଲା ସିଲ୍**

କେନ୍ଦ୍ରାପଡ଼ା ଜିଲା ହିନ୍ଦୁ ଏକତା ଶୋଭାଯାତ୍ରା ରବିବାର ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଜିଲା ବଜରଙ୍ଗ ଦଳ, ଧର୍ମରକ୍ଷା ସେନା, ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। ଏସମ୍ପର୍କରେ ଧର୍ମରକ୍ଷା ସେନାର ଆବାହକ ବିବେକାନନ୍ଦ ମହାରଣା କହିଛନ୍ତି ଯେ, ପ୍ରତିବର୍ଷ ମହାବୀର ଜୟନ୍ତୀରେ ଏହି ଶୋଭାଯାତ୍ରା କରାଯାଇଥାଏ। ଚଳିତବର୍ଷ ଏହି ଶୋଭାଯାତ୍ରା ସହରର ତିନିମୁହାଣୀସ୍ଥ ରାମମନ୍ଦିରଠାରୁ ବାହାରି ଇଚ୍ଛାପୁରସ୍ଥ ମାଉସୀ ମା’ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ସହର ମଧ୍ୟରେ ବହୁ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିମାନେ ପାଣି ଓ ପଣା ଦେଇ ଏହି ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ। ଶୋଭାଯାତ୍ରା ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଦୀର୍ଘ ୫ କିଲୋମିଟର ଏହି ଶୋଭାଯାତ୍ରା ପଥକୁ ପୋଲିସ ଦ୍ୱାରା ସିଲ୍ କରାଯାଇଥିଲା। ଆଇନ ଶୃଙ୍ଖଳାକୁ ଏସ୍‌ପି ସିଦ୍ଧାର୍ଥ କାଟାରିଆ, ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ପରିଚାଳନା କରିଥିଲେ।

# ମା’ଙ୍କୁ ଦର୍ଶନ କଲେ ୫୦ହଜାର ଶ୍ରଦ୍ଧାଳୁ

ରାଜନଗର, ୧୪।୪(ଭାସ୍କର ରାଉତରାୟ)

**ମା’ମାଟିଆମଙ୍ଗଳାଙ୍କ ପୀଠରେ ମହାବିଷ୍ଣୁବ ସଂକ୍ରାନ୍ତି**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ବାରଗାଁର ମା’ ମାଟିଆ ମଙ୍ଗଳା ଶକ୍ତିପୀଠରେ ରବିବାର ମହାବିଷ୍ଣୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ରାଜନଗର ସମେତ ପଟ୍ଟାମୁଣ୍ଡାଇ, ମହାକାଳପଡା, ଆଳି, ରାଜକନିକା ପ୍ରଭୃତି ଅଞ୍ଚଳରୁ ପ୍ରାୟ ୫୦ ହଜାର ଶ୍ରଦ୍ଧାଳୁ ମା’ଙ୍କୁ ଦର୍ଶନ କରିଥିଲେ। ଭୋର ୩ଟାରେ ମା’ଙ୍କ ବଡ଼ସିଂହାର ବେଶ କରାଯାଇଥିଲା। ପରେ ମା’ଙ୍କର ଷୋଡ଼ଶ ଉପଚାର, ବାଲ୍ୟଭୋଗ, ଆଳତି, ପଣାଭୋଗ କରାଯାଇଥିଲା। ମଧ୍ୟାହ୍ନ ଧୂପ ପରେ ୧୨ଟାରେ ୧୫ ମିନିଟ୍ ପାଇଁ ମା’ଙ୍କ ଦର୍ଶନ ବନ୍ଦ ରହିଥିଲା। ଅପରାହ୍ନରେ ପୁଣି ଶ୍ରଦ୍ଧାଳୁଙ୍କ ଦର୍ଶନ ନିମିତ୍ତ ମା’ଙ୍କ ମନ୍ଦିର ଖୋଲାଯାଇଥିଲା। ସନ୍ଧ୍ୟା ଆଳତି ଓ ବାଲ୍ୟଭୋଗ ପରେ ଅନ୍ୟ ପୂଜାନୀତି ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ମା’ ମାଟିଆ ମଙ୍ଗଳା ପୂଜା କମିଟି ସଭାପତି ଅଭିରାମ ରାଉଳଙ୍କ ତତ୍ତ୍ୱାବଧାନରେ ରଞ୍ଜନ କୁମାର ରାଉଳ, ହରେକୃଷ୍ଣ ରାଉଳ, କେଶବ ଚରଣ ରାଉଳ, କାଙ୍ଗାଳି ଚରଣ ରାଉଳ, ଜନକର ରାଉଳଙ୍କ ସହ ରାଉଳ ପରିବାର ମା’ଙ୍କ ପୂଜାନୀତି ପରିଚାଳନା କରିଥିଲେ। ମା’ ମାଟିଆ ମଙ୍ଗଳା ଉନ୍ନୟନ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାବିଷ୍ଣୁବ ସଂକ୍ରାନ୍ତି ପାଳନ କରାଯାଇଥିଲା। ମା’ଙ୍କ ପୀଠରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଆଇଆଇସି ଅଜୟ କୁମାର ଜେନାଙ୍କ ନେତୃତ୍ୱରେ ୫ଜଣ ଅଫିସରଙ୍କ ସହ ୩୦ଜଣ ପୋଲିସ କର୍ମଚାରୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ମା’ଙ୍କ ବାର୍ଷିକ ଉତ୍ସବରେ ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ତୋରଣ ବ୍ୟବସ୍ଥା କରାଯାଇଛି। ମା’ଙ୍କ ମନ୍ଦିରକୁ ଫୁଲ ଓ ଲାଇଟ୍‌ରେ ସଜା ଯାଇଥିଲା। ବ୍ରାହ୍ମଣୀ ନଦୀକୂଳରେ କାହିଁ କେଉଁ ଅନାଦି କାଳରୁ ମା’ ମାଟିଆ ମଙ୍ଗଳା ପୂଜା ପାଇ ଆସୁଛନ୍ତି। ନଦୀର କରାଳ ଗ୍ରାସରେ ତଟକ୍ଷୟ ଯୋଗୁ ମା’ଙ୍କ ପୁରାତନ ମନ୍ଦିରରେ ନଦୀଗର୍ଭକୁ ଚାଲିଗଲା ପରେ ଏବେ ନୂତନ ମନ୍ଦିରରେ ମା’ ପୂଜା ପାଇ ଆସୁଛନ୍ତି। ମା’ଙ୍କ ପୂଜାନୀତି ଓ କିମ୍ବଦନ୍ତୀ ସାରା ଓଡ଼ିଶାରେ ବିରଳ। ଅନ୍ୟ ଶକ୍ତିପୀଠରେ ବ୍ରାହ୍ମଣମାନେ ପୂଜାପାଠ କରୁଥିବା ବେଳେ ଏଠାରେ ରାଉଳ ସମ୍ପ୍ରଦାୟର ଭକ୍ତମାନେ ମା’ଙ୍କୁ ପୂଜାର୍ଚ୍ଚନା କରି ଆସୁଛନ୍ତି। ଭକ୍ତଙ୍କ ଭିଡ଼କୁ ଆଖି ଆଗରେ ରଖି ୫୦ରୁ ଊର୍ଦ୍ଧ୍ୱ ଅନୁଷ୍ଠାନ ପକ୍ଷରୁ ପଣା ଓ ଟଙ୍କତୋରାଣି ବଣ୍ଟନ କରାଯାଇଥିଲା।




ମା’ ମାଟିଆ ମଙ୍ଗଳା । ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ।

## ସଂକ୍ଷେପରେ

### ପଣା ସଂକ୍ରାନ୍ତିରେ ବରପତ୍ର ପିଠା

ଖଣ୍ଡପଡ଼ା,୧୪।୪ (ଅଜୟ କୁମାର ମହାରଣା)

ରବିବାର ପଣା ସଂକ୍ରାନ୍ତି ତଥା ମହାବିଷୁବ ସଂକ୍ରାନ୍ତି । ଏହିଦିନ ଘରେ ଘରେ ପଣା ଓ ବରପତ୍ରରେ ପିଠା କରିବାର ବିଧି ରହିଛି । ବରପତ୍ରରେ ପ୍ରସ୍ତୁତ ପିଠାର ସ୍ୱାଦ ନିଆରା । ଏହି ଚୈତ୍ରମାସରେ ବରଗଛରେ ନୂତନ ପତ୍ର କଅଁଳିଥାଏ । ବରପତ୍ର ଓ ଏହାର କ୍ଷୀରରେ ଔଷଧୀୟ ଗୁଣ ଭରି ରହିଛି । ଏହି ଦିନରେ ବର ପତ୍ରରେ ପିଠା ପ୍ରସ୍ତୁତ କରି ଖିଆଯାଏ । ଆମ ଭାରତୀୟ ସଂସ୍କୃତିରେ ଋତୁ ଅନୁସାରେ ଖାଦ୍ୟପେୟର ବିଧି ମଧ୍ୟ ଅଲଗା । ଯେପରି ମାର୍ଗଶିର ମାସ ପ୍ରଥମାଷ୍ଟମୀରେ ହଳଦୀ ପତ୍ରର ପିଠା, ପୌଷମାସରେ ମୁଗ ପୁର ପିଠା ବା ମୁଗ ମଣ୍ଡା,ରାଶି ମଣ୍ଡା, ମାଘମାସ ବଉଳ ଅମାବାସ୍ୟାରେ ଆମ୍ବ ବଉଳ ସେବନ, ଫାଲ୍‌ଗୁନରେ ଚଣା, ଖଜା ଖିଆଯାଏ । ସେହିପରି ପଣା ସଂକ୍ରାନ୍ତିରେ ବରପତ୍ରର ପିଠା ପ୍ରସ୍ତୁତ କରି ଖାଇବା ଦ୍ୱାରା ଏଥିରୁ ଔଷଧୀୟ ଗୁଣ ମିଳିଥାଏ ଏବଂ ଏହାର ସ୍ୱାଦ ନିଆରା । ସନ୍ଧ୍ୟାରେ ପ୍ରତ୍ୟେକ ପରିବାରରେ ଛେନା କଦଳୀ ପଣା ସହ ଭାଙ୍ଗ ସେବନ କରିବା ଏକ ପ୍ରକାର ବିଧି ରହିଛି ବୋଲି ଅଞ୍ଚଳବାସୀ କହିଛନ୍ତି ।

### ଅଗ୍ନିଦଣ୍ଡ ଭୋଗି ବ୍ରତ ଭାଙ୍ଗିଲେ ଦଣ୍ଡୁଆ

ନୟାଗଡ଼,୧୪।୪(ଲୋକନାଥ ମିଶ୍ର)

ଭକ୍ତି,ଓ ନିଷ୍ଠାର ପର୍ବ ଦଣ୍ଡଯାତ୍ରା ଉଦ୍‌ଯାପିତ ହୋଇ ଯାଇଛି । ଶେଷ ଦିବସରେ ଦଣ୍ଡ ଭକତାମାନେ ଅଗ୍ନିଦଣ୍ଡ ସ୍ୱରୂପ ନିଆଁଗାଡରେ ଚାଲି ବ୍ରତ ଭାଙ୍ଗିଥିଲେ । ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ରବିବାର ମହାବିଷୁବ ପଣା ସଂକ୍ରାନ୍ତି (ଓଡ଼ିଆ ନବବର୍ଷ) ଧୁମଧାମରେ ପାଳିତ ହୋଇଯାଇଛି । ନୟାଗଡ଼ ସହର ନିକଟସ୍ଥ ଦୁର୍ଗାପ୍ରସାଦ ଗ୍ରାମରେ ନିଆଁଗାଡରେ ଚାଲି ନିଜର ମାନସିକ ପୂରଣ କରିଥିଲେ । ସେହିପରି ନୟାଗଡ଼ ବ୍ଲକ୍ ରାଜପାଟଣା ଓ ଇଟାମାଟି, ଓଡ଼ଗାଁ ବ୍ଲକ ଗୋଡ଼ିପଡ଼ାରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଛି । ପୁଣି ଗୋଡିପଡ଼ାରେ ପାଟମରାକୁ ଦେଖିବାକୁ ମିଳିଥିଲା ।

### ଗିରି ହନୁମାନ ପୀଠରେ ପଞ୍ଚକୁଣ୍ଡୀୟ ମହାଯଜ୍ଞ

ଖଣ୍ଡପଡ଼ା,୧୪।୪ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ଗିରିହନୁମାନ ପୀଠରେ ଗତ ୨ଦିନ ଧରି ଚାଲିଥିବା ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ରବିବାର ଅପରାହ୍ନରେ ପୂର୍ଣ୍ଣାହୁତି ହୋଇଛି । ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ବ୍ରାହ୍ମଣ ସମାଜର ବରିଷ୍ଠ କର୍ମକର୍ତ୍ତା ସମସ୍ତ ଦାୟିତ୍ୱ ତୁଲାଇଥିଲେ । ସମସ୍ତ ଭକ୍ତଙ୍କ ପାଇଁ ଗିରିହନୁମାନ ମନ୍ଦିର କମିଟି ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

## ଡିଏଚ୍‌ଏଚ୍‌ରେ ଜ୍ୱର ପରୀକ୍ଷଣ ପାଇଁ ଥର୍ମୋମିଟର ନାହିଁ

- ରୋଗୀ କିଣି ଆଣିବା ପରେ ହେଉଛି ପରୀକ୍ଷଣ
- ବାହାରୁ କିଣିବା ପାଇଁ ପରାମର୍ଶ ଦେଉଛନ୍ତି ନର୍ସ

ନୟାଗଡ଼,୧୪।୪(ଲୋକନାଥ ମିଶ୍ର)




ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ଜ୍ୱର ମାପିବା ଯନ୍ତ୍ର ଥର୍ମୋମିଟର ନାହିଁ । ଏଥିପାଇଁ କୌଣସି ଜ୍ୱରରେ ପୀଡ଼ିତ ରୋଗୀ ଆସିଲେ ତାଙ୍କୁ ଥର୍ମୋମିଟର କିଣି ଆଣିବାକୁ କୁହାଯାଉଛି । ସେ ଡାକ୍ତରଖାନା ବାହାରେ ଥିବା ଔଷଧ ଦୋକାନରୁ ଥର୍ମୋମିଟର କିଣି ଆଣିବା ପରେ ଜ୍ୱର ପରୀକ୍ଷଣ କରାଯାଉଛି ବୋଲି କେତେଜଣ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି । ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଥିବାବେଳେ ରୋଗୀ ଥର୍ମୋମିଟର କିଣି ପରୀକ୍ଷା କରିବା ଘଟଣା ସ୍ୱାସ୍ଥ୍ୟ ବିଭାଗର ଅପାରଗତାକୁ ପଦାରେ ପକାଇଛି । ଯାହାକି ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ୱାସ୍ଥ୍ୟସେବା ଉପରେ ପ୍ରଶ୍ନବାଚୀ ଲଗାଇଛି ।

ଏନେଇ ଡାଳିଆମଡ଼ା ଗାଁର ମିଟୁ ସାହୁ କୁହନ୍ତି, ମୋ ପୁଅକୁ ନେଇ ମୁଁ ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଶିଶୁ ହସ୍ପିଟାଲକୁ ନେଇଥିଲି । ମୋ ପୁଅ ଅସୁସ୍ଥ ଥିବାରୁ ଜ୍ୱର ଥାଇପାରେ ବୋଲି ଡାକ୍ତର ସନ୍ଦେହ କରିଥିଲେ । ନର୍ସଙ୍କ ପାଖରେ ପରୀକ୍ଷଣ ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ । ନର୍ସଙ୍କ ପାଖକୁ ଯାଇ ପରୀକ୍ଷଣ କରିବାକୁ କହିବାରୁ ଥର୍ମୋମିଟର ବ୍ୟବସ୍ଥା ଜିଲା ମୁଖ୍ୟ ଚିକିତ୍ସାଳୟରେ ନାହିଁ କହିଥିଲେ । ଏପରି କି ମେଡିସିନ ଦୋକାନରୁ କିଣି ଆଣିବାକୁ ପରାମର୍ଶ ମିଳିଥିଲା । ମେଡିସିନ ଦୋକାନରୁ ଥର୍ମୋମିଟର କିଣି ନେବା ପରେ ପରୀକ୍ଷଣ ହୋଇଥିଲା । ନାଗମୁଣ୍ଡୁଳୀ ଗାଁର ପ୍ରତାପ ଚନ୍ଦ୍ର ପରିଡ଼ା କୁହନ୍ତି ମୋର ଜଣେ ସମ୍ପର୍କୀୟ ଜିଲା ମୁଖ୍ୟ ଚିକିତ୍ସାଳୟର ମେଡିସିନ ୱାର୍ଡରେ ଚିକିତ୍ସିତ ହେଉଥିଲେ । ରୋଗୀଙ୍କ ଜ୍ୱର ଆସୁଥିବାରୁ ପରୀକ୍ଷଣ ପାଇଁ ଥର୍ମୋମିଟର କିଣିବାକୁ ନର୍ସ ପରାମର୍ଶ ଦେଲେ । ଥର୍ମୋମିଟର କିଣି ନେବା ପରେ ପରୀକ୍ଷଣ କରାଗଲା । ନୟାଗଡ଼ର ସାମାଜିକ କର୍ମୀ ସନ୍ତୋଷ ପ୍ରଧାନ କୁହନ୍ତି, ସରକାର ମାଗଣା ଔଷଧ ଦେଉଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜ୍ୱର ମାପିବା ଯନ୍ତ୍ର ନାହିଁ କହିଲେ ବିଶ୍ୱାସ ହେଉନି । ତେବେ ଜ୍ୱର ଜାଣିବା ପାଇଁ ଥର୍ମୋମିଟର ନ ମିଳିବାରୁ ରୋଗୀ ଅଯଥାରେ ଖର୍ଚ୍ଚାନ୍ତ ହୋଇ କିଣିବା ଘଟଣା ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତକୁ ପଦାରେ ପକାଇଛି । ସ୍ୱାସ୍ଥ୍ୟ ବିଭାଗ ସବୁ ୱାର୍ଡରେ ଥର୍ମୋମିଟର ଯୋଗାଇ ନ ଦେଲେ ଆମେ ବାଧ୍ୟ ହୋଇ ଆନ୍ଦୋଳନ କରିବୁ ବୋଲି କହିଛନ୍ତି । ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ କୁହନ୍ତ,ରୋଗୀଙ୍କ ଜ୍ୱର ପରୀକ୍ଷଣ ପାଇଁ ଥର୍ମୋମିଟର କିଣିବା ଘଟଣା ଠିକ୍ ନୁହେଁ । ଏହାର ତଦନ୍ତ ହେବା ଦରକାର । ଏନେଇ ସିଡିଏମ୍‌ଓ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକଙ୍କ ସହ ଆଲୋଚନା କରି ପଦକ୍ଷେପ ନେବି । ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଅଜୟ କୁମାର ବାହିନୀପତି କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ଜ୍ୱର ରୋଗୀ ହଇରାଣ ହେଉଛନ୍ତି ଏପରି ଅଭିଯୋଗ ମୁଁ ପାଇନାହିଁ । ତେବେ ଜ୍ୱର ରୋଗୀ ଥର୍ମୋମିଟର କିଣି ଆଣିବା ପରେ ପରୀକ୍ଷଣ କରାଯାଉଥିବା ଘଟଣାର କେତେଦୂର ସତ୍ୟାସତ୍ୟ ରହିଛି ମୁଁ ଅନୁଧାନ କରିବି । କିଏ ଓ କାହିଁକି ଥର୍ମୋମିଟର କିଣି ଆଣିବାକୁ ପରାମର୍ଶ ଦେଉଛି ତା'ର ତଦନ୍ତ ହେବ । ଅନ୍ୟପକ୍ଷେ ଆଗକୁ ଜ୍ୱର ରୋଗୀ ଯେପରି ହଇରାଣ ନ ହେବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି । ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ରମାକାନ୍ତ ପଣ୍ଡା କୁହନ୍ତି, ଜ୍ୱର ରୋଗୀ ବାହାରୁ ଥର୍ମୋମିଟର କିଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ପରୀକ୍ଷଣ କରିବା ଘଟଣା ଠିକ୍ ନୁହେଁ । ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକଙ୍କ ସହ ଆଲୋଚନା କରି ପ୍ରତି ୱାର୍ଡରେ ଥର୍ମୋମିଟର ବ୍ୟବସ୍ଥା ଯୁଦ୍ଧକାଳୀନ ଭିତ୍ତିରେ କରାଇବେ ବୋଲି କହିଛନ୍ତି ।

## ଝାମୁରେ ଚାଲିଲେ ପୂର୍ବତନ ମନ୍ତ୍ରୀ ସୁରମା

ରଣପୁର,୧୪।୪ (ସୁକାନ୍ତ କିଶୋର ଡାକୁଆ)

ରଣପୁରରେ ଦଣ୍ଡଯାତ୍ରା ଉଦ୍‌ଯାପିତ



ନୟାଗଡ଼ ଜିଲା ରଣପୁର ବ୍ଲକ୍ ଓ ବିଜ୍ଞାପିତ ଅଞ୍ଚଳରେ ଗତ ୧୭ଦିନ ଧରି ଚାଲିଥିବା ଦଣ୍ଡଯାତ୍ରା ରବିବାର ପଣା ସଂକ୍ରାନ୍ତିରେ ଉଦ୍‌ଯାପିତ ହୋଇଛି । ଏହି ଅବସରରେ ବିଭିନ୍ନ ସ୍ଥାନରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥିଲା । ମାନସିକ ରଖିଥିବା ଶ୍ରଦ୍ଧାଳୁଙ୍କ ସହିତ ଦଣ୍ଡଧାରୀମାନେ ଝାମୁ ନିଆଁରେ ଚାଲିଥିଲେ । ବାବା ବାଲୁଙ୍କେଶ୍ୱର ଦେବଙ୍କ ଝାମୁ ଯାତ୍ରାରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତ୍ରୀ ସୁରମା ପାଢ଼ୀ ଝାମୁ ନିଆଁରେ ଚାଲିଥିଲେ । ଲତାର ଗ୍ରାମରେ ଏହି ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା । ବାବା ବାଲୁଙ୍କେଶ୍ୱରଙ୍କ ହୁକୁମ ପାଇ ଝାମୁ ନିଆଁରେ ସୁରମା ଚାଲିଥିଲେ । ତାଙ୍କୁ ୨ଜଣ ଦଣ୍ଡୁଆ ଧରି ଚଲାଉଥିବା ଦେଖିବାକୁ ମିଳିଥିଲା । ଏହି ଝାମୁ ଯାତ୍ରା ଦେଖିବା ପାଇଁ ସେଠାରେ ବହୁ ଜନସମାଗମ ହୋଇଥିଲା । ସେହିପରି ରଣପୁର ସୁନାଖେଳା ଚାନ୍ଦପୁର ମୁଖ୍ୟରାସ୍ତା କାମନା ଘର, ଶାମୁକା ସାହି, ପୁରୁଣା ବସନ୍ତ, ସାନଗଡ଼ ଆଦି ସ୍ଥାନରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଦଣ୍ଡ ଠାକୁରଙ୍କୁ ସକାଳୁ ବିଭିନ୍ନ ପୁଷ୍କରିଣୀରେ ସ୍ନାନ କରାଇ କାମନା ଘରକୁ ଦଣ୍ଡୁଆମାନେ ନେଇଥିଲେ । ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଏଥିପାଇଁ ଝାମୁ ଗର୍ତ୍ତ ପ୍ରସ୍ତୁତ କରାଯାଇଥିଲା । ସ୍ନାନ କରି ଠାକୁର କାମନା ଘରକୁ ଆସିଥିଲେ । ସେଠାରେ ଦଣ୍ଡୁଆମାନେ ପୂଜାର୍ଚ୍ଚନା କରି ନିଆଁ ଗାତରେ ଠାକୁରଙ୍କୁ ଧରି ପ୍ରବେଶ କରିଥିଲେ । କେତେଜଣ ଶ୍ରଦ୍ଧାଳୁ ମାନସିକ ରଖି ଛୋଟ ପିଲାମାନଙ୍କୁ ଧରି ଝାମୁ ନିଆଁରେ ଚାଲିଥିଲେ । କେତେକ ସ୍ଥାନରେ ନିଆଁ ଗାତ ୨୧ ହାତରୁ ଆରମ୍ଭ ହୋଇ ୩୧ ହାତ ପର୍ଯ୍ୟନ୍ତ ହୋଇଥିଲା । ମଧ୍ୟାହ୍ନରେ ରଣପୁର ଚଣ୍ଡେଶ୍ୱର ଠାକୁରଙ୍କ ୩ ଭଗତା ପୀଠିରେ ଲୁହାକଣ୍ଟା ପାଟକ ଫୋଡିହୋଇ ରଣପୁର ସହର ସାହି ପରିକ୍ରମା କରିଥିଲେ । ଏହି ଦୃଶ୍ୟକୁ ଦେଖିବା ପାଇଁ ଗାଁ ଦାଣ୍ଡରେ ଭିଡ଼ ଜମିଥିଲା ।

### ମହାବୀରଙ୍କ ଜୟନ୍ତୀ ପାଳିତ

ଖଣ୍ଡପଡ଼ା,୧୪।୪(ଅଜୟ କୁମାର ମହାରଣା)

ରବିବାର ମହାବିଷୁବ ସଂକ୍ରାନ୍ତୀରେ ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ, ମର୍ଦ୍ଦରାଜପୁର, ବଡ଼ବାଣପୁର, ସିଧାମୂଳା, ଖଳିସାହି ଓ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ବଜରଙ୍ଗ ପୀଠରେ ମହାବୀର ଜୟନ୍ତୀ ପାଳିତ ହୋଇ ଯାଇଛି । ଏହି ଉପଲକ୍ଷେ ନୀଳମାଧବ ପୀଠ ମହାବୀର ହନୁମାନଙ୍କ ମନ୍ଦିର, ଯାତ୍ରାପଦା ବଜାର ପଞ୍ଚମୁଖୀ ହନୁମାନ, ଗୋକୁଳାନନ୍ଦ ଜୀଉ ପୀଠ, ମର୍ଦ୍ଦରାଜପୁର, ମହାବୀର ମନ୍ଦିରରେ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅଖଣ୍ଡ ହନୁମାନ ଚାଳିଶା ଓ ଘୃତ ଯଜ୍ଞ କରାଯାଇଥିଲା । ଅପରାହ୍ନ ପ୍ରାୟ ସାଢେ ୫ଟା ସମୟରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା । ରାତି ପ୍ରାୟ ସାଢେ ୮ଟାରେ ଅନ୍ନଯଜ୍ଞ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ସେହିପରି ବଡ଼ବାଣପୁର ମହାବୀର ଭକ୍ତବୃନ୍ଦଙ୍କ ଆନୁକୂଲ୍ୟରେ ରବିବାରଠାରୁ ୪ ଦିନ ବ୍ୟାପୀ ବିଭିନ୍ନ ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ୧୦୮ ହନୁମାନ ଚାଳିଶା, ବିଶ୍ୱଶାନ୍ତି ମହାଯଜ୍ଞ ଓ ସନ୍ଧ୍ୟାରେ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ବାଦୀ ସଂକର୍ତ୍ତନ ଅନୁଷ୍ଠିତ ହୋଇଛି । ସୋମବାର କଣ୍ଟିଲୋ ଓ ବଡ଼ବାଣପୁର କଳାକାରମାନଙ୍କ ପକ୍ଷରୁ ରାମଲୀଳା ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଥିବା ଅନୁଷ୍ଠାନର ସଭାପତି କୃତାର୍ଥ ପ୍ରଧାନ ଓ ସମ୍ପାଦକ ପ୍ରଭାତ କୁମାର ପ୍ରଧାନଙ୍କଠାରୁ ସୂଚନା ମିଳିଛି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଭୟ



@ ମୃତ୍ୟୁଞ୍ଜୟ



@ ପବିତ୍ରମୋହନ



@ ରାଜକିଶୋର



@ ସୌରଭ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଦଶପଲ୍ଲାର ବିଭିନ୍ନ ସ୍ଥାନରେ ଝାମୁଯାତ୍ରା

ଦଶପଲ୍ଲା,୧୪।୪ (ପ୍ରକାଶ କୁମାର ପାଣି)

ରବିବାର ପବିତ୍ର ପଣା ସଂକ୍ରାନ୍ତିରେ ଦଶପଲ୍ଲା ବ୍ଲକର ବିଭିନ୍ନ ସ୍ଥାନରେ ଝାମୁଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ନିଷ୍ଠାର ସହିତ ଦଣ୍ଡୁଆମାନେ ଝାମୁ ନିଆଁରେ ଚାଲିଥିଲେ । ଝାମୁ ଯାତ୍ରା ଦଶପଲ୍ଲା ବ୍ଲକର ବାରପୁରିକିଆ, ମାଳିସାହି, ସାତପାଟଣା, ସରିଗଣ୍ଡା ସମେତ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥିଲା । ଅନେକ ଶ୍ରଦ୍ଧାଳୁଙ୍କ ସମାଗମରେ ଝାମୁଯାତ୍ରା ଶେଷ ହୋଇଥିଲା ।

### ଦଣ୍ଡନୃତ୍ୟ କଳାକାର ସମ୍ବର୍ଦ୍ଧିତ

ଖଣ୍ଡପଡ଼ା,୧୪।୪ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋସ୍ଥିତ କପିଳେଶ୍ୱର ଦେବଙ୍କ ଦଣ୍ଡନୃତ୍ୟ ରବିବାର ପରିବେଷଣ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କଳାକାରମାନଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଶନିବାର ସ୍ଥାନୀୟ ଫକୀର ଅତବୁଦ୍ଧି ପାଟଣା ଗ୍ରାମରେ ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିବା ବେଳେ ଏ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅତିଥି ଭାବେ ଫାର୍ମାସିଷ୍ଟ ମାନସ କୁମାର ସାହୁ, ବିକାଶ ପରିଷଦର ସଭାପତି ଯୁଗଳ କିଶୋର ନାୟକ, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ମାଧବ ଚନ୍ଦ୍ର ସାହୁ, ସରୋଜ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦଣ୍ଡ କଳାକାରମାନଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ ।

## ଉଡ଼ାଯାତ୍ରା, ଝାମୁଯାତ୍ରା ଉଦ୍‌ଯାପିତ

ଖଣ୍ଡପଡ଼ା,୧୪।୪(ଅଜୟ କୁମାର ମହାରଣା)



ଜଣେ ବ୍ରତଧାରୀ ଉଡ଼ାଯାତ୍ରାରେ ସାମିଲ ହୋଇଛନ୍ତି ।

ଓଡ଼ିଶାର କେତେକ ଦେବୀଦେବଙ୍କ ପୀଠରେ ଭିନ୍ନ ସଂସ୍କୃତି ଓ ପୂଜା ନୀତି ଦେଖିବାକୁ ମିଳିଥାଏ । ସେହିପରି କଣ୍ଟିଲୋ ହରିସୁବୁଦ୍ଧିପାଟଣା ଓ ପାଣ୍ଡୁସାହୁପାଟଣା ତିଅର ସମ୍ପ୍ରଦାୟର ପାଳିତ ହେଉଥିବା ପାଟମରା ପର୍ବର ପରମ୍ପରା ନିଆରା । ଚୈତ୍ରମାସରେ ପାଳିତ ହେଉଥିବା ଦଣ୍ଡଯାତ୍ରାରେ ଭକ୍ତମାନେ ଅଥବା ମାନସିକଧାରୀମାନେ ବେକରେ ପଇତା ପକାଇ ଆମିଷଠାରୁ ଦୂରରେ ରହୁଥିବା ବେଳେ ମା'ମଙ୍ଗଳାଙ୍କୁ ମଦ ଓ ଅଣ୍ଡା ଭୋଗଲାଗି ହୋଇଥାଏ । ଏପରି ଏକ ଭିନ୍ନ ପରମ୍ପରା ରବିବାର ବିଷୁବ ସଂକ୍ରାନ୍ତି ଉପଲକ୍ଷେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ଢୋଲମରା, କୁମ୍ଭାରପଡ଼ା, କଣ୍ଟିଲୋ ପାଣ୍ଡୁସାହୁ ପାଟଣା ତିଅରସାହି ଓ ହରିସୁବୁଦ୍ଧି ପାଟଣା ପାଟମରା ଉତ୍ସବରେ ଦେଖିବାକୁ ମିଳିଥିଲା ।

ରବିବାର ଅନେକ ଶ୍ରଦ୍ଧାଳୁଙ୍କ ସମାଗମରେ ପର୍ବ ପାଳିତ ହୋଇଥିଲା । ରଡ଼ ନିଆଁରେ ଚାଲିବା, କଣ୍ଟା ଶେଯରେ ଗଡ଼ିବା ଓ ପିଠରେ କଣ୍ଟା ଫୋଡ଼ି ଅରଟରେ ଓହଳିବା ପରି ସାଧନାକୁ କେହି ଅନ୍ଧ ବିଶ୍ୱାସ ବା କୁଚ୍ଛ ସାଧନା ବୋଲି କହିପାରନ୍ତି । ମାତ୍ର ଏହି ଦଣ୍ଡକୁ ସିଦ୍ଧିର ଚରମ ପନ୍ଥା ବୋଲି ବାଛି ନେଇଛନ୍ତି ଦଣ୍ଡ ବ୍ରତ ପାଳୁଥିବା ଅନେକ ଭକ୍ତ । ଏହି ସଂସ୍କୃତି ବା ପରମ୍ପରା କାହିଁ କେବେଠାରୁ ଚାଲିଆସୁଛି । ଦୋଳ ପୂର୍ଣ୍ଣମୀଠାରୁ ଆରମ୍ଭ ହୋଇଥାଏ ଏହି ସାଧନାର ପର୍ବ । ଭକ୍ତମାନେ ଦୋଳ ପୂର୍ଣ୍ଣମୀଠାରୁ ଆମିଷଠାରୁ ସମ୍ପୂର୍ଣ୍ଣ ଦୂରରେ ରହିଥାଆନ୍ତି ।

ମା' ମଙ୍ଗଳାଙ୍କ ପର୍ବର ଅନ୍ତିମ ଦିବସରେ ଅର୍ଥାତ୍ ରବିବାର ମହା ବିଷୁବ ସଂକ୍ରାନ୍ତିରେ ମା'ଙ୍କୁ ମଦ,ଅଣ୍ଡାର ନୈବେଦ୍ୟ ଅର୍ପଣ ପୂର୍ବକ ପୂଜା କରାଯାଇଥିଲା । ଭକ୍ତମାନେ ବିଷୁବ ସଂକ୍ରାନ୍ତିର ୯ ଦିନ ପୂର୍ବରୁ ନିଜ ଘରଛାଡି ମା'ଙ୍କ ପୀଠରେ ରହିବା ସହିତ ଦିନବେଳା ସମ୍ପୂର୍ଣ୍ଣ ନିର୍ଜଳା ରହିଥାଆନ୍ତି । ସନ୍ଧ୍ୟା ବା ରାତିରେ ମାତ୍ର ପଣା ଗ୍ଲାସଟିଏ ପାନ କରିଥାଆନ୍ତି । ଏହି ପଣା ପାନ ସମୟରେ କୌଣସି ପ୍ରାଣୀର ଯଦି ଶବ୍ଦ ଶୁଣାଯାଏ ତେବେ ତାହା ଗ୍ରହଣ କରିବା

### ଖଣ୍ଡପଡ଼ାରେ ଭିନ୍ନ ପରମ୍ପରା

- ବ୍ରତଧାରୀ ଆମିଷଠାରୁ ଦୂରରେ
- ମଦ, ଅଣ୍ଡା ନୈବେଦ୍ୟରେ ହୁଏ ମାଆଙ୍କ ପୂଜା

ବନ୍ଦ ରହିବା ବିଧି ରହିଛି । ୯ଦିନ ପରେ ଏହି ନିଷ୍ଠାପର ପରମ୍ପରା ସମ୍ପନ୍ନ ହୋଇଥାଏ ।

ସୂଚନାଯୋଗ୍ୟ, ପଣା ସଂକ୍ରାନ୍ତୀରେ ମା'ମଙ୍ଗଳାଙ୍କ ଚଳନ୍ତି ପ୍ରତିମାଙ୍କୁ କାଳିଶି ଓ ଭକ୍ତମାନେ ନିକଟସ୍ଥ ପାଣ୍ଡୁସାହୁ ପାଟଣା ବଡ଼ ପୋଖରୀ ନଅର ତୁଠକୁ ବିଜେ କରାଇ ପୋଖରୀ କୂଳରେ ସ୍ଥାପନା କରିଥିଲେ । କାଳିଶି ସ୍ନାନ କରିବା ପରେ ମା'ଙ୍କ ସାମନାରେ ମଦ, ଅଣ୍ଡା, ନଡ଼ିଆ, କଦଳୀ ରଖାଯାଇ ଧୂପ ଓ ଘିଅ ସଞ୍ଜ ଦିଆଯାଇଥିଲା । କାଳଶି ମା'ଙ୍କ ପ୍ରତିମାକୁ ନେଇ ପୁଷ୍କରିଣୀ ଜଳ ମଧ୍ୟରେ ଠିଆ ହୋଇଥିଲେ । ପାଟମରା ମାନସିକ ରଖିଥିବା ଭକ୍ତମାନେ ପୁଷ୍କରିଣୀରେ ମା'ଙ୍କ ପ୍ରତିମାକୁ ଜାବୁଡ଼ି ଧରି ଠିଆ ହୋଇଥିବା ବେଳେ ଅନ୍ୟ ଜଣେ ଭକ୍ତ ସେମାନଙ୍କ ପିଠିରେ ସିନ୍ଦୁର ଚିହ୍ନ ଲଗାଇ ଅଙ୍କୁଶ କଣ୍ଟା ଫୋଡିଥିଲେ । କଣ୍ଟାର ଅପରପାର୍ଶ୍ୱରେ ଏକ ଶକ୍ତ ଦଉଡି ଲାଗିଥାଏ । କଣ୍ଟା ଫୋଡ଼ାଗଲେ ମଧ୍ୟ ଭକ୍ତଙ୍କ ପିଠିରୁ ଟୋପାଟିଏ ରକ୍ତ ଝରି ନ ଥିଲା । କଣ୍ଟାଫୋଡ଼ା ସମ୍ପନ୍ନ ପରେ କାଳଶି ପୂଜା ହୋଇଥିବା ଅଣ୍ଡାକୁ ଫୁଟାଇ ତା'ଉପରେ ମଦ ଢାଳି ଥିଲେ । ଏହା ପରେ ଭକ୍ତମାନେ ଢୋଲବାଦ୍ୟର ତାଳେତାଳେ ନାଚି ନାଚି ଗ୍ରାମ ପରିକ୍ରମା କରିଥିଲେ । ଅନୁରୂପ ଭାବେ ଢୋଲମରା ଓ କୁମ୍ଭାରପଡ଼ା ଗ୍ରାମରେ ଅନୁଷ୍ଠିତ ଏହି ପାଟମରା ପର୍ବ ଦେଖିବାକୁ ଅନେକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଗ୍ରାମ ପରିକ୍ରମା ପରେ ସମସ୍ତ ପାଟମରା ଭକ୍ତ ଅରଟ ପାଖରେ ଉଭା ହେବା ପରେ ପାଟଭକ୍ତଙ୍କ ପିଠିରେ ଫୋଡ଼ା ଯାଇଥିବା କଣ୍ଟାର ଅନ୍ୟ ପାଖରେ ବନ୍ଧା ହୋଇଥିବା ଦଉଡିକୁ ୨୦ଫୁଟ ଉଚ୍ଚ ଅରଟରେ ବାନ୍ଧି ଦିଆଯାଇଥାଏ । ଅରଟର ଅନ୍ୟପାର୍ଶ୍ୱକୁ ଭକ୍ତମାନେ ଦଉଡ଼ି ସାହାଯ୍ୟରେ ଘୁରାଇବା ବେଳେ ଅରଟରେ ବନ୍ଧା ଯାଇଥିବା ସଂପୃକ୍ତ ଭକ୍ତ ହାତ ଗୋଡ଼ ଭୂମି ସହ ସମାନ୍ତରାଳ ଭାବେ ରଖି ଝୁଲି ରହିଥାଆନ୍ତି । ଏହି ଦୃଶ୍ୟକୁ ଶ୍ରଦ୍ଧାଳୁମାନେ ଦେଖି ଭକ୍ତି ନିବେଦନ କରିଥାଆନ୍ତି । ଅରଟରେ ବନ୍ଧା ହୋଇଥିବା ଆମ୍ବକୁ ପାଟମରା ଭକ୍ତ ଉପସ୍ଥିତ ଜନଗହଳି ମଧ୍ୟକୁ ଫିଙ୍ଗିଥିଲେ । ଲୋକେ ସେହି ଆମ୍ବକୁ ଧରିବା ପାଇଁ ଚାତକ ପରି ଚାହିଁ ରହିଥିଲେ । ବିଶ୍ୱାସ ଅଛି ଯେ, ଏହି ଆମ୍ବକୁ ଯିଏ ପାଇବ ତା'ର ମାନସିକ ପୂରଣ ହୋଇଥାଏ । ଅପରପକ୍ଷେ ସ୍ଥାନୀୟ ଅଞ୍ଚଳ ତିଅରସାହିର ପାଟଭକ୍ତମାନେ ସ୍ନାନ ସମ୍ପନ୍ନ କରି ଏକ ପାଟ ପଟୁଆରରେ ବାଘ, ଭାଲୁ, ଘଣ୍ଟଘଣ୍ଟି, ମର୍ଦ୍ଦନ ନାଦ, ସଂକୀର୍ତ୍ତନ ଦଳ ମାଧ୍ୟମରେ ନଗର ପରିକ୍ରମା କରି ମା ମଙ୍ଗଳାଙ୍କ ଯାତ୍ରା ପଡିଆକୁ କାଳିଶିଙ୍କ ସହ ଆସି ପୂଜାର୍ଚ୍ଚନା ପରେ ୧୨୧ ଫୁଟ ଲମ୍ବର ଏକ ଝାମୁ ଗର୍ତ୍ତରେ ପ୍ରସ୍ତୁତ ହୋଇଥିବା ନିଆଁ ଉପରେ ଖାଲି ପାଦରେ ଚାଲିଥିଲେ । ଗ୍ରାମବାସୀ ଯୁଧିଷ୍ଠିର ବେହେରା, ଆଡ଼ିବନ୍ଧୁ ସାହୁ, ବିପିନ ଭୋଇ ଓ ସୁରେନ୍ଦ୍ର କୁମାର ବେହେରାଙ୍କ ନେତୃତ୍ୱରେ ମାନସିକଧାରୀମାନେ ପିଠିରେ କଣ୍ଟା ମାରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ଯାନୀଙ୍କ ସହିତ ନିଆଁରେ ଝାମୁ ଚାଲିଥିଲେ ।

# ୩ ବ୍ଲକ ପାଇଁ ୧୦ଜଣ ସଂଯୋଜକଙ୍କୁ ନିଯୁକ୍ତ କଲା ବିଜେଡି

ଭୁବନେଶ୍ୱର, ୧୪।୪(ସୁନିତ୍ ମିଶ୍ର)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ୩ଟି ବ୍ଲକ ପାଇଁ ମୋଟ୍ ୧୦ ଜଣ ସଂଯୋଜକଙ୍କୁ ଦାୟିତ୍ୱ ଦେଇଛନ୍ତି। ଛେଣ୍ଡିପଦା, ତେଲକୋଇ ଏବଂ କଙ୍କଡାହାଡ଼ ବ୍ଲକ ପାଇଁ ମୋଟ୍ ଏହି ୧୦ ଜଣ ସଂଯୋଜକ ନିଯୁକ୍ତ ହୋଇଛନ୍ତି। ପାଲଲହଡ଼ା ବ୍ଲକର ଯୁଧିଷ୍ଠିର ଗଡ଼ନାଏକ, କଣିହାଁ ବ୍ଲକର କୁନା ନାଏକ, କଣିହାଁ ବ୍ଲକର ବୀରେନ୍ଦ୍ର କୁମାର ତ୍ରିପାଠୀ, କଣିହାଁ ବ୍ଲକର ବୁଦ୍ଧିମନ୍ତ ସାହୁଙ୍କୁ ଦଳ ଛେଣ୍ଡିପଦା ବ୍ଲକ ସଂଯୋଜକ ଭାବେ ନିଯୁକ୍ତ କରିଛନ୍ତି। ସେହିପରି ପାଲଲହଡ଼ା ବ୍ଲକର ସଞ୍ଜୀବ ବେହେରା, ପ୍ରଦୀପ ପ୍ରଧାନ, ରମାକାନ୍ତ ବିଶ୍ୱାଳ ଏବଂ ନୀଳାମ୍ବର ପ୍ରଧାନଙ୍କୁ ଦଳ ତେଲକୋଇ ବ୍ଲକ ସଂଯୋଜକ ନିଯୁକ୍ତ କରିଛି। ସେହିପରି ପାଲଲହଡା ବ୍ଲକର ଅଗାଧୁ ପ୍ରଧାନ ଏବଂ ଭୋଳେଶ୍ୱର ପ୍ରଧାନଙ୍କୁ ଦଳ କଙ୍କଡାହାଡ଼ ବ୍ଲକର ସଂଯୋଜକ ନିଯୁକ୍ତ ହୋଇଛନ୍ତି।

# ରଣାଙ୍ଗନରେ ଅନନ୍ତ, ଅଭିମନ୍ୟୁ, ମଞ୍ଜୁଳତା

## ଭଦ୍ରକ ଲୋକ ସଭା କ୍ଷେତ୍ର

ଭଦ୍ରକ, ୧୪।୪(ସନାତନ ରାଉତ)


ଅନନ୍ତ ପ୍ରସାଦ ସେଠୀ


ଅଭିମନ୍ୟୁ ସେଠୀ


ମଞ୍ଜୁଳତା ମଣ୍ଡଳ

ଭଦ୍ରକ ଲୋକ ସଭା ଆସନରେ ଭାଜପା ଓ ବିଜେଡି ପୁରୁଣା ପ୍ରାର୍ଥୀଙ୍କୁ ଦୋହରାଇଥିବା ବେଳେ କଂଗ୍ରେସ ଶନିବାର ପୂର୍ବତନ ଏମ୍ପି ଅନନ୍ତ ପ୍ରସାଦ ସେଠୀଙ୍କୁ ପ୍ରାର୍ଥୀ ଘୋଷଣା କରିଛି। କଂଗ୍ରେସର ଭେଟେରାନ ଲିଡର ଅନନ୍ତ ପ୍ରାର୍ଥୀ ହେବା ପରେ ଏହି ଆସନ ପାଇଁ ଏଥର ତ୍ରିମୁଖୀ ଲଢ଼େଇ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ପ୍ରମୁଖ ଦଳଗୁଡ଼ିକର ପ୍ରାର୍ଥୀ ଘୋଷଣା ପରେ ଏବେ ରାଜନୈତିକ ମହଲ ସରଗରମ ହେବାରେ ଲାଗିଛି। ୧୯୮୪ରେ ଅନନ୍ତ ଭଦ୍ରକ ଲୋକସଭା ଆସନରୁ ଏମ୍ପି ହୋଇଥିଲେ। ୨୦୧୯ ନିର୍ବାଚନରେ ତାଙ୍କ ଝିଅ ମଧୁମିତା ସେଠୀ କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ। ସେ ୨ ଲକ୍ଷ ୭ ହଜାର ୮୧୧ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଏଥର ଦଳ ଝିଅ ବଦଳରେ ବାପାଙ୍କୁ ଭରସା କରିଛି।

ଭଦ୍ରକ ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀ ସମେତ ବାଲେଶ୍ୱର ଜିଲାର ସୋର ଓ ସିମୁଳିଆ ବିଧାନସଭା କ୍ଷେତ୍ରକୁ ନେଇ ଭଦ୍ରକ ଲୋକସଭା ନିର୍ବାଚନମଣ୍ଡଳୀ ଗଠିତ। ୧୯୯୮ଠାରୁ ଲଗାତର ବିଜେଡି ଦଖଲରେ ଭଦ୍ରକ ଲୋକ ସଭା ଆସନ ରହିଥିବା ବେଳେ ୨୦୧୯ ନିର୍ବାଚନରେ ଦଳର ବିଜୟ ବ୍ୟବଧାନ ବହୁମାତ୍ରାରେ ହ୍ରାସ ପାଇଥିଲା। ଭାଜପାରୁ ପ୍ରାର୍ଥୀ ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଅର୍ଜୁନ ଚରଣ ସେଠୀଙ୍କ ପୁଅ ଅଭିମନ୍ୟୁ ମାତ୍ର ୨୮,୮୦୩ ଖଣ୍ଡ ଭୋଟରେ ବିଜେଡି ପ୍ରାର୍ଥୀ ମଞ୍ଜୁଳତା ମଣ୍ଡଳଙ୍କଠାରୁ ପରାଜିତ ହୋଇଥିଲେ। ଅଭିମନ୍ୟୁଙ୍କୁ ୪ ଲକ୍ଷ ୮୩ ହଜାର ୫୦୨ ଭୋଟ ମିଳିଥିବା ବେଳେ ମଞ୍ଜୁଳତାଙ୍କୁ ୫ ଲକ୍ଷ ୧୨ ହଜାର ୩୦୫ ଭୋଟ ମିଳିଥିଲା। ଭାଜପା ଦ୍ୱିତୀୟ ସ୍ଥାନରେ ରହିଥିଲା ଏବଂ କଂଗ୍ରେସ ତୃତୀୟ ସ୍ଥାନକୁ ଖସି ଆସିଥିଲା। ଅଳ୍ପ ବ୍ୟବଧାନରେ ଭାଜପା ହାରିଥିବାରୁ ଏଥର ଏହି ଆସନକୁ ଦଳ ପକ୍ଷରୁ ଫୋକସ୍‌ରେ ରଖାଯାଇଥିବା ଚର୍ଚ୍ଚା ହେଉଛି।


ମାଲକାନଗିରି ଚିତ୍ରକୋଣ୍ଡା ବିଧାନସଭା ଆସନ ପାଇଁ ଭାଜପାରୁ ଡମ୍ବରୁ ସୀସାଙ୍କୁ ପ୍ରାର୍ଥୀ ନ କରିବା ନେଇ ସମ୍ପୃକ୍ତ ଅଞ୍ଚଳର କର୍ମୀମାନେ ରବିବାର ରାଜ୍ୟ ଭାଜପା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# କଂଗ୍ରେସ ଲୋକ ସଭା ପ୍ରାର୍ଥୀଙ୍କୁ ବିରୋଧ

କେନ୍ଦୁଝର, ୧୪।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କଂଗ୍ରେସ ପକ୍ଷରୁ ଶନିବାର କେନ୍ଦୁଝର ଲୋକ ସଭା ପ୍ରାର୍ଥୀ ଭାବରେ ପୂର୍ବଥର ନିର୍ବାଚନ ଲଢ଼ି ହାରିଥିବା ମୋହନ ହେମ୍ବ୍ରମଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ଏହାକୁ ନେଇ ଜିଲା କଂଗ୍ରେସ ସଂଗଠନରେ ବିବାଦ ମୁଣ୍ଡ ଟେକିଛି। ସଙ୍କଟ ସମୟରେ କଂଗ୍ରେସ କୌଣସି ରିସ୍କ ନ ନେଇ ମୋହନଙ୍କୁ ପୁଣି ପ୍ରାର୍ଥୀ କରିଥିବାରୁ କେତେକ ନେତା ସ୍ୱାଗତ କରିଛନ୍ତି। କିନ୍ତୁ ଜିଲା ସଂଗଠନ ପକ୍ଷରୁ ଏହାକୁ ବିରୋଧ କରାଯାଉଥିବାରୁ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ସୋମବାର ଜିଲା ସଂଗଠନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଡକାଯାଇ ସମୂହ ଏଆଇସିସି/ ପିସିସି ନିଷ୍ପତ୍ତିକୁ ବିରୋଧ କରିବେ ବୋଲି ସୂଚନା ମିଳିଛି। ଆବଶ୍ୟକ ପଡ଼ିଲେ ସମସ୍ତେ ସମୂହ ଇସ୍ତଫା ଦେବେ ବୋଲି ଆଲୋଚନା ହେଉଛି। ଏ ନେଇ ଜିଲା ସଂଗଠନ ପକ୍ଷରୁ କିଛି ସୂଚନା ଦିଆଯାଉନାହିଁ। ଖବରଦାତା ସମ୍ମିଳନୀରେ ସବୁକିଛି କୁହାଯିବ ବୋଲି ଜିଲା ସଭାପତି ମୋହନ ପରିଡ଼ା କହିଛନ୍ତି। କଂଗ୍ରେସ ଲୋକସଭା ପ୍ରାର୍ଥୀ ମୋହନ ହେମ୍ବ୍ରମ କହିଛନ୍ତି, ଦଳରେ ଶୃଙ୍ଖଳିତ କର୍ମୀ ଭାବରେ ସଙ୍କଟ ସମୟରେ ଅଛନ୍ତି। ସଭା, ସମିତି ଓ ବୈଠକରେ ଉପସ୍ଥିତ ରହି ଆସିଛନ୍ତି। ଗତ ଥର ଜିଲା ସଂଗଠନ ହିଁ ପ୍ରାର୍ଥୀ କରିଥିଲେ। ଦଳର ଭଲ ଅବସ୍ଥା ନ ଥିଲେ ମଧ୍ୟ ଗତ ନିର୍ବାଚନରେ ଆଖି ଦୃଶିଆ ଭୋଟ ପାଇଥିଲେ। ଏଣୁ ଦଳ ତାଙ୍କ ଉପରେ ଆସ୍ଥା ରଖି ପ୍ରାର୍ଥୀ କରିଛି ସେ କହିଛନ୍ତି।

# ସମ୍ବର୍ଦ୍ଧନା ସଭା ବର୍ଜନ କରିବେ ଅସନ୍ତୁଷ୍ଟ ବିଜେଡି କର୍ମୀ

କେନ୍ଦୁଝର, ୧୪।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

## ମାଧବ ସର୍ଦ୍ଦାରଙ୍କୁ ବିରୋଧ

କେନ୍ଦୁଝର ଜିଲା ହରିଚନ୍ଦନପୁର ବିଜୁ ଜନତା ଦଳ ତରଫରୁ ତେଲକୋଇ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ମାଧବ ସର୍ଦ୍ଦାର ଓ ଏମ୍ପି ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁଙ୍କୁ ଠାକୁରପଡ଼ାରେ ସୋମବାର ସମ୍ବର୍ଦ୍ଧନା ଦିଆଯିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ଅର୍ଥାତ ରବିବାର ହରିଚନ୍ଦନପୁର ବ୍ଲକ୍‌ର ୨୫ ପଞ୍ଚାୟତର ଅସନ୍ତୁଷ୍ଟ ବିଜେଡି କର୍ମୀ ମନହରପୁର ପଡ଼ିଆରେ ଏକତ୍ରିତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ମାଧବ ସର୍ଦ୍ଦାର ଯୋଗଦେବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ସେ ଯୋଗଦେଇ ନ ଥିବାରୁ ସୋମବାର ହେବାକୁଥିବା କର୍ମୀ ସମ୍ମିଳନୀରେ କୌଣସି ଅସନ୍ତୁଷ୍ଟ କର୍ମୀ ଯୋଗ ଦେବେ ନାହିଁ ବୋଲି ବୈଠକରେ ଶପଥ ନେଇଛନ୍ତି। ଏହାର ଭିଡିଓ ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଥିଲା। ବିଧାୟକ ପ୍ରାର୍ଥୀ ମାଧବ ସର୍ଦ୍ଦାର ଯେବେ ସମୟ ଦେବେ ଓ ନିଜେ କର୍ମୀମାନଙ୍କ ସହିତ ଜିଲା କିମ୍ବା ରାଜ୍ୟସ୍ତର ନେତାଙ୍କ ଉପସ୍ଥିତିରେ ଆଗାମୀ ୫ ବର୍ଷ କର୍ମୀମାନଙ୍କ ସୁଖ ଦୁଃଖରେ ସାମିଲ ହେବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେବେ, ତାହେଲେ ବିଜୁ ଜନତା ଦଳକୁ ପୂର୍ଣ୍ଣ ସମର୍ଥନ ଦିଆଯିବ ବୋଲି ନିଷ୍ପତ୍ତି କରିଛନ୍ତି। ପ୍ରକାଶ ଥାଉ କି, ତେଲକୋଇ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡିର ଗୋଷ୍ଠୀ କନ୍ଦଳ ଏବେ ଚରମ ସୀମାରେ ପହଞ୍ଚିଛି। ଯଦି ଏହି ଭଳି ଜାରି ରୁହେ ଏହି ଆସନ ବିଜୁ ଜନତା ଦଳ ହାତରୁ ଖସି ଯିବାର ସମ୍ଭାବନା ରହିଛି। ବୈଠକରେ ୫୦୦ରୁ ଊର୍ଦ୍ଧ୍ୱ କର୍ମୀଙ୍କ ସମାଗମ ହୋଇଥିଲା। ଏ ନେଇ ମାଧବ ସର୍ଦ୍ଦାର କହିଛନ୍ତି, ଲୋକଙ୍କ ଅସନ୍ତୋଷର କାରଣ ବୁଝି ସମାଧାନ କରିବେ।

# ବିଜେଡି ପ୍ରାର୍ଥୀଙ୍କ ଛିଡୁନି ଅଙ୍କକଷା

## ରଘୁନାଥପାଲି ବିଧାନସଭା କ୍ଷେତ୍ର

## ଚିନ୍ତାରେ ଦଳୀୟ କର୍ମୀ

ରାଉରକେଲା, ୧୪।୪
(ଦିନେଶ ମିଶ୍ର)


ପ୍ରଫୁଲ ସୁନାନି


ପ୍ରଶାନ୍ତ ସେଠୀ


ସୁବ୍ରତ ତାରଇ

ସୁନ୍ଦରଗଡ଼ ଜିଲାର ରଘୁନାଥପାଲି ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ପାଇଁ ଦଳ କାହା ନାମ ଘୋଷଣା କରିବ, ସେ ନେଇ ରାଜନୀତି ଖଟିରେ ଚର୍ଚ୍ଚା ଜୋର ଧରିଛି। କିଏ କହୁଛନ୍ତି ସୁବ୍ରତ ତାରଇଙ୍କୁ ଦଳ ଟିକେଟ ଦବ ତ ଆଉ କିଏ କହୁଛନ୍ତି ପ୍ରଶାନ୍ତ ସେଠୀ, ନଚେତ୍ ପ୍ରଫୁଲ ସୁନାନିଙ୍କୁ ଦଳ ଟିକେଟ ପ୍ରଦାନ କରିପାରେ।

ରଘୁନାଥପାଲି ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀଭାବେ ସୁବ୍ରତ ତରାଇ ୨୦୦୯, ୨୦୧୪ ଓ ୨୦୧୯ ନିର୍ବାଚନରେ ବିଧାୟକ ପ୍ରାର୍ଥୀଭାବେ ୩ ଥର ବିଜୟୀ ହୋଇଥିଲେ। ରଘୁନାଥପାଲି ଅଞ୍ଚଳରେ ସୁବ୍ରତଙ୍କ ଲୋକପ୍ରିୟତା ଥିବାବେଳେ ୨୦୧୯ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ପ୍ରଶାନ୍ତ ସେଠୀ ଚଳିତ ବର୍ଷ ଦଳ ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ତେଣୁ ସେ ମଧ୍ୟ ଆଶାୟୀ ଅଛନ୍ତି। ପ୍ରଶାନ୍ତ ରଘୁନାଥପାଲୀ ନିର୍ବାଚନମଣ୍ଡଳୀରେ ବିଭିନ୍ନ ସମୟରେ 'ବସ୍ତିଚାଲ ଅଭିଯାନ' କରି ଚର୍ଚ୍ଚାରେ ରହିଛନ୍ତି। ସେହିଭଳି ନିକଟରେ କଂଗ୍ରେସର ଅନ୍ୟତମ ଚର୍ଚ୍ଚିତ ନେତା ପ୍ରଫୁଲ ସୁନାନି କଂଗ୍ରେସ ଛାଡ଼ି ନୀବନ ନିବାସ ଯାଇ ଦଳରେ ମିଶିଛନ୍ତି। ପ୍ରଫୁଲ ବିଜେଡିରେ ମିଶିବାପରେ ରଘୁନାଥପାଲି ନିର୍ବାଚନମଣ୍ଡଳୀରେ ବିଜେଡି ତୃଣମୂଳ ସ୍ତରରେ ଆହୁରି ମଜଭୁତ ହେବ ବୋଲି ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ରଘୁନାଥପାଲି ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପକ୍ଷରୁ ଗୋପାଳ ଦାସଙ୍କୁ ଟିକେଟ ମିଳିଥିବାବେଳେ ଭାଜପାରୁ ଦୁର୍ଗାଚରଣ ତନ୍ତୀଙ୍କୁ ଟିକେଟ ପ୍ରଦାନ କରାଯାଇଛି। ତେବେ ବିଜେଡି ପ୍ରାର୍ଥୀ ଘୋଷଣା କରି ନ ଥିବାରୁ ଦଳୀୟ କର୍ମୀ ଚିନ୍ତାରେ ଅଛନ୍ତି।

# ବିଧାନସଭା ଆସନ ଲାଗି କଂଗ୍ରେସର ୭୫ ପ୍ରାର୍ଥୀ

| କ୍ର.ସଂ. | ନିର୍ବାଚନମଣ୍ଡଳୀ | ପ୍ରାର୍ଥୀଙ୍କ ନାମ |
|---|---|---|
| ୧ | ଅଠାବିରା | ଅଭିଷେକ ସେଠ୍ |
| ୨ | ତଳସରା | ଦେବେନ୍ଦ୍ର ଭିତରିଆ |
| ୩ | କୁଚିଣ୍ଡା | କେଦାରନାଥ ବରିହା |
| ୪ | ରେଙ୍ଗାଲି | ଦିଲୀପ କୁମାର ଦୁରିଆ |
| ୫ | ସମ୍ବଲପୁର | ଦୁର୍ଗାପ୍ରସାଦ ପାଢ଼ୀ |
| ୬ | ରେଢ଼ାଖୋଲ | ଆସଫ୍ ଅଲ୍ଲୀ ଖାନ୍ |
| ୭ | ଦେବଗଡ଼ | ସେମ୍ ହେମ୍ବ୍ରମ୍ |
| ୮ | ତେଲକୋଇ | ନିର୍ମଳ ଚନ୍ଦ୍ର ନାୟକ |
| ୯ | ଘସିପୁରା | ସୁବ୍ରତ ଚକ୍ର |
| ୧୦ | ଆନନ୍ଦପୁର | ଜୟଦେବ ଜେନା |
| ୧୧ | ପାଟଣା | ହୃଷୀକେଶ ନାଏକ |
| ୧୨ | କେନ୍ଦୁଝର | ପ୍ରତିଭାମଞ୍ଜରୀ ନାୟକ |
| ୧୩ | ଚମ୍ପୁଆ | ଯଶୋବନ୍ତ ଲାଗୁରୀ |
| ୧୪ | ଯଶୀପୁର | ଶ୍ୱେତା ଛତର |
| ୧୫ | ସାରସକଣା | ରାମକୁମାର ସୋରେନ୍ |
| ୧୬ | ରାଇରଙ୍ଗପୁର | ଯୋଗେନ୍ଦ୍ର ବନ୍‌ରା |
| ୧୭ | ବାଙ୍ଗିରିପୋଷୀ | ମୁରଲୀଧର ନାଏକ |
| ୧୮ | କରଞ୍ଜିଆ | ଲକ୍ଷ୍ମୀଧର ସିଂ |
| ୧୯ | ଉଦଳା | ଦୁର୍ଗାଚରଣ ଟୁଡୁ |
| ୨୦ | ବାରିପଦା | ବାଦଲ ହେମ୍ବ୍ରମ |
| ୨୧ | ମୋରଡ଼ା | ପ୍ରଭାସ କୁମାର ମହାପାତ୍ର |
| ୨୨ | ଭୋଗରାଇ | ସତ୍ୟଶିବ ଦାସ |
| ୨୩ | ବସ୍ତା | ବିଜନ ନାୟକ |
| ୨୪ | ରେମୁଣା | ସୁଦର୍ଶନ ଜେନା |
| ୨୫ | ସୋର | ସୁବ୍ରତ ଧଡ଼ା |
| ୨୬ | ସିମୁଳିଆ | ହିମାଂଶୁ ଶେଖର ବେହେରା |
| ୨୭ | ଭଣ୍ଡାରିପୋଖରୀ | ନିରଞ୍ଜନ ପଟ୍ଟନାୟକ |
| ୨୮ | ଭଦ୍ରକ | ଅସିତ ପଟ୍ଟନାୟକ |
| ୨୯ | ବାସୁଦେବପୁର | ଅଶୋକ କୁମାର ଦାସ |
| ୩୦ | ଧାମନଗର | ରଞ୍ଜନ କୁମାର ବେହେରା |
| ୩୧ | ଚାନ୍ଦବାଲି | ଅମିୟ କୁମାର ମହାପାତ୍ର |
| ୩୨ | ବିଞ୍ଝାରପୁର | କନକଲତା ମଲ୍ଲିକ |
| ୩୩ | ବରୀ | ଆରତୀ ଦେଓ |
| ୩୪ | ଧର୍ମଶାଳା | କିଶନ ପଣ୍ଡା |
| ୩୫ | ଯାଜପୁର | ସୁଦୀପ କୁମାର କର |
| ୩୬ | କୋରେଇ | ବନ୍ଦିତା ପରିଡ଼ା |
| ୩୭ | ଢେଙ୍କାନାଳ | ସୁସ୍ମିତା ସିଂ ଦେଓ |
| ୩୮ | ହିନ୍ଦୋଳ | ଗୋବର୍ଦ୍ଧନ ଶେଖର ନାଏକ |
| ୩୯ | କାମାକ୍ଷାନଗର | ବିପ୍ରବର ସାହୁ |
| ୪୦ | ପରଜଙ୍ଗ | ରଞ୍ଜିତ କୁମାର ସାହୁ |
| ୪୧ | ତାଳଚେର | ପ୍ରଫୁଲ୍ଲ ଚନ୍ଦ୍ର ଦାସ |
| ୪୨ | ଅନୁଗୋଳ | ଅମ୍ବିକା ପ୍ରସାଦ ଭଞ୍ଜ |
| ୪୩ | ଛେଣ୍ଡିପଦା | ନରୋତ୍ତମ ନାୟକ |
| ୪୪ | ଆଠମଲ୍ଲିକ | ବିଜୟାନନ୍ଦ ଚାଉଳିଆ |
| ୪୫ | ବୀରମହାରାଜପୁର | ପ୍ରଦୀପ ସେଠୀ |
| ୪୬ | ସୋନପୁର | ପ୍ରିୟବ୍ରତ ସାହୁ |
| ୪୭ | ଟିଟିଲାଗଡ଼ | ବୀରେନ୍ଦ୍ର ବାଗ୍ |
| ୪୮ | ଖରିଆର | କମଳ ଚରଣ ତାଣ୍ଡି |
| ୪୯ | ବାଲିଗୁଡ଼ା | ଉପେନ୍ଦ୍ର ପ୍ରଧାନ |
| ୫୦ | ବଡ଼ମ୍ବା | ସଞ୍ଜୟ କୁମାର ସାହୁ |
| ୫୧ | ବାଙ୍କୀ | ଦେବାଶିଷ ପଟ୍ଟନାୟକ |
| ୫୨ | ଆଠଗଡ଼ | ମେହବୁବ୍ ଅହମ୍ମଦ ଖାଁ |
| ୫୩ | ଚୌଦ୍ୱାର-କଟକ | ମୀରା ମଲ୍ଲିକ |
| ୫୪ | ନିଆଳି | ଜ୍ୟୋତିରଞ୍ଜନ ମଲ୍ଲିକ |
| ୫୫ | କଟକ ସଦର | ରାମଚନ୍ଦ୍ର ଗୋଛାୟତ |
| ୫୬ | ସାଲେପୁର | ଆକ୍ୟୁବ୍ ଉଜାମନ୍ ଖାନ୍ |
| ୫୭ | ପାଟକୁରା | ରତିକାନ୍ତ କାନୁନ୍‌ଗୋ |
| ୫୮ | ଆଳି | ଦେବସ୍ମିତା ଶର୍ମା |
| ୫୯ | ପାରାଦୀପ | ନିରଞ୍ଜନ ନାୟକ |
| ୬୦ | ତିର୍ତ୍ତୋଲ | ହିମାଂଶୁ ଭୂଷଣ ମଲ୍ଲିକ |
| ୬୧ | ବାଲିକୁଦା-ଏରସମା | ନଳିନୀ ସ୍ୱାଇଁ |
| ୬୨ | ପୁରୀ | ସୁଜିତ୍ ମହାପାତ୍ର |
| ୬୩ | ବ୍ରହ୍ମଗିରି | ମିତ୍ରଭାନୁ ମହାପାତ୍ର |
| ୬୪ | ଜୟଦେବ | ଜୟନ୍ତ କୁମାର ଭୋଇ |
| ୬୫ | ଏକାମ୍ର-ଭୁବନେଶ୍ୱର | ପ୍ରଶାନ୍ତ କୁମାର ଚମ୍ପତି |
| ୬୬ | ଜଟଣୀ | ସନ୍ତୋଷ ଜେନା |
| ୬୭ | ବେଗୁନିଆ | ପୃଥ୍ୱୀବଲ୍ଲଭ ପଟ୍ଟନାୟକ |
| ୬୮ | ରଣପୁର | ବିଭୁପ୍ରସାଦ ମିଶ୍ର |
| ୬୯ | ନୟାଗଡ଼ | ରଞ୍ଜିତ ଦାଶ |
| ୭୦ | କବିସୂର୍ଯ୍ୟନଗର | ବିପିନ ବିହାରୀ ସ୍ୱାଇଁ |
| ୭୧ | ଖଲ୍ଲିକୋଟ | ଚିତ୍ରସେନ ବେହେରା |
| ୭୨ | ଆସିକା | ସୁରଭି ବିଶୋଇ |
| ୭୩ | ହିଞ୍ଜିଳି | ରଜନୀକାନ୍ତ ପାଢ଼ୀ |
| ୭୪ | ବ୍ରହ୍ମପୁର | ଦୀପକ ପଟ୍ଟନାୟକ |
| ୭୫ | ଦିଗପହଣ୍ଡି | ଶ୍ରୀଧର ଦେବ |

# ୨ ନୂଆ-ପୁରୁଣା ମୁହଁ ମଧ୍ୟରେ ମୁକାବିଲା

## ଢେଙ୍କାନାଳ ସଂସଦୀୟ କ୍ଷେତ୍ରରେ ବଢ଼ିଲା ଉଷ୍ମତା

ଢେଙ୍କାନାଳ, ୧୪।୪(ରତନ ନାୟାର)


ଅବିନାଶ ସାମଲ


ସସ୍ମିତା ବେହେରା


ରୁଦ୍ର ନାରାୟଣ ପାଣି

ଢେଙ୍କାନାଳ ଲୋକ ସଭା ଆସନ ପାଇଁ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା ସରିଛି। ବିଜେଡି ପକ୍ଷରୁ ନୂଆ ମୁହଁ ଭାବେ ଯୁବ ସମାଜସେବୀ ଡା. ଅବିନାଶ ସାମଲ ଓ କଂଗ୍ରେସ ପକ୍ଷରୁ ନୂଆ ମୁହଁ ଭାବେ ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦିକା ସସ୍ମିତା ବେହେରାଙ୍କୁ ପ୍ରାର୍ଥୀ କରାଯାଇଛି। ତେବେ ଭାଜପା ପୁରୁଣା ମୁହଁ ତଥା ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣିଙ୍କ ଉପରେ ପୁଣି ଭରସା କରିଛି। ୩ ପ୍ରମୁଖ ଦଳ ପକ୍ଷରୁ ଏମ୍ପି ପ୍ରାର୍ଥୀ ଘୋଷଣା ଶେଷ ହୋଇଥିବାରୁ ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ରାଜନୈତିକ ବାତାବରଣରେ ଉଷ୍ମତା ପ୍ରକାଶ ପାଇଛି।

ରାଜନୀତି କ୍ଷେତ୍ରକୁ ନୂଆ କରି ଓହ୍ଲାଇବା ସହ ବିଜେଡି ଲୋକ ସଭା ପ୍ରାର୍ଥୀ ହୋଇଥିବା ଡା. ଅବିନାଶ ଢେଙ୍କାନାଳ ସଂସଦୀୟ କ୍ଷେତ୍ରରେ ଲୋକମାନଙ୍କ ସେବା ଓ ବିକାଶକୁ ନିର୍ବାଚନୀ ପ୍ରସଙ୍ଗରେ ଗୁରୁତ୍ୱ ଦେଉଛନ୍ତି। ଦାଦା ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଚଳିତ ନିର୍ବାଚନରେ ବିଜେଡି ପକ୍ଷରୁ ଢେଙ୍କାନାଳ ବିଧାନସଭା ପାଇଁ ପ୍ରାର୍ଥୀ ହୋଇଥିବାରୁ ଏହା ଏମ୍ପି ପ୍ରାର୍ଥୀ ଅବିନାଶଙ୍କ ପାଇଁ ଏକ ଭଲ ସୁଯୋଗ ସୃଷ୍ଟି କରିଛି। ସେହିପରି ଲୋକ ସଭା ନିର୍ବାଚନରେ ନୂଆ ହୋଇଥିଲେ ମଧ୍ୟ କଂଗ୍ରେସ ପ୍ରାର୍ଥୀ ସସ୍ମିତା ଦୀର୍ଘ ବର୍ଷ ଧରି କଂଗ୍ରେସ ରାଜନୀତିରେ ରହି ଆସିଛନ୍ତି। ସେ ୨୦୦୨ରେ ତାଳଚେର ବ୍ଲକ ଅଧ୍ୟକ୍ଷା, ୨୦୦୭ରେ ଅନୁଗୋଳ ଜିଲା ପରିଷଦ ସଭାପତି ଦାୟିତ୍ୱ ତୁଲାଇଥିଲେ। ୨୦୧୪ରେ ତାଳଚେର ବିଧାନସଭା ଓ ୨୦୧୯ରେ ଛେଣ୍ଡିପଦା ବିଧାନସଭା ଆସନରୁ ଦଳୀୟ ପ୍ରାର୍ଥୀ ହୋଇଥିଲେ। ତେଣୁ ଏକାଧିକ ଥର ନିର୍ବାଚନ ଲଢ଼ିବାର ଅଭିଜ୍ଞତା ତାଙ୍କ ନିକଟରେ ଥିବାବେଳେ ଅବହେଳିତ ୫୫ନଂ. ଜାତୀୟ ରାଜପଥ ଓ ପାନୀୟଜଳ ସଙ୍କଟ ଆଦିକୁ ମୁଖ୍ୟ ପ୍ରସଙ୍ଗ କରିବେ ବୋଲି ସୂଚନା ଦେଇଛନ୍ତି। ଭାଜପା ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି ରାଜନୀତି କ୍ଷେତ୍ରରେ ବେଶ୍ ଅଭିଜ୍ଞ। ୨୦୦୪ରୁ ୨୦୧୨ ପର୍ଯ୍ୟନ୍ତ ସେ ରାଜ୍ୟ ସଭା ସଦସ୍ୟ ଥିଲେ। ୧୯୯୧, ୧୯୯୬, ୨୦୦୯, ୨୦୧୪ ଓ ୨୦୧୯ ନିର୍ବାଚନରେ ଦଳୀୟ ଟିକେଟ୍‌ରେ ସେ ଲୋକ ସଭା ନିର୍ବାଚନରେ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ଏଥର ମଧ୍ୟ ଭାଜପା ତାଙ୍କୁ ପ୍ରାର୍ଥୀ କରିଛି। ଇତିମଧ୍ୟରେ ପ୍ରଚାର ଆରମ୍ଭ କରିଦେଇଥିବା ରୁଦ୍ର ନାରାୟଣ ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଟାର୍ଗେଟ କରୁଥିବା ଦେଖାଯାଉଛି। ୨୦୦୪ରୁ ୨୦୧୯ ପର୍ଯ୍ୟନ୍ତ ଢେଙ୍କାନାଳ ଲୋକ ସଭା ଆସନକୁ ବିଜେଡି ନିଜ ଅକ୍ତିଆରରେ ରଖି ଆସିଥିବା ବେଳେ ଏଥର ମଧ୍ୟ ଏହାକୁ କବ୍‌ଜା କରିବାକୁ ଯୋଜନା କରିଛି। ହେଲେ ଚଳିତ ନିର୍ବାଚନରେ ଭାଜପା ଏହାକୁ ଛଡ଼ାଇ ନେବା ସହ ଢେଙ୍କାନାଳରେ ଖାତା ଖୋଲିବା ଲକ୍ଷ୍ୟରେ ରହିଛି। ତେବେ କଂଗ୍ରେସ ପାଇଁ ଏହି ନିର୍ବାଚନ ଅଧିକ ଗୁରୁତ୍ୱ ବହନ କରୁଛି। କାରଣ ଏକଦା କଂଗ୍ରେସ ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ନେତା କାମାକ୍ଷା ପ୍ରସାଦ ସିଂହଦେଓ ଏଠାରୁ ୬ଥର ବିଜୟୀ ହୋଇ କେନ୍ଦ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ସମ୍ଭାଳିଥିଲେ। ସେହିପରି ବର୍ତ୍ତମାନର କଂଗ୍ରେସ ପ୍ରାର୍ଥୀ ସସ୍ମିତାଙ୍କ ପିତା ଭଜମନ ବେହେରା ମଧ୍ୟ ୧୯୮୯ ମସିହାରେ ଜନତା ଦଳରୁ ଏହି ଆସନରୁ ପ୍ରାର୍ଥୀହୋଇ ବିଜୟୀ ହେବା ସହ କେନ୍ଦ୍ରରେ ମନ୍ତ୍ରୀ ରହିଥିଲେ। ତେଣୁ ଢେଙ୍କାନାଳ ଲୋକ ସଭା ଆସନ ୩ ପ୍ରମୁଖ ଦଳ ପାଇଁ ସମ୍ମାନର ପ୍ରଶ୍ନ ବୋଲି କୁହାଯାଉଛି।

# 'ମହିଳା କର୍ମଚାରୀଙ୍କୁ ବଦଳି ଧମକ ଦେଉଛି ଭାଜପା'

ଭୁବନେଶ୍ୱର, ୧୪।୪(ସୁନିତ୍ ମିଶ୍ର)

## ସିଇଓଙ୍କୁ ଫେରାଦ ହେଲା ବିଜେଡି

ଆଶା, ଅଙ୍ଗନୱାଡି ଏବଂ ମିଶନ ଶକ୍ତି କର୍ମଚାରୀଙ୍କୁ ଭାଜପା ଧମକ ଦେଉଛି। ଏନେଇ ରବିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ନିକଟରେ ବିଜେଡିର ଏକ ପ୍ରତିନିଧି ଦଳ ଫେରାଦ ହୋଇଛି। ପ୍ରତିନିଧି ଦଳର ସଦସ୍ୟମାନେ କହିଛନ୍ତି, ଭାଜପା ନେତା, କର୍ମୀ ଓ ପ୍ରାର୍ଥୀମାନେ ମହିଳାଙ୍କ ଚରିତ୍ର ସଂହାର କରୁଛନ୍ତି। ସରକାରୀ ଅଧିକାରୀଙ୍କୁ ବଦଳି କରିଦେବା ପାଇଁ ଧମକ ଦିଆଯାଉଛି। କେନ୍ଦ୍ରରେ ଭାଜପାର ସରକାର ଥିବାରୁ ନିର୍ବାଚନ କମିଶନଙ୍କୁ କହି ସରକାରୀ ଅଧିକାରୀମାନଙ୍କୁ ବଦଳି କରିଦେବାକୁ ଭାଜପା ନେତାମାନେ ଧମକ ଦେଉଛନ୍ତି। ନିର୍ବାଚନରେ ଭାଜପା ପାଇଁ କାମ କରିବାକୁ ବାଧ୍ୟ କରାଯାଉଛି। ସିଇଓ ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ବିଜେଡି ଦାବି କରିଛି।

# ଆଶାଠାରୁ ଅଧିକ କାରବାର

■ସିଜନ ଶେଷ ସୁଦ୍ଧା ୧୫% ବ୍ରିକି ଅଭିବୃଦ୍ଧି
■ବଜାରରେ ଶୀତତାପ ସାମଗ୍ରୀର ଚାହିଦା ବୃଦ୍ଧି



ଭୁବନେଶ୍ୱର,୧୪।୪ (ଅଭୟ ଦାଶ)

ଦିନକୁ ଦିନ ତାପମାତ୍ରାରେ ବୃଦ୍ଧି ସାଙ୍ଗକୁ ବଜାରରେ ଶୀତତାପ ସାମଗ୍ରୀ ଯଥା ଏୟାର କଣ୍ଡିଶନର (ଏସି), କୁଲର, ରେଫ୍ରିଜରେଟର ଏବଂ ଅନ୍ୟାନ୍ୟ ବର୍ଗର ଫ୍ୟାନ କାରବାର ସହିତ ଚାହିଦା ମଧ୍ୟ ବୃଦ୍ଧି ଘଟିଛି। ବିଶେଷ କରି ତାପମାତ୍ରା ବୃଦ୍ଧି ସାଙ୍ଗକୁ ପାଗ ପରିବର୍ତ୍ତନ ଯୋଗୁ ବଜାରରେ ସିଜନ କାରବାର ମଧ୍ୟ ବେଶ୍ ଉତ୍ସାହଜନକ ରହିଛି। ଉଲ୍ଲେଖଯୋଗ୍ୟ, ଘରୋଇ ବଜାର (ଭୁବନେଶ୍ୱର)ରେ ଏସି. କୁଲର, ଫ୍ୟାନର କାରବାର ଗତ କିଛି ସପ୍ତାହ ମଧ୍ୟରେ ଆଶାଠାରୁ ଅଧିକ କାରବାର କରିଛି। ଏପରିକି ଆଗକୁ ମଧ୍ୟ ଭଲ କାରବାର ହେବ ବୋଲି ଅଗ୍ରଣୀ ବୈଦ୍ୟୁତିକ ସାମଗ୍ରୀ ବିକ୍ରେତା ଯଥା ରାଜ ଇଲେକ୍ଟ୍ରୋନିକସ, ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ, ପାତ୍ର ଇଲେକ୍ଟ୍ରୋନିକ୍ସ, ଭାରତ ଇଲେକ୍ଟ୍ରୋନିକସ, ରିଲାଏନ୍ସ ଡିଜିଟାଲ ସମେତ ଏଲଜି, ଭୋଲଟାସ, ପାନାସୋନିକ, ହାୟାର ଭଳି ଅଗ୍ରଣୀ କମ୍ପାନୀ ଆଉଟଲେଟ ପକ୍ଷରୁ ମଧ୍ୟ ସୂଚନା ଦିଆଯାଇଛି। ବିଶେଷ କରି ଆର୍ଥିକ ବର୍ଷ ଶେଷ ଓ ନୂଆ ଦର ସୂଚୀ ପୂର୍ବରୁ ମଧ୍ୟ ଗ୍ରାହକ ସେମାନଙ୍କର ଆବଶ୍ୟକତା ଓ ଚାହିଦା ମୁତାବକ ଏସି ଓ କୁଲର କିଣିଥିବା ବେଳେ ବର୍ତ୍ତମାନ ମଧ୍ୟ ଗ୍ରାହକ ଏସି ଓ କୁଲର କ୍ରୟ କରୁଛନ୍ତି। ଅପରପକ୍ଷରେ ତାପମାତ୍ରା ବୃଦ୍ଧି ପାଇଥିବାରୁ ଆଗକୁ ମଧ୍ୟ କାରବାରରେ ଅଭିବୃଦ୍ଧି ସହ ବଜାରରେ ମଧ୍ୟ ସିଜନ ଶେଷ ସୁଦ୍ଧା କାରବାର ପ୍ରାୟ ୧୨%ରୁ ୧୫% ବୃଦ୍ଧି ଘଟିବ। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷର ତାପମାତ୍ରା ଅଧିକ ରହିଥିଲାବେଳେ ବଜାରରେ କମ୍ପାନୀଗୁଡ଼ିକର ନୂତନ ଉତ୍ପାଦ ଓ ଅତ୍ୟାଧୁନିକ ସାମଗ୍ରୀ ସୁବିଧାରେ ମିଳୁଥିବାବେଳେ ଗ୍ରାହକଙ୍କ ଚାହିଦା ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଇଛି। ଏପରିକି ଗତ ବର୍ଷର କାରବାରଠାରୁ ଚଳିତ ବର୍ଷ ବେଶ୍ ଉଚ୍ଚା ରହିବା ସହିତ କାରବାର ମଧ୍ୟ ଆଶାଠାରୁ ଅଧିକ ରହିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ସେହିଭଳି ୨୦୨୪ ଏପ୍ରିଲ ପ୍ରଥମ ସପ୍ତାହରୁ ତାପମାତ୍ରା ୩୫ ଡିଗ୍ରୀରୁ ଅଧିକ ରହୁଥିଲାବେଳେ ଆଗକୁ ତାପମାତ୍ରା ବଢ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହାକୁ ନଜରରେ ରଖି ଆଶାୟୀ ଗ୍ରାହକମାନେ ମଧ୍ୟ ବଜାରରୁ ଏସି ଓ କୁଲର ଭଳି ପ୍ରମୁଖ ଶୀତତାପ ଉତ୍ପାଦ ସାଙ୍ଗକୁ ଫ୍ୟାନ ଓ ରେଫ୍ରିଜରେଟର ମଧ୍ୟ କ୍ରୟ କରୁଥିବା ବୈଦ୍ୟୁତିକ ସାମଗ୍ରୀ ବ୍ରିକେତା (ବ୍ୟବସାୟ) ମାନେ ମତପ୍ରକାଶ କରିଛନ୍ତି।

# ଏଫ୍‌ଡି ସୁଧ ହାରରେ ବୃଦ୍ଧି

ଭୁବନେଶ୍ୱର,୧୪।୪

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବଜାଜ ଫିନ୍‌ସର୍ଭର ଅଗ୍ରଣୀ କମ୍ପାନୀ ବଜାଜ ଫାଇନାନ୍ସ ଲିମିଟେଡ୍ ପକ୍ଷରୁ ତା'ର ସମସ୍ତ ଅବଧିର ଫିକ୍ସଡ୍ ଡିପୋଜିଟ୍ (ଏଫ୍‌ଡି) ଉପରେ ସୁଧ ହାର ବୃଦ୍ଧି କରାଯାଇଛି, ଯାହା ୨୦୨୪ ଏପ୍ରିଲ୍ ୩ରୁ ଲାଗୁ ହୋଇଛି। ଏପରିକି ବରିଷ୍ଠ ନାଗରିକଙ୍କ ୨୫ରୁ ୩୫ ମାସିଆ ଏଫ୍‌ଡି ଉପରେ ସୁଧକୁ ୦.୬୦% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ବେଳେ ୧୮ରୁ ୨୪ ମାସିଆ ଅବଧିର ଏଫ୍‌ଡି ସୁଧ ହାରରେ ୦.୪୦% ବୃଦ୍ଧି କରାଯାଇଛି। ସେହିଭଳି ସୁଧ ହାରରେ ବୃଦ୍ଧି କରାଯାଇଥିବାରୁ ବର୍ତ୍ତମାନ ସଞ୍ଚୟକାରୀମାନେ ଅଧିକ ସଞ୍ଚୟ କରିପାରିବେ ଏବଂ ଉତ୍ତମ ରିଟର୍ନ ମଧ୍ୟ ପାଇପାରିବେ। ବିଶେଷ କରି ଡିଜିଟାଲ୍ ମାଧ୍ୟମରେ ବୁକିଂ କରି ୪୨ମାସିଆ ଅବଧି ଉପରେ ବରିଷ୍ଠ ନାଗରିକମାନେ ୮.୮୫% ପର୍ଯ୍ୟନ୍ତ ଏବଂ ଅନ୍ୟମାନେ ୮.୬୦% ପର୍ଯ୍ୟନ୍ତ ସୁଧ ପାଇପାରିବେ।

# ଅତ୍ୟାବଶ୍ୟକ ସାମଗ୍ରୀର ଦର ଆକାଶଛୁଆଁ

ଭୁବନେଶ୍ୱର,୧୪।୪



ଦିନକୁ ଦିନ ଅତ୍ୟାବଶ୍ୟକ ସାମଗ୍ରୀର ଦର ଉଚ୍ଚ ରହିବାରୁ ଉଭୟ ଖାଉଟି ଓ ବ୍ୟବସାୟୀ ଚିନ୍ତାରେ ପଡ଼ିଛନ୍ତି। ବିଶେଷକରି ଘରୋଇ ବଜାରରେ ପରିବାଠାରୁ ଆରମ୍ଭକରି ଖାଇବା ତେଲ ଦର ଆକାଶଛୁଆଁ ରହିଛି। ଫଳରେ ଖାଉଟି ଅତିରିକ୍ତ ଖର୍ଚ୍ଚାନ୍ତରେ ଆଉଟୁପାଉଟୁ ହେଉଛନ୍ତି। ଗତ ସପ୍ତାହ ମଧ୍ୟରେ ଆଳୁଠାରୁ ଆରମ୍ଭକରି ଚାଉଳ, ଖାଇବା ତେଲଠାରୁ ଆରମ୍ଭକରି ମସଲା ପର୍ଯ୍ୟନ୍ତ ସବୁଥିରେ ଦର ୧୦ରୁ ୨୦ ଟଙ୍କା ବୃଦ୍ଧି ପାଇଛି। ସେହିଭଳି ଘରୋଇ ବଜାରରେ ଖାଇବା ତେଲ, ଡାଲି, ରସୁଣ, ପିଆଜ, ଅଟା ଭଳି ପ୍ରମୁଖ ଅତ୍ୟାବଶ୍ୟକ ସାମଗ୍ରୀର ଦର ମଧ୍ୟ ଅହେତୁକ ଭାବେ ବୃଦ୍ଧି ଘଟିଛି। ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହରେ ଆଳୁ କୁଇଣ୍ଟାଲ ୨୨୦୦ରୁ ୨୫୦୦ଟଙ୍କାରେ ବିକ୍ରି ହେଉଥିଲାବେଳେ ଡାଲି ଜାତୀୟ ସାମଗ୍ରୀର ଦର ମଧ୍ୟ ୩୫୦୦ରୁ ୭୦୦୦ ଟଙ୍କା, ଖାଇବା ତେଲ ଟିଣ ପିଛା ୧୮୦୦ରୁ ୨,୦୦୦ଟଙ୍କା, ରସୁଣ କୁଇଣ୍ଟାଲ ୨୪,୦୦୦ରୁ ୨୮,୦୦୦ ଟଙ୍କା ଥିଲାବେଳେ ପିଆଜ ମଧ୍ୟ ୩,୦୦୦ରୁ ୫୦୦୦ ଟଙ୍କାରେ କାରବାର ହେଉଛି। ସେହିପରି ପନିପରିବା ଦର ପ୍ରତି ସପ୍ତାହରେ ପରିବର୍ତ୍ତନ ହେଉଥିଲାବେଳେ ଚାଉଳ, ଗ୍ୟାସ ଭଳି ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଦର ମଧ୍ୟ ଆକାଶଛୁଆଁ ରହିଛି।

# ବଢ଼ିପାରେ ଅଶୋଧିତ ତୈଳ ଦର

ଭୁବନେଶ୍ୱର,୧୪।୪(ଅନୁରାଧା ମହାରଣା)

ପଶ୍ଚିମ ଏସିଆରେ ଭୌଗୋଳିକ ତିକ୍ତତା ବଢ଼ିବାରେ ଲାଗିଛି। ପ୍ରଥମ ଥର ପାଇଁ ଇରାନ ଏବଂ ଇସ୍ରାଏଲ ମୁହାଁମୁହିଁ ହୋଇଛନ୍ତି। ଏହି ତିକ୍ତତାର ପ୍ରଭାବ ସମଗ୍ର ବିଶ୍ୱରେ ଦେଖିବାକୁ ମିଳିପାରେ। ଭାରତରେ ମଧ୍ୟ ଏହି ସଙ୍କଟ ଲୋକଙ୍କ ପକେଟ ଉପରେ ପଡିପାରେ। ଶୁକ୍ରବାର ବ୍ରେଣ୍ଟ କ୍ରୁଡ୍ ୭୧ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପ୍ରତି ୯୦.୪୫ ଡଲାରରେ ପହଞ୍ଚିଛି। ଏଥିସହିତ ଆମେରିକୀୟ ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ ଅଶୋଧିତ ତୈଳ ମୂଲ୍ୟ ୬୪ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପ୍ରତି ୮୫.୬୬ ଡଲାରରେ ପହଞ୍ଚିଛି। ଅଶୋଧିତ ତୈଳର ମୂଲ୍ୟ ଡଲାର ପ୍ରତି ୧୦୦ ଟଙ୍କା ଅତିକ୍ରମ କରିପାରେ ବୋଲି ଆଶଙ୍କା କରାଯାଉଛି। ଗତ ସପ୍ତାହର ସ୍ଥିତି ଅନୁସାରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟର ୦.୮୦ ପ୍ରତିଶତ ହ୍ରାସ ହୋଇଥିବାବେଳେ ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟର ମୂଲ୍ୟ ୧ ପ୍ରତିଶତରୁ ଅଧିକ ହ୍ରାସ ପାଇଥିଲା। ମାତ୍ର ଆକ୍ରମଣର ଭୟ ଯୋଗୁ ସପ୍ତାହ ଶେଷରେ ମୂଲ୍ୟ ବଢ଼ିବାରେ ଲାଗିଛି। ସୂଚନାଥାଉ କି, ଶନିବାର ବିଳମ୍ବିତ ରାତିରେ ଇରାନ ୨୦୦ରୁ ଅଧିକ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା। ଯଦି ଇରାନ ଏବଂ ଇସ୍ରାଏଲ ମଧ୍ୟରେ ବୃଦ୍ଧି ପାଉଥିବା ତିକ୍ତତା ନ କମେ ଅଶୋଧିତ ତୈଳ ମୂଲ୍ୟ ଉପରେ ସିଧାସଳଖ ଏହାର ପ୍ରଭାବ ପଡ଼ିବ। ଯୁଦ୍ଧ ଆରମ୍ଭ ହେଲେ ଅଶୋଧିତ ତୈଳ ପ୍ରତି ବିଲିୟନ ଡଲାର ପିଛା ୧୦୦ ଡଲାର ସ୍ତରକୁ ଅତିକ୍ରମ କରିପାରେ। ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ହେତୁ ଭାରତ ଅଧିକ କ୍ଷତି ସହିପାରେ, କାରଣ ଭାରତ ଏହାର ୯୦% ଅଶୋଧିତ ତୈଳ ଅନ୍ୟ ଦେଶରୁ କ୍ରୟ କରିଥାଏ। ଯଦି ଅଶୋଧିତ ତୈଳ ମୂଲ୍ୟ ୧୦୦ ଡଲାର ଅତିକ୍ରମ କରେ ତେବେ ଭାରତର ସାଧାରଣ ଲୋକ ମଧ୍ୟ କ୍ଷତି ସହିପାରନ୍ତି। ଯଦି ଅଶୋଧିତ ତୈଳ ବୃଦ୍ଧି ସହ ଭାରତରେ ଡିଜେଲ ଏବଂ ପେଟ୍ରୋଲର ମୂଲ୍ୟ ବୃଦ୍ଧି ହୋଇପାରେ।

# ଆଇଏମ୍ଏମ୍‌ଟିରେ ବାବାସାହେବ ଆମ୍ବେଡ଼କର ଜୟନ୍ତୀ

ଭୁବନେଶ୍ୱର,୧୪।୪



ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଏମ୍ଏମ୍‌ଟି) ଭୁବନେଶ୍ୱର ପକ୍ଷରୁ ସମ୍ବିଧାନ ପ୍ରଣେତା ଡ. ବି.ଆର୍.ଆମ୍ବେଡକରଙ୍କ ୧୩୩ ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଇଏମ୍ଏମ୍‌ଟି (ସିଏସ୍ଆଇଆର-ଆଇଏମ୍ଏମ୍‌ଟି) ଭୁବନେଶ୍ୱରର ଏସ୍.ଏସ୍.ଭଟ୍ଟନାଗର ହଲରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଡ.ବି.ଆର୍ ଆମ୍ବେଡକର ଜୟନ୍ତୀ ଉତ୍ସବ କମିଟିର ଉପାଧ୍ୟକ୍ଷ ଡ. ଏନ୍.କେ. ଧଳ ଅତିଥି ପରିଚୟ କରାଇ ଥିଲାବେଳେ ସି ଏସ୍ ଆ ଇ ଆ ର୍ - ଆ ଇ ଏ ମ୍ ଏ ମ ଟି ଭୁବନେଶ୍ୱରର ନିର୍ଦ୍ଦେଶକ ଡ.ରାମାନୁଜ ନାରାୟଣ ସ୍ୱାଗତ ଅଭିଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଓଇଆର୍‌ସିର ପୂର୍ବତନ ଅଧ୍ୟକ୍ଷ ଉପେନ୍ଦ୍ର ନାଥ ବେହେରା ଆଇଏଏସ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଭାକୁ ସମ୍ବୋଧିତ କରି ଡ. ବି.ଆର୍.ଆମ୍ବେଡ଼କରଙ୍କ ଜୀବନ ଓ ସଫଳତା ଉପରେ ବିସ୍ତୃତ ମତ ଉପସ୍ଥାପନ କରିଥିଲେ। ବିଶିଷ୍ଟ ସାମାଜିକକର୍ମୀ ତଥା ଜାତିସଂଘର ଆନ୍ତର୍ଜାତିକ ମାନବାଧିକାର ସଦସ୍ୟ ଡ. ଦିଲୀପ କୁମାର ବେହେରା କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲାବେଳେ ସେ ଡ. ବି ଆର୍ ଆମ୍ବେଡକରଙ୍କ ଜୀବନ ଇତିହାସ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିବା ସହ ସମାଜର ଦୁର୍ବଳ ଶ୍ରେଣୀର ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହାବ୍ୟତୀତ ଆରଆରଏଲ ପ୍ରୋଜେକ୍ଟ ୟୁପି ସ୍କୁଲର ଶ୍ରେଷ୍ଠ ପ୍ରଦର୍ଶନକାରୀ ଓ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ଡ.ବେହେରା ପୁରସ୍କାର ପ୍ରଦାନ କରିଥିଲେ।

# ଗ୍ରାମୀଣ ବିକାଶରେ କେଭିଆଇସିର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୪।୪

ଦେଶର ବିକାଶ ଓ ଅର୍ଥନୀତିର ଅଭିବୃଦ୍ଧି ଗ୍ରାମଣୀ ବିକାଶ ଉପରେ ନିର୍ଭର କରୁଥିବାବେଳେ ସରକାର ଗ୍ରାମାଣୀ ବିକାଶ ପାଇଁ ବିଭିନ୍ନ ପ୍ରକାରର ସହଯୋଗ ଓ ସହୟତା ଯୋଗାଇ ଦେଉଛନ୍ତି। ବିଶେଷ କରି ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି)ର ଭୂମିକା ଗ୍ରାମୀଣ ବିକାଶ କ୍ଷେତ୍ରରେ ଅନେକ ଗୁରୁତ୍ୱ ବହନ କରୁଛି ବୋଲି ନିକଟରେ ଭୁବନେଶ୍ୱରଠାରେ ଆୟୋଜିତ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇ କେଭିଆଇସିର ଅଧ୍ୟକ୍ଷ ମନୋଜ କୁମାର ଏଭଳି କିଛି ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ସେ ହନି ମିଶନ ଓ ଗ୍ରାମୋଦ୍ୟୋଗ ବିକାଶ ଯୋଜନା ଅଧିନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଘୋଷଣା କରିଛନ୍ତି। ଏହି ଅବସରରେ ସେ କାରିଗରମାନଙ୍କୁ ଯନ୍ତ୍ରପାତି ଓ ଟୁଲ୍‌କିଟ ସହାୟତା ପ୍ରଦାନ କରି ସେମାନଙ୍କର ଦକ୍ଷତାକୁ ସୁଦୃଢ଼ କରିବା ଓ ପାରମ୍ପରିକ ଶିଳ୍ପଗୁଡ଼ିକର ବିକାଶ ପାଇଁ ଏକ ଲକ୍ଷ୍ୟ ସହିତ ବି-ବକ୍ସ, ଇଲେକ୍ଟ୍ରିକ ପୋଟର୍ସ ହ୍ୱିଲ୍, ପେପର୍ ମେଶିନ ଓ ସବାଇ ଗ୍ରାସ୍ ବ୍ୟାନ୍ ନିର୍ମାଣକାରୀ ଟୁଲ୍ ବିତରଣ କରିଥିଲେ। ସେହିଭଳି ସ୍ୱଦେଶୀ ଶିଳ୍ପଗୁଡ଼ିକୁ ସହଯୋଗ କରିବାର ମହତ୍ୱ ଉପରେ ମନୋଜ କୁମାର ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଓଡିଶାର ସମ୍ବଲପୁରୀ ଇକ୍କତ, ବୋମ୍‌କାଇ ସିଲ୍କ, ବ୍ରହ୍ମପୁରୀ ପାଟ ଓ ନବପାଟଣା ଟସର ସିଲ୍କ ଶାଢୀ ପାଇଁ ବିଶ୍ୱପ୍ରସିଦ୍ଧ ଲାଭ କରିଥିଲାବେଳେ ପ୍ରତ୍ୟେକ ଶାଢୀ ସାଂସ୍କୃତିକ ଐତିହ୍ୟରେ ସମୃଦ୍ଧ ସ୍ୱତନ୍ତ୍ର ବୁଣା ପଦ୍ଧତି, ସୂକ୍ଷ୍ମ ଡିଜାଇନ ଓ ଜୀବନ୍ତ ରଙ୍ଗଗୁଡ଼ିକର ପ୍ରତିନିଧିତ୍ୱ କରୁଛି। ଏହି କ୍ଷେତ୍ରରେ ରହିଥିବା ଅନେକ ସୁଯୋଗଗୁଡ଼ିକୁ ଦୃଷ୍ଟିରେ ରଖି କେଭିଆଇସି ଆମର କାରିଗରମାନଙ୍କର ଲାଭ ପାଇଁ ଆଞ୍ଚଳିକ ସୁଯୋଗଗୁଡ଼ିକୁ ଉପଯୋଗ କରିବା ପାଇଁ ପ୍ରସ୍ତୁତ ରହିଛି। ଗ୍ରାମୋଦ୍ୟୋଗ ବିକାଶ ଯୋଜନା ଅଧିନରେ କାରିଗରମାନଙ୍କୁ ବିଭିନ୍ନ କ୍ଷେତ୍ର ଯେପରିକି ବି-କିପିଙ୍ଗ ବା ମହୁମାଛି ଚାଷ,ପୋଟେରି ବା କୁମ୍ଭାର କାର୍ଯ୍ୟ, ଧୂପ ତିଆରି କାର୍ଯ୍ୟ ଆଦିରେ ତାଲିମ ଓ ଉପକରଣ ସହ ସୁସଜ୍ଜିତ କରାଯାଉଛି।

**ନୀତି ରାଜନୀତି**

# ଓଡ଼ିଶାର ଇଣ୍ଡିଆ ମେଣ୍ଟରେ ବଢ଼ିଲା ଫାଟ

■ଅଜୟ୍ କୁମାର, ଶରତ ପଟ୍ଟନାୟକ ଫୋନ୍ ଉଠାଉ ନାହାନ୍ତି: ରବି ବେହେରା
■ ରାଜ୍ୟରେ କେତେ ପ୍ରାର୍ଥୀ ଦିଆଯିବ ସେକଥା ଆଜି ସ୍ଥିର ହେବ: ଜନାର୍ଦ୍ଦନ
■ମୟୂରଭଞ୍ଜ ଆସନ ଜେଏମ୍ଏମ୍ ପାଇଁ ଘୋଷଣା କରିପାରେ କଂଗ୍ରେସ

ଭୁବନେଶ୍ୱର, ୧୪।୪(ସୁନିତ୍ ମିଶ୍ର)

ଓଡ଼ିଶାରେ ଶାସକ ବିଜେଡି ଏବଂ ଭାଜପା ବିରୋଧରେ ଲଢୁଥିବା କଂଗ୍ରେସ ସମେତ ୧୭ ଦଳକୁ ନେଇ ଗଠିତ ଇଣ୍ଡିଆ ମେଣ୍ଟରେ ଏକପ୍ରକାର ଫାଟ ସୃଷ୍ଟି ହୋଇଛି। ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ରବି ବେହେରା ସିଧାସଳଖ କଂଗ୍ରେସ ବିରୋଧରେ ମତ ରଖିଛନ୍ତି। ବାରମ୍ବାର ମେଣ୍ଟ ଆଲୋଚନା ସତ୍ତ୍ୱେ କଂଗ୍ରେସ ଯେତିକି ଆସନ ଛାଡ଼ିବା କଥା ସେତିକି ମେଣ୍ଟକୁ ଛାଡ଼ି ନ ଥିବା ରବି ଅଭିଯୋଗ କରିବା ସହ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଏବଂ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ତାଙ୍କ ଟେଲିଫୋନ ଉଠାଉ ନ ଥିବା କହିଛନ୍ତି। ଅନ୍ୟପଟେ ସିପିଆଇ(ଏମ୍)ର ବରିଷ୍ଠ ନେତା ଜନାର୍ଦ୍ଦନ ପତି ମଧ୍ୟ କଂଗ୍ରେସ ଆଭିମୁଖ୍ୟକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସ ୟୁନାଇଟେଡ୍ ଫ୍ରଣ୍ଟର ନିୟମକୁ ଠିକ୍ ଭାବେ ପାଳନ କଲାନାହିଁ। ବିଜେଡି-ଭାଜପା ମଧ୍ୟରେ ଯେଉଁ ସମ୍ପର୍କ ରହିଛି ସେକଥା ରାଜ୍ୟବାସୀ ବୁଝିସାରିଛନ୍ତି। ହେଲେ କଂଗ୍ରେସ ସବୁ ଦଳକୁ ନେଇ ଯେଉଁ କାର୍ଯ୍ୟକ୍ରମ ଏହା ବିରୋଧରେ କରିବା କଥା, ତାହା କଲା ନାହିଁ। ସିପିଆଇ(ଏମ୍)ର ସମ୍ପାଦକ ମଣ୍ଡଳୀ ବୈଠକ ସୋମବାର ଅନୁଷ୍ଠିତ ହେବ। ସେଥିରେ ଦଳ ରାଜ୍ୟରେ କେତୋଟି ଆସନରେ ପ୍ରାର୍ଥୀ ଦେବ ତାହା ଚୂଡ଼ାନ୍ତ ହେବ। ବଣାଇ ବିଧାନସଭା ଆସନ ଯାହା ସିପିଆଇ(ଏମ୍)କୁ କଂଗ୍ରେସ ଛାଡ଼ିବା କଥା ଘୋଷଣା କରିଛି, ତାହା କିଛି ବଡ଼ କଥା ନୁହେଁ। କାରଣ ଏହି ଆସନ ସିପିଆଇ(ଏମ୍) ହାତରେ ଥିଲା ବୋଲି ଜନାର୍ଦ୍ଦନ କହିଛନ୍ତି।

ସମାଜବାଦୀ ପାର୍ଟିର କାର୍ଯ୍ୟକାରିଣୀ ବୈଠକରେ ଦଳ ୨ଟି ଲୋକ ସଭା ଏବଂ ୨୩ଟି ବିଧାନସଭା ଆସରେ ନିର୍ବାଚନ ଲଢ଼ିବ ବୋଲି ଘୋଷଣା କରିଛି। ଏହି ଅବସରରେ ରବି ବେହେରା କହିଛନ୍ତି, ଓଡିଶାରେ 'ଇଣ୍ଡିଆ ମେଣ୍ଟ'କୁ ଆଗକୁ ନେବାରେ କଂଗ୍ରେସ ନେତୃତ୍ୱର ଅହଙ୍କାର ଓ ଅବହେଳା ନିନ୍ଦନୀୟ। କଂଗ୍ରେସ ନେତୃତ୍ୱରେ ଇଣ୍ଡିଆ ମେଣ୍ଟ ୧୭ ବାମ ଗଣତାନ୍ତ୍ରିକ ଦଳ ସହିତ ଆଲୋଚନା କରି ପ୍ରାର୍ଥୀ ଦେଇଥିଲେ ଫାଶିବାଦୀ ବିରୋଧରେ ଲଢ଼େଇ ଆହୁରି ଶକ୍ତିଶାଳୀ ହୋଇଥାଆନ୍ତା ବୋଲି ସେ କହିଛନ୍ତି। ଅନ୍ୟପଟେ ସିପିଏମ୍ ଭୁବନେଶ୍ୱର ଲୋକ ସଭା ଆସନ ଚାହୁଁଥିବା ବେଳେ ସିପିଆଇ ସୁନ୍ଦରଗଡ଼ ଏବଂ ଜଗତସିଂହପୁର ଲୋକ ସଭା ଆସନରେ ପ୍ରାର୍ଥୀ ଦେବାକୁ ମେଣ୍ଟ ବୈଠକରେ ପ୍ରସ୍ତାବ ଦେଇଥିଲା। ହେଲେ ଦଳ ସେକଥା ଉପରେ ମଧ୍ୟ ନଜର ଦେଇନାହିଁ।

ସୂଚନାଯୋଗ୍ୟ ଯେ, ଦୁଇଟି ପର୍ଯ୍ୟାୟରେ କଂଗ୍ରେସ ରାଜ୍ୟରେ ୧୭ଟି ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛି। ହେଲେ ଏହି ୧୭ ଆସନ ମଧ୍ୟରୁ କୌଣସି ଗୋଟିଏ ଆସନ କଂଗ୍ରେସ ପକ୍ଷରୁ ଇଣ୍ଡିଆ ମେଣ୍ଟ ପାଇଁ ଛଡ଼ାଯାଇ ନାହିଁ। ମୟୂରଭଞ୍ଜ, ଆସିକା, ସମ୍ବଲପୁର ଏବଂ କଟକ ଲୋକ ସଭା ଆସନରେ ଦଳ ଏଯାଏ ପ୍ରାର୍ଥୀ ଘୋଷଣା କରିନାହିଁ। ହେଲେ କଂଗ୍ରେସ ମୟୂରଭଞ୍ଜ ଆସନକୁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ) ପାଇଁ ଛାଡ଼ିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଜେଏମ୍ଏମ ଏହି ଆସନରେ ଶିବୁ ସୋରେନଙ୍କ ଝିଅ ଅଞ୍ଜନୀ ସୋରେନଙ୍କୁ ପ୍ରାର୍ଥୀ କରିସାରିଲାଣି। ଅନ୍ୟପଟେ ବାକି ୩ ଲୋକ ସଭା ଆସନ ସମ୍ବଲପୁର, କଟକ ଏବଂ ଆସିକା ପାଇଁ ଦଳ ପରବର୍ତ୍ତୀ କେନ୍ଦ୍ରୀୟ ନିର୍ବାଚନ କମିଟି(ସିଇସି) ବୈଠକ ପରେ ଘୋଷଣା କରିବ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ହେଲେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ସମ୍ବଲପୁର ଏବଂ କଟକ ଆସନ ପାଇଁ ଦଳ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଚୟନ କରିପାରୁ ନାହିଁ। ଏଥିଲାଗି ଏହି ଦୁଇ ଆସନରେ ପ୍ରାର୍ଥୀ ଘୋଷଣା ବିଳମ୍ବ ହେଉଛି। ପ୍ରାର୍ଥୀ ଘୋଷଣାରେ ଯେତିକି ବିଳମ୍ବ ହେବ ପ୍ରଚାର କାର୍ଯ୍ୟ ସେତେ ପ୍ରଭାବିତ ହେବ। ଏହାକୁ ନେଇ ଦଳ ଉପରେ ବହୁ ନେତା ଅସନ୍ତୋଷ ବ୍ୟକ୍ତ କରିବା ଆରମ୍ଭ କରିଦେଲେଣି।

# ପ୍ରାର୍ଥୀ ଘୋଷଣା ନେଇ ଭାଜପାକୁ ଛିଗୁଲେଇଲା ବିଜେଡି

ଭୁବନେଶ୍ୱର, ୧୪।୪(ସୁନିତ୍ ମିଶ୍ର)

**ନାମାଙ୍କନ ଆଗରୁ ଘୋଷଣା କରିବେ ବୋଲି ଆଶା:ଇପ୍ସିତା**

ବିଜେଡି ରାଜ୍ୟର ୧୧୭ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ଭାଜପା ୧୧୨ ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରିସାରିଛି। ତେବେ ଏଭଳି ସ୍ଥିତିରେ ଗତ ୧୦ ତାରିଖ ପରଠାରୁ ଭାଜପା ପରବର୍ତ୍ତୀ ପ୍ରାର୍ଥୀ ତାଲିକା ପ୍ରକାଶ ନ କରିବା ନେଇ ବିଜେଡି ବିରୋଧୀ ନେତାଙ୍କୁ ଇଙ୍ଗିତ କରିବା ଆରମ୍ଭ କରିଦେଇଛି। ବିଜେଡି ପ୍ୟାନେଲିଷ୍ଟ ଇପ୍ସିତା ସାହୁ ତାଙ୍କ 'ଏକ୍ସ' ଆକାଉଣ୍ଟରେ ପୋଷ୍ଟ କରି କହିଛନ୍ତି ଯେ, ଓଡ଼ିଶା ଭାଜପାର ବରିଷ୍ଠ ନେତାଙ୍କ ପ୍ରାର୍ଥୀ ଖୋଜା ଚାଲିଛି ଯେ ଚାଲିଛି। ଏହା ସରିବାର ନାଁ ନେଉନାହିଁ। ଗତ ୧୦ ତାରିଖରୁ ବାରମ୍ବାର କରି ସେମାନଙ୍କ ଦଳର ନେତାମାନେ କହୁଛନ୍ତି ଆଜି ପ୍ରାର୍ଥୀ ତାଲିକା ଆସିଯିବ ନ ହେଲେ ଦୁଇରୁ ୩ ଦିନ ମଧ୍ୟରେ ଆସିଯିବ। ହେଲେ ତାଲିକା କିନ୍ତୁ ଆସୁନାହିଁ। ଲାଗୁଛି ଓଡ଼ିଶା ଭାଜପାର ପ୍ରାର୍ଥୀ ଖୋଜା ଅଭିଯାନ ସରିନି। ଯାହାକୁ ଯେଉଁଠାରୁ ପାରିଲେ ଦଳରେ ସିନା ମିଶାଇଦେଲେ, ହେଲେ ସେମାନେ ଯେଉଁମାନେ ଆସୁଛନ୍ତି ସେମାନେ ପ୍ରାର୍ଥୀ ହେବାକୁ ରାଜି ନାହାନ୍ତି। ରାଜ୍ୟ ଭାଜପାର ସ୍ଥିତି ଦେଖି ପରାଜୟ ଭୟରେ ବିଜେଡି ପ୍ରାର୍ଥୀଙ୍କୁ ସାମ୍ନା କରିବାକୁ ଅସମର୍ଥ ଥିବା ଦଳୀୟ ନେତୃତ୍ୱଙ୍କୁ ଜଣାଇ ସାରିଲେଣି। ନାମାଙ୍କନ ଦାଖଲ ଆଗରୁ କମ୍‌ସେ କମ୍ ଓଡ଼ିଶା ଭାଜପା ନିଜର ପ୍ରାର୍ଥୀ ତାଲିକା ଘୋଷଣା କରିଦେବ ବୋଲି ବିଜେଡି ଆଶା କରୁଥିବା ଇପ୍ସିତା କହିଛନ୍ତି।

# ରାଜ୍ୟ ସରକାରଙ୍କୁ ଧର୍ମେନ୍ଦ୍ରଙ୍କ ଟାର୍ଗେଟ

ଭୁବନେଶ୍ୱର, ୧୪।୪
(ସୁନିତ୍ ମିଶ୍ର)

**ଖଣିଜ ପାଣ୍ଠିରେ '୬୪୦୫ କୋଟିରୁ ମାତ୍ର ୮୬୦ କୋଟି ବ୍ୟୟ କରିଛନ୍ତି ସରକାର'**

ସୁନ୍ଦରଗଡ଼ ଜିଲାରେ ପ୍ରଶାସନ ନ ଶୁଣିବାରୁ ଗ୍ରାମବାସୀ ନିଜେ ରାସ୍ତା ନିର୍ମାଣ କରିବା ଏବଂ କେନ୍ଦ୍ରାପଡ଼ାରେ ପାଣି ନାହିଁ ତ ଭୋଟ ନାହିଁ ବୋଲି ଲୋକମାନେ ସ୍ୱର ଉଠାଇବା ଆରମ୍ଭ କରିଥିବା ଘଟଣାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଧର୍ମେନ୍ଦ୍ର ଏହି ପ୍ରସଙ୍ଗ ନେଇ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ, ଜନଜାତି ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ବିକାଶ ପାଇଁ ମୋଦି ସରକାର ଜିଲା ଖଣିଜ ପାଣ୍ଠି (ଡିଏମ୍ଏଫ୍)ର ବ୍ୟବସ୍ଥା କରିଛନ୍ତି। ଖଣିସମୃଦ୍ଧ ଅଞ୍ଚଳ ସୁନ୍ଦରଗଡ଼କୁ ଡିଏମ୍ଏଫ୍‌ରେ ମୋଟ ୬,୪୦୫ କୋଟି ଟଙ୍କା ଆସିଥିବା ବେଳେ ମାତ୍ର ୮୬୦ କୋଟି ବ୍ୟୟ ହୋଇଛି। ଜିଲା ଖଣିଜ ପାଣ୍ଠି ଅର୍ଥରେ ସରକାରୀ ଅଧିକାରୀ ବ୍ୟୟବହୁଳ ଗାଡ଼ି କିଣୁଛନ୍ତି। ସୁନ୍ଦରଗଡ଼ ସର୍କିଟ ହାଉସର ପାଚେରି ନିର୍ମାଣ ହେଉଥିବା ବେଳେ ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ବଡ଼ପୁରୁଣାପାଣି ପଞ୍ଚାୟତ କପଣ୍ଡ ଗ୍ରାମରେ ରାସ୍ତା ନିର୍ମାଣହୋଇପାରୁନାହିଁ। ଗ୍ରାମବାସୀଙ୍କୁ ନିଜେ ରାସ୍ତା ନିର୍ମାଣ କରିବାକୁ ପଡୁଛି, ଯାହା କ୍ଷୋଭ ଓ ପରିତାପର ବିଷୟ। ସରକାର ତଥା ଜିଲା ପ୍ରଶାସନ ନିଜ ଦାୟିତ୍ୱରୁ ଓହରିଯିବା କେତେଦୂର ଯୁକ୍ତିଯୁକ୍ତ ଉତ୍ତର ରଖନ୍ତୁ। ଯେଉଁ ଖଣି ଅଞ୍ଚଳର ଅଧିବାସୀମାନଙ୍କ ପାଇଁ ଡିଏମ୍ଏଫ୍ ପାଣ୍ଠି ଉଦ୍ଦିଷ୍ଟ, ସେମାନେ ବର୍ତ୍ତମାନ ସର୍ବନିମ୍ନ ନାଗରିକ ସୁବିଧା ପାଇବାରୁ ବଞ୍ଚିତ ହେବା କ'ଣ ସ୍ଥାନୀୟ ସରକାରର ଦୀର୍ଘ ୨୫ ବର୍ଷ ଶାସନର ରୂପାନ୍ତରଣ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ଓଡ଼ିଶାର ଗ୍ରାମାଞ୍ଚଳରେ ମୋଟ ୮୮.୭୬ ଲକ୍ଷ ପରିବାର ମଧ୍ୟରୁ ପ୍ରାୟ ୨୩.୮୯ ଲକ୍ଷ ପରିବାର ଟ୍ୟାପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ଅଛନ୍ତି। ପ୍ରାୟ ୫୬.୧୨% ଗ୍ରାମବାସୀ ଏବେ ମଧ୍ୟ ଦୂଷିତ ପାଣି ବ୍ୟବହାର କରୁଛନ୍ତି। ରାଜ୍ୟରେ ଅତି କମ୍‌ରେ ୧୫ ଜିଲାର ୪୦%ରୁ ଅଧିକ ପରିବାର ପାଇଁ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ ହୋଇନାହିଁ। ସହରାଞ୍ଚଳରେ ମଧ୍ୟ ୩୧.୨% ପରିବାର ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ଅଛନ୍ତି । କେନ୍ଦ୍ରାପଡ଼ାର ମହାକାଳପଡା ଅଞ୍ଚଳରେ 'ପାଣି ନ ଦେଲେ ଭୋଟ୍ ଦେବୁ ନାହିଁ' ବୋଲି ମାତୃଶକ୍ତିମାନେ ସ୍ୱର ଉଠାଇଛନ୍ତି। ଏହି ସବୁ କ'ଣ ଲମ୍ବା ୨୫ ବର୍ଷ ଶାସନର ରୂପାନ୍ତରଣ ବୋଲି ଧର୍ମେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

# ଭାଜପା ପାର୍ଟି କାର୍ଯ୍ୟାଳୟରେ ହୋହଲ୍ଲା

ବାଲେଶ୍ୱର,୧୪।୪(ମାନସ ବିଶ୍ୱାଳ)

**ବିଧାୟକ ପ୍ରାର୍ଥୀ ପରିବର୍ତ୍ତନ ନ ହେଲେ ଏମ୍‌ପି ପ୍ରାର୍ଥୀଙ୍କୁ ଜଳେଶ୍ୱରରେ ପୂରାଇ ନ ଦେବାକୁ ଚେତାବନୀ**



ଜିଲା ଭାଜପା ସଭାପତିଙ୍କୁ ଅଙ୍ଗୁଳି ଦେଖାଇ ଚେତାବନୀ ଦେଉଛନ୍ତି କର୍ମୀ।

ବାଲେଶ୍ୱର ଜିଲା ଜଳେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ଘୋଷଣା କରାଯାଇଥିବା ପ୍ରାର୍ଥୀଙ୍କୁ ବିରୋଧ କରାଯାଇଛି। ଏନେଇ ବାଲେଶ୍ୱର ସହର ସହଦେବଖୁଣ୍ଟାସ୍ଥିତ ଏକ ଘରୋଇ କଲ୍ୟାଣ ମଣ୍ଡପରେ ଭାଜପା ପକ୍ଷରୁ ଖୋଲାଯାଇଥିବା ଅସ୍ଥାୟୀ ନିର୍ବାଚନ କାର୍ଯ୍ୟାଳୟରେ ପହଞ୍ଚି କର୍ମୀମାନେ ହୋହଲ୍ଲା କରିଛନ୍ତି। ପ୍ରାର୍ଥୀ ପରିବର୍ତ୍ତନ ନ ହେଲେ ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଜଳେଶ୍ୱର ନିର୍ବାଚନମଣ୍ଡଳୀରେ ପୂରାଇ ଦିଆଯିବ ନାହିଁ ବୋଲି ଅସନ୍ତୁଷ୍ଟ ଭାଜପା କର୍ମୀମାନେ ଚେତାବନୀ ଦେଇଛନ୍ତି। ସୂଚନା ଅନୁଯାୟୀ, ରବିବାର ଜଳେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀର ପୁରୁଖା ଭାଜପା କର୍ମୀମାନେ ସହଦେବଖୁଣ୍ଟାସ୍ଥିତ ଅସ୍ଥାୟୀ କାର୍ଯ୍ୟାଳୟଠାରେ ପହଞ୍ଚି ପ୍ରାର୍ଥୀ ଘୋଷଣା ହୋଇଥିବା ବ୍ରଜମୋହନ ପ୍ରଧାନଙ୍କ ବଦଳରେ ରଘୁନାଥ ମହାନ୍ତିଙ୍କୁ ପ୍ରାର୍ଥୀ କରିବା ପାଇଁ ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କଠାରେ ଦାବି କରିଥିଲେ। ଏହାକୁ ନେଇ ଦୀର୍ଘ ସମୟ କଥା କଟାକଟି ହେବା ସହ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। କର୍ମୀ ଦୀର୍ଘ ୨/୩ ଘଣ୍ଟା ଉକ୍ତ କାର୍ଯ୍ୟାଳୟକୁ ଘେରାଉ କରି ରଖିଥିବା ଦେଖିବାକୁ ମିଳିଥିଲା।

ଅଭିଯୋଗ ଅନୁଯାୟୀ, ବ୍ରଜ ବିଜେଡି ଛାଡ଼ି ଭାଜପାରେ ମିଶିଥିବା କାରଣରୁ ସ୍ଥାନୀୟ ଭାଜପା କର୍ମୀମାନେ ସହଜରେ ଗ୍ରହଣ କରି ନ ପାରି ତାଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରିଆସୁଛନ୍ତି। ଉକ୍ତ ବିଧାନସଭା କ୍ଷେତ୍ରରେ ପ୍ରାର୍ଥୀ ପରିବର୍ତ୍ତନ ପାଇଁ କର୍ମୀମାନେ ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଅସନ୍ତୁଷ୍ଟ ଭାଜପା କର୍ମୀ ଚାରୁଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଅଞ୍ଚଳର ୪୦ରୁ ୫୦ ନେତା ଓ କର୍ମୀ ରବିବାର ଏକଜୁଟ୍ ହୋଇ ଉକ୍ତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପ୍ରାର୍ଥୀ ପରିବର୍ତ୍ତନ ପାଇଁ ଦାବି କରିଥିଲେ। ଯଦି ପ୍ରାର୍ଥୀ ପରିବର୍ତ୍ତନ କରା ନ ଯାଏ ତେବେ ଜଳେଶ୍ୱର ବିଧାନସଭା କ୍ଷେତ୍ର ଅଞ୍ଚଳରେ ଭାଜପା ଏମ୍‌ପି ପ୍ରାର୍ଥୀ ଷଡ଼ଙ୍ଗୀ ଓ ଜିଲା ଭାଜପା ସଭାପତି ଉମାକାନ୍ତ ମହାପାତ୍ରଙ୍କୁ ପୂରାଇ ଦିଆଯିବ ନାହିଁ ବୋଲି ଅସନ୍ତୁଷ୍ଟ ନେତାମାନେ ଚେତାବନୀ ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ରୋମି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଜିଠୁ ରସୁଲଗଡ଼ ପ୍ରିମିୟର ଲିଗ୍



ଟ୍ରଫି ସହ ୪ ଦଳର ଅଧିନାୟକ।

**ଭୁବନେଶ୍ୱର, ୧୪।୪ (ତପନ ସ୍ୱାଇଁ)**

ରସୁଲଗଡ଼ ପ୍ରିମିୟର ଲିଗ୍‌ର ଚତୁର୍ଥ ସଂସ୍କରଣ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି। ରସୁଲଗଡ଼ ୟୁଥ କ୍ଲବ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ଗୋଟିଏ ଲେଖାଏ ମ୍ୟାଚ ଅପରାହ୍ନ ୪ଟାରୁ ଆରମ୍ଭ ହେବ। ମ୍ୟାଚଗୁଡିକ ଜିଜିପି ପଡ଼ିଆରେ ଖେଳାଯିବ। ପ୍ରତିଯୋଗିତାରେ ମୋଟ ୪ଟି ଦଳ ଅଂଶଗ୍ରହଣ କରୁଛନ୍ତି। ବିଭିନ୍ନ ଦଳ ଓ ଏହାର ଅଧିନାୟକଙ୍କ ନାମ ହେଲା, ମା' ଦୁର୍ଗା ଏକାଦଶ- ପାର୍ଥ ରାଉତରାୟ, କୋଚିଲେଇ ଏକାଦଶ- ଦେବାଶିଷ ଜେନା, ବ୍ରହ୍ମେଶ୍ୱର ଏକାଦଶ- ତୋଫାନ ରାଉତ ଓ ଗୋପୀନାଥ ଦେବ ଏକାଦଶ- କାଳନ୍ଦୀ ରାଉତ। ୪ ଅଧିନାୟକଙ୍କ ଉପସ୍ଥିତିରେ ରବିବାର ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରସୁଲଗଡ଼ ୟୁଥ କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପ୍ରଥମ ସ୍ଥାନକୁ ଫେରିଲେ ଗୁକେଶ

## କ୍ୟାଣ୍ଡିଡେଟ୍ସ ଚେସ୍

**ଟରଣ୍ଟୋ,୧୪।୪(ପି.ଟି.)**

ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟରେ ଅଷ୍ଟମ ରାଉଣ୍ଡ ସୁଦ୍ଧା ଯୁଗ୍ମ ପ୍ରଥମ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରବିବାର ଅନ୍ୟତମ ଭାରତୀୟ ଗ୍ରାଣ୍ଡମାଷ୍ଟର ଭିଦିତ ଗୁଜରାଠୀଙ୍କୁ ପରାସ୍ତ କରିବା ସହ ୧ ନମ୍ବର ସ୍ଥାନକୁ ଫେରିଛନ୍ତି ଗୁକେଶ। ଅନ୍ୟତମ ଭାରତୀୟ ଖେଳାଳି ଆର୍. ପ୍ରଜ୍ଞାନନ୍ଦ ନିଜ ମ୍ୟାଚ୍ ଅମୀମାଂସିତ ରଖିଛନ୍ତି। ଆହୁରି ୬ ରାଉଣ୍ଡର ଖେଳ ବାକି ରହିଥିବା ବେଳେ ୧୭ ବର୍ଷୀୟ ଗୁକେଶ ଓ ରୁଷିଆର ଇଆନ ନେପୋମନିଆଚି ୫ ପଏଣ୍ଟ ଲେଖାଏ ହାସଲ କରି ଯୁଗ୍ମଭାବେ ଶୀର୍ଷରେ ରହିଛନ୍ତି।

ରବିବାର ପ୍ରଜ୍ଞାନନ୍ଦ ଓ ଫ୍ରାନ୍ସର ଫିରୌଜା ଅଲିରେଜାଙ୍କ ମଧ୍ୟରେ ଖେଳା ଯାଇଥିବା ମ୍ୟାଚ୍ ଡ୍ରରେ ଶେଷ ହୋଇଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ଆମେରିକାର ଫାବିଆନୋ କାରୁଆନାଙ୍କୁ ପରାସ୍ତ କରିଥିଲେ ନିଜ ଦେଶ ଖେଳାଳି ହିକାରୁ ନାକାମୁରା। ସପ୍ତମ ରାଉଣ୍ଡ ସୁଦ୍ଧା ପ୍ରଥମ ସ୍ଥାନରେ ଥିବା ରୁଷିଆର ଇଆନ ନେପୋମନିଆଚିଙ୍କ ମ୍ୟାଚ୍ ଡ୍ରରେ ଶେଷ ହୋଇଥିଲା। ଆଜରବୈଜାନର ନିଜତ ଆବାସୋଭଙ୍କ ବିପକ୍ଷ ମ୍ୟାଚ୍‌ରେ ଆରମ୍ଭରୁ କିଛି ତ୍ରୁଟି ତାଙ୍କୁ ମହଙ୍ଗା ପଡିଥିଲା।



କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟରେ ଡି. ଗୁକେଶ।

ଅନ୍ୟପକ୍ଷରେ ଗୁଜରାଠୀଙ୍କ ବିପକ୍ଷରେ ଆରମ୍ଭରୁ ଚମତ୍କାର ଭ୍ୟାରିଏସନ୍ ସହ ଖେଳିଥିଲେ ଗୁକେଶ। ଚତୁର୍ଥ ଚାଲ୍ ପରଠାରୁ ଗୁଜରାଠୀ ଚାପରେ ରହିବା ସହ ପରାଜିତ ହୋଇଥିଲେ।

ମହିଳା ବିଭାଗରେ ଗୁରୁବାର ଭାରତୀୟଙ୍କ ପାଇଁ ମିଶ୍ରିତ ଫଳାଫଳ ରହିଥିଲା। ଭାରତୀୟ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି ନିଜ ଦେଶର ଆର୍. ବୈଶାଳୀଙ୍କୁ ହରାଇଛନ୍ତି। ଏହି ବିଜୟ ସହ ହମ୍ପି ୩.୫ ପଏଣ୍ଟ ପାଇ ଯୁଗ୍ମ ପଞ୍ଚମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଚାଇନାର ଦୁଇ ଖେଳାଳି ଟିଙ୍ଗଜିଏ ଲି ଓ ଝୋଙ୍ଗୀ ଟାନ ୫ ପଏଣ୍ଟ ଲେଖାଏ ହାସଲ କରି ଯୁଗ୍ମ ଭାବରେ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ରୁଷିଆର ଆଲେକଜାଣ୍ଡ୍ରା ଗୋର୍ୟାଚିକ୍ନା ରବିବାର ଝୋଙ୍ଗୀ ଟାନଙ୍କୁ ପରାସ୍ତ କରିବା ସହ ଏକକ ଅଗ୍ରଣୀକୁ ସମାପ୍ତ କରିଥିଲେ। ରୁଷିଆର କାଟାରିନା ଲାଗ୍ନୋ ୪.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୟୁକ୍ରେନ୍‌ର ଆନା ମୁଜିଚୁକ ୩ ପଏଣ୍ଟ ସହ ସପ୍ତମ ସ୍ଥାନରେ ରହିଥିବା ବେଳେ ଆର୍. ବୈଶାଳୀ ୨.୫ ପଏଣ୍ଟ ସହ ଅନ୍ତିମ ସ୍ଥାନରେ ଅଛନ୍ତି।

# ପିସ୍ତଲ ଶୁଟର ପଲକଙ୍କୁ ଅଲିମ୍ପିକ କୋଟା

**ନୂଆଦିଲ୍ଲୀ, ୧୪।୪ (ପି.ଟି.)**

ଏସିଆନ ଚାମ୍ପିୟନ ପଲକ ଗୁଲିଆ ରବିବାର ଶୁଟିଂରେ ଦେଶ ପାଇଁ ୨୦ତମ ପ୍ୟାରିସ ଅଲିମ୍ପିକ କୋଟା ହାସଲ କରିଛନ୍ତି। ରିଓ ଡି' ଜେନିରୋଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଫାଇନାଲ ଅଲିମ୍ପିକ କ୍ୱାଲିଫିକେଶନ ଚାମ୍ପିୟନଶିପ୍ (ରାଇଫଲ ଓ ପିସ୍ତଲ)ର ମହିଳା ୧୦ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ହରିୟାଣାର ଝାଜାର ବାସିନ୍ଦା ଏହି ୧୮ବର୍ଷୀୟା ଶୁଟର ହାଙ୍ଗଝୋ ଏସିଆନ ଗେମ୍ସ ୧୦ ମିଟର ଏୟାର ପିସ୍ତଲରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ଓ ଟିମ୍ ଇଭେଣ୍ଟ ରୌପ୍ୟ ଜିତିଥିଲେ। ୨୪ ଶଟ୍ ବିଶିଷ୍ଟ ଫାଇନାଲରେ ସେ ୨୧୭.୬ ସ୍କୋର କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆର୍ମେନିଆର ଏଲମିରା କାରାପେଟି ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ଥାଇଲାଣ୍ଡର ସ୍ୱଳ୍ପ ବୟସ୍କା କାମନଲାକ ସିନ୍‌ଚା ରୌପ୍ୟ ସହ ଉପଲବ୍ଧ ଦ୍ୱିତୀୟ କୋଟା ହାସଲ କରିଥିଲେ। ଭାରତ ବର୍ତ୍ତମାନ ପିସ୍ତଲ ଓ ରାଇଫଲ ଇଭେଣ୍ଟଗୁଡ଼ିକରେ ପ୍ୟାରିସ ଅଲିମ୍ପିକ ପାଇଁ ଉପଲବ୍ଧ ସର୍ବାଧିକ ୧୬ ପଦକ ହାସଲ କରିପାରିଛି। ଦେଶର ଶଟ୍ ଗନ୍ ଶୁଟରମାନେ ଏପ୍ରିଲ ୧୯ରୁ ଦୋହାଠାରେ ଅନୁଷ୍ଠିତ ହେବାକୁଥିବା ଆଇଏସ୍‌ଏସ୍‌ଏଫ୍ ଫାଇନାଲ ଅଲିମ୍ପିକ କ୍ୱାଲିଫିକେଶନ ଚାମ୍ପିୟନଶିପ୍ (ଶଟ୍‌ଗନ୍)ର ପୁରୁଷ ଓ ମହିଳା ଟ୍ରାପ୍ ଓ ସ୍କିଟ୍ ଇଭେଣ୍ଟରେ କୋଟା ହାସଲ କରିପାରିବେ। ସୂଚନାଯୋଗ୍ୟ, ଶନିବାର ପଲକ ଓ ସାଇନ୍ୟମ ସମାନ ୫୭୮ ସ୍କୋର ସହ ଯଥାକ୍ରମେ ୬ଷ୍ଠ ଓ ୭ମ ସ୍ଥାନ ଅଧିକାର କରି ୮ଜଣ ମହିଳାଙ୍କୁ ନେଇ ଫାଇନାଲକୁ ଉନ୍ନୀତ ହୋଇଥିଲେ।



ପଲକ ଗୁଲିଆ

# ରିୟଲ ମାଡ୍ରିଡ ମ୍ୟାଚରେ ଜାତିଆଣ ଆକ୍ଷେପ

**ମାଡ୍ରିଡ,୧୪।୪(ପି.ଟି.)**

ସ୍ପାନିଶ ଫୁଟବଲ ଲିଗ୍‌ରେ ଜାତିଆଣ ଆକ୍ଷେପ ଆଣିଛି ରିୟଲ ମାଡ୍ରିଡ୍। ମାଲୋର୍କା ବିପକ୍ଷ ମ୍ୟାଚ୍‌ରେ ମିଡ ଫିଲ୍ଡର ଅରେଲିନ୍ ଚୁଚୋମେନିଙ୍କୁ କିଛି ଦର୍ଶକ ମାଙ୍କଡ ବୋଲି ଇଙ୍ଗିତ କରିଥିଲେ। ଗତ ସପ୍ତାହରେ ଚୁଚୋମେନି ଗୋଲ ସ୍କୋର କରିବା ପରେ କିଛି ଦର୍ଶକ ତାଙ୍କୁ ଏଭଳି ଇଙ୍ଗିତ କରିଥିଲେ। ସନ୍ ମୋଇକ୍ସ ଷ୍ଟାଡିୟମରେ ଏହି ମ୍ୟାଚ୍‌ଟି ଖେଳା ଯାଇଥିଲା। ଟେଲିଭିଜନ୍ ଫୁଟେଜ ଦେଖି ଫ୍ୟାନଙ୍କୁ ଚିହ୍ନଟ କରିବାକୁ ପ୍ରୟାସ କରାଯାଉଛି। ଏହି ଘଟଣା ପରେ ଚୁଚୋମେନିଙ୍କ ଉପରକୁ ପାଣି ବୋତଲ ମଧ୍ୟ ଫିଙ୍ଗିଥିଲେ ଫ୍ୟାନ୍। ତୁରନ୍ତ ମାଡ୍ରିଡ ଖେଳାଳି ଏହି ଘଟଣା ନେଇ ରେଫରିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରିୟଲ ମାଡ୍ରିଡ ପକ୍ଷରୁ ମାଲୋର୍କା ନିକଟରେ ଅଭିଯୋଗ କରାଯାଇଥିଲା। ରବିବାର ମାଲୋର୍କା ଏହି ଘଟଣାର ତଦନ୍ତ ଆରମ୍ଭ କରିଥିବା ସ୍ପଷ୍ଟ କରିଛି। କୌଣସି ପ୍ରକାରର ଜାତିଆଣ ଅଥବା ବର୍ଣ୍ଣବୈଷମ୍ୟବାଦକୁ ଦୃଢ ଭାବରେ ବିରୋଧ କରୁଥିବା ନେଇ ମାଲୋର୍କା ପକ୍ଷରୁ କୁହାଯାଇଛି।

## ରାଜ୍ୟ ସ୍କୁଲ ଓପନ ଚେସ୍

# ନମସ୍ୟା ନଳିନୀ ଚାମ୍ପିୟନ

**ଭୁବନେଶ୍ୱର, ୧୪।୪ (ବିଜୟ ରଣା)**

ସ୍ଥାନୀୟ କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ସହଯୋଗରେ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୪ର୍ଥ ପି.ଏମ୍. ମହାନ୍ତି ମେମୋରିଆଲ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ କେଦାରଗୌରୀସ୍ଥିତ ସେଣ୍ଟ ଜାଭିଅର ହାଇସ୍କୁଲର ନମସ୍ୟା ନଳିନୀ ୪.୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଛନ୍ତି। ଶାନ୍ତନୁ ଇ.ଏମ୍. ସ୍କୁଲର ଉଦୟକାନ୍ତ ନାୟକ (୪.୫) ଏବଂ ଭୁବନେଶ୍ୱର ଷ୍ଟିୱାର୍ଟ ସ୍କୁଲର ଦିବ୍ୟାଂଶୁ ଦାସ (୪.୦) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ପିନାକୀ ରୟ ଓ ସାହାନା ଲେଙ୍କା ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ରହିଥିବା ବେଳେ ଯଥାକ୍ରମେ ଶ୍ରେଷ୍ଠ ୧୦ରେ ରହିଥିବା ଅନ୍ୟ ଖେଳାଳିମାନେ ହେଲେ ପ୍ରିୟଙ୍କର ମୁଦୁଲି (ଏମ୍‌ବିଏସ୍ ପବ୍ଲିକ ସ୍କୁଲ), ଶ୍ୟାମ ସ୍ୱରୂପ ମହାନ୍ତି (ହାଇଟେକ୍ ପବ୍ଲିକ ସ୍କୁଲ), ଅନିରୁଦ୍ଧ ପାଠି (ୟୁନିଟ୍-୮ ଡିଏଭି ପବ୍ଲିକ ସ୍କୁଲ), ଦିବ୍ୟାଂଶ ମହନ୍ତ (ୟୁନିଟ୍-୮ ଡିଏଭି ପବ୍ଲିକ ସ୍କୁଲ), ଇଶାନ ନନ୍ଦ (ଡିପିଏସ୍ କଳିଙ୍ଗା)। ସାମସଙ୍ଗ ଇଣ୍ଡିଆ ଇଲେକ୍‌ଟ୍ରୋନିକ୍ ପ୍ରାଇଭେଣ୍ଟ ଲିମିଟେଡ୍‌ର ଏରିଆ ସେଲ୍ସ ମ୍ୟାନେଜର ଚିନ୍ମୟ କୁମାର ମୁଖାର୍ଜୀ ଚାମ୍ପିୟନଶିପ୍‌ର ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ରୟାଲ ପବ୍ଲିକ ସ୍କୁଲର ପ୍ରିନ୍‌ସିପାଲ ସର୍ବେଶ୍ୱର ସାମଲ ଏବଂ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଟ୍ରଫି ସହ ନମସ୍ୟା ନଳିନୀ।

## ଅଞ୍ଜୁ, ହର୍ଷିତା ଫାଇନାଲରେ

**ବିଶ୍‌କେକ୍, ୧୪।୪ (ପି.ଟି.):** ନିକଟରେ ସିଲେକ୍ସନ ଟ୍ରାଏଲ୍ସ ବେଳେ ଭିନେଶ ଫୋଗଟଙ୍କୁ ପରାସ୍ତ କରିଥିବା ରେଲୱେ ରେସ୍‌ଲର ଅନୁଜ ଓ ହର୍ଷିତା ପ୍ରଭାବୀ ପ୍ରଦର୍ଶନ ସହ ଏଠାରେ ଚାଲିଥିଲା ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ସେମାନଙ୍କ କାଟେଗୋରିରେ ସ୍ୱର୍ଣ୍ଣ ପଦକ ବାଉଟ୍‌କୁ ଉନ୍ନୀତ ହୋଇଛନ୍ତି। ଅନ୍ୟପକ୍ଷରେ ସରିତା ମୋର୍ ତାଙ୍କ ଓପନିଂ ରାଉଣ୍ଡରେ ପରାଜିତ ହୋଇଛନ୍ତି। ୫୩ କେଜି ଓଜନ କାଟେଗୋରିରେ ଅନୁଜ ପଛକୁ ପଛ ଫିଲିପାଇନ୍ସର ଆଲିଆ ରୋଜ୍ ଗାଭାଲେଜ ଓ ଶ୍ରୀଲଙ୍କାର ନେଥମି ଅହିଂସା ଫର୍ନାଣ୍ଡୋଙ୍କୁ ଟେକ୍‌ନିକାଲ ସୁପରିଅରିଟିରେ ହରାଇ ଦେଇଛନ୍ତି। ସେମିଫାଇନାଲରେ ସେ ଚାଇନାର ଚୁନ୍ ଲେଇଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ହେଁ ୯-୬ରେ ବିଜୟ ଲାଭ କରିଛନ୍ତି।

# କୋବୋଲିଙ୍କୁ ଭେଟିବେ ନାଡାଲ

**ବାର୍ସିଲୋନା, ୧୪।୪ (ଏପି)**

ବାର୍ସିଲୋନା ଓପନ ଟେନିସ ଟୁର୍ନାମେଣ୍ଟ ପାଇଁ ହୋଇଥିବା ଡ୍ର' ଅନୁସାରେ ରାଫେଲ ନାଡାଲ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ଫ୍ଲାଭିଓ କୋବୋଲିଙ୍କୁ ଭେଟିବେ। ଫ୍ରେଞ୍ଚ ଓପନ ପୂର୍ବରୁ ସ୍ପାନିଶ ଟେନିସ ଷ୍ଟାରଙ୍କର ଏହା ହେଉଛି ପ୍ରଥମ କ୍ଲେ-କୋର୍ଟ ଟୁର୍ନାମେଣ୍ଟ। ୨୨ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନଙ୍କ ପିଚାରେ ଗତ ଗ୍ରୀଷ୍ମଋତୁରେ ଅସ୍ତ୍ରୋପଚାର ହୋଇଥିଲା। ଚଳିତବର୍ଷ ଅଷ୍ଟ୍ରେଲିଆନ ଓପନରୁ ଓହରିଯିବା ପୂର୍ବରୁ ସେ ବ୍ରିସ୍‌ବେନ୍‌ରେ ମାତ୍ର ତିନୋଟି ପ୍ରତିଯୋଗିତାମୂଳକ ମ୍ୟାଚ ଖେଳିଥିଲେ। ଆଘାତଜନିତ ସମସ୍ୟା ଯୋଗୁ ୩୭ ବର୍ଷୀୟ ନାଡାଲ ମଣ୍ଟେ କାର୍ଲୋସ ମାଷ୍ଟର୍ସରୁ ଓହରିଯାଇଥିଲେ। ଶାରୀରିକ ଦୃଷ୍ଟିରୁ ସେ ବର୍ତ୍ତମାନ ସମ୍ପୂର୍ଣ୍ଣ ଫିଟ୍ ନ ଥିବା କହିଥିଲେ। ନାଡାଲ ବାର୍ସିଲୋନାରେ ୧୨ଥର ଚାମ୍ପିୟନ ହୋଇଛନ୍ତି। ଟୁର୍ନାମେଣ୍ଟର ଡ୍ର' ସେରିମନି ପୂର୍ବରୁ ସେ କହିଥିଲେ ଏଠାରେ ଖେଳିପାରିଲେ ସେ ଖୁସି ହେବେ, ଖେଳିବା ନେଇ ସେ ନିର୍ଭର ପ୍ରତିଶ୍ରୁତି ଦେଇପାରୁ ନାହାନ୍ତି। ନାଡାଲ ମାର୍ଚ୍ଚ ଆରମ୍ଭରେ ଲାସ୍ ଭେଗାସଠାରେ କାର୍ଲୋସ ଅଲକାରାଜଙ୍କ ବିପକ୍ଷରେ ଏକ ପ୍ରଦର୍ଶନୀ ମ୍ୟାଚ ଖେଳିଥିଲେ, କିନ୍ତୁ ଏହାର କିଛିଦିନ ପରେ ସେ ଇଣ୍ଡିଆନ ୱେଲ୍ସ ଟୁର୍ନାମେଣ୍ଟରୁ ଓହରିଯାଇଥିଲେ। ମେ' ୨୬ରୁ ଆରମ୍ଭ ହେବାକୁଥିବା ଫ୍ରେଞ୍ଚ ଓପନରେ ନାଡାଲ ରେକର୍ଡ ୧୪ ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି।

# ଧାୱନ ୭ରୁ ୧୦ଦିନ ଖେଳିପାରିବେନି

**ମୁଲାନପୁର, ୧୪।୪ (ପି.ଟି.):** କାନ୍ଧରେ ଆଘାତପ୍ରାପ୍ତ ଯୋଗୁ ପଞ୍ଜାବ କିଙ୍ଗ୍ସ ଅଧିନାୟକ ଶିଖର ଧାୱନ ଅତିକମ୍‌ରେ ୭ରୁ ୧୦ ଦିନ ଖେଳିପାରିବେନି। ରାଜସ୍ଥାନ ରୟାଲ୍ସ ନିକଟରୁ ଅଳ୍ପକେ ପରାଜୟ ପରେ ଦଳର କ୍ରିକେଟ ଡେଭଲପମେଣ୍ଟ ମୁଖ୍ୟ ସଞ୍ଜୟ ବାଙ୍ଗର ଏକଥା ପ୍ରକାଶ କରିଛନ୍ତି। ଶନିବାର ରୟାଲ୍ସ ବିପକ୍ଷ ମ୍ୟାଚରେ ଧାୱନ ଖେଳି ନ ଥିଲେ। ତାଙ୍କ ଅନୁପସ୍ଥିତିରେ ସାମ୍ କୁରାନ ଦଳର ନେତୃତ୍ୱ ନେଇଥିଲେ। ଏଭଳି ଉଇକେଟରେ ଖେଳିବାରେ ଧାୱନ ବେଶ୍ ଅଭିଜ୍ଞ। ତେଣୁ ଦଳ ପାଇଁ ତାଙ୍କ ଉପସ୍ଥିତି ଖୁବ୍ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ପ୍ରତ୍ୟାବର୍ତ୍ତନକୁ ଅପେକ୍ଷା କରାଯାଇଛି ବୋଲି ବାଙ୍ଗର ମ୍ୟାଚ ପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସିଜନ ଆରମ୍ଭରେ ଅଧିନାୟକମାନଙ୍କ ମିଟିଂ ବେଳେ ଧାୱନ ଜ୍ୱରରେ ପୀଡ଼ିତ ଥିବାରୁ ଦଳ ପକ୍ଷରୁ ଜିତେଶ ଶର୍ମା ପ୍ରତିନିଧିତ୍ୱ କରିଥିଲେ।

## Classified Everyday
0674-2580101, 2549949



REAL ESTATE
SALE

ଭୁବନେଶ୍ୱର ପିତାପଲ୍ଲୀ NH-16 କଡ଼ରେ 30' road, ଇଲେକ୍ଟ୍ରିସିଟି ଥାଇ ନଗଦ ଘର କଲାଭଳି ପ୍ଲଟ୍ ମିଳୁଛି। (Owner). 9090963952. D-75946

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ବାସୋପଯୋଗୀ SC ପ୍ଲଟ୍ ବିକ୍ରିହେବ। 9437152956, 9337513276. D-010

ଭୁବନେଶ୍ୱର Gita/Gandhi College ପାଖ BDA satellite cityକୁ ଲାଗି 30ft. ରାସ୍ତା ଥାଇ ପ୍ଲଟ୍ ବିକ୍ରିହେବ। 8093712828. D-75944

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.-500/-. 9348232008. D-75941

Book 3/4BHK premium flat at Saubhagya Nagar, OUAT Square near Khimji & Narula Sweets. Flooring work going on, handover Aug-24. Contact- 9439716901. D-75529

Duplex sale at Bhubaneswar @ 57 lakhs only. Contact- 9777433701. D-75945

Dhabalhar (Balianta) and Kesura fully Housing Project developed road and electricity. Limited plot available. Hurry up ! 9090432721. D-063



Newly opend central SPA full-body massage. Trend therapist. 8456885600. D-75729



Medical exam Registration (Only Practitioners)- BAMS, BHMS, BUMS, D.Pharma, GNM.9893869473. D-061

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**
ଆମ୍ଭେ କୃଷ୍ଣ ପ୍ରସାଦ ଶର୍ମା, ପି- ୰ରାମେଶ୍ୱର ପ୍ରସାଦ ଶର୍ମା, ସା- ବାଲିସାହି, ଥାନା- ପୁରୀ ଟାଉନ୍, ଜି- ପୁରୀ, ହାସା- ରୁମ୍ ନଂ.- ୫୨୨/୪, ଚତୁର୍ଥ ମହଲା, ରାଜେନ୍ଦ୍ର ଆପାର୍ଟମେଣ୍ଟ, ପୁରୁଣା ଜେଲ୍ ରୋଡ୍, ଥା- କୁମ୍ଭାରପଡ଼ା, ଜି- ପୁରୀ ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଉଅଛୁ କି ନିମ୍ନ ତଫସିଲ ସମ୍ପତ୍ତି ଆମ୍ଭର ଜ୍ୟେଷ୍ଠ ଭ୍ରାତା ଦ୍ୱାରିକା ପ୍ରସାଦ ଶର୍ମା ଓ ଆମ୍ଭର ଉପାର୍ଜିତ ସମ୍ପତ୍ତି ଥାଇ, ପୁରୀ ମୁକାମ ବରିଷ୍ଠ ଦେୱାନୀ ଅଦାଲତରେ ଆଗତ ସି.ଏସ୍. ନଂ.-୯/୨୦୦୩ ବଣ୍ଟନ ମୋକଦ୍ଦମାରେ ରାୟ ମୁତାବକ ତାହା ଆମ୍ଭ ଭାଗରେ ପଡ଼ିଥିଲା। ମାତ୍ର ଚଳିତ ଚକବନ୍ଦୀ ସ୍ୱତ୍ୱଲିପିରେ ଭୁଲ୍‌ବଶତଃ ଆମ୍ଭର ଜ୍ୟେଷ୍ଠ ଭ୍ରାତା ଦ୍ୱାରିକା ପ୍ରସାଦ ଶର୍ମାଙ୍କ ନାମରେ ରେକର୍ଡ ହୋଇଯିବାରେ ତାଙ୍କର ତୃତୀୟ ପୁତ୍ର ରାଜେନ୍ଦ୍ର କୁମାର ଶର୍ମା ଉକ୍ତ ସମ୍ପତ୍ତିକୁ ଚଞ୍ଚକତା କରି ମୋହନ ଚନ୍ଦ୍ର ପଲେଇଙ୍କ ସହିତ ଏକ ବେଆଇନ ପୂର୍ଣ୍ଣ ବିକ୍ରୟ ଚୁକ୍ତିପତ୍ର ସମ୍ପାଦନା କରିଛନ୍ତି ଓ ଦ୍ୱାରିକା ପ୍ରସାଦ ଶର୍ମାଙ୍କର ୱାରସମାନେ ବେଆଇନ ଭାବେ ପ୍ରକାଶିତ ସ୍ୱତ୍ୱଲିପି ଆଧାରରେ ସମସ୍ତ ସମ୍ପତ୍ତି ବିଭିନ୍ନ ବ୍ୟକ୍ତିଙ୍କୁ ବିକ୍ରୟ କରିବା ପାଇଁ ମସୁଧା କରୁଛନ୍ତି। ତେଣୁ ଆମ୍ଭେ ସେମାନଙ୍କର ବେଆଇନ କାର୍ଯ୍ୟକୁ ପ୍ରତିହତ କରିବା ପାଇଁ ପୁରୀ ମୁକାମ ବରିଷ୍ଠ ଦେୱାନୀଙ୍କ ଅଦାଲତରେ ସି.ଏସ୍. ନଂ.-୩୧/୨୦୨୪ ମୋକଦ୍ଦମା ଦାଖଲ କରିଅଛୁ ଓ ତାହା ବର୍ତ୍ତମାନ ବିଚାରାଧୀନ ଅଛି। ଏହା ସତ୍ତ୍ୱେ ଯଦି କୌଣସି ବ୍ୟକ୍ତି ଉକ୍ତ ସମ୍ପତ୍ତିକୁ ବିକ୍ରୟ କରିବା ପାଇଁ ଉଦ୍ୟମ କରନ୍ତି ତା'ହେଲେ ଆମ୍ଭେ ସେଥିପାଇଁ ଦାୟୀ ରହିବୁ ନାହିଁ। ତଫସିଲ ସମ୍ପତ୍ତି: ମୌଜା- ଶଙ୍କରପୁର, ଥାନା- ପୁରୀ ସଦର, ଜି- ପୁରୀ, ହାଲ ଚକବନ୍ଦୀ ଖାତା ନଂ.- ୩୩୦ ଏଲ୍. ଆର. ପ୍ଲଟ୍ ନଂ.-୬୫୩ ଏ-୨.୫୮ ପ୍ଲଟ୍ ନଂ.- ୬୫୨ ଏରିଆ- ଏ୨.୪୦ଡି.।
ସ୍ୱାକ୍ଷର- କୃଷ୍ଣ ପ୍ରସାଦ ଶର୍ମା
ଧ-୦୮୬

**CLASSIFIED DISPLAY**
MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

SHUBHRA RANJAN
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଥର୍ମୋମିଟର, ବାରୋମିଟର ଓ ଡାଲ୍ଟନ



ଡ. କମଳାକାନ୍ତ ଜେନା

"ଯେମିତି ଶରୀରର ତାପ ମାପିବା ପାଇଁ ଥର୍ମୋମିଟର ବ୍ୟବହାର କରାଯାଏ, ସେମିତି ବାୟୁମଣ୍ଡଳର ଚାପ ମାପିବା ପାଇଁ ବାରୋମିଟର ବ୍ୟବହାର କରାଯାଏ। ବାୟୁମଣ୍ଡଳରେ ଥିବା ବାୟୁର ଓଜନ ଅଛି। ତେଣୁ ବାୟୁ ସମସ୍ତଙ୍କ ଉପରେ ଚାପ ପକାଏ। ଚାପକୁ ମାପିବା ଲାଗି ସାଧାରଣତଃ ପାସ୍କାଲ, ବର୍ଗମିଟର ପ୍ରତି ନିଉଟନ୍ ଓ ବାର୍ ଏକକ ବ୍ୟବହୃତ ହୁଏ। ପାଗ ସାଧାରଣ ଥିଲେ ବାୟୁମଣ୍ଡଳର ଚାପ ପ୍ରାୟ ୧ ବାର୍ ଥାଏ, ଯାହାକି ୧ ବର୍ଗମିଟର ଅଞ୍ଚଳ ଉପରେ ପଡୁଥିବା ୧ ଲକ୍ଷ ନିଉଟନ୍ ବଳ ସହିତ ସମାନ।"



ଜନ୍ ଡାଲ୍ଟନ

କଡ଼େଇରେ ପାଣି ରଖି କଡ଼େଇ ତଳେ ନିଆଁ ଜାଳିଲେ ପାଣି ଗରମ ହୁଏ। କାରଣ ନିଆଁରୁ ବାହାରୁଥିବା ତାପ ଦ୍ୱାରା କଡ଼େଇ ଗରମ ହୁଏ। କଡ଼େଇ ଗରମ ହେଲେ କଡ଼େଇରେ ଥିବା ପାଣି ଗରମ ହୁଏ। ଅର୍ଥାତ୍ ପାଣିର ତାପମାତ୍ରା ବଢ଼େ। ତାପମାତ୍ରାକୁ ମାପିବା ପାଇଁ ଥର୍ମୋମିଟର ବ୍ୟବହାର କରାଯାଏ। ତାପମାତ୍ରା ମାପକୁ ଆମେ ଡିଗ୍ରୀ ସେଣ୍ଟିଗ୍ରେଡ୍, ଡିଗ୍ରୀ ଫାରେନ୍‌ହାଇଟ୍ ବା କେଲଭିନ୍ ଏକକରେ ପ୍ରକାଶ କରୁ। ସାଧାରଣତଃ ପାଣିର ତାପମାତ୍ରା ୨୫ ରୁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଥାଏ। ନିଆଁରେ ଗରମ କଲେ ପାଣିର ତାପମାତ୍ରା ବଢ଼ି ବଢ଼ି ଯେତେବେଳେ ୧୦୦ ଡିଗ୍ରୀ ସେଣ୍ଟିଗ୍ରେଡ୍‌ରେ ପହଞ୍ଚିଯାଏ, ସେତେବେଳେ ପାଣି ଫୁଟିବା ଆରମ୍ଭ କରେ। ପ୍ରତିଦିନର ତାପମାତ୍ରା ମାପିବା ପାଇଁ ମଧ୍ୟ ଥର୍ମୋମିଟର ବ୍ୟବହାର କରାଯାଏ। ଜ୍ୱର ସମୟରେ ଆମ ଜିଭ ତଳେ ଥର୍ମୋମିଟର ରଖି ଦେହର ତାପମାତ୍ରା ମାପ କରାଯାଏ। ସାଧାରଣତଃ ଆମ ଦେହର ତାପମାତ୍ରା ୩୭ ଡିଗ୍ରୀ ସେଣ୍ଟିଗ୍ରେଡ୍ ବା ୯୮.୬ ଡିଗ୍ରୀ ଫାରେନ୍‌ହାଇଟ୍ ରହିବା କଥା। ଜ୍ୱର ଥିଲେ ଥର୍ମୋମିଟର ଅଧିକ ଦେଖାଏ।

ଯେମିତି ଶରୀରର ତାପ ମାପିବା ପାଇଁ ଥର୍ମୋମିଟର ବ୍ୟବହାର କରାଯାଏ, ସେମିତି ବାୟୁମଣ୍ଡଳର ଚାପ ମାପିବା ପାଇଁ ବାରୋମିଟର ବ୍ୟବହାର କରାଯାଏ। ବାୟୁମଣ୍ଡଳରେ ଥିବା ବାୟୁର ଓଜନ ଅଛି। ତେଣୁ ବାୟୁ ସମସ୍ତଙ୍କ ଉପରେ ଚାପ ପକାଏ। ଚାପକୁ ମାପିବା ଲାଗି ସାଧାରଣତଃ ପାସ୍କାଲ, ବର୍ଗମିଟର ପ୍ରତି ନିଉଟନ୍ ଓ ବାର୍ ଏକକ ବ୍ୟବହୃତ ହୁଏ। ପାଗ ସାଧାରଣ ଥିଲେ ବାୟୁମଣ୍ଡଳର ଚାପ ପ୍ରାୟ ୧ ବାର୍ ଥାଏ, ଯାହାକି ୧ ବର୍ଗ ମିଟର ଅଞ୍ଚଳ ଉପରେ ପଡୁଥିବା ୧ ଲକ୍ଷ ନିଉଟନ୍ ବଳ ସହିତ ସମାନ।





କୌଣସି ଅଞ୍ଚଳର ପାଗ ବିଷୟରେ ଜାଣିବା ପାଇଁ ଥର୍ମୋମିଟର ଓ ବାରୋମିଟର ଦରକାର ହୁଏ। କିଛି ସମୟ ପାଇଁ ଗୋଟିଏ ସ୍ଥାନର ବାୟୁମଣ୍ଡଳର ଅବସ୍ଥାକୁ 'ପାଗ' (ୱେଦର) ବୋଲି କୁହାଯାଏ। ପାଗ କହିଲେ ବାୟୁମଣ୍ଡଳର ତାପ, ଚାପ, ଆର୍ଦ୍ରତା, ବାୟୁପ୍ରବାହ, ବାଦଲର ପରିସ୍ଥିତି ଇତ୍ୟାଦି ବିଷୟକୁ ବୁଝାଯାଏ। ଗୋଟିଏ ପ୍ରକାରର ପାଗ ବହୁ ଦିନ ଧରି (ସାଧାରଣତଃ ୩୦ ବର୍ଷ) ଅନୁଭୂତ ହେଲେ, ତାହାକୁ ସେଇ ଅଞ୍ଚଳର 'ଜଳବାୟୁ' (କ୍ଲାଇମେଟ୍) ବୋଲି ଧରି ନିଆଯାଏ। ପ୍ରତିଦିନ ରେଡିଓ ଓ ଟିଭିରେ ପାଗ ବିଷୟରେ ସୂଚନା ଦିଏ। କୌଣସି ପର୍ବପର୍ବାଣି ଥିଲେ ବା ବାହାରକୁ ଯିବାର ଥିଲେ ଆମେ ପାଗ ବିଷୟରେ ଖବର ରଖୁ। ବ୍ୟବସାୟୀ, ମତ୍ସ୍ୟଜୀବୀ, ଉଡ଼ାଜାହାଜ ପାଇଲଟ୍ ଏପରିକି ଜଣେ ସାଧାରଣ କୃଷକ ପାଇଁ ମଧ୍ୟ ପ୍ରତ୍ୟେକ ଦିନର ପାଗ ଜାଣିବା ନିହାତି ଜରୁରୀ। ଦିନକ ଭିତରେ ଅନେକ ଥର ପାଗର ପରିବର୍ତ୍ତନ ଘଟିପାରେ। ସେହି ଦୃଷ୍ଟିରୁ ଭାବିଲେ, ବର୍ଷ ବର୍ଷ ଧରି ପ୍ରତିଦିନର ପାଗ ବିଷୟରେ କିଛି ଲେଖି ରଖିବା କଥାଟା ଆମକୁ ଅଡୁଆ ଲାଗିପାରେ। କିନ୍ତୁ ଆଶ୍ଚର୍ଯ୍ୟର କଥା, ରସାୟନବିତ୍ ଜନ୍ ଡାଲ୍ଟନ ନିଜର ବୈଜ୍ଞାନିକ ଜୀବନର ବ୍ୟସ୍ତତା ଭିତରେ ମଧ୍ୟ ଦୀର୍ଘ ୫୭ ବର୍ଷ ଧରି ପ୍ରତିଦିନର ପାଗ ବିଷୟରେ ଟିପି ରଖୁଥିଲେ।

ଜନ୍ ଡାଲ୍ଟନ ୧୭୬୬ ମସିହା ସେପ୍ଟେମ୍ବର ୬ ତାରିଖରେ ଇଂଲଣ୍ଡର ଇଗଲ୍‌ସଫିଲ୍ଡ ନାମକ ନିପଟ ମଫସଲ ଗାଆଁରେ ଜନ୍ମ ହୋଇଥିଲେ। ତାଙ୍କର 'ପରମାଣୁ ତତ୍ତ୍ୱ' ସାରା ପୃଥିବୀରେ ଆଲୋଡ଼ନ ସୃଷ୍ଟି କରିଥିଲା। ସେ ପାଗ ବିଷୟରେ ନୂଆ ନୂଆ କିଛି ଜାଣିବା ପାଇଁ ସବୁବେଳେ ଆଗ୍ରହୀ ଥିଲେ। ଥର୍ମୋମିଟର ସାହାଯ୍ୟରେ ସେ ପ୍ରତିଦିନର ତାପମାତ୍ରା ମାପୁଥିଲେ ଏବଂ ବାରୋମିଟର ଦ୍ୱାରା ବାୟୁମଣ୍ଡଳୀୟ ଚାପ ମାପି ରଖୁଥିଲେ। ତାଙ୍କର ସବୁଠାରୁ ପ୍ରିୟ ବସ୍ତୁ ଥିଲା ତାଙ୍କ ଟିପାଖାତା। ବାୟୁମଣ୍ଡଳୀୟ ଚାପ ଓ ତାପମାତ୍ରା ମାପିଲା ପରେ ସେହି ଟିପାଖାତାରେ ସେ ପ୍ରତିଦିନର ପାଗ ବିଷୟରେ ସଂକ୍ଷିପ୍ତ ଟିପ୍ପଣୀ ଲେଖି ରଖୁଥିଲେ। ପାଣିପାଗ ସମ୍ପର୍କରେ ୧୭୯୩ ମସିହାରେ ତାଙ୍କର ଗୋଟିଏ ବହି ପ୍ରକାଶିତ ହୋଇଥିଲା, ଯାହାର ନାମ ଥିଲା– 'ମେଟେରୋଲୋଜିକାଲ ଅବ୍‌ଜରଭେଶନ୍ ଆଣ୍ଡ୍ ଆସେଜ୍'। ୧୮୪୪ ମସିହା ଜୁଲାଇ ୨୭ ତାରିଖରେ ତାଙ୍କର ମୃତ୍ୟୁ ହେଲା। ସେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ଜୀବନର ଶେଷ ମୁହୂର୍ତ୍ତରେ ମଧ୍ୟ ତାଙ୍କର ଥର୍ମୋମିଟର ଓ ବାରୋମିଟର ପାଠ୍ୟାଙ୍କ ଟିପିବାକୁ ଭୁଲି ନଥିଲେ। ମୃତ୍ୟୁବରଣ କରିବାର ମାତ୍ର କିଛିକ୍ଷଣ ପୂର୍ବରୁ ଥରି ଥରି ଲେଖିଥିଲେ, 'ସାମାନ୍ୟ ବୃଷ୍ଟି ଆଜି ସନ୍ଧ୍ୟାରେ...'। ସେଇ ଦିନକୁ ମିଶାଇ ତାଙ୍କର ପ୍ରିୟ ଟିପାଖାତାରେ ସେ ସମୁଦାୟ ୨୦,୦୦୦ଟି ପାଗ ବିଷୟରେ ଟିପ୍ପଣୀ ଲେଖିଥିଲେ।

–ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ
ଭଦ୍ରକ ସ୍ୱୟଂଶାସିତ ସରକାରୀ
ମହାବିଦ୍ୟାଳୟ, ଭଦ୍ରକ
ମୋ : ୯୪୩୯୫୦୧୬୫୧

## ଶ୍ୱାସକ୍ରିୟାଜନିତ ସମସ୍ୟାରୁ ଉପଶମ ଦେବ ଭିଟାମିନ୍ 'ସି'



ଭିଟାମିନ୍ 'ସି'ରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହି ଭିଟାମିନ୍ ଶ୍ୱାସକ୍ରିୟାଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ ବୋଲି ସିଡନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏମାନେ ଯଦି ନିୟମିତ ଭାବେ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ଖାଆନ୍ତି ତେବେ ଏଭଳି ସମସ୍ୟାରୁ ଅନେକାଂଶରେ ରକ୍ଷା ପାଇପାରିବେ। ପରୀକ୍ଷାସ୍ୱରୂପ ଏପରି ସମସ୍ୟାର ସମ୍ମୁଖୀନ ହେଉଥିବା କେତେକ ବ୍ୟକ୍ତିଙ୍କୁ ଭିଟାମିନ୍ 'ସି' ଯୁକ୍ତ ଖାଦ୍ୟ ଖାଇବାକୁ କୁହାଯାଇଥିଲା। ଦୀର୍ଘକାଳୀନ ରୋଗ (କ୍ରୋନିକ୍ ଡିଜିଜ୍) ପାଇଁ ଏହା ଆଣ୍ଟିଅକ୍ସିଡାଣ୍ଟ ଭଳି କାମ କରିଥାଏ। ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ମଧ୍ୟ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ। ହୃତ୍‌ପିଣ୍ଡକୁ ମଧ୍ୟ ଏହା ସୁସ୍ଥ ରଖିବାରେ ସାହାଯ୍ୟ କରେ। ଅମୃତଭଣ୍ଡା, ପିଜୁଳି, ବ୍ରକୋଲି, ଲିଚି, ଷ୍ଟ୍ରବେରୀ, କମଳା ଆଦିରେ ଭିଟାମିନ୍ ସି ଭରି ରହିଛି।

## ଅତ୍ୟଧିକ ମିଠାଜାତୀୟ ଖାଦ୍ୟ ଖାଉଥିଲେ..



ମନଲୋଭା ଖାଦ୍ୟ ମଧ୍ୟରୁ ମିଠା ଅନ୍ୟତମ। ଏହାର ସ୍ୱାଦ ହୁଏତ ମିଠା ହୋଇପାରେ, ହେଲେ ଏହାର ପରିମାଣ ଅଧିକ ହେଲେ ତାହା ଆମ ସ୍ମରଣ ଶକ୍ତିକୁ ପ୍ରଭାବିତ କରିଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ୟୁନିଭର୍ସିଟି ଅଫ ଲଣ୍ଡନର ପୁଷ୍ଟିବିଜ୍ଞାନୀମାନେ ଏଭଳି ତଥ୍ୟ ପ୍ରକାଶ କରିଛନ୍ତି। ଏପରି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କିଛି ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରିଥିଲେ। ସେମାନଙ୍କ ମଧ୍ୟରୁ ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିଲେ ସେମାନଙ୍କର ସ୍ମରଣ ଶକ୍ତିକୁ ଉକ୍ତ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ପରିଶେଷରେ ଜଣାପଡ଼ିଥିଲା ଯେ, ଆବଶ୍ୟକତାଠାରୁ ଅଧିକ ମିଠା ଖାଇଲେ ତାହାର ପ୍ରଭାବ କେତେକାଂଶରେ ସ୍ମରଣ ଶକ୍ତି ଉପରେ ପଡ଼ିଥାଏ। ତେଣୁ ମିଠାଜାତୀୟ ଖାଦ୍ୟକୁ ସୀମିତ ଭାବରେ ଖାଇବାକୁ ଚେଷ୍ଟା କରନ୍ତୁ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ସନ୍ତୁଳିତ ରହିବ କୋଲେଷ୍ଟରଲ



ଉଷୁମ ପାଣିରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଅନେକ ଭରି ରହିଛି। ସକାଳୁ ଖାଲି ପେଟରେ ଉଷୁମ ପାଣି ପିଇବା ଶରୀର ପାଇଁ ଲାଭଦାୟକ। ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ହିତକର ସାବ୍ୟସ୍ତ ହୋଇଥାଏ। ଖାସ୍ କଥା ହେଲା ନିୟମିତ ଉଷୁମ ପାଣି ପିଇଲେ କୋଲେଷ୍ଟରଲ ସନ୍ତୁଳିତ ରହିଥାଏ। ଜଣେ ଆଜମା ରୋଗୀ ପ୍ରତିଦିନ ସକାଳୁ ଉଷୁମ ପାଣି ପିଇବା ନିହାତି ଆବଶ୍ୟକ। କାଶଜନିତ ସମସ୍ୟାକୁ ଅନେକାଂଶରେ ଏହା ମଧ୍ୟ ଦୂର କରିଥାଏ। ଯଦି ଆପଣ କୋଷ୍ଠକାଠିନ୍ୟ ସମସ୍ୟା ସହ ଜଡିତ ତେବେ ନିୟମିତ ଉଷୁମ ପାଣି ପିଇଲେ ଏପରି ସମସ୍ୟା ଅନେକାଂଶରେ ସମାଧାନ ହୋଇଥାଏ। ଏହା ମଧ୍ୟ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ। ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରଥାଏ। କେବଳ ସେତିକି ନୁହେଁ, ମେଦବହୁଳତାକୁ କେତେକାଂଶରେ ନିୟନ୍ତ୍ରଣରେ ରଖିଥାଏ।

## ସଜନା ଶାଗ ବୃଦ୍ଧି କରେ ରୋଗ ପ୍ରତିରୋଧକ ଶକ୍ତି



ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସବୁବେଳେ ଦୃଢ଼ ରହିବା ନିହାତି ଦରକାର। ନ ହେଲେ ଆମେ ରୋଗର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଏହାକୁ ସନ୍ତୁଳିତ ରଖିବା ପଛରେ ସଜନା ଶାଗର ଭୂମିକା ରହିଛି ବୋଲି ୱାଶିଂଟନ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏଥିରେ ଭିଟାମିନ୍-ଏ ପ୍ରଚୁର ପରିମାଣରେ ରହିଛି, ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ। ତା'ସହ ନିୟମିତ ସଜନା ଶାଗ ଖାଇଲେ ତାହା ଦୃଷ୍ଟି ଶକ୍ତି ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହାବ୍ୟତୀତ ସଜନା ଶାଗ ରକ୍ତରେ ହିମୋଗ୍ଲୋବିନ୍‌ର ପରିମାଣ ବୃଦ୍ଧି କରିଥାଏ। ଜଣେ ଯକ୍ଷ୍ମା ରୋଗୀ ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି। ଏଥିରେ ଫସ୍‌ଫରସ୍ ଓ କ୍ୟାଲ୍‌ସିୟମ୍ ଅଧିକ ପରିମାଣରେ ଥିବାରୁ ହାଡ଼କୁ ମଜଭୁତ ରଖିବାରେ ସାହାଯ୍ୟ କରେ। ଏହା ମେଦବହୁଳତାକୁ ନିୟନ୍ତ୍ରଣରେ ରଖିବାରେ ମଧ୍ୟ ସହାୟକ ହୋଇଥାଏ। ତା' ସହ ଶରୀରର ଚର୍ବି ଅଂଶକୁ ଏହା ଅନେକାଂଶରେ କମାଇଥାଏ।

## ସ୍ୱା ସ୍ଥ୍ୟ ସୂ ଚ ନା

➢ଆଜିକାଲି ନିଜର ଜୀବନଶୈଳୀ ପ୍ରତି ସଚେତନ ରହିବା ନିହାତି ଦରକାର। କାରଣ ଏହା ନିଜକୁ କେତେକାଂଶରେ ସୁସ୍ଥ ରଖିଥାଏ।

➢ଏଭଳି କେତେକ ସ୍ୱାସ୍ଥ୍ୟ ସମସ୍ୟା ରହିଛି, ଯାହାକୁ କଦାପି ଅବହେଳା କରନ୍ତୁ ନାହିଁ। ବିଶେଷଭାବରେ ଡାଇବେଟିସ୍ ଏବଂ ବ୍ଲଡପ୍ରେସର ପରି ସମସ୍ୟା ଥିଲେ ଏଥିପ୍ରତି ସର୍ତକତା ଅବଲମ୍ବନ କରନ୍ତୁ।

➢ସବୁବେଳେ ଖାଦ୍ୟ ପ୍ରତି ନିଜର ଲୋଭକୁ ନିୟନ୍ତ୍ରଣରେ ରଖନ୍ତୁ।

➢ଟେନସନ ଏବଂ ଅବସାଦ-ଏ ଦୁଇଟି ନୀରବ ଘାତକ ଭାବରେ କାମ କରେ। ଏଗୁଡିକ ପ୍ରତି ସତର୍କ ନ ରହିଲେ ତାହା ପରବର୍ତ୍ତୀ ସମୟରେ କେତେକ ରୋଗର କାରଣ ସାଜିଥାଏ।

➢ଅଣ୍ଟାଜନିତ ସମସ୍ୟା ଥିଲେ ସବୁବେଳେ ଚେୟାରରେ ସିଧା ହୋଇ ବସନ୍ତୁ।

➢ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଶାଗଜାତୀୟ ଖାଦ୍ୟ ସାମିଲ କରନ୍ତୁ। କାରଣ ଏଗୁଡିକରେ ବିଭିନ୍ନ ପ୍ରକାର ଭିଟାମିନ୍ ଭରି ରହିଛି।

➢ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରୁହନ୍ତୁ ନାହିଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଉଠି ଟିକେ ଚଲାବୁଲା କରନ୍ତୁ।

➢ପ୍ରତିଦିନ ସକାଳେ କିଛି ସମୟ ଯୋଗ, ପ୍ରଣାୟାମ କରନ୍ତୁ। ଏହା ଶରୀରକୁ ସୁସ୍ଥ ରଖିବା ସହ ମାନସିକ ଶାନ୍ତି ଦେଇଥାଏ।



# ଈଶ୍ୱର କଣିକାର ଆବିଷ୍କାରକ



ଇଂ. ମାୟାଧର ସ୍ୱାଇଁ



ପଦାର୍ଥ ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର କରି ଖ୍ୟାତି ଲାଭ କରିଥିବା ପିଟର ହିଗ୍‌ସ ଚଳିତ ବର୍ଷ ଏପ୍ରିଲ ୮ ତାରିଖରେ ପରଲୋକ ଗମନ କରିଛନ୍ତି। ବିଶ୍ୱରେ ଥିବା ପ୍ରାରମ୍ଭିକ କଣିକାଗୁଡିକ ସେମାନଙ୍କର ବସ୍ତୁତ୍ୱ କେଉଁଠାରୁ ପାଉଛନ୍ତି ତାହା ଅନେକ ବର୍ଷ ଧରି ଅସମାହିତ ଥିଲା। ଇଂଲଣ୍ଡର ପିଟର ହିଗ୍‌ସ ୧୯୬୪ ମସିହାରେ ତାତ୍ତ୍ୱିକ ଉପାୟରେ ଏହାର କାରିଗରି ପ୍ରକ୍ରିୟାକୁ ଆବିଷ୍କାର କରିଥିଲେ। ତାଙ୍କର ନାମାନୁସାରେ ଏହାକୁ 'ହିଗ୍‌ସ ମେକାନିଜମ୍' ବୋଲି କୁହାଯାଏ। ସେ ଏଥିରେ ପ୍ରମାଣ କଲେ ଯେ, ଏଥିପାଇଁ ଗୋଟିଏ ଉପକଣିକା ହେଉଛି ଦାୟୀ। ଏହି ଉପକଣିକାର ନାମ ତାଙ୍କ ନାମ ଅନୁସାରେ 'ହିଗ୍‌ସ ବୋସନ୍' ରଖାଯାଇଛି। କିନ୍ତୁ ଏହି କଣିକା ପରୀକ୍ଷାଗାରରେ ଆବିଷ୍କାର ହୋଇପାରିଲା ନାହିଁ। ଫଳରେ ଅନେକ ବୈଜ୍ଞାନିକ ଏହାକୁ ସ୍ୱୀକାର କରିବାକୁ ପଶ୍ଚାତପଦ ହେଲେ। ତଥାପି ଏହା ବୈଜ୍ଞାନିକଙ୍କ ମଧ୍ୟରେ ନୂଆ ଉନ୍ମାଦନା ଆଣିଲା ଏବଂ ପୃଥିବୀର ବିଭିନ୍ନ ପରୀକ୍ଷାଗାରରେ ଏଥିପାଇଁ ଗବେଷଣା ଚାଲିଲା। ଅନେକ ଚେଷ୍ଟା ପରେ ମଧ୍ୟ ଏହା ଆବିଷ୍କୃତ ହୋଇ ନ ପାରିବାରୁ ଏହାକୁ ଅନେକ ରହସ୍ୟମୟ କଣିକା କହିଲେ ଏବଂ ସାଧାରଣରେ ଏହା 'ଈଶ୍ୱର କଣିକା' ନାମରେ ଜଣାଗଲା।

କଣିକା ପଦାର୍ଥ ବିଜ୍ଞାନ ଉପରେ ଗବେଷଣା କରିବା ପାଇଁ ସୁଇଜରଲାଣ୍ଡ ଏବଂ ଫ୍ରାନ୍ସସୀମାରେ ଜେନେଭା ନିକଟରେ ଭୂପୃଷ୍ଠରୁ ୧୭୫ ମିଟର ଗଭୀରରେ ୨୫ କିମି ଦୈର୍ଘ୍ୟ ଏକ ସୁଡ଼ଙ୍ଗରେ ଏକ ପରୀକ୍ଷାଗାର କରାଯାଇଛି। ଏଥିରେ ପୃଥିବୀର ସବୁଠାରୁ ଶକ୍ତିଶାଳୀ ତ୍ୱରକ ଅଛି। ଏଠାରୁ ୧୦୦ରୁ ଊର୍ଦ୍ଧ୍ୱ ଦେଶରୁ ପ୍ରାୟ ୧୦,୦୦୦ ବୈଜ୍ଞାନିକ ଗବେଷଣା କରୁଛନ୍ତି। ୨୦୧୨ ମସିହାରେ ଏଠାରେ ପରୀକ୍ଷା କରାଯାଇ ହିଗ୍‌ସ ବୋସନ୍‌କୁ ଆବିଷ୍କାର କରାଗଲା। ଏହାପରେ ୨୦୧୩ ମସିହାରେ ତାଙ୍କୁ ଫ୍ରାନ୍ସର ବୈଜ୍ଞାନିକ ଫ୍ରାଙ୍କୋଇସ୍ ଏଙ୍ଗଲର୍ଟଙ୍କ ସହ ମିଶି ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା।



ପିଟର ହିଗ୍‌ସ

ପିଟର୍ ହିଗ୍‌ସ ଇଂଲଣ୍ଡର ନିଉକାଷ୍ଟଲଠାରେ ୧୯୨୯ ମସିହା ମେ' ୨୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ସେ ଲଣ୍ଡନର କିଙ୍ଗସ କଲେଜରୁ ପଦାର୍ଥ ବିଜ୍ଞାନରେ ସ୍ନାତକ (୧୯୫୦), ସ୍ନାତକୋତ୍ତର (୧୯୫୨) ଏବଂ ପି.ଏଚ୍‌ଡି ଡିଗ୍ରୀ (୧୯୫୪)ରେ ଲାଭ କରିଥିଲେ। ସେ ଲଣ୍ଡନର ଇମ୍ପେରିଆଲ କଲେଜ ଆଣ୍ଡ ୟୁନିଭର୍ସିଟିରେ ଅଧ୍ୟାପନା କରିବା ପରେ ୧୯୬୦ ମସିହାରେ ସ୍କଟଲାଣ୍ଡର ଏଡିନବର୍ଗ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଭାବରେ ଯୋଗ ଦେଲେ। ସେଠାରେ ସେ ୧୯୮୦ ମସିହାରେ ପ୍ରଫେସର ପଦକୁ ପଦୋନ୍ନତି ପାଇ ୧୯୯୬ ମସିହାରେ ଅବସର ନେଇଥିଲେ। ସେ ଏହାପରେ ସେଠାରେ ମୃତ୍ୟୁ ପର୍ଯ୍ୟନ୍ତ ଏମିରିଟସ୍ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ।

ହିଗ୍‌ସ ୧୮୭୪ ମସିହାରେ ଏଡିନବର୍ଗ ରୟାଲ ସୋସାଇଟିର ସଭ୍ୟ ଏବଂ ୧୯୮୩ ମସିହାରେ ଲଣ୍ଡନ ରୟାଲ ସୋସାଇଟିର ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସେ ମଧ୍ୟ ୧୯୯୧ ମସିହାରେ ଲଣ୍ଡନର ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ନିଜର କୃତୀ ପାଇଁ ତାଙ୍କୁ ଅନେକ ସମ୍ମାନ ଓ ପୁରସ୍କାରରେ ପୁରସ୍କୃତ କରାଯାଇଛି। ତାଙ୍କୁ ରୟାଲ ସୋସାଇଟିର ହ୍ୟୁନେସ ପଦକ (୧୯୮୧), ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ରୁଥରଫୋର୍ଡ ପଦକ (୧୯୮୪) ବ୍ୟତୀତ ୧୯୯୭ରେ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ଡିଆନ୍ ପଦକ ଓ ପୁରସ୍କାର, ୨୦୦୪ରେ ଇସ୍ରାଏଲର ଉଲଫ ଫାଉଣ୍ଡେଶନର ଉଲଫ ପୁରସ୍କାର, ୨୦୦୯ରେ ସୁଇଡେନ୍ ବିଜ୍ଞାନ ଏକାଡେମୀର ଓସ୍କାର କ୍ଲିନ୍ ସ୍ମୃତି ପୁରସ୍କାର, ୨୦୧୨ରେ ଏଡିନବର୍ଗ ରୟାଲ ସୋସାଇଟିର ହିଗ୍‌ସ ପଦକ ଏବଂ ୨୦୧୫ରେ ରୟାଲ ସୋସାଇଟି କୋପ୍‌ଲେ ପଦକ ପ୍ରଦାନ କରାଯାଇଥିଲା। ତାଙ୍କୁ ବ୍ରିଟିଶ ସରକାର ୨୦୧୩ରେ 'ଅର୍ଡର ଅଫ୍ ଦ କମ୍ପାନିଅନ ଅଫ ଅନର' ଭାବେ ନିଯୁକ୍ତି ଦେଇଥିଲେ। ଏହା ହେଉଛି ବ୍ରିଟିଶ ସରକାରଙ୍କର ସବୁଠାରୁ ବଡ଼ ସମ୍ମାନ। ୨୦୧୨ରେ ଏଡିନବର୍ଗ ବିଶ୍ୱବିଦ୍ୟାଳୟରେ ତାଙ୍କ ନାମରେ ଗୋଟିଏ ତାତ୍ତ୍ୱିକ ପଦାର୍ଥ ବିଜ୍ଞାନ କେନ୍ଦ୍ର ସ୍ଥାପନ ହୋଇଛି। କେବଳ ସେତିକି ନୁହେଁ, ତାଙ୍କ ସମ୍ମାନରେ ସେଠାରେ ଗୋଟିଏ ପ୍ରଫେସର ପଦ ସ୍ଥାପିତ ହୋଇଛି।

ଆଜି ପିଟର ହିଗ୍‌ସ ନାହାନ୍ତି। କିନ୍ତୁ ତାଙ୍କ ନାମ ପଦାର୍ଥ ବିଜ୍ଞାନରେ ସବୁଦିନ ପାଇଁ ଅମର ହୋଇ ରହିବ।

–୭୦, ଲକ୍ଷ୍ମୀ ବିହାର,
ଫେଜ୍-୧, ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୫/୨୦୨୪ Bhubaneswar, Monday, April 15/ 2024

# କେକେଆରର ସହଜ ବିଜୟ

କୋଲକାତା,୧୪।୪(ପି.ଟି.)

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରେ ରବିବାର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ୮ ଉଇକେଟରେ ସହଜ ବିଜୟ ହାସଲ କରିଛି କୋଲକାତା ନାଇଟ ରାଇଡର୍ସ(କେକେଆର)। ଇଡେନ୍ ଗାର୍ଡେନ୍ସରେ ଖେଳା ଯାଇଥିବା ମ୍ୟାଚରେ ଲକ୍ଷ୍ନୌ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟରେ ୧୬୧ ରନ୍ କରିଥିଲା। ଜବାବରେ ୧୫.୪ ଓଭରରେ ମାତ୍ର ଦୁଇ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା କେକେଆର।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ପକ୍ଷରୁ କ୍ୱିଣ୍ଟନ ଡି କକ୍(୧୦) ଓ ଦୀପକ ହୁଡା(୮) ରନ୍ କରି ଆଉଟ ହୋଇଥିଲେ। ଦଳ ୩୯ ରନ୍‌ରେ ୨ ଉଇକେଟ ହରାଇଥିବା ବେଳେ ଲୋକେଶ ରାହୁଲ(୩୯) ଓ ଆୟୁଷ ବଦୋନୀ(୨୯) ତୃତୀୟ ଉଇକେଟରେ ୩୯ ରନ୍ ଯୋଡିଥିଲେ। ରାହୁଲ ୨୭ ବଲ ଖେଳି ୩ ଚୌକା ଓ ୨ ଛକା ସହ ୩୯ ରନ୍ ସ୍କୋର କରିଥିଲେ। ସାମାନ୍ୟ ଧୀମା ଇନିଂସ ଖେଳିଥିବା ବଦୋନୀ ୨୭ ବଲ୍ ଖେଳି ୨୯ ରନ୍ କରିଥିଲେ। ଏହା ମଧ୍ୟରେ ୨ ଚୌକା ଓ ୧ ଛକା ସାମିଲ ଥିଲା। ଅଲରାଉଣ୍ଡର ମାର୍କସ୍ ଷ୍ଟୋଇନିସ୍ ମଧ୍ୟ ମାତ୍ର ୧୦ ରନ୍ କରି ପାରିଥିଲେ। ୯୫ ରନ୍‌ରେ ୪ ଉଇକେଟର ପତନ ପରେ ନିକୋଲାସ୍ ପୁରନ ଶେଷ ଭାଗରେ ୪୫ ରନ୍ କରିଥିଲେ। ୩୨ ବଲ୍ ଖେଳି ପୁରନ୍ ୪୫ ରନ୍ କରିବାରୁ ଲକ୍ଷ୍ନୌ ୧୬୧ ରନ୍‌ରେ ପହଞ୍ଚିଥିଲା। ପୁରନଙ୍କ ଇନିଂସରେ ୨ ଚୌକା ଓ ୪ ଛକା ସାମିଲ ଥିଲା। କେକେଆର ପକ୍ଷରୁ ମିଚେଲ ଷ୍ଟାର୍କ ସର୍ବାଧିକ ୩ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବୈଭବ ଅରୋରା, ସୁନୀଲ ନାରିନ, ବରୁନ ଚକ୍ରବର୍ତ୍ତୀ ଓ ଆନ୍ଦ୍ରେ ରସେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୬୨ ରନ୍ ଲକ୍ଷ୍ୟ ନେଇ ଆରମ୍ଭ କରିଥିବା କୋଲକାତା ପକ୍ଷରୁ ଦ୍ରୁତ ଆରମ୍ଭ କରିଥିଲେ ଫିଲ ସଲ୍ଟ। ଅନ୍ୟ ଦୁଇ ଟପ୍ ଅର୍ଡର ବ୍ୟାଟର ସୁନୀଲ ନାରିନ୍(୬) ଓ ଅଙ୍ଗକ୍ରିଶ ରଘୁବଂଶୀ(୭) ରନ୍ କରି ଆଉଟ ହୋଇଥିଲେ ମଧ୍ୟ ସଲ୍ଟ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ଅଧିନାୟକ ଶ୍ରେୟସ ଆୟର(୩୮)ଙ୍କ ସହ ୧୨୦ ରନ୍ ଯୋଡି ଦଳକୁ ବିଜୟୀ କରିଥିଲେ। ସଲ୍ଟ ମାତ୍ର ୪୭ ବଲ୍ ଖେଳି ଅପରାଜିତ ୮୯ ରନ୍ କରିଥିଲେ। ଏହି ଇନିଂସ ମଧ୍ୟରେ ୧୪ ଚୌକା ଓ ୩ ଛକା ସାମିଲ ଥିଲା। ଶ୍ରେୟସ ଆୟର ୩୮ ବଲ୍ ଖେଳି ୩୮ ରନ୍‌ରେ ଅପରାଜିତ ଥିଲେ। ଲକ୍ଷ୍ନୌ ପକ୍ଷରୁ ମୋହସିନ୍ ଖାନ୍ ଦୁଇଟି ଯାକ ଉଇକେଟ ନେଇଥିଲେ। ବିସ୍ଫୋରକ ଅର୍ଦ୍ଧଶତକ ପାଇଁ ଫିଲ୍ ସଲ୍ଟଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ୫ ମ୍ୟାଚରୁ ଚତୁର୍ଥ ବିଜୟ ସହ କେକେଆର ୮ ପଏଣ୍ଟ ଅର୍ଜନ କରିଛି।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୧୬୧/୭ (ନିକୋଲାସ ପୁରନ୍-୪୫, ଲୋକେଶ ରାହୁଲ-୩୯, ଆୟୁଷ ବଦୋନୀ-୨୯, ମିଚେଲ ଷ୍ଟାର୍କ-୩/୨୮, ଆନ୍ଦ୍ରେ ରସେଲ-୧/୧୬, ସୁନୀଲ ନାରିନ୍-୧/୧୭)। କୋଲକାତା ନାଇଟ ରାଇଡର୍ସ ୧୫.୪ ଓଭରରେ ୧୬୨/୨(ଫିଲ ସଲ୍ଟ-୮୯*, ଶ୍ରେୟସ ଆୟର-୩୮*, ମୋହସିନ ଖାନ୍-୨/୨୮)।



ପ୍ଲେୟର ଅଫ୍ ଦି ମ୍ୟାଚ୍ ଫିଲ୍ ସଲ୍ଟ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ବେଙ୍ଗାଲୁରୁ ବନାମ ହାଇଦ୍ରାବାଦ**

ସ୍ଥାନ: ବେଙ୍ଗାଲୁରୁ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୬ | ୫ | ୧ | ୧୦ | +୦.୭୬୭ |
| କୋଲକାତା ନାଇଟ ରାଇଡର୍ସ | ୫ | ୪ | ୧ | ୮ | +୧.୬୮୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୬ | ୪ | ୨ | ୮ | +୦.୭୨୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୩ | ୨ | ୬ | +୦.୩୪୪ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୩ | ୩ | ୬ | +୦.୦୩୮ |
| ଗୁଜରାଟ ଟାଇଟନ୍ସ | ୬ | ୩ | ୩ | ୬ | -୦.୬୩୭ |
| ପଞ୍ଜାବ କିଙ୍ଗ୍ସ | ୬ | ୨ | ୪ | ୪ | -୦.୨୧୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୨ | ୪ | ୪ | -୦.୨୩୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୨ | ୪ | ୪ | -୦.୯୭୫ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୬ | ୧ | ୫ | ୨ | -୧.୧୨୪ |

# ରୋହିତଙ୍କ ଶତକ ସତ୍ତ୍ୱେ ହାରିଲା ମୁମ୍ବାଇ

ମୁମ୍ବାଇ,୧୪।୪

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରେ ରବିବାର ଡବଲ ହେଡର ଦ୍ୱିତୀୟ ମ୍ୟାଚ୍‌ରେ ରୋହିତ ଶର୍ମାଙ୍କ ଶତକ ସତ୍ତ୍ୱେ ଚେନ୍ନାଇ ସୁପର କିଙ୍ଗ୍ସ ନିକଟରୁ ୨୦ ରନ୍‌ରେ ହାରିଛି ମୁମ୍ବାଇ ଇଣ୍ଡିଆନ୍ସ। ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ୨୦ ଓଭରରେ ୪ ଉଇକେଟ ହରାଇ ୨୦୬ ରନ୍ କରିଥିଲା। ଜବାବରେ ମୁମ୍ବାଇର ୬ ଉଇକେଟ ହରାଇ୧୮୬ ରନ୍ କରିଥିଲା। ରୋହିତ ଶର୍ମା ୧୦୫ ରନ୍ କରି ଅପରାଜିତ ରହିଥିଲେ।

ଟସ୍ ଜିତି ମୁମ୍ବାଇ ପ୍ରଥମେ ବୋଲିଂ କରିଥିଲା। ଟପ୍ ଅର୍ଡରରେ ଅଜିଙ୍କ୍ୟ ରାହାନେ ୫ ଓ ରାଚିନ୍ ରବୀନ୍ଦ୍ର ୨୧ ରନ୍ ବିଫଳ ହୋଇଥିଲେ। ତେବେ ଅଧିନାୟକ ଋତୁରାଜ ଗାଏକ୍ୱାଡଙ୍କ ସହ ଶିବମ ଦୁବେ କ୍ରିଜରେ ଯୋଗ ଦେଇ ୯୦ ରନ୍ ଯୋଡିଥିଲେ। ଗାଏକ୍ୱାଡ ୪୦ ବଲ୍ ଖେଳି ୫ଟି ଲେଖାଏ ଛକା ଓ ଚୌକା ମାରି ୬୯ ରନ୍ କରିଥିଲେ। ଅନ୍ୟ ପକ୍ଷରେ ଶେଷ ଯାଏ ଅପରାଜିତ ଥିବା ଦୁବେ ୩୮ ବଲ୍ ଖେଳି ୧୦ ଚୌକା ଓ ୨ ଛକା ମାରିଥିଲେ। ମହେନ୍ଦ୍ର ସିଂ ଧୋନୀ ବ୍ୟାଟିଂ କରିବାକୁ ଆସିଥିବା ବେଳେ ମାତ୍ର ୪ ବଲ୍ ଖେଳି ୨୦ ରନ୍ କରିଥିଲେ।। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ହ୍ୟାଟ୍ରିକ୍ ଛକା ମାରିଥିଲେ ଧୋନୀ। ମୁମ୍ବାଇ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ୨, ଜେରାଲ୍ଡ କୋଜି ଓ ଶ୍ରେୟସ ଗୋପାଳ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୦୭ ରନ୍ ଲକ୍ଷ୍ୟରେ ରୋହିତ ଓ ଇଶାନ କିଶନ(୨୩) ପ୍ରଥମ ଉଇକେଟରେ ୭୦ ରନ୍ ଯୋଡିଥିଲେ। ଗୋଟିଏ ପଟରୁ ଆକ୍ରମଣ କରି ରୋହିତ ୬୩ ବଲ ଖେଳି ୧୧ ଚୌକା ଓ ୫ ଛକା ମାରିଥିଲେ। ତେବେ ଅନ୍ୟ ପଟରୁ ଉଇକେଟ ପଡି ଚାଲିଥିଲା। ତିଳକ ବର୍ମା ୩୧ ଓ ଟିମ ଡେଭିଡ୍ ୧୩ ରନ୍ କରିଥିଲେ। ଚେନ୍ନାଇ ପକ୍ଷରୁ ମଥିଶା ପଥିରାନା ୪, ତୁଷାର ଦେଶପାଣ୍ଡେ ଓ ମୁସ୍ତାଫିଜୁର ରେହମାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୨୦୬/୪ (ଋତୁରାଜ ଗାଏକ୍ୱାଡ-୬୯, ଶିବମ ଦୁବେ-୬୬*, ମହେନ୍ଦ୍ର ସିଂ ଧୋନୀ-୨୦*, ହାର୍ଦ୍ଦିକ ପାଣ୍ଡ୍ୟା-୨/୪୩, ଜେରାଲ୍ଡ କୋଜି-୧/୩୫, ଶ୍ରେୟସ୍ ଗୋପାଳ-୧/୯)। ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୮୬/୬ (ରୋହିତ ଶର୍ମା-୧୦୫*, ତିଳକ ବର୍ମା-୩୧, ଇଶାନ କିଶନ-୨୩, ମଥିଶା ପଥିରାନା-୪/୨୮, ତୁଷାର ଦେଶପାଣ୍ଡେ-୧/୨୯, ମୁସ୍ତାଫିଜୁର ରେହମାନ-୧/୪୫)।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ମଥିଶା ପଥିରାନା।




FOLLOW US ON: @tvsraiderofficial | TVS RAIDER | VISIT US AT: www.tvsmotor.com/tvs-raider
* Ex-showroom price of single-seat Disc variant in Odisha. # Under TVSM internal test conditions. ** Finance plans are mutually exclusive and cannot be clubbed with each other. Credit will be at the sole discretion of the financier.
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, PURI: MODERN TVS: 9938039070, CUTTACK: LAXMI TVS: 7077774420, ARNAPURNA TVS.: 9778422980, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 8908726047, 7008968681, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 7788901717. Authorised Dealers: Rohibank: 6371229226, Kalapathar: 9937844941, Ranpur: 9778520193, Khandapada: 7008659421, Purunakatak: 9439071610, Chandpur: 9337112565, Raj Sunakhela: 9437637421, Narasinghpur: 9658410027, Odogaon: 7815050701, Bhapur: 7389040805, Daspalla: 9938375040, Baghamari: 9437015363, Gothopatna: 8249710415, Jatani: 7077588558, 9124605556, Balugaon: 9937886712, Nirakarpur: 7735402179, 8658517804, Bhubaneshwar: 9337022334, Khurda: 7008412374, Balipatna: 9776036999, Mendhasala: 9437072019, Pipili: 9861150706, Sakhigopal: 8249769742, Nimapara: 7381765800, Delang: 9090214582, Brahmagiri: 8480928882, 6370937155, Chari Chowk: 8327783765, Panaspada: 6372608810, Kanas: 9090214582, Mangalpur: 9853486660, Bari: 9437510237, Binjharpur: 9090503379, Kuakhia: 9348035630, Singhpur: 9040646458, Pattamundai: 9938602209, Marshaghai: 9938837705, Rajnagar: 9439650236, Garadapur: 9437527214, Balichandrapur: 7978388298, Brahmabarada: 7894020786, Raipur: 9937963372, Chhatia: 7328005678, Athagarh: 9853429148, Abhimanpur Post: 9937019555, Banki: 9437666687, Badamba: 9337135769, Niali: 9437307967, Phulnakhara, Cuttack: 7440037801, Nischintakoili: 9337438686, Kandarpur: 9090098000, Sisua: 8018556514, Erasama: 8658421889, Naugoan: 8339939725, Krushnanandapur: 9237066573, Raghunathpur: 6371724757, Paradeep: 9938810126.
dentsu/dha bhu/02/24


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ